# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୯/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, January 19/2023 | Page 16 | ₹ 7.00

୪୯ଶ ଭାଗ ୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 57 | ମୂଲ୍ୟ ₹୭/-




## ଗିଲ୍‌ଙ୍କ ଦ୍ୱିଶତକ

ହାଇଦ୍ରାବାଦରେ ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଦ୍ୱିଶତକ ହାସଲ କରି ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି ଭାରତର ଶୁବମନ ଗିଲ୍।

୧୬

୦୨

## ଜଳବାୟୁ ସୁରକ୍ଷା ଅପରାଧ ନୁହେଁ : ଗ୍ରେଟା

ଜଳବାୟୁକୁ ସୁରକ୍ଷା ଦେବା ଏକ ଅପରାଧ ନୁହେଁ ବୋଲି ସୁଇଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ କହିଛନ୍ତି।





ବିଜୁ ପଟ୍ଟନାୟକଙ୍କ ପ୍ରିୟ ବିମାନ 'ଡାକୋଟା'କୋଲକାତାରୁ ଟ୍ରେଲର ଯୋଗେ ଭୁବନେଶ୍ୱର ବିମାନବନ୍ଦରକୁ ଅଣାଯାଉଥିବାବେଳେ କଟକଠାରେ ବୁଧବାର ଏହାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ । ଫଟୋ-ରାଜକିଶୋର **(ରିପୋର୍ଟ: ପୃଷ୍ଠା-୫)**

# ମାଟ୍ରିକ ସପ୍ଲିମେଣ୍ଟାରୀ-୧ ପରୀକ୍ଷାଫଳ ପ୍ରକାଶିତ

## ୱେବ୍‌ସାଇଟ୍‌ରେ ରେଜଲ୍ଟ ଉପଲବ୍ଧ

କଟକ ଅଫିସ,୧୮।୧

ଚଳିତବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ-୧ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ୱେବ୍‌ସାଇଟ୍ (www.bseodisha.ac.in)ରେ ପରୀକ୍ଷାଫଳ ଉପଲବ୍ଧ। ହାଇସ୍କୁଲ ପରୀକ୍ଷା ପାଇଁ ୫ ଲକ୍ଷ ୩୨ ହଜାର ୭୪୬ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୧୩ ହଜାର ୫୮ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। କପି କରି ୧୪୩ ଜଣ ଛାତ୍ରୀଛାତ୍ର ଧରା ପଡିଥିଲେ। ରି ଚେକିଂ ପାଇଁ ଆସନ୍ତା ୨୦ରୁ ୩୦ ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ତେବେ ଯେଉଁମାନେ ସପ୍ଲିମେଣ୍ଟାରୀ-୧ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବେ ସେମାନେ ସପ୍ଲିମେଣ୍ଟାରୀ-୨ ପରୀକ୍ଷା ଦେଇପାରିବେ। କପି କରି ଧରାପଡିଥିବା ଛାତ୍ରୀଛାତ୍ର ସପ୍ଲିମେଣ୍ଟାରୀ-୨ ପରୀକ୍ଷା ଦେଇପାରିବେ ନାହିଁ। ଅପରପକ୍ଷରେ ମଧ୍ୟମାରେ ୩,୬୨୭ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୮୩ ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୭,୧୭୯ ଜଣ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୪୪୪ ଜଣ ଅନୁପସ୍ଥିତ ଥିବାବେଳେ ୬୦ ଜଣ କପି କରି ଧରା ପଡିଥିଲେ। ଆସନ୍ତା ମାର୍ଚ୍ଚ ୧୦ରୁ ୧୭ ପର୍ଯ୍ୟନ୍ତ ମାଟ୍ରିକ୍ ସପ୍ଲିମେଣ୍ଟାରୀ-୨ ପରୀକ୍ଷା ହେବ। ୩୦୨୯ଟି ପୂର୍ବ ନୋଡାଲ ଓ ପରୀକ୍ଷା ସେଣ୍ଟରରେ ଏହି ପରୀକ୍ଷା ହେବ। ସବୁ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଢାଞ୍ଚା ସମାନ ରହିବ। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପ୍ରସ୍ତୁତି ଆରମ୍ଭ କରିବାକୁ ବୋର୍ଡ ପକ୍ଷରୁ କୁହାଯାଇଛି।

# 'ଯୌନ ଶୋଷଣ କରିଛନ୍ତି ଭାଜପା ଏମ୍‌ପି'

## ମହିଳା ରେସ୍‌ଲର ଭିନେଶ ଫୋଗଟ୍‌ଙ୍କ ଅଭିଯୋଗ

ନୂଆଦିଲ୍ଲୀ,୧୮।୧(ପି.ଟି.)

ସର୍ବଭାରତୀୟ କୁସ୍ତି ଫେଡେରେଶନ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରଜଭୂଷଣ ଶରଣ ସିଂଙ୍କ ନାମରେ ଯୌନ ଶୋଷଣ ଓ ହତ୍ୟା ଧମକ ପରି ସଙ୍ଗିନ ଅଭିଯୋଗ ଆଣିଛନ୍ତି ଭିନେଶ ଫୋଗଟ। ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ତଥା ଅଲିମ୍ପିଆନ୍ ଭିନେଶ ବୁଧବାର କାନ୍ଦି କାନ୍ଦି ଏଭଳି ଅଭିଯୋଗ କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ☞ପୃଷ୍ଠା-୪



ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ତଥା ଭାଜପା ଏମ୍‌ପି ବ୍ରଜଭୂଷଣ ଶରଣ ସିଂ

# ୧୬ରେ ତ୍ରିପୁରା ନିର୍ବାଚନ

## ଫେବୃୟାରୀ ୨୭ରେ ନାଗାଲାଣ୍ଡ, ମେଘାଳୟ ଭୋଟ

### ମାର୍ଚ୍ଚ ୨ରେ ଗଣତି

ନୂଆଦିଲ୍ଲୀ,୧୮।୧

ଉତ୍ତର-ପୂର୍ବର ୩ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ବିଧାନସଭା ନିର୍ବାଚନ ପାଇଁ ବିଗୁଲ ବାଜିଛି। ଫେବୃୟାରୀ ୧୬ରେ ତ୍ରିପୁରାରେ ନିର୍ବାଚନ ହେବ। ୨୭ ତାରିଖରେ ନାଗାଲାଣ୍ଡ ଓ ମେଘାଳୟରେ ଭୋଟ ଗ୍ରହଣ କରାଯିବ। ୩ ରାଜ୍ୟର ଭୋଟ ଗଣତି ମାର୍ଚ୍ଚ ୨ରେ କରାଯିବ ବୋଲି ବୁଧବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଘୋଷଣା କରିଛନ୍ତି। ହାଇସ୍କୁଲ ପରୀକ୍ଷାକୁ ଦୃଷ୍ଟିରେ ରଖି ଏହି ରାଜ୍ୟଗୁଡ଼ିକର ବିଧାନସଭା ନିର୍ବାଚନ କାର୍ଯ୍ୟସୂଚୀ ସ୍ଥିର କରାଯାଇଛି, ଯାହାକି ୨୦୨୩ର ପ୍ରଥମ ଭୋଟ ବୋଲି ସିଇସି ସୂଚନା ଦେଇଛନ୍ତି। ନାଗାଲାଣ୍ଡ ବିଧାନସଭାର କାର୍ଯ୍ୟକାଳ ମାର୍ଚ୍ଚ ୧୨ରେ ଶେଷ ହେବାକୁ ଥିବାବେଳେ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ
**ପୁନରାବୃତ୍ତିର ଶକ୍ତି**


DSPL-424

ଓଡ଼ିଶା ସରକାର

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ସମ୍ପର୍କିତ ଜରୁରୀ ସୂଚନା

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ପକ୍କାଘର ପାଇବା ପାଇଁ ବଛା ଯାଇଥିବା ପ୍ରାୟ ସାଢେ ନଅ ଲକ୍ଷ ପରିବାରଙ୍କ ତାଲିକା ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଗ୍ରାମର ପ୍ରମୁଖ ସ୍ଥାନଗୁଡିକରେ **ତା ୧୬ ଜାନୁଆରୀ ୨୦୨୩ ରିଖରୁ ତା ୨୪ ଜାନୁଆରୀ ୨୦୨୩** ରିଖ ମଧ୍ୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହେବ।
- ଏହି ତାଲିକାରେ କୌଣସି ଅଯୋଗ୍ୟ ପରିବାରଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିଲେ **ତା ୨୪ ଜାନୁଆରୀ ୨୦୨୩ ରିଖ** ମଧ୍ୟରେ ନିର୍ଦ୍ଦିଷ୍ଟ ଅଯୋଗ୍ୟ ପରିବାରଙ୍କ ନାମରେ ପାର୍ଶ୍ୱରେ ଦିଆଯାଇଥିବା ଫର୍ମକୁ ପୂରଣ କରି ନିଜ ପଞ୍ଚାୟତ ବା ବ୍ଲକ କାର୍ଯ୍ୟାଳୟରେ ରଖାଯାଇଥିବା ଅଭିଯୋଗ ବାକ୍ସରେ ଦାଖଲ କରିପାରିବେ, କିମ୍ବା,
- ଫୋନ୍ ଦ୍ୱାରା **ଟୋଲ ଫ୍ରି ନମ୍ବର: 18003456770 ବା 155335** ରେ ନିଜ ପରିଚୟ ପ୍ରଦାନ କରି ଅଭିଯୋଗ ଜଣାଇ ପାରିବେ କିମ୍ବା,
- ଅନଲାଇନ ମାଧ୍ୟମରେ https://www.rhodisha.gov.in ପୋର୍ଟାଲର **"ଅଭିଯୋଗ ଦାଖଲ"** କୁ ଯାଇ, ନିଜର ମୋବାଇଲ ନମ୍ବର ପଞ୍ଜୀକୃତ କରି ଅଯୋଗ୍ୟ ପରିବାରଙ୍କ ସମ୍ପର୍କରେ ମଧ୍ୟ ଅଭିଯୋଗ କରିପାରିବେ।
- ମିଳିଥିବା ଅଭିଯୋଗଗୁଡିକର ଉପଯୁକ୍ତ ତଦନ୍ତ କରାଯାଇ ସମୁଚିତ ପଦକ୍ଷେପ ଗ୍ରହଣ କରାଯିବ।
- ସବିଶେଷ ତଥ୍ୟ ପାଇଁ ସ୍ଥାନୀୟ ବିଡିଓଙ୍କ ସହ ଯୋଗାଯୋଗ କରନ୍ତୁ।
- ସବିଶେଷ ତଥ୍ୟ http://pmayg.nic.in ରେ ଉପଲବ୍ଧ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ରେ ଘର ଯୋଗାଇ ଦେବା କହି କିମ୍ବା ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ବ୍ୟକ୍ତିଙ୍କ ନାମକୁ ବାଦ୍ ଦେବାର ଧମକ ଦେଇ ଯଦି କୌଣସି ବ୍ୟକ୍ତି ଅର୍ଥ ଦାବୀ କରୁଥାଆନ୍ତି ତେବେ ସେଥିରେ ଆଦୌ ବିଶ୍ୱାସ କରନ୍ତୁ ନାହିଁ ଏବଂ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଆପଣଙ୍କ ଅଞ୍ଚଳର ବିଡିଓ, ସିଡ଼ିଓ ଏବଂ ଜିଲ୍ଲାପାଳଙ୍କୁ ଜଣାଇବାକୁ ଅନୁରୋଧ।

**ସଭିଙ୍କ ପାଇଁ ପକ୍କାଘର, କଥା ରଖିଲେ ସରକାର**

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

### ଅଭିଯୋଗ ଦରଖାସ୍ତ ଫର୍ମ

................................ ଗ୍ରାମ ପଞ୍ଚାୟତର ................................ ଗ୍ରାମ

ପାଇଁ ପ୍ରକାଶିତ ସମ୍ଭାବ୍ୟ ହିତାଧିକାରୀ ତାଲିକାର................................ କ୍ରମିକ ସଂଖ୍ୟାରେ ସ୍ଥାନ

ପାଇଥିବା ଶ୍ରୀମତୀ / ଶ୍ରୀ / କୁମାରୀ ................................

ପିତା/ସ୍ୱାମୀ ................................

(କେଉଁ କାରଣରୁ ଅଯୋଗ୍ୟ ଅଟନ୍ତି ସଂକ୍ଷିପ୍ତରେ ଉଲ୍ଲେଖ କରନ୍ତୁ ।)

କାରଣରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ରେ ପକ୍କାଘର ପାଇବା ନିମନ୍ତେ ଅଯୋଗ୍ୟ ଅଟନ୍ତି ।

ସ୍ଥାନ................................ ଅଭିଯୋଗକାରୀଙ୍କ ସ୍ୱାକ୍ଷର: ................................

ତାରିଖ................................ ନାମ: ................................

ବର୍ତ୍ତମାନ ଠିକଣା: ................................

ମୋବାଇଲ ନମ୍ବର: ................................

OIPR-19001/13/0011/2223



ୟୁକ୍ରେନ୍‌ରେ ମସ୍କୋର 'ସ୍ୱତନ୍ତ୍ର ସାମରିକ ଅଭିଯାନ' ରୁଷିଆର ବୈଧ ସ୍ୱାର୍ଥକୁ ନେଇ ନିର୍ଦ୍ଧାରିତ ହୋଇଛି। ଏହା ଅବଶ୍ୟ ପୂରଣ ହେବ। ରୁଷିଆ ବିରୋଧରେ ପାଶ୍ଚାତ୍ୟର 'ହାଇବ୍ରିଡ୍ ଯୁଦ୍ଧ' ଆମକୁ ଅଟକାଇପାରିବ ନାହିଁ।

-ସର୍ଗେଇ ଲାଭ୍ରୋଭ୍, ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ



# ସଳଖୁଛି ବିଟ୍‌କଏନ୍

ଗତ ତିନିଦିନ ହେଲା ବିଟ୍‌କଏନ୍ ୨୧,୦୦୦ ଡଲାର ଉପରେ ରହି କାରବାର କରିଆସିଛି। ଏଥିସହ ସାମ୍ ବ୍ୟାଙ୍କମ୍ୟାନ୍-ଫ୍ରେଡ୍‌ଙ୍କ କ୍ରିପ୍ଟୋ ଏକ୍ସଚେଞ୍ଜ ଏଫ୍‌ଟିଏକ୍ସ ଦେବାଳିଆ ଅବସ୍ଥାକୁ ଢଳିବା ଆରମ୍ଭ ବେଳର ମୂଲ୍ୟକୁ ଫେରିଛି। ସୋମବାରଠାରୁ ବିଟିସି ୨୧,୦୦୦ ଡଲାର ଉପରେ ରହିଛି, ଯାହାକୁ ନଭେମ୍ବର ୨୨ ମୂଲ୍ୟ ୨୦,୨୮୩ ଡଲାରଠାରୁ ମଜଭୁତ ସ୍ଥିତି କୁହାଯାଉଛି। ୭ ଦିନରେ ବିଟ୍‌କଏନ୍ ୨୨% ଉପରକୁ ଉଠିଥିବା କଏନ୍‌ମାର୍କେଟକ୍ୟାପ୍ ଡେଟା ଦର୍ଶାଉଛି। ନଭେମ୍ବର ୭ରୁ ୮ ତାରିଖ ମଧ୍ୟରେ ଏହା ୨୨%ରୁ ଅଧିକ ନିମ୍ନଗାମୀ ହୋଇଥିଲା। ଏଫ୍‌ଟିଏକ୍ସର ସିଷ୍ଟର ହେଜ୍ ଫଣ୍ଡ ଆଲାମେଡା ରିସର୍ଚ୍ଚରେ ଅନିୟମିତତା ହୋଇଥିବା ନେଇ ନଭେମ୍ବର ୨ରେ ଜଣାପଡ଼ିଥିଲା। ଅଳ୍ପ କିଛି ଦିନ ମଧ୍ୟରେ ଏଫ୍‌ଟିଏକ୍ସରୁ ଅନେକ ବିଲିୟନ୍ ଡଲାର ମୂଲ୍ୟର କ୍ରିପ୍ଟୋକରେନ୍ସି କ୍ଷତିଜନିତ ଭୟର ସ୍ରୋତରେ ଭାସିଯାଇଥିଲା। ସିଜେଡ୍ ନାମରେ ପରିଚିତ ଚାଇନିଜ୍-କାନାଡିଆନ୍ ବିଜ୍‌ନେସ ଏକ୍‌ଜିକ୍ୟୁଟିଭ୍ ଚାଙ୍ଗପେଙ୍ଗ୍ ଝାଓଙ୍କ ବାଇନାନ୍ସ କ୍ରିପ୍ଟୋ ଏକ୍ସଚେଞ୍ଜ ସହ ଚାଲିଥିବା ଏକ ରେସ୍କ୍ୟୁ ଡିଲ୍ ଉଦ୍ୟମ ନଭେମ୍ବର ୮ରେ ବିଫଳ ହୋଇଥିଲା। ଏହାର ୩ ଦିନ ନ ବିତୁଣୁ ଉଭୟ ଏଫ୍‌ଟିଏକ୍ସ ଏବଂ ଆଲାମେଡା ନିଜକୁ ଦେବାଳିଆ ଘୋଷଣା କରିଥିଲେ। ସବୁବେଳେ ସବା ଆଗରେ ରହି କାରବାର କରୁଥିବା ବିଟ୍‌କଏନ୍ ସେହି ସମୟରେ ନିବେଶକଙ୍କ ପାଇଁ ଚିନ୍ତାର ପାହାଡ଼ ତିଆରି କରିଥିଲା। ଏବେ ବ୍ରଡର୍ ଇଣ୍ଡଷ୍ଟ୍ରିରେ ଅନିଶ୍ଚିତତା ଛାଇଯାଇଥିବାବେଳେ ବିଟିସି ଅଣ୍ଟା ସଳଖି ପୁଣି ଥରେ ଠିଆହୋଇଛି। ଅନ୍ୟ କ୍ରିପ୍ଟୋ କରେନ୍ସିଗୁଡ଼ିକର ମଜଭୁତି ତୁଳନାରେ ବିଟିସିର ବଳ ବୃଦ୍ଧି ଉଲ୍ଲେଖନୀୟ। ଗତ ୭ ଦିନ ଭିତରେ ଇଥର୍ ୧୮%ରୁ ଊର୍ଦ୍ଧ୍ୱ ବଢ଼ିଥିବାବେଳେ ବାଇନାନ୍ସର ଏକ୍ସଚେଞ୍ଜ ଟୋକେନ୍ ବିଏନ୍‌ବି ଏବଂ ରିପଲ୍ ଯଥାକ୍ରମେ ୧୦% ଓ ୧୧% ଉପରକୁ ଉଠିଛି। କିନ୍ତୁ ଇଥର୍ ପ୍ରତିଦ୍ୱନ୍ଦ୍ୱୀ ସୋଲାନା ମୂଲ୍ୟରେ ୭ ଦିନରେ ୪୪% ଅଭିବୃଦ୍ଧି ଦେଖିବାକୁ ମିଳିଛି।



➥୩ ଦିନ ହେଲା ବିଟ୍‌କଏନ୍ ୨୧,୦୦୦ ଆମେରିକୀୟ ଡଲାର ଉପରେ ଦୃଢ଼ ଭାବେ ଛିଡ଼ା ହୋଇଛି। ସୋମବାର, ମଙ୍ଗଳବାର ଓ ବୁଧବାର ଏହାର ମୂଲ୍ୟ ଯଥାକ୍ରମେ ୨୧,୧୮୪-୨୧,୧୩୭-୨୧,୨୩୪ ରହିଥିଲା।

➥ଏଫ୍‌ଟିଏକ୍ସ ଧରାଶାୟୀ ହେବାର ସମ୍ଭାବ୍ୟ ପ୍ରଭାବକୁ ଆକଳନ କରି ନିବେଶକମାନେ ଚିନ୍ତିତ ହୋଇପଡ଼ିବାରୁ ନଭେମ୍ବର ୭ରୁ ୮ ଦିନକ ଭିତରେ ଏହି କ୍ରିପ୍ଟୋକରେନ୍ସି ୨୨% ତଳକୁ ଖସିଥିଲା।

➥ବିଟିସି କିଛି ସପ୍ତାହ ପୂର୍ବେ ୧୬,୦୦୦ ଡଲାର ତଳୁ ଆଦୌ ଉଠିପାରୁ ନ ଥିଲା।

# ହୀରା ବ୍ୟବସାୟୀଙ୍କ ଝିଅ ସନ୍ୟାସିନୀ ହେଲେ

ସୁରଟ, ୧୮।୧

ଗୁଜରାଟ ସୁରଟର ହୀରା ବ୍ୟବସାୟୀଙ୍କ ୯ ବର୍ଷର ଝିଅ ଦେବାଂଶୀ ବୁଧବାର ସନ୍ୟାସିନୀ ଦୀକ୍ଷା ଗ୍ରହଣ କରିଛନ୍ତି। ସୁରଟର ଭେସୁରେ ଏ ନେଇ ଆୟୋଜନ କରାଯାଇଥିବାବେଳେ ଜୈନ ସାଧୁ ଆଚାର୍ଯ୍ୟ ବିଜୟା କୀର୍ତ୍ତିୟାଶସୁରିଙ୍କ ସମେତ ଦେବାଂଶୀଙ୍କ ପରିବାର ଲୋକେ ସେଠାରେ ଉପସ୍ଥିତ ଥିଲେ। ସୁରଟର ୩୦ ବର୍ଷ ପୁରୁଣା ସାଙ୍ଘଭି ଆଣ୍ଡ ସନ୍ସର ମାଲିକ ହେଉଛନ୍ତି ଦେବାଂଶୀଙ୍କ ବାପା। ଗତ ଶନିବାରଠାରୁ ଏ ନେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଦେବାଂଶୀ ୫ ପ୍ରକାର ଭାଷା ଜାଣିଥିବାବେଳେ ସ୍କୁଲରେ ସେ ଜଣେ ମେଧାବୀ ଛାତ୍ରୀ। ପିଲାଟି ଦିନରୁ ଈଶ୍ୱରଙ୍କ ମାର୍ଗ ଦର୍ଶନରେ ସେ ଅନୁପ୍ରାଣିତ ହୋଇଥିଲେ। ଦେବାଂଶୀଙ୍କ ୪ ବର୍ଷର ଜଣେ ସାନ ଭଉଣୀ ଅଛନ୍ତି।



ଦେବାଂଶୀ

## ସଂକ୍ଷେପରେ

### ଅର୍ଥ ମନ୍ତ୍ରଣାଳୟର ଗୋପନୀୟ ତଥ୍ୟ ପ୍ରଘଟ: କର୍ମଚାରୀ ଗିରଫ

ନୂଆଦିଲ୍ଲୀ, ୧୮।୧: କେନ୍ଦ୍ରୀୟ ଅର୍ଥ ମନ୍ତ୍ରଣାଳୟର ଗୋପନୀୟ ତଥ୍ୟ ବିଦେଶକୁ ପଠାଇବା ଅଭିଯୋଗରେ ମନ୍ତ୍ରଣାଳୟର ଡେଟା ଏଣ୍ଟ୍ରି ଅପରେଟର ସୁମିତଙ୍କୁ ଗିରଫ କରାଯାଇଛି। ସେ ଫୋନ୍ ଯୋଗେ ମନ୍ତ୍ରଣାଳର ଗୋପନୀୟ ତଥ୍ୟ ଅନ୍ୟକୁ ଜଣାଉଥିବା ବେଳେ ଏ ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଅଫିସିଆଲ ସିକ୍ରେଟ୍ ଆକ୍ଟ ଅନୁସାରେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

### ୪ ଅଭିଯୁକ୍ତଙ୍କ ହାତ କାଟିଲା ତାଲିବାନ୍

କାନ୍ଦାହାର, ୧୮।୧: କଠୋରପନ୍ଥୀ ତାଲିବାନ୍ ସରକାର ମଙ୍ଗଳବାର କାନ୍ଦାହାରସ୍ଥିତ ଅହମଦ ଶାହି ଷ୍ଟାଡିୟମ୍‌ରେ ୪ ଅଭିଯୁକ୍ତଙ୍କ ହାତ କାଟି ଦେଇଛନ୍ତି। ସେମାନଙ୍କ ବିରୋଧରେ ଚୋରି କରିବା ଅଭିଯୋଗ ଥିବା ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏ ନେଇ କାନ୍ଦାହାର ଗଭର୍ନର ହାଜି ଜେଦ କହିଛନ୍ତି, ଷ୍ଟାଡିୟମ୍‌ରେ ମୋଟ ୯ଜଣଙ୍କୁ ସେମାନେ କରିଥିବା ଦୋଷ ପାଇଁ ଦଣ୍ଡ ମିଳିଛି। ପ୍ରତ୍ୟେକଙ୍କୁ ୩୫ରୁ ୩୯ ପାହାର ବସାଯାଇଥିବା ସେ କହିଛନ୍ତି।

### ସବୁଠୁ ବୟସ୍କା ମହିଳାଙ୍କ ବିୟୋଗ



ୱାଶିଂଟନ୍, ୧୮।୧: ବିଶ୍ୱର ସବୁଠୁ ବୟସ୍କା କୁହାଯାଉଥିବା ଫ୍ରାନ୍ସର ୧୧୭ ବର୍ଷୀୟା ନନ୍ ଲୁସିଲେ ରାଣ୍ଡୋନ (ଆଣ୍ଡ୍ରେ)ଙ୍କ ପରଲୋକ ଘଟିଛି। ସେ ୧୯୦୪ ମସିହା ଫେବୃୟାରୀ ୧୧ରେ ଫ୍ରାନ୍ସରେ ଜନ୍ମଗ୍ରହଣ କରିଥିଲେ। ଆଣ୍ଡ୍ରେ ଚିକିତ୍ସିତ ହେଉଥିବା ନର୍ସିଂହୋମ୍‌ର ମୁଖପାତ୍ର ଡେଭିଡ୍ ଟାଭେଲା ଏହି ସୂଚନା ଦେଇଛନ୍ତି। ଜାପାନର ୧୧୯ ବର୍ଷୀୟ କାନେ ଟାନାକାଙ୍କ ମୃତ୍ୟୁ ପରେ ଜେରୋଣ୍ଟୋଲୋଜି ରିସର୍ଚ୍ଚ ଗ୍ରୁପ୍ ଆଣ୍ଡ୍ରେଙ୍କୁ ବିଶ୍ୱର ସବୁଠୁ ବୟସ୍କ ମହଳା ବୋଲି ବିବେଚନା କରିଥିଲେ। ଆଣ୍ଡ୍ରେଙ୍କ ପ୍ରିୟ ଖାଦ୍ୟ ୱାଇନ୍ ଓ ଚକୋଲେଟ ଥିଲା, ଯାହାକୁ ସେ ନିୟମିତ ଭାବେ ଗ୍ରହଣ କରୁଥିଲେ। ବର୍ତ୍ତମାନ ବିଶ୍ୱର ସବୁଠୁ ବୟସ୍କଙ୍କ ସୂଚୀର ଶୀର୍ଷରେ ଆମେରିକାର ମାରିଆ ବ୍ରାନ୍ୟାସମୋରେରା ଅଛନ୍ତି, ଯାହାଙ୍କ ବୟସ ୧୧୫ ବର୍ଷ।

# କିଭ୍‌ରେ ହେଲିକପ୍ଟର ଦୁର୍ଘଟଣା

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସମେତ ୧୮ ମୃତ



କିଭ୍ ନିକଟସ୍ଥ ବ୍ରୋଭାରି ସହରର ଏକ ସ୍କୁଲ ଉପରେ ହେଲିକପ୍ଟର ଖସିପଡ଼ିଛି।

କିଭ୍, ୧୮।୧

ୟୁକ୍ରେନ୍ ରାଜଧାନୀ କିଭ୍‌ର ବ୍ରୋଭାରିଠାରେ ବୁଧବାର ହେଲିକପ୍ଟର ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୟୁକ୍ରେନ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଡେନିସ୍ ମୋନାଷ୍ଟିରସ୍କି, ଡେପୁଟି ମିନିଷ୍ଟର ୟେଗଜେନ ୟେନିନ, ଷ୍ଟେଟ୍ ସେକ୍ରେଟାରି ୟୁରି ଲବକୋଭିଚିସ୍‌ଙ୍କ ସମେତ ୩ ଶିଶୁ ସାମିଲ ଅଛନ୍ତି। ବ୍ରୋଭାରିର କିଣ୍ଡରଗାର୍ଟେନ (ନର୍ସରି ସ୍କୁଲ) ଛାତରେ ପିଟିହୋଇ ଏହି ଦୁର୍ଘଟଣା ଘଟିଛି। ଘଟଣାରେ ୧୦ ଶିଶୁଙ୍କ ସମେତ ୨୫ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଏ ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶୋକ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ବୁଧବାର ୟୁକ୍ରେନ୍‌ବାସୀଙ୍କ ପାଇଁ ଏକ କଳାଦିନ। ଗୃହମନ୍ତ୍ରୀ ମୋନାଷ୍ଟିରସ୍କି, ବରିଷ୍ଠ ଅଧିକାରୀଙ୍କ ସମେତ ୧୮ ଜଣଙ୍କ ବିୟୋଗରେ ଦେଶ ମର୍ମାହତ। ମୃତକଙ୍କ ପରିବାରକୁ ଜେଲେନ୍‌ସ୍କି ସମବେଦନ ଜଣାଇବା ସହ ଡେନିସ, ୟେଭହେନ ଏବଂ ୟୁରିଙ୍କୁ ଶହୀଦ ଭାବେ ଅବିହିତ କରିଛନ୍ତି। ହେଲିକପ୍ଟର ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ଜେଲେନ୍‌ସ୍କି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୟୁକ୍ରେନ୍ ପାର୍ଲାମେଣ୍ଟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ କମ୍ ଉଚ୍ଚତାରେ ହେଲିକପ୍ଟରଟି ଉଡୁଥିବାବେଳେ ଘନ କୁହୁଡ଼ି ସକାଶେ ଏହା ନର୍ସରି ସ୍କୁଲ ଛାତରେ ପିଟି ହୋଇଯିବା ଫଳରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। କିଭ୍ ହେଲିକପ୍ଟର ଦୁର୍ଘଟଣା ନେଇ ବ୍ରିଟେନ୍ ଗୃହମନ୍ତ୍ରୀ ସୁଏଲା ବ୍ରାଭରମାନ୍ ଶୋକ ବ୍ୟକ୍ତ କରି କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଏଭଳି ସ୍ଥିତିରେ ବନ୍ଧୁ ରାଷ୍ଟ୍ର ୟୁକ୍ରେନ୍ ସହ ଛିଡ଼ା ରହିବ ବ୍ରିଟେନ୍। ହେଲପ୍ଟର ଦୁର୍ଘଟଣା ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି।

## ରୁଷିଆର ହାତ ଥିବା ସନ୍ଦେହ

ହେଲିକପ୍ଟର ଦୁର୍ଘଟଣା ପଛରେ ରୁଷିଆର ହାତ ଥାଇପାରେ ବୋଲି ସନ୍ଦେହ ପ୍ରକାଶ ପାଇଛି। ୟୁକ୍ରେନୀୟ ବାୟୁସେନା ମୁଖପାତ୍ର ୟୁରି ଇହନାଟ୍ କହିଛନ୍ତି, ଏହି ଦୁର୍ଘଟଣାର କାରଣ ଖୋଜିବା ପାଇଁ କିଛି ସପ୍ତାହ ଲାଗିପାରେ। ଭୁଲ୍ କଲେ ଆକାଶ କ୍ଷମା କରେନାହିଁ ବୋଲି ପାଇଲଟ୍‌ମାନେ କହିଥାଆନ୍ତି। ତେଣୁ ଏହାକୁ ଏବେ ନେଇ କିଛି କହିବା ଉଚିତ ହେବ ନାହିଁ। ୟୁରାସିଆ ଡେମୋକ୍ରାସି ଇନିଶିଏଟିଭ୍ ବିଶ୍ଳେଷକ ପିଟର ଜଲମୟେଭ୍ କହିଛନ୍ତି, ଏହି ଦୁର୍ଘଟଣା ସନ୍ଦେହଘେରରେ ରହିଛି। ଏହା ରୁଷୀୟ ଫେଡେରେଶନ୍‌ର ଆତଙ୍କବାଦୀ କାର୍ଯ୍ୟ ହୋଇଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

## ବିଜୟ ନିଶ୍ଚିତ: ପୁଟିନ୍

ସେଣ୍ଟ ପିଟର୍ସବର୍ଗ, ୧୮।୧

କିଭ୍ ଉପରେ ମସ୍କୋର ବିଜୟ ସୁନିଶ୍ଚିତ ବୋଲି ବୁଧବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ୩୨୯ ଦିନ ପୂରିଥିବାବେଳେ ଦେଶର ଦ୍ୱିତୀୟ ବୃହତ୍ ସହର ସେଣ୍ଟ ପିଟର୍ସବର୍ଗସ୍ଥିତ ଏକ ଫ୍ୟାକ୍ଟ୍ରିରେ ପୁଟିନ୍ କହିଛନ୍ତି, ଏକାଧିକ ଥର ସାମରିକ ପରାଜୟ ସତ୍ତ୍ୱେ ଆମେ ବିଜୟ ହାସଲ କରିବା ନେଇ ଗ୍ୟାରେଣ୍ଟି ରହିଛି। ଏହାକୁ ନେଇ ମୋର କୌଣସି ସନ୍ଦେହ ନାହିଁ। ରୁଷିଆବାସୀଙ୍କ ଏକତା ଓ ସମର୍ଥନ, ଆମ ଯୋଦ୍ଧାଙ୍କ ସାହସ ତଥା ବୀରତ୍ୱ ନିଶ୍ଚିତ ଭାବେ ବିଜୟ ଲାଭ କରିବ।

## ଆକ୍ରମଣର ୬ ମାସ ପୂର୍ବରୁ ଦାୟିତ୍ୱ ନେଇଥିଲେ



ଡେନିସ୍ ମୋନାଷ୍ଟିରସ୍କି

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ପରଠାରୁ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଡେନିସ୍ ମୋନାଷ୍ଟିରସ୍କି ସବୁଠୁ ବରିଷ୍ଠ ୟୁକ୍ରେନୀୟ। ୪୨ ବର୍ଷୀୟ ଡେନିସ୍ ୨୦୨୧ ଜୁଲାଇରେ ଅର୍ଥାତ୍ ରୁଷିଆ ଆକ୍ରମଣର ମାତ୍ର ୬ ମାସ ପୂର୍ବରୁ ସେ ୟୁକ୍ରେନ୍ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୧୯୮୦ରେ ୟୁକ୍ରେନର ୱେଷ୍ଟର୍ନ ସିଟି ଖମେଲସିଟସ୍କିରେ ସେ ଜନ୍ମଗ୍ରହଣ କରିଥିଲେ। ୨୦୧୪ରେ ଡେନିସ୍ ନିଜ ରାଜନୈତିକ କ୍ୟାରିୟର୍ ଆରମ୍ଭ କରିଥିଲେ। ୟୁକ୍ରେନର ସୁରକ୍ଷା ବିଭାଗ ଦାୟିତ୍ୱରେ ଥିଲେ ଡେନିସ୍।

## ୱିକିପେଡିଆ ସମ୍ପୂର୍ଣ୍ଣ ନିର୍ଭରଯୋଗ୍ୟ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୮।୧

ୱିକିପେଡିଆ ଭଳି ଅନ୍‌ଲାଇନ୍ ସୋର୍ସରୁ ମିଳୁଥିବା ସୂଚନାକୁ ନେଇ ସୁପ୍ରିମକୋର୍ଟ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏଭଳି ସ୍ରୋତର ତଥ୍ୟ କ୍ରାଉଡ୍ ସୋର୍ସ ଆଧାରିତ, ଯାହାକୁ ୟୁଜର୍ସ ମଧ୍ୟ ଏଡିଟ୍ କରିପାରନ୍ତି। ତେଣୁ ବିଭ୍ରାନ୍ତିକର ତଥ୍ୟ ଯୋଗାଣ କରୁଥିବା ଏପରି ସୋର୍ସ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି।

ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ବିକ୍ରମ ନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଜ୍ଞାନ ଆହରଣ କ୍ଷେତ୍ରରେ ସାରା ବିଶ୍ୱରେ ୱିକିପେଡିଆ ଭଳି ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକର ଉପଯୋଗିତା ରହିଛି। କିନ୍ତୁ ଆଇନଗତ ବିବାଦ ସମାଧାନରେ ଏହାର ବ୍ୟବହାର କରିବା ବିପଦମୁକ୍ତ ନୁହେଁ ବୋଲି ଏକ ମାମଲାର ରାୟ ଶୁଣାଇବାବେଳେ ଖଣ୍ଡପୀଠ ସତର୍କ କରାଇଛନ୍ତି।

## ଆର୍ଜେଣ୍ଟିନା ଜଙ୍ଗଲରେ ନିଆଁ



ବୁଇନୋସ୍ ଲଇରେସ୍, ୧୮।୧

ଆମେରିକା ଆର୍ଜେଣ୍ଟିନାର ସାଣ୍ଟା ଜଙ୍ଗଲରେ ଭୀଷଣ ନିଆଁ ଲାଗିଯାଇଛି। କମ୍ ପରିମିତ ସ୍ଥାନରେ ଏହି ନିଆଁ ଲାଗିଯାଇଥିବାବେଳେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବା ଲାଗି ସମସ୍ତ ପ୍ରକାର ଚେଷ୍ଟା ଚଳାଇଥିଲେ ହେଁ ଏଥିରେ ବିଫଳ ହୋଇଛି।

## ଐଶ୍ୱର୍ଯ୍ୟାଙ୍କୁ ଆୟକର ନୋଟିସ

ମୁମ୍ବାଇ, ୧୮।୧

ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କୁ ଆୟକର (ଆଇଟି) ବିଭାଗ ନୋଟିସ୍ କରିଛି। ମହାରାଷ୍ଟ୍ରର ନାଶିକ ସହର ନିକଟରେ ସିନ୍ନାର ଜିଲାରେ ଥିବା ଐଶ୍ୱର୍ଯ୍ୟାଙ୍କ ଜମିର ନନ୍ ଏଗ୍ରିକଲଚରାଲ୍ ଟାକ୍ସ ପଇଠ ନ କରିବାରୁ ଆୟକର ବିଭାଗ ପକ୍ଷରୁ ଏହି ନୋଟିସ ଜାରି କରାଯାଇଥିବା ଜଣାପଡ଼ିଛି। ଜମି କର ବାବଦକୁ ୨୧,୯୬୦ ଟଙ୍କା ଦେବାକୁ ଥିବାବେଳେ ନୋଟିସ ଜାରି ହେବାର ୧୦ ଦିନ ମଧ୍ୟରେ ଟଙ୍କା ପଇଠ କରିବା ଲାଗି ନୋଟିସରେ ଉଲ୍ଲେଖ କରାଯାଇଛି।



## ଅମଲାଙ୍କୁ ମନ୍ଦିର ମନା

ଥିରୁଭାନନ୍ତପୁରମ, ୧୮।୧

କେରଳର ଥିରୁଭୈରାନିକୁଲମ ମହାଦେବୀ ମନ୍ଦିରରେ ମାଲୟାଲମ ଅଭିନେତ୍ରୀ ଅମଲା ପଲ(୩୧)ଙ୍କୁ ମନ୍ଦିର କର୍ତ୍ତୃପକ୍ଷ ପ୍ରବେଶ ଅନୁମତି ଦେଇ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ଅମଲା ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ହୋଇଥିବା କାରଣରୁ ତାଙ୍କୁ ମନ୍ଦିରକୁ ପ୍ରବେଶ କରାଇ ଦିଆଯାଇ ନ ଥିବା ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି। ୨୦୨୩ ମସିହାରେ ମଧ୍ୟ ଦେଶରେ ଧର୍ମଗତ ମତଭେଦ ଦେଖାଯିବା ଅବିଶ୍ୱସନୀୟ। ଠାକୁରାଣୀଙ୍କ ନିକଟକୁ ଯିବାର ସୌଭାଗ୍ୟ ନ ପାଇଲେ ମଧ୍ୟ ସେ ଦୂରରେ ରହି ଦେବୀଙ୍କ କୃପା ଉପଲବ୍ଧି କରିଥିବା ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଅଭିନେତ୍ରୀଙ୍କ ପୋଷ୍ଟକୁ ନେଇ ଥିରୁଭୈରନିକୁଲମ ମହାଦେବୀ ମନ୍ଦିର ଟ୍ରଷ୍ଟ ସେକ୍ରେଟାରି ପ୍ରସୁନ କୁମାର କହିଛନ୍ତି, କର୍ତ୍ତୃପକ୍ଷ କେବଳ ମନ୍ଦିର ନିୟମର ପାଳନ କରୁଛନ୍ତି। ଦେବୀଙ୍କ ଆରାଧନା କରୁଥିବା ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ମଧ୍ୟ ମନ୍ଦିର ଭିତରକୁ ପ୍ରବେଶ କରାଇ ଦିଆଯାଉ ନ ଥିବାବେଳେ ତା' ବିଷୟରେ କୌଣସି ଆଲୋଚନା ହେଉନାହିଁ। କିନ୍ତୁ ଯେତେବେଳେ ଜଣେ ସେଲିବ୍ରିଟିଙ୍କୁ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି ସେତେବେଳେ ତାହା ବିବାଦ ରୂପ ନେଉଛି।



## ତେଜସ୍ୱୀ ସୂର୍ଯ୍ୟା ଭୁଲ୍‌ରେ ଏମର୍ଜେନ୍ସି ଡୋର୍ ଖୋଲିଥିଲେ: ସିନ୍ଧିଆ

ନୂଆଦିଲ୍ଲୀ, ୧୮।୧

ଚେନ୍ନାଇ ବିମାନ ବନ୍ଦରରେ ଇଣ୍ଡିଗୋ ବିମାନର ଜରୁରୀ ପ୍ରସ୍ଥାନ ଦ୍ୱାର ଭାଜପା ନେତା ତେଜସ୍ୱୀ ସୂର୍ଯ୍ୟା ଖୋଲିଥିବା ବୁଧବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସ୍ପଷ୍ଟ କରିଛନ୍ତି। ତେଜସ୍ୱୀ ଭୁଲ୍‌ବଶତଃ ବିମାନ ଡୋର୍ ଖୋଲି ଦେଇଥିବାବେଳେ ଏ ନେଇ ସେ କ୍ଷମା ମାଗିଥିବା ସିନ୍ଧିଆ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ତେବେ ମନ୍ତ୍ରଣାଳୟ ପକ୍ଷରୁ ତେଜସ୍ୱୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନ ନିଆଯିବାକୁ ନେଇ ପ୍ରଶ୍ନ ଉଠାଇଛି ବିରୋଧୀ କଂଗ୍ରେସ। ଗତ ଡିସେମ୍ବର ୧୦ ତାରିଖରେ ଚେନ୍ନାଇରୁ ତିରୁଚିରାପଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନର ଜରୁରୀ ଦ୍ୱାରକୁ ଖୋଲିଦିଆଯିବାରୁ ଅନ୍ୟ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ଘଟଣା ସାମ୍ନାକୁ ଆସିବା ପରେ ମଙ୍ଗଳବାର ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଡୋର ଖୋଲିଥିବା ଯାତ୍ରୀ ଜଣକ ବେଙ୍ଗାଲୁରୁ ଦକ୍ଷିଣ ନିର୍ବାଚନ ମଣ୍ଡଳୀର ଏମ୍‌ପି ତେଜସ୍ୱୀ କି ନୁହନ୍ତି, ତାହା ଡିଜିସିଏ ଅଧିକାରୀମାନେ ସ୍ପଷ୍ଟ କରି ନ ଥିବାବେଳେ ତେଜସ୍ୱୀ ଡୋର ଖୋଲିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଥିଲେ।

# ଜଳବାୟୁ ସୁରକ୍ଷା ଅପରାଧ ନୁହେଁ

ବର୍ଲିନ୍, ୧୮।୧

ସୁଇଡେନ୍‌ର ପରିବେଶ କର୍ମୀ ଗ୍ରେଟା ଥନ୍‌ବର୍ଗ ଜର୍ମାନୀର ଲୁଏଟ୍‌ଜେରାଥ୍ ଗ୍ରାମରେ ଏକ କୋଲ୍ ମାଇନ୍ ବିସ୍ଫୋରଣ ବିରୋଧରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରୁଥିବାବେଳେ ସ୍ଥାନୀୟ ପୋଲିସ ତାଙ୍କୁ ଅଟକ ରଖିଥିଲା। ୩ ଜଣ ପୋଲିସ ଅଧିକାରୀ ଗ୍ରେଟାଙ୍କୁ ଉକ୍ତ ଖଣି ନିକଟକୁ ଯିବା ପାଇଁ ବାରଣ କରିଥିଲେ। ସେମାନେ ତାଙ୍କ ହାତକୁ ଧରି ପୋଲିସ ଭ୍ୟାନ୍‌କୁ ଟେକିନେଉଥିବା ବେଳର ଭିଡିଓ ଭାଇରାଲ ହୋଇଛି। ପୋଲିସ ଛାଡ଼ିଦେବା ପରେ ଗ୍ରେଟା

### ଜର୍ମାନୀରେ ଅଟକ ପରେ ଗ୍ରେଟା କହିଲେ

ନିଜ ସମର୍ଥକମାନଙ୍କ ସହ ପୁଣି ବିକ୍ଷୋଭ ଜାରି ରଖିଛନ୍ତି। ଟୁଇଟର୍‌ରେ ଏହି ଯୁବ କ୍ଲାଇମେଟ୍ ଚେଞ୍ଜ ଆକ୍ଟିଭିଷ୍ଟ କହିଛନ୍ତି, ଜଳବାୟୁକୁ ସୁରକ୍ଷା ଦେବା ଏକ ଅପରାଧ ନୁହେଁ। ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପ୍ରତି ଏହି ବିସ୍ଫୋରଣ ଏକ ବିଶ୍ୱାସଘାତ। ଜର୍ମାନୀ ହେଉଛି ବିଶ୍ୱର ସବୁଠୁ ବଡ଼ ପ୍ରଦୂଷଣକାରୀ ରାଷ୍ଟ୍ର।






# ୮ମ ଲକରରୁ ମିଳିଲା ଅଧକେଜି ସୁନା, ୩୬ ଲକ୍ଷ ଟଙ୍କା

**ସିବିଆଇ ଜାଲରେ ଅବସରପ୍ରାପ୍ତ ରେଳ ଅଧିକାରୀ**

- ୭ ଲକର୍‌ରୁ ମିଳିଥିଲା ୧୭ କେଜି ସୁନା, ୧.୫୭ କୋଟି ଟଙ୍କା
- ଠାବ ହେଲାଣି ୨୨ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି

ଭୁବନେଶ୍ୱର, ୧୮।୧ (ବ୍ୟୁରୋ)

ପୂର୍ବତଟ ରେଳପଥର ଅବସରପ୍ରାପ୍ତ ପ୍ରିନ୍ସିପାଲ ଚିଫ୍ ଅପରେଶନ୍ ମ୍ୟାନେଜର ପ୍ରମୋଦ କୁମାର ଜେନାଙ୍କ ସମ୍ପତ୍ତି ପରିମାଣ ବଢ଼ି ଚାଲିଛି। କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ (ସିବିଆଇ) ଯେତେ ଖୋଳତାଡ଼ କରୁଛି ସେତେ ସୁନା, ଟଙ୍କା ବାହାରୁଛି। ପୂର୍ବରୁ ବିଭିନ୍ନ ବ୍ୟାଙ୍କରେ ଥିବା ୭ଟି ଲକର୍‌ରୁ ୧୭ କେଜି ସୁନା, ୧.୫୭ କୋଟି ଟଙ୍କା ଠାବ କରାଯାଇଥିଲା। ୮ମ ଲକର୍ ଖୋଲାଯିବା ପରେ ଏଥିରୁ ୩୬ ଲକ୍ଷ ନଗଦ ଟଙ୍କା ଓ ୪୫୭ ଗ୍ରାମ ସୁନା ମିଳିଥିବା ବୁଧବାର ସିବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ଠାବ ହୋଇଥିବା ନଗଦ ଟଙ୍କା ପରିମାଣ ୧.୯୩ କୋଟିକୁ ହୋଇଥିବାବେଳେ ସୁନା ପରିମାଣ ୧୭ କେଜି ୪୫୭ ଗ୍ରାମ ହୋଇଛି। ଓଡ଼ିଶାର ଭୁବନେଶ୍ୱର ଓ ଜଗତ୍‌ସିଂପୁର ଏବଂ କୋଲକାତାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ୭ଟି ଲକର୍‌ରୁ ମିଳିଥିବା ସମ୍ପତ୍ତି ନେଇ ମଙ୍ଗଳବାର ସିବିଆଇ ପକ୍ଷରୁ ସୂଚନା ଦିଆଯାଇଥିଲା। ସେଥିରୁ ନଗଦ ୧.୫୭ କୋଟି ଟଙ୍କା, ୧୭ କେଜି ସୁନା, ୪.୮୪ କୋଟିର ପୋଷ୍ଟାଲ ସେଭିଂ ଓ ବ୍ୟାଙ୍କ ଫିକ୍ସ ଡିପୋଜିଟ୍ ଠାବ କରାଯାଇଛି। ଅନ୍ୟପକ୍ଷରେ ପୂର୍ବରୁ ମଧ୍ୟ ସିବିଆଇ ପ୍ରମୋଦ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ୪କୋଟି ୨୮ଲକ୍ଷ ୮୭ହଜାର ୫୫୩ ଟଙ୍କା ମୂଲ୍ୟର ସମ୍ପତ୍ତି ଠାବ କରିଥିଲା। ଏଥିରୁ ୧ କୋଟି ୯୨ ଲକ୍ଷ ୨୧ ହଜାର ୪୦୫ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ବୋଲି ଜଣାପଡ଼ିଥିଲା। ତେବେ ଏଯାଏ ଅଭିଯୁକ୍ତ ପ୍ରମୋଦ ଓ ତାଙ୍କ ପରିବାର ସଦସ୍ୟଙ୍କଠାରୁ ଠାବ ହୋଇଥିବା ସ୍ଥାବର ଓ ସମ୍ପତ୍ତିର ପରିମାଣ ୨୨ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ସୂଚନାଯୋଗ୍ୟ, ୨୦୦୫ ଏପ୍ରିଲ ୧ରୁ ୨୦୨୦ ମାର୍ଚ୍ଚ ୩୧ ମଧ୍ୟରେ ପ୍ରମୋଦ ବ୍ୟାପକ ଦୁର୍ନୀତି କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଡିସେମ୍ବର ୨୬ରେ ଅଭିଯୋଗ ହୋଇଥିଲା। ଏହାପରେ ସିବିଆଇ ଗତ ଜାନୁୟାରୀ ୩ରୁ ପ୍ରିଭେନ୍‌ଶନ୍ ଅଫ୍ କରପ୍ଶନ ଆକ୍ଟର ଦଫା ୧୩ (୧) (ବି)ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।






# କେନ୍ଦ୍ର ସବ୍‌ସିଡି ବନ୍ଦ

**ନୂଆ କିସମ ବିହନ ଉତ୍ପାଦନ କମିବା ଆଶଙ୍କା**

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ସହ ବର୍ଦ୍ଧିତ ଜନସଂଖ୍ୟାକୁ ଖାଦ୍ୟଶସ୍ୟ ଯୋଗାଇବା ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ସଅଳ ଓ ଅଧିକ ଉତ୍ପାଦନକ୍ଷମ ବିହନ ଉପରେ ଚାଷୀମାନେ ଗୁରୁତ୍ୱ ଦେଉଛନ୍ତି। ମାତ୍ର କେନ୍ଦ୍ର ସରକାର ନୂତନ କିସମ ବିହନ ପାଇଁ ଯୋଗାଇ ଦେଉଥିବା ପ୍ରୋତ୍ସାହନ ରାଶି ବନ୍ଦ କରି ଦେଇଛନ୍ତି। ଫଳରେ ରାଜ୍ୟରେ ନୂତନ କିସମର ଧାନ ବିହନ ଉତ୍ପାଦନ ଓ ବ୍ୟବହାର ହ୍ରାସପାଇବା ଆଶଙ୍କା ଦେଖାଦେଇଛି। ଦୀର୍ଘ ବର୍ଷ ଧରି ପୁରୁଣା କିସମ ଧାନ ବିହନ ବଦଳରେ ଅଧିକ ଅମଳକ୍ଷମ ଓ ବିପର୍ଯ୍ୟୟକୁ ସହିପାରୁଥିବା ନୂତନ କିସମର ଧାନ ବିହନ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ୨୦୧୨-୧୩ରୁ ପ୍ରୋତ୍ସାହନ ରାଶି ଯୋଗାଇ ଆସୁଥିଲେ। ଏ ବାବଦରେ ରାଜ୍ୟକୁ ବାର୍ଷିକ ପ୍ରାୟ ୯ କୋଟି ଟଙ୍କା ମିଳୁଥିଲା। ଏହି ରାଶିର ୭୫ ଭାଗ ବିହନ ଉତ୍ପାଦନ କରୁଥିବା ଚାଷୀ ଏବଂ ୨୫ ପ୍ରତିଶତ ଅର୍ଥ ବିହନ ଯୋଗାଣ ଦାୟିତ୍ୱରେ ଥିବା ଓଡ଼ିଶା ରାଜ୍ୟ ବିହନ ନିଗମକୁ ମିଳୁଥିଲା। ତେବେ ୨୦୨୨-୨୩ ଆର୍ଥିକ ବର୍ଷରୁ କେନ୍ଦ୍ର ସରକାର ଏହି ପ୍ରୋତ୍ସାହନ ରାଶି ବନ୍ଦକରି ଦେଇଛନ୍ତି। ଏଥିଯୋଗୁ ରାଜ୍ୟରେ ନୂତନ କିସମ ବିହନ ଉତ୍ପାଦନ କରୁଥିବା ପ୍ରାୟ ୧୦ ହଜାର ଚାଷୀ ଆଉ ନୂତନ କିସମର ଧାନ ବିହନ ଚାଷ କରିବା ପାଇଁ ଆଗ୍ରହ ଦେଖାଉନାହାନ୍ତି। କମ୍ ସମୟରେ ଅଧିକ ଅମଳ ଦେଉଥିବା ନୂତନ କିସମର ଧାନ ବିହନ ପ୍ରତି ରାଜ୍ୟରେ ଚାଷୀମାନଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଚାଷୀମାନଙ୍କୁ ପ୍ରୋତ୍ସାହନ ରାଶି ମିଳିବା ପରେ ସେମାନେ ଅଧିକରୁ ଅଧିକ ନୂତନ ଧାନ ଉତ୍ପାଦନ କରୁଥିଲେ। ଫଳରେ ରାଜ୍ୟର ପ୍ରାୟ ୭୦ ପ୍ରତିଶତ ଚାଷୀଙ୍କ ନିକଟରେ ନୂତନ କିସମ ଧାନ ବିହନ ପହଞ୍ଚିପାରୁଛି। ଏଥିଯୋଗୁ ରାଜ୍ୟରେ ଧାନ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଛି।

ପୂର୍ବରୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉତ୍ପାଦନ ହେଉଥିବା ଧାନ ବିହନର ପରିବହନ ଓ ପ୍ରକ୍ରିୟାକରଣ ବାବଦରେ କେନ୍ଦ୍ର ସରକାର ଯୋଗାଇ ଦେଉଥିବା ଅର୍ଥକୁ ବନ୍ଦ କରି ଦେଇଛନ୍ତି। ଏହାପରେ ନୂତନ କିସମର ଅଧିକ ଅମଳକ୍ଷମ ଧାନ ବିହନ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ପ୍ରୋତ୍ସାହନ ରାଶି ଯୋଗାଇ ଦେଉଥିଲେ। ୧ ହେକ୍ଟର ଜମିରେ ୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ବିହନ ଉତ୍ପାଦନ କରୁଥିବା ଚାଷୀଙ୍କୁ ପ୍ରାୟ ୩୯ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳୁଥିଲା। ଏଥିଯୋଗୁ ରାଜ୍ୟର ଚାଷୀମାନେ ଅଧିକ ନୂତନ କିସମର ଧାନ ବିହନ ଉତ୍ପାଦନ କରୁଥିବା ବେଳେ ଚାଷୀ ମଧ୍ୟ ନୂତନ ବିହନ ପାଇଁ ଆଗ୍ରହ ପ୍ରକାଶ କରୁଥିଲେ। ଏହାଦ୍ୱାରା କେବଳ ରାଜ୍ୟରେ ନୂତନ କିସମର ଧାନ ବିହନର ବ୍ୟବହାର ବଢ଼ି ନ ଥିଲା ବରଂ ରାଜ୍ୟ ବିହନ ନିଗମର ଆର୍ଥିକ ସ୍ଥିତିରେ ସୁଧାର ଆସିଥିଲା। ରାଜ୍ୟ କୃଷି ବ୍ୟବସ୍ଥାରେ ବିହନ ନିଗମ ବିହନ ବ୍ୟବସାୟ ଅର୍ଥ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ ରାଶି ବନ୍ଦ ଫଳରେ ନିଗମ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବା ନେଇ ଆଶଙ୍କା ଦେଖାଦେଇଛି।

ରାଜ୍ୟରେ ପ୍ରତ୍ୟେକ ବର୍ଷ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଉଛି। ଏଥିଯୋଗୁ ଚାଷୀମାନେ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ବିପର୍ଯ୍ୟୟ ସହନଶୀଳ ଏବଂ ଶୀଘ୍ର ଅମଳକ୍ଷମ ବିହନ ଉପରେ ଚାଷୀମାନେ ନିର୍ଭର କରୁଛନ୍ତି। ଏପରି ସ୍ଥଳେ କେନ୍ଦ୍ର ସରକାର ଏ ବାବଦରେ ଦେଉଥିବା ପ୍ରୋତ୍ସାହନରାଶିକୁ ବନ୍ଦ କରିଦେବା କୃଷି ବିଶେଷଜ୍ଞଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହାଦ୍ୱାରା କେବଳ ନୂତନ କିସମର ବିହନ ଉତ୍ପାଦନ ବ୍ୟାହତ ହେବ ନାହିଁ, ରାଜ୍ୟର ଧାନ ଉତ୍ପାଦନ ଉପରେ ମଧ୍ୟ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା ହେଲା, ରାଜ୍ୟ ସରକାର ୧୦ ବର୍ଷ ଭିତରେ ବିହନ ଉତ୍ପାଦନ, ପ୍ରକ୍ରିୟାକରଣ, ସାମ୍ପଲିଂ, ପ୍ୟାକିଂ, ଟ୍ୟାଗିଂ ଓ ପରିବହନ ଇତ୍ୟାଦି ବାବଦରେ ଖର୍ଚ୍ଚ କରିବା ବେଳେ କେନ୍ଦ୍ର ସରକାର ନୂତନ କିସମର ବିହନକୁ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଥିଲେ। ଏହାକୁ ବନ୍ଦ କରିବା ଫଳରେ ରାଜ୍ୟ ବିହନ ନିଗମ ଉପରେ ଅଧିକ ଚାପ ପଡ଼ିବା ସହ ନୂତନ ବିହନ ଉତ୍ପାଦନ କ୍ଷେତ୍ରରେ ବାଧା ସୃଷ୍ଟି ହେବ।




**ଆଜିର ମନ୍ତବ୍ୟ**
ଭାରତ ଓ ମାଳଦ୍ୱୀପ ଭଲ ପଡ଼ୋଶୀ ତଥା ଦୃଢ଼ ସହଭାଗୀ। କ୍ଷେତ୍ରୀୟ ଶାନ୍ତି ଓ ନିରାପତ୍ତା ବଜାୟ ରଖିବା ଦୁଇଦେଶର ଉତ୍ତରଦାୟିତ୍ୱ। **-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପେ ମରେ ବଢ଼େଇ**
**ପର ମାରେ କମାର**
**ଘଇତା ମାରେ କେଉଟୁଣୀ**
**ବଂଶ ମାରେ କୁମ୍ଭାର ।**

ବଢ଼େଇ ସବୁ କାମ କରେ, ସ୍ତ୍ରୀ ଓ ପିଲାଙ୍କୁ କାମରେ ଲଗାଏ ନାହିଁ। କମାର ଶାଳରେ ଲୁହା ତାତିଲେ, ଅନ୍ୟମାନେ ସାହାଯ୍ୟ କରନ୍ତି। କେଉଟୁଣୀ ତା'ର ସ୍ୱାମୀ କାମରେ ସାହାଯ୍ୟ କରେ କିନ୍ତୁ କୁମ୍ଭାର ଘରେ ପରିବାରବର୍ଗ ସମସ୍ତେ କୁମ୍ଭାରକୁ ସାହାଯ୍ୟ କରନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆପଣା ବେଳକୁ ପାଞ୍ଚ କଡ଼ା**
**ପର ବେଳକୁ ତିନି କଡ଼ା ।**

ସିଆଣିଆ ଲୋକ ନିଜ ଲାଭ ପାଇଁ ସଦା ସତର୍କ। ପର ବେପାର କ୍ଷତିରେ ଚାଲିଲେ ସେଥିକି ତାଙ୍କର ଚିନ୍ତା ହିଁ ନ ଥାଏ। ସ୍ୱାର୍ଥପର ବ୍ୟକ୍ତିଙ୍କ ଏପରି ମନ୍ଦ ପ୍ରକୃତି ରହିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

**ପ୍ରଥମ ପୃଷ୍ଠାରୁ...**

## 'ଯୌନ ଶୋଷଣ ...

ଲୋଡ଼ିଛନ୍ତି। ବ୍ରଜଭୂଷଣ ଦୀର୍ଘ ବର୍ଷ ଧରି ମହିଳା ରେସଲରମାନଙ୍କ ପ୍ରତି ଯୌନ ଶୋଷଣ କରୁଛନ୍ତି। ଏପରି କି ଲକ୍ଷ୍ନୌରେ ଥିବା କ୍ୟାମ୍ପରେ ଅନ୍ୟ କୋଚ୍‌ମାନେ ମଧ୍ୟ ମହିଳାଙ୍କୁ ଶୋଷଣ କରିଛନ୍ତି। ତାଙ୍କ ସହିତ ଏଭଳି ଘୃଣ୍ୟ ଘଟଣା ଘଟି ନ ଥିଲେ ମଧ୍ୟ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ତାଙ୍କୁ ହତ୍ୟା ଧମକ ଦେଇଥିବା ଭିନେଶ କହିଛନ୍ତି। ଦିଲ୍ଲୀର ଯନ୍ତରମନ୍ତରରେ ବୁଧବାର ଏହାର ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଭିନେଶ କାନ୍ଦି କାନ୍ଦି ଏଭଳି ବୟାନ ଦେଇଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷଙ୍କ ଏକଚ୍ଛତ୍ରବାଦ ବିରୋଧରେ ପ୍ରତିବାଦ କରିବା ପାଇଁ ଦେଶର ସମସ୍ତ ରେସଲର ଯନ୍ତରମନ୍ତରଠାରେ ଏକତ୍ରିତ ହୋଇଛନ୍ତି। ମୁଁ ଜାଣିଥିବା ଅନ୍ୟୂନ ୧୦-୧୨ ଜଣ ମହିଳା ରେସଲରଙ୍କ ସହିତ ଡବ୍ଲ୍ୟୁଏଫ୍‌ଆଇ ସଭାପତି ଯୌନ ଶୋଷଣ କରିଥିବା ସେ କହିଛନ୍ତି। ଉକ୍ତ ମହିଳାମାନଙ୍କ ନାମ ମୁଁ କେବଳ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଗରେ ପ୍ରକାଶ କରିବି ବୋଲି କହିଛନ୍ତି ଭିନେଶ। ଏହି ଧାରଣାରେ ଭିନେଶଙ୍କ ସହିତ ରହିଥିଲେ ଟୋକିଓ ୨୦୨୦ ବ୍ରୋଞ୍ଜ ବିଜେତା ବଜରଙ୍ଗ ପୁନିଆ। ଯେ ପର୍ଯ୍ୟନ୍ତ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷଙ୍କୁ ହଟାଯାଇ ନାହିଁ ଆମେ କୌଣସି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିପାରିବୁ ନାହିଁ ବୋଲି ପୁନିଆ କହିଛନ୍ତି। ଏହି ପ୍ରତିବାଦରେ ରିଓ ଅଲିମ୍ପିକ୍ସ ପଦକ ବିଜେତା ସାକ୍ଷୀ ମଲିକ, ସରିତା ମୋର, ସଙ୍ଗୀତା ଫୋଗତ, ସତ୍ୟବ୍ରତ ମଲିକ୍, ଜିତେନ୍ଦର କିନ୍ହା ଓ ରାଜ୍ୟଗୋଷ୍ଠୀ ପଦକ ବିଜେତା ସୁମିତ୍ ମଲିକ୍ ପ୍ରମୁଖ ସାମିଲ ଅଛନ୍ତି। ସରକାର କିମ୍ବା ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ବିରୋଧରେ ଆମର ପ୍ରତିବାଦ ନୁହେଁ ବରଂ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷଙ୍କ ଏକଚ୍ଛତ୍ରବାଦ ବିରୋଧରେ ଆମେ ଏକତ୍ରିତ ହୋଇଛୁ ବୋଲି କହିଛନ୍ତି ପୁନିଆ। ବଜରଙ୍ଗଙ୍କ କୋଚ୍ ସୁଜିତ ମାନ୍ ଓ ଫିଜିଓ ଆନନ୍ଦ ଦୁବେ ମଧ୍ୟ ବିକ୍ଷୋଭକାରୀଙ୍କ ସହ ସାମିଲ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ୨୦୧୧ରୁ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ରହିଥିବା ବ୍ରଜଭୂଷଣ ନିଜର ମନମାନି ଚଳାଇଥିବା ନେଇ ଖେଳାଳିମାନେ ଅଭିଯୋଗ କରିଛନ୍ତି । ବ୍ରଜଭୂଷଣ ଖେଳାଳିମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାର ଭିଡିଓ ମଧ୍ୟ ରହିଛି। ଏପରି କି ୨୦୨୧ରେ ୧୫ ବର୍ଷରୁ କମ୍ ବର୍ଗର ଜଣେ ରେସ୍‌ଲରଙ୍କୁ ସେ ଚାପୁଡା ମଧ୍ୟ ମାରିଥିଲେ ବୋଲି ବଜରଙ୍ଗ କହିଛନ୍ତି।

ଉତ୍ତରପ୍ରଦେଶର କେଶରଗଞ୍ଜରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ବ୍ରଜଭୂଷଣ ନିଜ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହିତ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି। ସେ ନିଜ ପଦରୁ ଓହରିବେ ନାହିଁ ବୋଲି ମଧ୍ୟ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଜଣେ ମହିଳା ମୋ ବିରୋଧରେ ଅଭିଯୋଗ ପ୍ରମାଣିତ କଲେ ମୁଁ ଫାଶୀରେ ଝୁଲିବା ପାଇଁ ମଧ୍ୟ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଏହି ସମସ୍ତ ଘଟଣା ପଛରେ ଜଣେ ଶିଳ୍ପପତିଙ୍କ ହାତ ରହିଛି। ସିବିଆଇ କିମ୍ବା ପୋଲିସ ଦ୍ୱାରା ଏହାର ତଦନ୍ତ ହେବା ଉଚିତ। ବୁଧବାର ପ୍ରତିବାଦ କରୁଥିବା ରେସଲରମାନଙ୍କୁ ମୁଁ ଏକ ସପ୍ତାହ ତଳେ ଭେଟିଥିବା ବେଳେ ଏଭଳି କିଛି ଅଭିଯୋଗ ନ ଥିଲା। ଏହା ସହିତ ଯଦି ଭିନେଶଙ୍କୁ ହତ୍ୟା ଧମକ ମିଳିଥିଲା ତେବେ ସେ ମୋତେ କିମ୍ବା ପୋଲିସକୁ କାହିଁକି ଜଣାଇ ନ ଥିଲେ ବୋଲି ଓଲଟା ଅଭିଯୋଗ କରିଛନ୍ତି। ସମସ୍ତ ରେସ୍‌ଲରଙ୍କ ପାଇଁ ଜାତୀୟ ଚାମ୍ପିୟନଶିପ୍ ଟ୍ରାଏଲ୍ସ ବାଧ୍ୟତାମୂଳକ କରାଯିବା ପରେ ଏପରି ଅଭିଯୋଗ ଆସିଥିବା ସେ କହିଛନ୍ତି। ଟ୍ରାଏଲ୍ସରେ ସାମିଲ ଖେଳାଳିଙ୍କୁ ହିଁ ଜାତୀୟ କ୍ୟାମ୍ପରେ ସାମିଲ କରାଯିବ ବୋଲି ନିୟମ ହେବା ପରେ ଏହି ସମସ୍ୟା ଦେଖାଦେଇଛି। ମୁଁ ମୁହଁରେ ଜବାବ ଦେଉଥିବା କାରଣରୁ ମୋତେ ବିଶୃଙ୍ଖଳିତ ଆଥ୍‌ଲେଟ ଭାବରେ ଗଣାଯାଏ। ପ୍ରତ୍ୟେକ ଦିନ ମାନସିକ ନିର୍ଯ୍ୟାତନା ସହିବାକୁ ପଡ଼ିଥାଏ ବୋଲି ଭିନେଶ କହିଛନ୍ତି। ଏହା ସହିତ ବଜରଙ୍ଗ କହିଛନ୍ତି, ଆମେ ଆମ କ୍ୟାରିୟରର ଶେଷ ପର୍ଯ୍ୟାୟରେ, ମାତ୍ର ଭବିଷ୍ୟତର ପିଢ଼ି ପାଇଁ ଏହି ଆନ୍ଦୋଳନ ଆବଶ୍ୟକ ।

## ୧୬ରେ ତ୍ରିପୁରା ...

ମେଘାଳୟ ଏବଂ ତ୍ରିପୁରା ବିଧାନସଭାର ଅବଧି ଯଥାକ୍ରମେ ମାର୍ଚ୍ଚ ୧୫ ଓ ୨୨ ତାରିଖରେ ପୂରୁଛି। ଏହି ୩ ରାଜ୍ୟ ବିଧାନସଭାର ଆସନ ସଂଖ୍ୟା ୬୦ ଲେଖାଏ ରହିଛି। ତ୍ରିପୁରାରେ ଭାଜପା ସରକାର ଚାଲିଥିବାବେଳେ ନାଗାଲାଣ୍ଡରେ ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି) କ୍ଷମତାରେ ରହିଛି। ସେହିପରି ଉତ୍ତର-ପୂର୍ବର ଏକମାତ୍ର ଜାତୀୟ ଦଳ ଭାବେ ସ୍ୱୀକୃତି ଲାଭ କରିଥିବା ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ମେଘାଳୟରେ ସରକାର ଚଳାଉଛି। ୨୦୧୮ରେ ତ୍ରିପୁରା ଭୋଟର ବାମପନ୍ଥୀଙ୍କ ୨୫ ବର୍ଷ ଶାସନର ଅନ୍ତ ଘଟାଇ ଭାଜପାକୁ ଜିତାଇଥିଲେ। ଏହି ଐତିହାସିକ ବିଜୟ ପରେ ବିପ୍ଳବ ଦେବଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। ପରବର୍ତ୍ତୀ ସମୟରେ ସରକାର ବିରୋଧୀ ହାୱା ବହୁଥିବା ଜାଣି ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଗତ ମେ'ରେ ଡ. ମାଣିକ ଶାହଙ୍କୁ ମୁଖ୍ୟମନ୍ତ୍ରୀ କରାଇଥିଲେ। ତେଣୁ ମାଣିକଙ୍କ ନେତୃତ୍ୱରେ ଦଳ ନିର୍ବାଚନ ଲଢ଼ିବା ନିଶ୍ଚିତ ହୋଇଛି। ତେବେ ଦଳ ଭିତରେ ଲାଗିରହିଥିବା ଗୋଷ୍ଠୀକନ୍ଦଳର ସମାଧାନ କରି ବିଜୟ ସଫଳତା ଦୋହରାଇବା ଆଗକୁ ମାଣିକଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ଇଣ୍ଡିଜେନସ୍ ପିପୁଲ୍ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି) ସହ ଭାଜପାର ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଥିବାରୁ ସାଧାରଣ ଲୋକଙ୍କ ଆସ୍ଥା ଜିଣିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ନିକଟରେ ଦଳର 'ଜନ ବିଶ୍ୱାସ ଯାତ୍ରା' ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ମଧ୍ୟ ଭାଜପାକୁ ହରାଇବା ପାଇଁ ଅନ୍ୟ ଦଳଗୁଡ଼ିକ ସହ ହାତ ମିଳାଇଛି।

ମେଘାଳୟରେ ବର୍ତ୍ତମାନ କନରାଡ୍ ସାଙ୍ଗମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ସରକାର ଚାଲିଛି। ଶାସକ ଦଳର ଅନେକ ବିଧାୟକ ଅନ୍ୟ ପଟକୁ ଡିଆଁ ମାରୁଥିବାରୁ ରାଜନୈତିକ ସମୀକରଣ ବଦଳିବା ନେଇ ଆକଳନ କରାଯାଉଛି। କିଛି ମାସ ହେଲା ଏନ୍‌ପିପି ଏବଂ ଏହାର ସହଯୋଗୀ ଭାଜପା ମଧ୍ୟରେ ବିବାଦ ବଢ଼ିଥିବା ସତ୍ତ୍ୱେ ଦୁଇଦଳ ଏକାଠି ନିର୍ବାଚନ ଲଢ଼ିପାରନ୍ତି। ୨ ବର୍ଷ ତଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମେଘାଳୟ ରାଜନୀତିରେ ପ୍ରବେଶ କରିଥିଲା। ଇତିମଧ୍ୟରେ ରାଜ୍ୟରେ ଟିଏମ୍‌ସିର ସାଙ୍ଗଠନିକ ସ୍ଥିତି ମଧ୍ୟ ସୁଦୃଢ଼ ହୋଇଛି। ତେଣୁ ମମତାଙ୍କ ଦଳର ପ୍ରଭାବକୁ ମଧ୍ୟ ଅସ୍ୱୀକାର କରାଯାଇ ନ ପାରେ।

ନାଗାଲାଣ୍ଡରେ ଏନ୍‌ଡିପିପି, ଭାଜପା ଏବଂ ନାଗା ପିପୁଲ୍ସ ଫ୍ରଣ୍ଟ (ଏନ୍‌ପିପି)କୁ ନେଇ ଗଠିତ ୟୁନାଇଟେଡ୍ ଡେମୋକ୍ରାଟିକ୍ ଆଲାଏନ୍ସ (ୟୁଡିଏ)ର ସ୍ଥିତି ମଜଭୁତ ରହିଛି। ଏହି ରାଜ୍ୟରେ ବିରୋଧୀ ଆସନରେ କୌଣସି ଆଖିଦୃଶିଆ ଦଳ ନ ଥିବାରୁ ନିର୍ବାଚନ ରୋଚକ ହେବ ବୋଲି କୁହାଯାଉଛି।

# ଶ୍ରୀଲଙ୍କା ଢାଞ୍ଚାରେ ହେବ ସୌରବାଡ଼





**ହାଇକୋର୍ଟରେ ହାତୀ ମୃତ୍ୟୁ ମାମଲା**

- ଜନସୁରକ୍ଷା ଗଜରକ୍ଷା ଯୋଜନାରେ ଲୋକେ ହେବେ ସାମିଲ
- ହାତୀ ମୃତ୍ୟୁ ରୋକିବାକୁ ୧୦ ସୂତ୍ରୀ ଯୋଜନା
- ୨ ସପ୍ତାହରେ ଅନୁମୋଦନ, ମାସକ ମଧ୍ୟରେ କାର୍ଯ୍ୟକାରୀ
- ମୁଖ୍ୟ ଶାସନ ସଚିବ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**କଟକ ଅଫିସ, ୧୮।୧**

ଓଡ଼ିଶାରେ ହାତୀ ମୃତ୍ୟୁ ରୋକିବାକୁ ୧୦ ସୂତ୍ରୀ ଯୋଜନା କରାଯାଇଥିବା ନେଇ ବୁଧବାର ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରିଛନ୍ତି ମୁଖ୍ୟ ବନ ସଂରକ୍ଷକ। ସେହିପରି ଜନସୁରକ୍ଷା ଗଜରକ୍ଷା ଯୋଜନାରେ ଶ୍ରୀଲଙ୍କା ଢାଞ୍ଚାରେ ସୌରବାଡ଼ ଘେରାଇବା ସମ୍ପର୍କରେ ମୁଖ୍ୟ ବନ ସଂରକ୍ଷକ ମଧ୍ୟ ଦର୍ଶାଇଛନ୍ତି। ତେବେ ରାଜ୍ୟ ମୁଖ୍ୟ ଶାସନ ସଚିବ ଯୋଜନାକୁ ୨ ସପ୍ତାହ ମଧ୍ୟରେ ଅନୁମୋଦନ କରିବା ସହ ମାସକ ମଧ୍ୟରେ ଯୋଜନା କାର୍ଯ୍ୟକାରୀ କରାଯିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ମିଳିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ମାର୍ଚ୍ଚ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ହାତୀ ସୁରକ୍ଷା ପାଇଁ ହୋଇଥିବା ନୂତନ ଯୋଜନାରେ ପ୍ରତି ଜିଲାସ୍ତରରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ହ୍ୟୁମାନ ଲାଇଫ କନଫ୍ଲିକ୍ଟ ଲିଟିଗେଶନ କମିଟି ଗଠନ କରାଯିବ। ଏଥିରେ ଡିଏଫଓ ମେମ୍ବର ସେକ୍ରେଟାରି ରହିବା ସହ ଏସ୍‌ପି ଓ ବିଦ୍ୟୁତ ବିଭାଗର ଜଣେ ଲେଖାଏ ପ୍ରତିନିଧି ଭାବେ ସାମିଲ ହେବେ। ସେହିପରି ରାଜ୍ୟ ସ୍ତରରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ ହେବ। ହାତୀ ସୁରକ୍ଷା ପାଇଁ ୧୦ ସୂତ୍ରୀ ଯୋଜନାକୁ ଉଚ୍ଚସ୍ତରୀୟ କମିଟି ଅନୁମୋଦନ କରିବ। ଏଥିସହ ଓଡ଼ିଶାକୁ ୪ଟି ଜୋନରେ ଭାଗ କରାଯାଇଛି। ପ୍ରଥମ ଜୋନ୍‌ରେ ହାତୀ ସୁରକ୍ଷା, ଦ୍ୱିତୀୟ ଜୋନ୍‌ରେ ହାତୀ-ମଣିଷ ସହାବସ୍ଥାନ, ତୃତୀୟ ଜୋନ୍‌ରେ ହାତୀ-ମଣିଷ ଲଢ଼େଇର ସମାଧାନ, ଚତୁର୍ଥ ଜୋନ୍‌ରେ ହାତୀ ଅପସାରଣକୁ ଗୁରୁତ୍ୱ ଦିଆଯାଇଛି। ଜଏଣ୍ଟ ଟାସ୍କଫୋର୍ସ ସଦସ୍ୟ ଡ. ରମଣ ସୁକୁମାର ଦର୍ଶାଇଥିଲେ, ସ୍ଥାନୀୟ ଲୋକମାନେ ଖୋଲା ବିଦ୍ୟୁତ ତାରରୁ ବେଆଇନ ଭାବେ ହୁକ ପକାଇ ବିଜୁଳି ବ୍ୟବହାର କରୁଛନ୍ତି, ଯାହାକି ହାତୀ ମୃତ୍ୟୁର ଅନ୍ୟତମ କାରଣ ହୋଇଛି। ବିଦ୍ୟୁତ ବଣ୍ଟନ କମ୍ପାନୀ ଟାଟା ପାୱାର ଏନେଇ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫସଲକୁ ହାତୀଙ୍କ କବଳରୁ ରକ୍ଷା କରିବା ପାଇଁ ଶ୍ରୀଲଙ୍କା ଢାଞ୍ଚାରେ ସୌରବାଡ଼ କରାଯିବ, ଯାହାକି ହାତୀଙ୍କ ଶୁଣ୍ଢରେ ବାଜିଲେ ସାମାନ୍ୟ ଆଘାତ ଦେବ ଓ ହାତୀ ପଛକୁ ହଟିବେ। ଏହାକୁ ପାଇଲଟ ପ୍ରକଳ୍ପ ଭିତ୍ତିରେ କେତେକ ଅଞ୍ଚଳରେ ଆରମ୍ଭ କରିବାକୁ ହାଇକୋର୍ଟ କହିଛନ୍ତି। ଏହାବାଦ ବିଭିନ୍ନ ରାଜ୍ୟ ତଥା ଦେଶରେ ହାତୀଙ୍କ ପାଇଁ କରାଯାଇଥିବା ପ୍ରକଳ୍ପଗୁଡ଼ିକ ଅନୁଧ୍ୟାନ କରାଯାଉଛି। କର୍ଣ୍ଣାଟକ ଏଲିଫ୍ୟାଣ୍ଟ ଟାସ୍କଫୋର୍ସ ଭଳି ଓଡ଼ିଶାରେ ମଧ୍ୟ ଟାସ୍କଫୋର୍ସ ଗଠନ କରାଯିବ। ସବୁଠାରୁ ବଡ଼ କଥା ହେଉଛି ଲୋକଙ୍କ ସହଯୋଗରେ ହାତୀ ସୁରକ୍ଷା କାର୍ଯ୍ୟକ୍ରମ ଆଗକୁ ନିଆଯିବ। ଜନସୁରକ୍ଷା ଗଜରକ୍ଷା ଯୋଜନାରେ ଲୋକଙ୍କୁ ସାମିଲ କରାଯିବ। ଲୋକଙ୍କୁ ହାତୀ ସୁରକ୍ଷା ସମ୍ପର୍କରେ ଅବଗତ କରାଯିବ। ଏହାବାଦ୍ ଜଙ୍ଗଲ ମଧ୍ୟରେ ହାତୀଙ୍କ ବାସସ୍ଥଳୀର ଉନ୍ନତୀକରଣ ସହ ପ୍ରଚୁର ଖାଦ୍ୟ ବ୍ୟବସ୍ଥା କରାଯିବ। ଏଥିପାଇଁ ବାଉଁଶ ଚାରା ଓ ବୁଦାଳିଆ ଗଛ ରୋପଣ ସହ ପାଣି ବ୍ୟବସ୍ଥା ମଧ୍ୟ ହେବାର ଯୋଜନା ରହିଛି। ଶିମିଳିପାଳ ହାତୀ ମୃତ୍ୟୁ ମାମଲାରେ ଏଯାଏ ଚାର୍ଜଶିଟ୍ ଦାଖଲ କରାଯାଇ ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରି ଆଗାମୀ ଶୁଣାଣି ପୂର୍ବରୁ ଚାର୍ଜଶିଟ୍ କୋର୍ଟ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ମାମଲାରେ ଜାମିନ ପାଇଥିବା ୩ ଅଧିକାରୀ ଏବେ ତଦନ୍ତରେ ସହଯୋଗ କରୁ ନ ଥିବାରୁ ସେମାନଙ୍କ ନାମରେ କୋର୍ଟ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଛି ବୋଲି ସ୍ଥାନୀୟ ପୋଲିସ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏହି ମାମଲାରେ ଜେଟିଏଫ ପକ୍ଷରୁ ସାନି ସତ୍ୟପାଠ ଆଗାମୀ ତାରିଖରେ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ୨୦୨୩-୨୪ ଶିକ୍ଷାବର୍ଷ ପାଇଁ କ୍ୟାଲେଣ୍ଡର ପ୍ରଚଳିତ

- ୧୩ରୁ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ଘରୋଇ ସ୍କୁଲରେ ନାମଲେଖା ପାଇଁ ୨୫% ସିଟ୍ ସଂରକ୍ଷଣ ନିୟମ ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ ପ୍ରତିବର୍ଷ ଭଳି ଚଳିତ ଶିକ୍ଷାବର୍ଷ ୨୦୨୩-୨୪ ନିମନ୍ତେ କ୍ୟାଲେଣ୍ଡର ପ୍ରଚଳିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ପ୍ରକାଶିତ କ୍ୟାଲେଣ୍ଡର ଅନୁସାରେ, ସ୍କୁଲ ରେଜିଷ୍ଟ୍ରେଶନ୍ ଏବଂ ତଥ୍ୟ ସଂଶୋଧନ ପାଇଁ ସମୟସୀମା ଜାନୁୟାରୀ ୨୦ରୁ ଫେବୃୟାରୀ ୫ ଧାର୍ଯ୍ୟ କରାଯାଇଛି। ଜିଲା ଶିକ୍ଷାଧିକାରୀ ଓ ବ୍ଲକ୍ ଶିକ୍ଷାଧିକାରୀ ରେଜିଷ୍ଟ୍ରେଶନ ହୋଇଥିବା ସ୍କୁଲଗୁଡ଼ିକୁ ଫେବୃୟାରୀ ୧୦ ସୁଦ୍ଧା ଯାଞ୍ଚ କରିବେ। ଫେବୃୟାରୀ ୧୩ରୁ ମାର୍ଚ୍ଚ ୧୬ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଛାତ୍ରୀଛାତ୍ରଙ୍କ ରେଜିଷ୍ଟ୍ରେଶନ୍ କରାଯିବ। ତତ୍‌ସହିତ ବ୍ଲକ୍ ଶିକ୍ଷାଧିକାରୀ ମାର୍ଚ୍ଚ ୨୦ ମଧ୍ୟରେ ଦରଖାସ୍ତ ଯାଞ୍ଚ କରିବେ। ମାର୍ଚ୍ଚ ୨୩ ଓ ୨୪ ତାରିଖରେ ପ୍ରଥମ ପର୍ଯ୍ୟାୟ ଅନ୍‌ଲାଇନ୍ ଲଟେରି ମାଧ୍ୟମରେ ସ୍କୁଲଗୁଡ଼ିକ ମଧ୍ୟରେ ସିଟ୍ ଆବଣ୍ଟନ କରାଯିବ। ଛାତ୍ରୀଛାତ୍ରଙ୍କ ପ୍ରଥମ ପର୍ଯ୍ୟାୟ ନାମଲେଖା ମାର୍ଚ୍ଚ ୨୭ରୁ ଏପ୍ରିଲ ୨୪ ପର୍ଯ୍ୟନ୍ତ ହେବ। ଦ୍ୱିତୀୟ ପର୍ଯ୍ୟାୟ ରେଜିଷ୍ଟ୍ରେଶନ୍ ଏପ୍ରିଲ ୧୦ରୁ ୨୪ ମଧ୍ୟରେ ହେବ। ଦ୍ୱିତୀୟ ପର୍ଯ୍ୟାୟର ଦରଖାସ୍ତଗୁଡ଼ିକ ଏପ୍ରିଲ ୨୬ ସୁଦ୍ଧା ଯାଞ୍ଚ କରାଯିବ ଏବଂ ଏପ୍ରିଲ ୨୮ରେ ଅନ୍‌ଲାଇନ୍ ଲଟେରି ମାଧ୍ୟମରେ ସ୍କୁଲମାନଙ୍କ ମଧ୍ୟରେ ସିଟ୍ ଆବଣ୍ଟନ କରାଯିବ। ଏପ୍ରିଲ ୨୯ରୁ ମେ' ୬ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ସମ୍ପନ୍ନ ହେବ।

# ଆଜିଠୁ ଟିକାକରଣ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ରାଜ୍ୟରେ ଗୁରୁବାରଠାରୁ ପୁଣି କୋଭିଡ୍ ଟିକାକରଣ ଆରମ୍ଭ ହେବ। ରାଜ୍ୟର ସମସ୍ତ ଜିଲା, ସହରାଞ୍ଚଳ, ଗୋଷ୍ଠୀ ଓ ପ୍ରାଥମିକ ଡାକ୍ତରଖାନାରେ ଟିକା ଦିଆଯିବ। ଯେଉଁମାନେ ଦ୍ୱିତୀୟ ଓ ପ୍ରିକଶନ୍ ଡୋଜ୍ ବା ବୁଷ୍ଟର ଡୋଜ୍ ନେଇ ନାହାନ୍ତି, ସେମାନେ ଏହି ଟିକା ନେଇପାରିବେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ କେବଳ କୋଭିଶିଲ୍ଡ ଟିକା ଉପଲବ୍ଧ ହେବ। ସକାଳ ୧୦ଟାରୁ ଅପରାହ୍ନ ୨ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଟିକାକରଣ ଚାଲିବ। ହିତାଧିକାରୀମାନେ ଟିକାକରଣ କେନ୍ଦ୍ରକୁ ଯାଇ ନାମ ପଞ୍ଜୀକରଣ କରି ଟିକା ନେଇପାରିବେ। ସେପଟେ ଟିକାକରଣ ପାଇଁ ଓଡ଼ିଶାକୁ ୧ଲକ୍ଷ କୋଭିଶିଲ୍ଡ ଟିକା ଆସିବା ପରେ ସବୁ ଜିଲାକୁ ବଣ୍ଟନ କରାଯାଇଛି। ଲୋକେ ଟିକାକରଣର ସୁଯୋଗ ଉଠାଇବା ସହ କରୋନାରୁ ସୁରକ୍ଷିତ ରହିବା ନିମନ୍ତେ ଏହି ଅଭିଯାନରେ ସାମିଲ ହେବାକୁ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି। ସୂଚନାଯୋଗ୍ୟ, ଓଡ଼ିଶାରେ ୧.୯୩ କୋଟି ଲୋକ (୫୯%) ବୁଷ୍ଟର ଡୋଜ୍ ଟିକା ନେଇନାହାନ୍ତି। ଓଡ଼ିଶାକୁ ଆବଶ୍ୟକ କରୋନା ଟିକା ଯୋଗାଇ ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ ଗତ ଡିସେମ୍ବର ୨୩ରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଗତ ୨୯ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭ୍ୟଙ୍କୁ ଚିଠି ଲେଖିଥିଲେ। ଏହି କ୍ରମରେ ଜାତୀୟ ଟିକାକରଣ କାର୍ଯ୍ୟକ୍ରମରେ ଓଡ଼ିଶାକୁ ୧ଲକ୍ଷ କୋଭିଶିଲ୍ଡ ଟିକା ଆସିଛି।

# ନକଲି ଔଷଧ, ଦୋକାନୀ ଗିରଫ

**ବରଗଡ଼ ଅଫିସ୍,୧୮।୧**

ନକଲି ଔଷଧ କାରବାରର ଚେର ବରଗଡ଼ ଜିଲାକୁ ଲମ୍ବିଛି। ଏଭଳି ନକଲି ଔଷଧ କାରବାରରେ ବୁଧବାର ବରଗଡ଼ ଟାଉନ ଥାନା ପୋଲିସ ସ୍ଥାନୀୟ ଅଶୋକ ମେଡ଼ିକାଲ ହଲ୍‌ର ମାଲିକ ସୁନୀଲ ଅଗ୍ରୱାଲଙ୍କୁ ଗିରଫ କରିବା ପରେ ଏହା ସ୍ପଷ୍ଟ ହୋଇଛି। ଅଭିଯୁକ୍ତ ଦୋକାନୀଙ୍କ ବିରୋଧରେ ଦଫା ୨୭୪, ୨୭୫, ୨୭୬, ୪୨୦, ୪୬୭, ୪୬୮, ୪୭୧, ୧୨୦(ବି), ୩୩୬, ୪୮୩, ୪୮୬, ୩୪ ଆଇପିସି ଏବଂ ୨୭ ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆକ୍ଟରେ ଏକ ମାମଲା(୪୪/୨୩) ରୁଜୁ ହୋଇଛି। କିଛିଦିନ ତଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବରଗଡ଼ ସହରକୁ ଆସି ଏଠାରେ ରହିଥିବା ବିଭିନ୍ନ ଔଷଧ ଦୋକାନରେ ଛାନ୍‌ଭିନ୍ କରିଥିଲେ। ଔଷଧର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ବିଭାଗୀୟ ଲାବରେଟୋରିକୁ ପଠାଇଥିଲେ। ତେବେ ପରୀକ୍ଷା ପରେ ସୁନୀଲଙ୍କ ଦୋକାନରୁ ସଂଗୃହୀତ ଔଷଧ ନମୁନା ନକଲି ଥିବା ଜଣାପଡ଼ିଥିଲା। ଏହାପରେ ଡାଇରେକ୍ଟୋରେଟ୍ ଅଫ୍ ଡ୍ରଗ୍ସ କଣ୍ଟ୍ରୋଲ, ଓଡ଼ିଶାଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଡ୍ରଗ୍ସ ଇନ୍ସପେକ୍ଟର ସ୍ଥାନୀୟ ଟାଉନ ଥାନାରେ ଔଷଧ ଦୋକାନୀ ସୁନୀଲଙ୍କ ବିରୋଧରେ ଆବଶ୍ୟକ କାଗଜାତ୍ ସହିତ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲାରୁଜୁ ସହିତ ସୁନୀଲଙ୍କୁ ଗିରଫ କରିଛି।

# 'ମାଲ୍ୟବନ୍ତ' ଉତ୍ସବରେ ଦଳାଚକଟା, ୩ ଆହତ

**ମାଲକାନଗିରି,୧୮।୧(ଡି.ଏନ୍.ଏ)**

ମାଲକାନଗିରି ଜିଲାର ଗଣପର୍ବ ମାଲ୍ୟବନ୍ତ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମଙ୍ଗଳବାର ସନ୍ଧ୍ୟାରେ ପ୍ରବଳ ଜନ ସମାଗମ ହୋଇଥିଲା। ବିଶେଷକରି ଲୋକପ୍ରିୟ ଗାୟକ ମଣ୍ଟୁ ଛୁରିଆ ଏବଂ ଅସୀମା ପଣ୍ଡାଙ୍କ ଗୀତ ଶୁଣିବା ପାଇଁ ଭିଡ଼ ହୋଇଥିଲା। ଏହି ସମୟରେ ଦଳାଚକଟାରେ ୩ଜଣ ଆହତ ହୋଇଛନ୍ତି। ଏ ନେଇ ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ୩ ଜଣଙ୍କ ଆହତ ନେଇ ସ୍ପଷ୍ଟ କରାଯାଇଛି। ଏଥିରେ ମାଲକାନଗିରି ସଦର ୧୧୯ କଲୋନୀର ସରୋଜ ସାହୁ (୩୩), ରାଜଲକ୍ଷ୍ମୀ ସେନାପତି(୩୨)ଙ୍କ ସମେତ ଅନ୍ୟଜଣେ ବ୍ୟକ୍ତି ଅଛନ୍ତି। ତେବେ କୌଣସି ବ୍ୟକ୍ତି ଗୁରୁତର ନ ଥିବା କୁହାଯାଇଛି। ମାଲ୍ୟବନ୍ତ ମହୋତ୍ସବ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଉଦ୍‌ଯାପନୀ ଉତ୍ସବରେ କେତେଜଣ ଅମାନିଆ ବ୍ୟକ୍ତିଙ୍କ ବେଖାତିର ମନୋଭାବ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିଲା ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଆର୍‌ଇଭିଏମ୍ ଡେମୋ ଦେଖାନ୍ତୁ ଇସି: ବିଜେଡି

**ନୂଆଦିଲ୍ଲୀ,୧୮।୧**

ଦେଶରେ ଆଭ୍ୟନ୍ତରୀଣ ସ୍ଥାନାନ୍ତରଣ ଯୋଗୁ ମତଦାନରୁ ବଞ୍ଚିତ ହେଉଥିବା ଭୋଟରଙ୍କ ପାଇଁ ନିର୍ବାଚନ କମିଶନ (ଇସି) ରିମୋଟ୍ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଆର୍‌ଇଭିଏମ୍) ଆଣିବା ପାଇଁ ଯୋଜନା କରୁଛନ୍ତି। ଏନେଇ ସବୁ ରାଜନୈତିକ ଦଳକୁ ଇସି ମତାମତ ମାଗିଛନ୍ତି। ସୋମବାର ନୂଆଦିଲ୍ଲୀରେ ଆୟୋଜିତ ବୈଠକରେ ବିଜେଡି ଏମ୍‌ପି ଅମର ପଟ୍ଟନାୟକ ଓ ସସ୍ମିତ ପାତ୍ର ଯୋଗଦେଇଥିଲେ। ରାଜ୍ୟ ନିର୍ବାଚନ କମିଶନମାନେ ବିରୋଧୀଙ୍କ ସନ୍ଦେହ ଦୂର କରିବା ପାଇଁ ଆର୍‌ଇଭିଏମ୍ କାର୍ଯ୍ୟକାରିତାର ଡେମୋ ପ୍ରଦର୍ଶନ କରନ୍ତୁ ବୋଲି ଅମର ଓ ସସ୍ମିତ ଦାବି କରିଥିଲେ। ଏହା ଉପରେ ଲିଖିତ ଭାବେ ଦଳର ଆଭିମୁଖ୍ୟ ନେଇ ଇସିଙ୍କୁ ଅବଗତ କରାଯିବ ବୋଲି ଦୁଇ ଏମ୍‌ପି କହିଛନ୍ତି।

# ୧୪ ଡିଏସ୍‌ପିଙ୍କୁ ବଦଳି

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ରାଜ୍ୟ ପୋଲିସର ୧୪ ଜଣ ଡିଏସ୍‌ପିଙ୍କୁ ବଦଳି କରାଯାଇଛି। ଏ ନେଇ ବୁଧବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି ସମସ୍ତ ପୋଲିସ ଅଫିସରଙ୍କୁ ନିକଟରେ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିଲା। ରାଜ୍ୟ ପୋଲିସ ଏଷ୍ଟାବ୍ଲିଶମେଣ୍ଟ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଏହି ବଦଳି ହୋଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ପୋଲିସ ସେବା(ଓପିଏସ୍) ଅଫିସର ବିଶ୍ୱପ୍ରକାଶ ପଟ୍ଟନାୟକଙ୍କୁ କଟକସ୍ଥିତ ଏଚ୍‌ଆର୍‌ପିସି ଡିଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ ଓପିଏସ୍ ଅଫିସର ରଜନୀକାନ୍ତ ମଲ୍ଲିକଙ୍କୁ କଟକସ୍ଥିତ ଏଚ୍‌ଆର୍‌ପିସି ଡିଏସ୍‌ପି ଭାବେ ବଦଳି କରାଯାଇଛି। ତେବେ ତାଙ୍କୁ ଡେପୁଟେଶନରେ ନୟାଗଡ଼ ପୋଲିସ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଯାଇଛି। ସେହିପରି ପ୍ରଫୁଲ୍ଲ କୁମାର ସିଂଙ୍କୁ କଟକସ୍ଥିତ ରାଜ୍ୟ ଏଚ୍‌ଆର୍‌ପିସି ଡିଏସ୍‌ପି ଓ ଆଲୋକ କୁମାର ଜେନାଙ୍କୁ କେନ୍ଦୁଝର ମୁଖ୍ୟାଳୟ ଡିଏସ୍‌ପି ଭାବେ ବଦଳି ହୋଇଛି। ଏହି ସମସ୍ତ ଅଫିସରଙ୍କୁ ନିକଟରେ ଇନ୍ସପେକ୍ଟରରୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ମିଳିଥିଲା। ସେହିପରି ଭୁବନେଶ୍ୱର ଇଓଡବ୍ଲ୍ୟୁ ଡିଏସ୍‌ପି ସ୍ନିଗ୍ଧା ଭଞ୍ଜଙ୍କୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀକୁ ଡିଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କେନ୍ଦୁଝର ମୁଖ୍ୟାଳୟ ଡିଏସ୍‌ପି ଜୟଶ୍ରୀ ପ୍ରଧାନଙ୍କୁ ଭିଜିଲାନ୍ସ ଡିଏସ୍‌ପି, ସ୍ମୃତିରଞ୍ଜନ କରଙ୍କୁ କଟକସ୍ଥିତ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ନିରଞ୍ଜନ ଶବରଙ୍କୁ ପୁରୀ ମୁଖ୍ୟାଳୟ ଡିଏସ୍‌ପି, ତାରଜସ୍ମିନ ଗୁରିଆଙ୍କୁ ପୁରୀ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, ସଚିନ ପଟେଲଙ୍କୁ ମାଲକାନଗିରି ଏସ୍‌ଡିପିଓ, ମାନବ୍ରତ ଶତପଥୀଙ୍କୁ କୋରାପୁଟ ପିସିଆର ସେଲ୍ ଡିଏସ୍‌ପି, ରେଣୁକା ସୁନାଙ୍କୁ ସୋନପୁର ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି, କୁମାରୀ ଜିସାଙ୍କୁ ଢେଙ୍କାନାଳ ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଏବଂ ଅଜୟ କୁମାର ଦାସଙ୍କୁ କଳାହାଣ୍ଡି ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଭାବେ ବଦଳି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଅର୍ଥ ସମ୍ବନ୍ଧୀୟ କୌଣସି କଥା ବନ୍ଧୁଙ୍କ ନିକଟରୁ ଶୁଣି ଉଲ୍ଲସିତ ହେବେ। ଅନ୍ୟର କଥାରେ ପ୍ରଭାବିତ ହୋଇ କିମ୍ବା ସତର୍କତାର ସହ କାମ ନ କଲେ ଫସିଯାଇପାରନ୍ତି। ପାରିବାରିକ, ପ୍ରଶାସନିକ ତଥା ସାମାଜିକ କ୍ଷେତ୍ର ମଧ୍ୟମ ପ୍ରକାର ରହିବ।

**ବୃଷ** ପୂର୍ବ ରାଗ ଶୁଝାଇବାକୁ ଯାଇ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ ଏବଂ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି। କିଛି ଜିନିଷ ହଜାଇବା ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନାଦି କ୍ଷେତ୍ରରେ ବିଶେଷ ସଫଳତା ହାସଲ କରିବେ।

**ମିଥୁନ** କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, କଳକାରଖାନା, ହୋଟେଲ ବ୍ୟବସାୟରୁ ସୁଫଳ ପାଇବେ। ପାରିବାରିକ କ୍ଷେତ୍ର ଗତାନୁଗତିକ ରୀତିରେ ଚାଲିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସାମୟିକ ଆନନ୍ଦିତ ରହିପାରନ୍ତି।

**କର୍କଟ** ପାରିବାରିକ ସ୍ତରରେ ଭାବପ୍ରବଣତା କିମ୍ବା ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ସାମୟିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ସ୍ନାୟବିକ ଦୁର୍ବଳତା କିମ୍ବା ଆଣ୍ଠୁଗଣ୍ଠିରେ ଦରଜଜନିତ ପୀଡ଼ା ଅନୁଭବ କରିବେ।

**ସିଂହ** ସାମାଜିକ ସ୍ତରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ଆବଶ୍ୟକତା ପୂରଣ ଲାଗି ଧାର କରଜ କରି କାମ ଚଳାଇନେବେ। ଅସୁବିଧାଜନକ ସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ବନ୍ଧୁମାନଙ୍କୁ ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** ପରିବାରର ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ଅଶାନ୍ତି ସୃଷ୍ଟି ହୋଇପାରେ। ଖୋଜୁଥିବା ଜିନିଷ ହଠାତ୍ ନ ପାଇବା କାରଣରୁ ବିରକ୍ତ ହେବେ। ଖୁସି ରହିବା ଓ ଅନ୍ୟକୁ ଖୁସିରେ ରଖିବା ସକାଶେ ଯେତେ ଚେଷ୍ଟା କଲେ ମଧ୍ୟ ବିଫଳ ହୋଇପାରନ୍ତି। ବାଣିଜ୍ୟ, ଶିଳ୍ପ ଏବଂ ପ୍ଲଟିଂ କାରବାର ସମସ୍ୟା ବିଜଡ଼ିତ ରହିପାରେ।

**ତୁଳା** କର୍ମକ୍ଷେତ୍ରରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ସୁଯୋଗ ଆପଣାଛାଏଁ ପାଖରେ ଆସି ଜୁଟିବ ଓ ଆଶା ନିଶ୍ଚିତ ପୂରଣ ହୋଇଯିବ। ନିଜ ଲୋକମାନଙ୍କ ଅନାଦର ଭାବ ମନକୁ ସାମୟିକ ବ୍ୟଥିତ କରିପାରେ।

**ବିଛା** ପ୍ରଶାସନିକ ସ୍ତରରେ ଅସମ୍ପୂର୍ଣ୍ଣ କାମ ପୂର୍ଣ୍ଣାଙ୍ଗ କରିବେ କିନ୍ତୁ ସୁବିଧାରେ ନୁହେଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ଓ ରାଜନୈତିକ ସ୍ଥିତି ମଧ୍ୟମ ପ୍ରକାର ରହିବ। ସାହିତ୍ୟ, ସାମ୍ବାଦିକତା, ବ୍ୟବସାୟ କ୍ଷେତ୍ରରୁ ପ୍ରତିବନ୍ଧକ ଦୂରେଇଯିବ। ବୁଝାମଣାରେ ଉନ୍ନତି ହେତୁ ପାରିବାରିକ କ୍ଷେତ୍ରରେ ମିଶ୍ରିତ ଫଳ ଅନୁଭବ କରିବେ।

**ଧନୁ** ଆଜିର ଯାତ୍ରାରେ ଯେଉଁଥିଲାଗି ଯାଉଛନ୍ତି ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସଭାସମିତିରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ପାରିବାରିକ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଅଫିସ୍‌ରେ ପୂର୍ବାହ୍ନରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର** ଅବସର ବିନୋଦନ ପରିପ୍ରେକ୍ଷୀରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ପାରିବାରିକ ସ୍ଥିତି ପୂର୍ବପରି ରହିବ ଏବଂ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ପ୍ରକାଶନ, ସଂଗଠନ, ରାଜନୀତି, ପ୍ରତିଦ୍ୱନ୍ଦ୍ୱିତା ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବ୍ୟବସାୟିକ ସଫଳତା ମିଳିବ କିନ୍ତୁ ପୂର୍ଣ୍ଣ ସନ୍ତୋଷଜନକ ହେବନାହିଁ।

**କୁମ୍ଭ** ବନ୍ଧୁଙ୍କ କାର୍ଯ୍ୟ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ନାହିଁ। ଅସୁବିଧା ନ ହେଲେ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଧାରେ ଅଟକିଯିବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ମନ୍ଦ ନୁହେଁ।

**ମୀନ** ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବଢ଼ିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅପ୍ରିୟ ସତକଥା କହି ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। କର୍ମକ୍ଷେତ୍ରରେ ଅନ୍ୟମନସ୍କତା ହେତୁ କେତେକ ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ମାଘ କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଗୁରୁବାର, ଜାନୁୟାରୀ ୧୯ ତାରିଖ, ରାଶି ନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଦ୍ୱାଦଶୀ ଓ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ମି. ଗତେ ଘ.୦୭।୫୫ମି. ମଧ୍ୟେ, ଘ.୧୦।୫୧ମି. ଗତେ ଘ.୦୧।୦୩ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୧୯ମି. ଗତେ ଘ.୦୨।୪୧ମି. ମଧ୍ୟେ ରାହୁକାଳ।

## ସୈନିକ ସ୍କୁଲ ଛାତ୍ରଙ୍କୁ ନିର୍ଯାତନା ଅଭିଯୋଗ

**ସମ୍ବଲପୁର,(ବ୍ୟୁରୋ):** ସମ୍ବଲପୁର ବସନ୍ତପୁରଠାରେ ଥିବା ସୈନିକ ସ୍କୁଲର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ନେଇ ବୁର୍ଲା ଥାନାରେ ଅଭିଯୋଗ ହୋଇଛି। ସ୍କୁଲର ଶିକ୍ଷକ ମେଜର ରବି କୁମାର ରାଠି, ମନୀଷ କୁମାର ଯାଦବ, ଛାତ୍ରାବାସ-୧ର ମାଟ୍ରନ ଶିବାଣୀ ସିଂ, ଛାତ୍ରାବାସ ୨ର ମାଟ୍ରନ ଦେବଶ୍ରୀ ପ୍ରଧାନଙ୍କ ନାମରେ ଏହି ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ. ୩୦/୨୩) ରୁଜୁ କରି ୧୬୧ରେ ଛାତ୍ରଙ୍କ ବୟାନ ରେକର୍ଡ କରିଛି। ଏହାସହ ସିଡବ୍ଲ୍ୟୁସିରେ ପୀଡିତ ଛାତ୍ରଙ୍କୁ ପୋଲିସ ହାଜର କରିଥିଲା। ସିଡବ୍ଲ୍ୟୁସି ମଧ୍ୟ ଛାତ୍ର ଓ ପରିବାର ଲୋକଙ୍କ ବୟାନ ରେକର୍ଡ କରିଛି।

# ଭୁବନେଶ୍ୱରରେ ପହଞ୍ଚିଲା ଡାକୋଟା



ଭୁବନେଶ୍ୱରରେ ବୁଧବାର ଡାକୋଟା ବିମାନ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଷ୍ପ ପକାଇ ସ୍ୱାଗତ କରୁଛନ୍ତି।

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ 'ଡାକୋଟା' ବିମାନକୁ ବୁଧବାର ଭୁବନେଶ୍ୱର ଅଣାଯାଇଛି। ଦୀର୍ଘବର୍ଷ ଧରି କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତିକ ବିମାନ ବନ୍ଦରରେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଥିବା ଏହି ଡାକୋଟା ଡିସି-୩ ଭିଟି-ଏୟୁଆଇ ବିମାନକୁ ଓଡ଼ିଶା ଅଣାଯିବା ପ୍ରକ୍ରିୟା ଶେଷ ହୋଇଛି। ୩ଟି ବଡ଼ ଟ୍ରେଲର ସହାୟତାରେ ଏହି ବିମାନର ଅଂଶବିଶେଷ ଅଲଗା ଅଲଗା ଭାବେ ଭୁବନେଶ୍ୱରରେ ପହଞ୍ଚାଯିବା ପରେ ଏହାକୁ ଲୋକେ ସ୍ୱାଗତ କରିଛନ୍ତି। ଅନେକ ଲୋକ ରାସ୍ତାରେ ଏହାକୁ ଦେଖି ଫଟୋ ଉଠାଉଥିବାର ଦେଖିବାକୁ ମିଳିଛି।

ଡାକୋଟାକୁ ଗୁରୁବାର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଅନ୍‌ଲୋଡ୍ କରାଯିବ। ଇଞ୍ଜିନିୟରମାନଙ୍କ ସହାୟତାରେ ପୁଣି ଥରେ ଯୋଡ଼ି ପୂର୍ଣ୍ଣାଙ୍ଗ ବିମାନ କରାଯିବ। ଏହି କାର୍ଯ୍ୟ ପାଇଁ ପ୍ରାୟ ୧୦ରୁ ୧୫ ଦିନ ଲାଗିବ। ବିଜୁବାବୁଙ୍କ ସ୍ମୃତି ସହ ଜଡ଼ିତ ଉକ୍ତ ଐତିହାସିକ ବିମାନକୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ରଖାଯିବ। ଏଥିପାଇଁ ବିମାନ ବନ୍ଦର ପ୍ରାଧିକରଣ ପକ୍ଷରୁ ପ୍ରାୟ ୧.୧ ଏକର ଜମି ଦିଆଯାଇଛି। ସେଠାରେ ଏହି ବିମାନକୁ ସର୍ବସାଧାରଣଙ୍କ ନିମନ୍ତେ ପ୍ରଦର୍ଶନ କରାଯିବ। ୨୦୧୭ରେ ରାଜ୍ୟ ସରକାର ଡାକୋଟା ବିମାନକୁ ଓଡ଼ିଶା ଫେରାଇ ଆଣିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ସହଯୋଗରେ ଏହି ପ୍ରକ୍ରିୟା ସହଜ ହୋଇପାରିଲା। କୋଭିଡ୍ ମହାମାରୀ ଯୋଗୁ ଉକ୍ତ ବିମାନ ସ୍ଥାନାନ୍ତର ପ୍ରକ୍ରିୟା ସ୍ଥଗିତ ରହିଥିଲା। ଡାକୋଟା ବିମାନର ଲମ୍ବ ପ୍ରାୟ ୬୪.୮ ଫୁଟ ହୋଇଥିବାବେଳେ ଏହାର ଡେଣାକୁ ମିଶାଇଲେ ଏହା ପ୍ରାୟ ୯୫ ଫୁଟ ହେବ। ଦୀର୍ଘବର୍ଷ ଧରି କୋଲକାତା ବିମାନବନ୍ଦରରେ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଥିବା ପ୍ରାୟ ୮ ଟନ୍ ଓଜନର ଏହି ବିମାନକୁ ଓଡ଼ିଶା ଆଣିବା ପାଇଁ ରାଜ୍ୟ ସରକାର ପ୍ରୟାସ କରିଆସୁଥିଲେ। ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମ ସମୟରେ ଏହି ଡାକୋଟା ବିମାନ ବ୍ୟବହାର କରାଯାଇଥିଲା। ଏହି ବିମାନରେ ବିଜୁବାବୁ ୧୯୪୭ ଜୁଲାଇରେ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣୋ ଏବଂ ପ୍ରଧାନମନ୍ତ୍ରୀ ସୁତାନ ଶାଜାହିରଙ୍କୁ ସୁରକ୍ଷିତ ଉଦ୍ଧାରକରିଥିଲେ। ଏଥିପାଇଁ ବିଜୁବାବୁ ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭୂମିପୁତ୍ର'ରେ ସମ୍ମାନିତ ହୋଇଥିଲେ।

### ଡାକୋଟାରେ ବିଜୁବାବୁ ଶ୍ରେଷ୍ଠ ସାହସିକତା ଦେଖାଇଥିଲେ: ନବୀନ

ଭୁବନେଶ୍ୱରରେ ବିଜୁବାବୁଙ୍କ ଐତିହାସିକ ଡାକୋଟା ବିମାନ ପହଞ୍ଚିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିମାନବନ୍ଦରଠାରେ ବିମାନ ଉପରେ ଫୁଲ ପକାଇ ସ୍ୱାଗତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜୁବାବୁଙ୍କ ଐତିହାସିକ ଡାକୋଟା ବିମାନ ବୁଧବାର ଭୁବନେଶ୍ୱରରେ ପହଞ୍ଚିଥିବାରୁ ସେ ବହୁତ ଖୁସି। ଏହି ବିମାନରେ ବିଜୁବାବୁ ଅନେକ ସାହସିକ କାର୍ଯ୍ୟ କରିଛନ୍ତି। ଏହା ମଧ୍ୟରେ ସବୁଠାରୁ ଶ୍ରେଷ୍ଠ ହେଉଛି ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଡଚ୍‌ମାନଙ୍କ କବ୍‌ଜାରୁ ମୁକ୍ତ କରିବାରେ ଅପାର ସଫଳତା। ସେଥିରେ ବିଜୁବାବୁଙ୍କ ସହିତ କେବଳ ଜଣେ ସହ ପାଇଲଟ୍ ଥିଲେ, ସେ ହେଉଛନ୍ତି ତାଙ୍କ ମା' ଜ୍ଞାନ ପଟ୍ଟନାୟକ ବୋଲି ନବୀନ କହିଛନ୍ତି। ଡାକୋଟାକୁ ସ୍ୱାଗତ କରିବା ଲାଗି ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ପ୍ରଣବ ପ୍ରକାଶ ଦାସ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଓଳାଶୁଣୀ ମେଳା ଆରମ୍ଭ

**ଚଣ୍ଡିଖୋଲ,୧୮।୧(ଡି.ଏନ.ଏ.):** ଯାଜପୁର ଜିଲାର ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ବୁଧବାରଠାରୁ ଆରମ୍ଭ ହୋଇଛି। ମହାପୁରୁଷ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ୧୮୬ତମ ବ୍ରହ୍ମଲୀନ ଦିବସ ଅବସରରେ ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଏହି ମେଳା ଆରମ୍ଭ ହୋଇଥାଏ। ଓଳାଶୁଣୀ ପାହାଡ଼ ଶୀର୍ଷ ଦେଶରେ ଥିବା ମହାପୁରୁଷଙ୍କ ସମାଧି ମନ୍ଦିରରେ ପ୍ରଥମେ ମହାସ୍ନାନ କରାଯାଇ ବଡ଼ ସିଂହାର ବେଶ, ଧୂପ ଓ ମଙ୍ଗଳା ଆଳତି ଅନୁଷ୍ଠିତ ହୋଇଥିଲା। ପରେ ମନ୍ଦିର ଚୂଡ଼ାରେ ବାନା ବନ୍ଧାଯାଇ ପୋଡ଼ପିଠା ଭୋଗ ଲାଗି କରାଯାଇଥିଲା। ସେହି ପ୍ରାତଃସମୟରୁ ମହାପ୍ରସାଦ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଳାଶୁଣୀ ପୀଠ ମଠାଧୀଶ ମହନ୍ତ ନମାନନ୍ଦ ଦାସ କୁହନ୍ତି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସ ମାଗିଥିଲେ କି ମୋ ପୀଠକୁ ଗୋଟିଏ ଦିନ ପାଇଁ ଶ୍ରୀକ୍ଷେତ୍ର ମାନ୍ୟତା ମିଳୁ। ସେଥିପାଇଁ ମହାପ୍ରଭୁଙ୍କ କରୁଣାରୁ ଏଠାରେ ଏକାଦଶୀ ତିଥିରେ ଗୋଟିଏ ଦିନ ଶ୍ରୀକ୍ଷେତ୍ର ପାଳନ୍ତିଥାଏ। ଶହଶହ ସଂଖ୍ୟାରେ ସାଧୁସନ୍ଥ ଏହି ପୀଠକୁ ଆସିଥାନ୍ତି। ସନ୍ଧ୍ୟାରେ ମହାପୁରୁଷଙ୍କ ସମାଧି ମନ୍ଦିର ଚତୁଃପାର୍ଶ୍ୱରେ ବହୁ ସନ୍ନ୍ୟାସୀ ରାତିସାରା ଉଜାଗର ରହି ଭଜନ ଜଣାଣ କରିଥାନ୍ତି।

## ପାରା ମେଡିକାଲ ଶିକ୍ଷାନୁଷ୍ଠାନକୁ ଏନ୍‌ଓସି ପାଇଁ ୨୫ସୁଦ୍ଧା କାଗଜପତ୍ର ଦାଖଲ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ରାଜ୍ୟରେ ନୂଆ ତଥା ଏନ୍‌ଓସି ନବୀକରଣ କରିବା ପାଇଁ ଯେଉଁ ଫାର୍ମାସୀ, ନର୍ସିଂ, ଫିଜିଓଥେରାପି, ଡିଏମ୍‌ଏଲ୍‌ଟି, ଡିଏମ୍‌ଆର୍‌ଟି ଓ ଆଲାଏଡ୍ ମେଡିକାଲ ସାଇନ୍ସ କୋର୍ସ ଶିକ୍ଷାନୁଷ୍ଠାନଗୁଡ଼ିକ ଆବେଦନ କରିଥିଲେ ଏବଂ ବିଭିନ୍ନ କାରଣରୁ ସମ୍ପୃକ୍ତ କାଉନସିଲ ପକ୍ଷରୁ ସେମାନଙ୍କର ଆବେଦନ ଖାରଜ ହୋଇଥିଲା, ସେମାନଙ୍କୁ ସରକାର ଆଉଥରେ ସୁଯୋଗ ଦେଇଛନ୍ତି। ଯେଉଁ କାରଣରୁ ସେମାନଙ୍କର ଆବେଦନ ଖାରଜ ହୋଇଥିଲା, ସେ ସମ୍ବନ୍ଧୀୟ ସମସ୍ତ କାଜଗପତ୍ର ଦାଖଲ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତା ୨୫ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଏହି କାଗଜପତ୍ର ସମ୍ପୃକ୍ତ କାଉନସିଲ ନିକଟରେ ଦାଖଲ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ କହିଛି।

## ପାରାଦୀପ ବନ୍ଦର: ଦୈନିକ କାରବାରରେ ରେକର୍ଡ

**ପାରାଦୀପ,୧୮।୧(ସ୍ୱ.ପ୍ର.)**

**୨୪ ଘଣ୍ଟାରେ ୬,୬୦,୦୯୪ ମେଟ୍ରିକ ଟନ୍ କାରବାର**

ପାରାଦୀପ ବନ୍ଦର ଦୈନିକ ପଣ୍ୟ କାରବାରରେ ରେକର୍ଡ କରିଛି। ମଙ୍ଗଳବାର ୨୪ ଘଣ୍ଟାରେ ୬ ଲକ୍ଷ ୬୦ ହଜାର ୯୪ ମେଟ୍ରିକ ଟନ୍‌ର କାରବାର କରିଛି। ବନ୍ଦର ଇତିହାସରେ ଏହା ସର୍ବାଧିକ ବୋଲି ବୁଧବାର ସୂଚନା ମିଳିଛି। ଏହାପୂର୍ବରୁ ୨୦୨୨ ଡିସେମ୍ବର ୧୪ରେ ୬,୪୯,୭୩୦ ମେଟ୍ରିକ ଟନ ପଣ୍ୟ କାରବାର କରିଥିଲା। ଏହି ସଫଳତା ପାଇଁ ଅଧ୍ୟକ୍ଷ ପି.ଏଲ୍.ହାରାନ୍ଧ ସମସ୍ତ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ଚଳିତ ଆର୍ଥିକବର୍ଷରେ ପାରାଦୀପ ବନ୍ଦର ୧୩୦ ମିଲିୟନ ମେଟ୍ରିକ୍ ଟନରୁ ଅଧିକ କାରବାର କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଜାନୁୟାରୀ ୧୭ ସୁଦ୍ଧା ୧୦୩.୯୨ ମିଲିୟନ ମେଟ୍ରିକ ଟନ ପଣ୍ୟ କାରବାର ହୋଇଥିବା ସୂଚନା ମିଳିଛି।




## ମାର୍ଚ୍ଚ ୩୧ ସୁଦ୍ଧା ଏମ୍‌ବିବିଏସ୍, ବିଡିଏସ୍ ଚୂଡ଼ାନ୍ତ ଫଳ ପ୍ରକାଶ କର

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ଏମ୍‌ବିବିଏସ୍ ଓ ବିଡ଼ିଏସ୍‌ର ଚୂଡ଼ାନ୍ତ ପରୀକ୍ଷା ଫଳ ମାର୍ଚ୍ଚ ୩୧ ସୁଦ୍ଧା ପ୍ରକାଶ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବୁଧବାର ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖିଛନ୍ତି। ପ୍ରତିବର୍ଷ ଏମ୍‌ବିବିଏସ୍, ବିଡିଏସ୍ ପରୀକ୍ଷା ଏବଂ ପରୀକ୍ଷା ଫଳ ମାର୍ଚ୍ଚ ୩୧ ସୁଦ୍ଧା ଶେଷ କରିବା ପାଇଁ ନିୟମ ରହିଛି। କାରଣ ଏହାପରେ ଛାତ୍ରୀଛାତ୍ରମାନେ ଏକବର୍ଷ ପାଇଁ ଇଣ୍ଟର୍ନଶିପ୍ କରିଥାନ୍ତି। କିନ୍ତୁ ବହୁ ଶିକ୍ଷାନୁଷ୍ଠାନ ପରୀକ୍ଷାଫଳ ପ୍ରକାଶ କରିବାରେ ବିଳମ୍ବ କରୁଛନ୍ତି। ଫଳରେ ଛାତ୍ରୀଛାତ୍ରମାନେ ଗୋଟିଏ ବର୍ଷ ପାଇଁ ଇଣ୍ଟର୍ନଶିପ୍ କରିପାରୁ ନାହାନ୍ତି। ପିଲାମାନଙ୍କର ଗୋଟିଏ ବର୍ଷ ନଷ୍ଟ ହେଉଛି। ତେଣୁ ମାର୍ଚ୍ଚ ୩୧ ସୁଦ୍ଧା ପରୀକ୍ଷା ଶେଷ କରିବା ଏବଂ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଓଡ଼ିଶାକୁ ସ୍କଚ୍ ପୁରସ୍କାର

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ଓଡ଼ିଶାକୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଲଙ୍ଗ ଲାଷ୍ଟିଂ ଇନ୍‌ସେକ୍ଟିସିଡାଲ ନେଟ୍‌ସ(ଏଲ୍‌ଏଲ୍‌ଆଇଏନ୍) ବଣ୍ଟନ ପାଇଁ ସ୍କଚ୍ ପୁରସ୍କାର ମିଳିଛି। ନ୍ୟାଶନାଲ ଭେକ୍ଟର ବୋର୍ନ ଡିଜିଜ୍ କଣ୍ଟ୍ରୋଲ ପ୍ରୋଗ୍ରାମ ଜରିଆରେ ଏହି ଏଲ୍‌ଏଲ୍‌ଆଇଏନ୍ ବଣ୍ଟାଯାଉଛି। କରୋନା ସମୟରେ ଏହି କାର୍ଯ୍ୟକ୍ରମ ସଫଳତା ପାଇଁ ଓଡ଼ିଶାକୁ ୨୦୨୨ ପାଇଁ ସ୍କଚ୍‌ର ରୌପ୍ୟ ପୁରସ୍କାର ମିଳିଛି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ସ୍ୱାସ୍ଥ୍ୟ ବିଭାଗ ଆଉ ଦୁଇଟି ବର୍ଗରେ ସ୍କଚ୍ ପୁରସ୍କାର ପାଇଁ ସେମିଫାଇନାଲିଷ୍ଟ ରହିଛି।




## ୮ ଜିଲାରେ ପ୍ରବଳ କୁହୁଡ଼ି

**ଭୁବନେଶ୍ୱର,୧୮।୧(ବ୍ୟୁରୋ):** ପଶ୍ଚିମା ବାୟୁ ପ୍ରଭାବରେ ରାଜ୍ୟର କେତେକ ଜିଲାରେ ଆକାଶ ମେଘୁଆ ରହିବ। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ବଙ୍ଗୋପସାଗର ଉପକୂଳରେ ସୃଷ୍ଟି ହୋଇଥିବା ଗୁରୁଚାପ ଯୋଗୁ ରାଜ୍ୟରେ ଆସନ୍ତା ୩ ଦିନ ଯାଏ ପ୍ରବଳ କୁହୁଡ଼ି ଅନୁଭୂତ ହେବ। ଗୁରୁବାର ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ ଆଦି ଜିଲାର କେତେକ ସ୍ଥାନରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର ଆଦି ଜିଲାର କେତେକ ସ୍ଥାନରେ ହାଲୁକା କୁହୁଡ଼ି ହେବ।

## ଗର୍ଭବତୀଙ୍କୁ ବିରଳ ରକ୍ତଦାନ କଲେ ଛାତ୍ରୀ ପ୍ରଣିତାଂଶୁ



ଛାତ୍ରୀ ପ୍ରଣିତାଂଶୁ ଶାନ୍ତି ଦାଶ।

**ବ୍ରହ୍ମପୁର ଅଫିସ,୧୮।୧**

ଗର୍ଭବତୀଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇଛନ୍ତି ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ବିଭାଗ ଛାତ୍ରୀ ପ୍ରଣିତାଂଶୁ ଶାନ୍ତି ଦାଶ। ବ୍ରହ୍ମପୁରର ଜନାନା ହସ୍ପିଟାଲରେ ଜଣେ ଗର୍ଭବତୀ ମନୀଷା ରାଣୀ ଶତପଥୀ ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ। ତେବେ ତାଙ୍କର ଅସ୍ତ୍ରୋପଚାର ପାଇଁ ରକ୍ତର ଆବଶ୍ୟକତା ପଡିଥିଲା। ମହିଳାଙ୍କ ରକ୍ତ ଗ୍ରୁପ୍ ଏବି ନେଗେଟିଭ ରହିଥିଲା। ଏଭଳି ବିରଳ ରକ୍ତ ମିଳିବାରେ ମହିଳାଙ୍କ ପରିବାର ବର୍ଗଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ଏ ନେଇ ବ୍ରହ୍ମପୁରର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ କୌଣସି ସୂତ୍ରରୁ ଖବର ପାଇ ମହିଳାଙ୍କୁ ରକ୍ତଦାନ ନିମନ୍ତେ ସହଯୋଗର ହାତ ବଢାଇଥିଲେ। ପାରଳା ମହାରାଜା ମହାବିଦ୍ୟାଳୟର ଛାତ୍ରୀ ପ୍ରଣିତାଂଶୁଙ୍କ ରକ୍ତ ଗ୍ରୁପ୍ ଏବି ନେଗେଟିଭ ଥିବାରୁ ସବୁଜ ବାହିନୀ ପକ୍ଷରୁ ଛାତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲା। ଏ ନେଇ ଛାତ୍ରୀ ଜଣକ ମଧ୍ୟ ରକ୍ତଦାନ ନିମନ୍ତେ ସହମତି ପ୍ରକାଶ କରିଥିଲେ।

## କଲରାପତରିଆ ବାଘଛାଲ ଜବତ

**ବାରିପଦା ଅଫିସ/ଖୁଣ୍ଟା/ ଗୋପବନ୍ଧୁ ନଗର,(ଡି.ଏନ୍.ଏ),୧୮।୧**

ମୟୂରଭଞ୍ଜ ଜିଲା ଖୁଣ୍ଟା ପୋଲିସ ମଦ କାରବାର ନେଇ ଚଢ଼ାଉ କରିବାକୁ ଯାଇ କଲରାପତରିଆ ବାଘ ଚମଡ଼ା ଜବତ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ୧ ଲକ୍ଷ ୨୭ ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତମାନେ ହେଲେ ଭୋଲଗଡ଼ିଆ ପଞ୍ଚାୟତ ବଡ଼ଗଳିଆ ଗ୍ରାମର ୨ ଭାଇ ଚିତ୍ତରଞ୍ଜନ ସାହୁ(୨୫) ଓ ତ୍ରିଲୋଚନ ସାହୁ(୩୦) ଏବଂ ଡେଙ୍ଗାମ ପଞ୍ଚାୟତ ବଣିଆବସା ଗ୍ରାମର ଗେନ୍ଦୁ ହୋ (୩୮)। ବାଘଟିର ବୟସ ୭/୮ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଏହାର ଲମ୍ବ ୧୬୫ ସେ.ମି। ବାଘଟିକୁ ଅଳ୍ପ ଦିନ ପୂର୍ବରୁ ଶିକାର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ୱାଇଲ୍ଡ ଲାଇଫ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରିବାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ଏସ୍‌ପି ରିଷିକେଶ ଦ୍ୟାନଦେଓ ଖିଲାରୀ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଗତ ୧୪ ଡିସେମ୍ବରରେ ଉଦଳା ରେଞ୍ଜ ବିସିପୁର ଛକରୁ ଏକ ମହାବଳ ବାଘ ଚମଡ଼ାକୁ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଜବତ କରିଥିଲା। ଏଥିରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା।



ଜବତ ବାଘଛାଲ ଓ ଟଙ୍କା।

## ବର୍ଷକ ପାଇଁ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରନ୍ତୁ ଡିଇଓ, ବିଇଓ

**ପ୍ରଶିକ୍ଷଣ ଶିବିରରେ ସଚିବଙ୍କ ନିର୍ଦ୍ଦେଶ**

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ଜିଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଇଁ କୃଷି ଭବନରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଆଶ୍ୱଥୀ ଏସ୍ ଯୋଗଦେଇ ସରକାରୀ ବିଦ୍ୟାଳୟର ଶୈକ୍ଷିକ ପରିବେଶରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଏକବର୍ଷ ପାଇଁ ନିଜ ଜିଲା ଓ ବ୍ଲକ୍ ପାଇଁ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତନର ଏକ ଆହ୍ୱାନ ମଧ୍ୟ ଦେଇ ଗତିକରୁଛି। ଏଭଳି ସମୟରେ ଦୃଢ଼ ନେତୃତ୍ୱ ନେଇ କାମ କରିବାର ଆବଶ୍ୟକତା ରହିଛି ବୋଲି ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ମତବ୍ୟକ୍ତ କରିଥିଲେ। 'ମୋ ସ୍କୁଲ୍ ଅଭିଯାନ'ର ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା ଅଭିଯାନର ୫ବର୍ଷର କାର୍ଯ୍ୟଧାରା ଏବଂ '୫-ଟି ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟକ୍ରମ' ସମ୍ପର୍କରେ କହିବା ସହ ସ୍କୁଲ୍ ଶିକ୍ଷାର ବିକାଶରେ 'ମୋ ସ୍କୁଲ୍'ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ୍ ଓ ଜିଲାସ୍ତରରେ 'ମୋ ସ୍କୁଲ୍ ଅଭିଯାନ'କୁ ଆହୁରି ତ୍ୱରାନ୍ୱିତ କରିବାକୁ ସେ କହିଥିଲେ। ରୂପାନ୍ତରିତ ବିଦ୍ୟାଳୟର ରକ୍ଷଣାବେକ୍ଷଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀର ନିୟୋଜନ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।



ସାଧାରଣ ଜୀବନଟି ହେଉଛି–ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା। ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ। **–ଶ୍ରୀମା**

# ପୁନରାବୃତ୍ତିର ଶକ୍ତି



ଦେବଦତ୍ତ ପଟ୍ଟନାୟକ

ଗ୍ରୀକ୍ ପୁରାଣ କଥାରେ ଆମେ ସିସିଫସ୍‌ଙ୍କ କାହାଣୀ ଶୁଣିଛୁ। ଦେବତାମାନେ ତାଙ୍କୁ ଦଣ୍ଡିତ କରିଥିଲେ ଯେଉଁଥିରେ ସେ ଦିନସାରା ପାହାଡ଼ ଉପରକୁ ଏକ ପଥରକୁ ଗଡ଼ାଇ ଗଡ଼ାଇ ନେଉଥିଲେ ଓ ସେହି ପଥର ରାତିରେ ପୁନର୍ବାର ତଳକୁଗଡ଼ି ଆସୁଥିଲା। ତା'ପରଦିନ ପୁଣି ପାହାଡ଼ ଉପରକୁ ପଥରକୁ ନେବାପରେ ପୂର୍ବଭଳି ତାହା ତଳକୁ ଗଡ଼ି ଆସୁଥିଲା। ଏହିପରି ଭାବେ ସେ ଉକ୍ତ କାର୍ଯ୍ୟ ବାରମ୍ବାର କରିବାକୁ ଅନନ୍ତକାଳ ପାଇଁ ଅଭିଶପ୍ତ ରହିଥିଲେ। ଗ୍ରୀକ୍ ପୁରାଣ ଅନୁଯାୟୀ ଏହା ହେଉଛି ନର୍କ ବା ତାର୍‌ତାରୁସ। ଏହା ବି ଆଧୁନିକ ମାନସିକତାରେ ପ୍ରତିଫଳିତ ହେଉଛି, ଯେଉଁଠାରେ ସିସିଫସ୍‌ଙ୍କ ଭଳି ବାରମ୍ବାର କରାଯାଉଥିବା କାର୍ଯ୍ୟକଳାପକୁ ସବୁଠୁ ଖରାପ ଦଣ୍ଡ (ନର୍କ)ଭାବେ ଦେଖାଯାଇଛି। ଫଳସ୍ୱରୂପ ଏଠାରେ କୌଣସି କାର୍ଯ୍ୟର ପୁନରାବୃତ୍ତି ବଦଳରେ ସମସ୍ତେ ସୃଜନଶୀଳତା, ନୂତନତ୍ୱ ଏବଂ ସ୍ୱାଧୀନତା ଚାହୁଁଛନ୍ତି ଓ ସେସବୁକୁ ସେମାନେ ଆନନ୍ଦର ବିଷୟ ବା ସ୍ୱର୍ଗସମ ମଣୁଛନ୍ତି। ଏଣୁ ଦେବତାଙ୍କ ଉକ୍ତ ସ୍ୱର୍ଗ ( ପୃଥିବୀ) ଏଭଳି ଏକ ସ୍ଥାନ ହୋଇଯାଇଛି, ଯେଉଁଠି ଜଣେ କ୍ରୀତଦାସ ବିରୋଧରେ ଯାହା ଚାହୁଁଛି ତାହା କରିପାରୁଛି । ସିସିଫସ୍‌ଙ୍କ କାର୍ଯ୍ୟ ଭଳି ଜଣେ କ୍ରୀତଦାସ ମଧ୍ୟ ସମାନ କାର୍ଯ୍ୟକୁ ବାରମ୍ବାର କରିବାକୁ ବାଧ ହେଉଛି, ଯାହା ଏକ ଅଭିଶପ୍ତ ଜୀବନ (ନର୍କ)କୁ ସୂଚିତ କରୁଛି। ଏଭଳି ମାନସିକତା ପୁଞ୍ଜିବାଦ ଓ ସାମ୍ୟବାଦରେ ବି ରହିଆସିଛି। ଗ୍ରୀକ୍ ପୁରାଣ ପ୍ରେରିତ ବିଚାରଧାରାଗୁଡ଼ିକ ବିଶେଷକରି ଉନଂବିଶ ଶତାବ୍ଦୀରେ ଲୋକପ୍ରିୟ ହୋଇଥିଲା। ବିଶେଷ ଅଧିକାର ସମ୍ପନ୍ନ ତଥା ସର୍ବଶକ୍ତିମାନଙ୍କ ଦ୍ୱାରା ସିସିଫସ୍ ଦଣ୍ଡିତ ହୋଇଥିଲେ। ବର୍ତ୍ତମାନ ସମସ୍ତେ ସ୍ୱାଧୀନତା ପାଇଁ ଅତ୍ୟଧିକ ଲାଳାୟିତ ଅଛନ୍ତି। ପୁରୁଣା ପଥକୁ ଖାରଜ କରିଦେବା ସହ ଏକ ନୂଆ ଓ ରୋମାଞ୍ଚକର ବୈଶ୍ୱିକ ବ୍ୟବସ୍ଥା ଚାହୁଁଛନ୍ତି। ସବୁଠୁ ଭଲ ପୁରୁଣା ଦିନକୁ ନ ଫେରି ଏକ ନୂଆ ପଥ ସୃଷ୍ଟିକରିଛନ୍ତି।

ରବିବାରରେ ଚର୍ଚ୍ଚରେ ସାମୂହିକ ପ୍ରାର୍ଥନା ଏବଂ ଶୁକ୍ରବାର ଦିନ ମସ୍‌ଜିଦରେ ସାମୂହିକ ନମାଜ ପାଠର ପୁନରାବୃତ୍ତି ହୋଇଚାଲିଛି। ଧର୍ମ ବିଶ୍ୱାସୀମାନେ ବିଶ୍ୱର ଅନ୍ତ ଓ ଜଜମେଣ୍ଟ ଡେ (ନ୍ୟାୟ ଦିବସ)ର ପ୍ରତୀକ୍ଷାରେ ରହିଛନ୍ତି। ଈଶ୍ୱରଙ୍କୁ ମାନିବା ଓ ତାଙ୍କ ନିୟମ ପାଳନ କରିବା ଉଚିତ ଏବଂ ତାଙ୍କ ସମ୍ପର୍କରେ ଲୋକମାନଙ୍କୁ ସ୍ମରଣ କରାଇବା ଲାଗି ଏଭଳି ପ୍ରାର୍ଥନା ଓ ନମାଜ ବାରମ୍ବାର କରାଯାଉଛି। ଏଠାରେ ଏଭଳି ପୁନରାବୃତ୍ତିର ଲକ୍ଷ୍ୟ ହେଉଛି ଗୋଟିଏ ବିଚାରଧାରା ପ୍ରତି ରହିଥିବା ସମର୍ଥନକୁ ସୁରକ୍ଷିତ ରଖିବା, ତା'ବନ୍ଧନରେ ବାନ୍ଧି ହୋଇଯିବା। ହିନ୍ଦୁ , ବୌଦ୍ଧ ଓ ଜୈନ ଧର୍ମରେ ପରମ୍ପରାକୁ ବାରମ୍ବାର ପାଳନ କରିବାରେ ମଧ୍ୟ ଏକ ଅଲଗା ଉଦ୍ଦେଶ୍ୟ ନିହିତ ରହିଛି।



ହିନ୍ଦୁ, ବୌଦ୍ଧ ଓ ଜୈନ ଧର୍ମରେ ପୁନର୍ଜନ୍ମ ବିଚାର ଅଛି। ଏସବୁ ଧର୍ମ କହେ ଯେ, ତୁମେ ସମାନ ପ୍ରକାର ଜୀବନ ବାରମ୍ବାର ଜିଇ ପାରିବ କିମ୍ବା ଜନ୍ମ ମୃତ୍ୟୁ ଚକ୍ରରୁ ମୁକ୍ତ ହୋଇପାରିବ। ତୁମେ କିଏ, କେଉଁଠୁ ଆସିଛ ଏଭଳି ଅନ୍ତର୍ଦୃଷ୍ଟି ବିନା ଯଦି ଜିଇବ ଏବଂ ବିଶ୍ୱ ତୁମ ଇଚ୍ଛା ଅନୁଯାୟୀ ଚାଲିବ ବୋଲି ଯଦି ବିଶ୍ୱାସ କରିବ ତେବେ ତୁମେ ଯାହା ନ କରିବା କଥା କରିବ। ଜନ୍ମ ମୃତ୍ୟୁ ବନ୍ଧନରେ ଛନ୍ଦି ହୋଇଯିବ। ତୁମ ଇଚ୍ଛାରେ ବିଶ୍ୱ ନିୟନ୍ତ୍ରିତ ହେଉ ନାହିଁ ବୋଲି ଯେତେବେଳେ ଜାଣିବ ସେତେବେଳେ ତୁମେ ଅନ୍ତର୍ଦୃଷ୍ଟିର ଅଧିକାରୀ ଓ ସ୍ୱାଧୀନ ହୋଇଯିବ, ଅର୍ଥାତ୍ ପୁନର୍ଜନ୍ମରୁ ମୁକ୍ତ ହୋଇଯିବ। ଅନ୍ତର୍ଦୃଷ୍ଟି ପ୍ରାପ୍ତିର ଉପାୟ ରହିଛି। ଏ କ୍ଷେତ୍ରରେ ପୁନରାବୃତ୍ତିର ଶକ୍ତି ଭିନ୍ନ। ଈଶ୍ୱରଙ୍କ ନାମ ଓ ମନ୍ତ୍ର ବାରମ୍ବାର ଜପ କରିବା କିମ୍ବା ପ୍ରତିଦିନ, ସାପ୍ତାହିକ , ପନ୍ଦରଦିନିଆ, ମାସିକିଆ, ୪ ମାସିଆ ଓ ବାର୍ଷିକ ଧର୍ମୀୟ କର୍ମ କିମ୍ବା ପରମ୍ପରାର ପୁନରାବୃତ୍ତି ଦ୍ୱାରା ଅନ୍ତର୍ଦୃଷ୍ଟି ବିକଶିତ ହୋଇଯିବ। କିନ୍ତୁ ଖୁବ୍ ସଚେତନତାର ସହ ଏସବୁ କରିବାକୁ ହେବ।

ଗୋଟିଏ ତାଳରେ ବାରମ୍ବାର କ୍ଷୀରକୁ ଗୋଳାଇଲେ ଲହୁଣୀ ଅଲଗା ବାହାରି ଆସିବ। ତୁମେ ଶସ୍ୟକୁ ବାରମ୍ବାର ପେଷିଲେ ସେଥିରୁ ଅଟା କିମ୍ବା ଚୂନା ପ୍ରସ୍ତୁତ ହୋଇଯିବ। ଗୋଟିଏ କାର୍ଯ୍ୟକୁ ତୁମେ ବାରମ୍ବାର ସମ୍ପାଦନ କଲେ ତୁମ ଦକ୍ଷତା ସ୍ତର ଉନ୍ନତ ହୋଇଯିବ। ଆରମ୍ଭରୁ ଗୋଟିଏ ବିଷୟରେ ଅନଭିଜ୍ଞ ଥିଲେ ବି ସେହି ବିଷୟକୁ ବାରମ୍ବାର କରିଚାଲିଲେ ସେ ସମ୍ପର୍କରେ ସବିଶେଷ ଜାଣିବା ସହ ସେଥିରେ ଥିବା ସୂକ୍ଷ୍ମ ପାର୍ଥକ୍ୟ ଦେଖିବା ଆରମ୍ଭ କରିବ। ସେ ବିଷୟରେ ତୁମର ପ୍ରାରମ୍ଭିକ ଜ୍ଞାନ ତୁଳନାରେ ଯଥେଷ୍ଟ ବିକାଶ ହେବ। ନିଷ୍ଠାପର ଭାବେ ରାମାୟଣକୁ ଗୁରୁତ୍ୱ ଦେଇ ବାରମ୍ବାର ସ୍ୱାଧ୍ୟାୟ କଲେ ସେଥିରେ ନିହିତ ସୂକ୍ଷ୍ମ ଅର୍ଥ ପାଇପାରିବ ଓ ସେଗୁଡ଼ିକୁ ବୁଝିବା ବି ଆରମ୍ଭ କରିବ। ଅନ୍ୟପକ୍ଷରେ ଆରତିର ମଧ ମହତ୍ତ୍ୱ ଅଛି। ତୁମେ ଯଦି ଅନ୍ତର୍ଦୃଷ୍ଟି ଲାଭ କରିନାହଁ ତେବେ ବାରମ୍ବାର ଆରତି ଶୁଣିଲେ କିମ୍ବା ଆରତି ସମୟରେ ଉପସ୍ଥିତ ରହିଲେ ତୁମେ ତାହା ପ୍ରାପ୍ତ ହେବ। ପୁନରାବୃତ୍ତି କହିଲେ କେବଳ ଧର୍ମୀୟ ସମର୍ଥନକୁ ବୁଝାଏ ନାହିଁ କି ବନ୍ଧନରେ ବାନ୍ଧି ହେବାକୁ ସୂଚିତ କରେ ନାହିଁ ବରଂ ଏହା ଜ୍ଞାନୋଦୟ କରେ, ମନରେ ସଚେତନ ଭାବ ପ୍ରଜ୍ୱଳିତ କରିଥାଏ। ଏହା ଦ୍ୱାରା ତୁମେ ଏମିତି ଜିନିଷ ଦେଖିବ ବା ଜ୍ଞାନ ଲାଭ କରିବ ଯାହା କେହି କେବେ କରି ନ ଥିବେ।

ମନ୍ଦିରରେ ହେଉଥିବା ପୂଜା, କର୍ମକାଣ୍ଡ କିମ୍ବା ଧର୍ମୀୟ ଉତ୍ସବ ମାସ , ବର୍ଷ ଅନୁଯାୟୀ ବାରମ୍ବାର ପାଳନ କରାଯାଏ। ଏପରିକି ବହୁ ପରମ୍ପରା ରହିଛି ଯାହାର ୮ ବର୍ଷରେ କିମ୍ବା ୧୨ ବର୍ଷରେ ପୁନରାବୃତ୍ତି ହୋଇଥାଏ। ଏହି ଉତ୍ସବ ବା ପରମ୍ପରାଗୁଡ଼ିକର ପୁନରାବୃତ୍ତି ଏକ ବ୍ୟବସ୍ଥିତ, ଶୃଙ୍ଖଳିତ ତଥା ସାତ୍ତ୍ୱିକ ଭାବନା ସୃଷ୍ଟି କରେ। ଧରିତ୍ରୀରେ ଅନେକ ସ୍ଥିତିରେ ପରିବର୍ତ୍ତନ ଘଟେ। ଉକ୍ତ ପରିବର୍ତ୍ତନର ମଧ୍ୟ ସମୟକ୍ରମରେ ପୁନରାବୃତ୍ତି ଘଟିଥାଏ। ସମୟଚକ୍ରରେ ଋତୁ ପରିବର୍ତ୍ତନ ଘଟୁଛି, ଜୁଆରରେ ବି ପରିବର୍ତ୍ତନ ହେଉଛି। ଏହା ତିଥି, ମାସ କିମ୍ବା ବର୍ଷ ଅନୁଯାୟୀ ଚକ୍ରୀୟ ଧାରାରେ ପରିବର୍ତ୍ତନ ହୋଇ ଆସୁଛି। ଏହି ଧାରାରୁ ଗୋଟିଏ ସ୍ଥିତି ବଦଳିଗଲେ ବା ହଟିଗଲେ ପୂରା ଚକ୍ରଟି ଭାଙ୍ଗି ସର୍ପିଳ ପାଲଟିଯିବ। ଅର୍ଥାତ୍ ସବୁ କିଛି ବନ୍ଧନ ମୁକ୍ତ ହୋଇଯିବ, ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତି ଘଟିବ। ଏଣୁ ବିଷ୍ଣୁ ଭଗବାନ୍ ବନ୍ଧନ ଓ ମୁକ୍ତି ବା ମୋକ୍ଷର ବିକଳ୍ପ ସଙ୍କେତ ହସ୍ତରେ ଧାରଣ କରିଛନ୍ତି। ଧାରଣ କରିଥିବା ଚକ୍ର ପୁନରାବୃତ୍ତି( ଜନ୍ମ–ମୃତ୍ୟୁ ବନ୍ଧନ)କୁ ସୂଚାଉଥିବାବେଳେ ସର୍ପିଳ ଶଙ୍ଖ ମୁକ୍ତିର ପ୍ରତିନିଧିତ୍ୱ କରୁଛି।

ଏହି ବିଶ୍ୱ ଏବେ ନୂତନତ୍ୱ ଏବଂ ଉଦ୍ଭାବନକୁ ନେଇ ଖୁସି ହେଉଛି। ବିଶ୍ୱାସ କରୁଛି ଯେ, ଅତୀତକୁ ବାଦ୍ ଦେଇ ଏକ ଉତ୍ତମ ବିଶ୍ୱ ସୃଷ୍ଟି କରିଛି। ହେଲେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅତୀତକୁ ବାରମ୍ବାର ପୁନଃ ଅବଲୋକନ କରି ପୁନରାବୃତ୍ତିର ଶକ୍ତିକୁ ଗ୍ରହଣ କରିବା ଦରକାର।

–devduttofficial@gmail.com

# ଗୁଡ଼ିର ମୃତ୍ୟୁ ଫାଶ



ବାଦଲ ଭୂୟାଁ

ମାଞ୍ଜା ସୂତା ବ୍ୟବହାର ଓ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଜାନୁୟାରୀ ୯ ତାରିଖରେ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ପରେ କଟକ ଜିଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ମାଞ୍ଜା ଦିଆଯାଇଥିବା ନାଇଲନ୍ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ିଉଡ଼ା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହା ବିଶେଷ ଭାବେ ପରିଲକ୍ଷିତ ହୁଏ। ଗୁଡ଼ିଉଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥାଏ। ଏହାବାଦ୍ ଛୋଟ ପିଲାଠାରୁ ବଡ଼ ପର୍ଯ୍ୟନ୍ତ ନିଜ ନିଜ ଘରର ଛାତ ଉପରେ ବସି ଗୁଡ଼ି ଉଡ଼େଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନ ଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡ଼ାଇବା ବେଶ୍ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇଦେବା ପାଇଁ ଏକପ୍ରକାର ପ୍ରତିଯୋଗିତା ମଧ୍ୟ ଲାଗେ। ଏହା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼ାଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ିଉଡ଼ାରେ ବ୍ୟବହୃତ ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷଗୁଡ଼ିକରେ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ଜୀବନ ଯାଇଛି, ଯେଉଁମାନଙ୍କର ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡକରି ସୂତାରେ ଅଠା ବୋଳି ଏହି କାଚଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ କାଟିପକାଏ ଏବଂ ପୂର୍ବ ବର୍ଷଗୁଡ଼ିକରେ ଅନେକଙ୍କ ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି ଓ ଜୀବନ ଯାଇଛି। ଏହି ମାଞ୍ଜାସୂତା ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ଉଚ୍ଚ ନ୍ୟାୟାଳୟ ଏ ନେଇ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ, ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ୍ ରାଜ୍ୟରେ ଗୁଡ଼ି ଉଡ଼ାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରିଚଳିତ ବର୍ଷ ମକର ପର୍ବ ପାଳନ ଅବସରରେ ମାଞ୍ଜାସୂତାରେ ଆହତ ହୋବ ଖବର ସାମ୍ନାକୁ ଆସିଛି। ମକର ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଥିବାରୁ ଏ ପ୍ରକାର ସୂତା ବ୍ୟବହାରକାରୀ ବ୍ୟକ୍ତିମାନଙ୍କୁ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ୍‌ଲାଇନ୍ ଆଣିବା ନିମନ୍ତେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇସାରିଥିବାରୁ, ଉକ୍ତ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ, କେତେବେଳେ କାହାଠାରେ କାହା ବେକରେ ମାଞ୍ଜା ସୂତା ଲାଗିଯିବ, ତା'ର କଳନା ମଧ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖିପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ପାଇଁ ସରକାର ପଦକ୍ଷେପ ନେଲେ ମଧ ଅସେଚନ ବ୍ୟକ୍ତି ଗୁଡ଼ି ଉଡାଇବା ଲାଗି ମାଞ୍ଜାସୂତା ବ୍ୟବହାର କରୁଛନ୍ତି। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତା'ର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଗୁଡ଼ିଉଡ଼ାର ଆନନ୍ଦ ଭିତରେ ମୃତ୍ୟୁଜନିତ ଦୁଃଖ ନିଶ୍ଚିତ ଭାବେ ଚିନ୍ତାଜନକ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ ଜି ପ୍ରତାପ ଆପାର୍ଟମେଣ୍ଟ ଜାମ୍‌ସେଦ୍‌ପୁର,**
**ମୋ: ୭୪୮୮୯୯୮୫୩୨**

## ଏଇ ଭାରତରେ

ଜଣେ ଗରିବ ମା'ର ଦିବ୍ୟାଙ୍ଗ ପିଲାଟି ଗାଜିଆବାଦର ଅନିଲ ଜୋଶେଫଙ୍କୁ ପ୍ରଭାବିତ କରିଥିଲା। ପରେ ସେ ଗରିବ ଓ ଅସହାୟ ଦିବ୍ୟାଙ୍ଗ ପିଲାମାନଙ୍କ ସାହାରା ପାଲଟିଗଲେ। ସମୟକ୍ରମେ ଅନିଲ ଏକ ଆଶ୍ରୟସ୍ଥଳୀ ନିର୍ମାଣ କରି ସେଠାରେ ୭୫ ଜଣ ଦିବ୍ୟାଙ୍ଗ ଶିଶୁଙ୍କୁ ରଖି ସେମାନଙ୍କ ଲାଳନପାଳନ କରୁଛନ୍ତି। ଉକ୍ତ ଆଶ୍ରୟସ୍ଥଳୀର ନାମ ରଖିଛନ୍ତି 'ଆଶ୍ରମ'। ପିଲାମାନଙ୍କ ଶିକ୍ଷା ଓ ଚିକିତ୍ସା ଖର୍ଚ୍ଚ ନିଜେ ହିଁ ବହନ କରୁଛନ୍ତି। ଏହି କାର୍ଯ୍ୟ କରିବା ଲାଗି ସେ ୨୦୦୨ରେ ସ୍ପେଶାଲ ଏଜୁକେଶନରେ ଡିପ୍ଲୋମା କରିବା ପରେ 'ଦେବା ଇଣ୍ଟରନ୍ୟାଶନାଲ ସୋସାଇଟି' ଗଠନ କରି ସେଠାରେ ବିଶେଷ ଶିକ୍ଷକ ଭାବେ କାମ ଆରମ୍ଭ କରିଥିଲେ। ପ୍ରଥମେ ସେ ଏକ ଭଡ଼ା ଘରେ ଦିବ୍ୟାଙ୍ଗ ଶିଶୁମାନଙ୍କୁ ରଖିଥିଲେ। ପରେ ଏହି ସେବା ସମ୍ବନ୍ଧରେ ଅନ୍ୟମାନେ ଜାଣିବା ପରେ ସହଯୋଗର ହାତ ବଢ଼ାଇଲେ। ଫଳରେ ଜଣକ ପରେ ଜଣେ ଦିବ୍ୟାଙ୍ଗ ପିଲା ତାଙ୍କ ପାଖକୁ ଆସିବାକୁ ଲାଗିଲେ। ଯେଉଁ ଗରିବ ପରିବାର ଦିବ୍ୟାଙ୍ଗ ପିଲାଙ୍କୁ ବୋଝ ଭାବି ଅନ୍ୟତ୍ର ଛାଡ଼ିଦେବା ଲାଗି ଚାହୁଁଛନ୍ତି ସେମାନଙ୍କଠାରୁ ସେଭଳି ପିଲାଙ୍କୁ ଆଣି ଅନିଲ ତାଙ୍କ ଆଶ୍ରମରେ ରଖୁଛନ୍ତି। ସେମାନଙ୍କଠାରେ ପରିବର୍ତ୍ତନ ଆସିବା ପରେ ସେମାନଙ୍କୁ ଭୋକେଶନାଲ ଟ୍ରେନିଂ ବି ଦେଉଛନ୍ତି। ଏବେ ତାଙ୍କ ଆଶ୍ରମରେ ପିଲାମାନଙ୍କ ସେବା ଲାଗି ୧୮ ଜଣ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଡାକ୍ତର, ଫିଜିଓଥେରାପିଷ୍ଟ,ମନସ୍ତତ୍ତ୍ୱବିତ୍ ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ
DHARITRI

୧୯ ଜାନୁୟାରୀ ୧୯୯୮

- ଜୋର୍ଡାନରେ ଥିବା ବରିଷ୍ଠ ଇରାକୀ କୂଟନୀତିଜ୍ଞ ହିଜମତ୍ ଅଲ୍–ହଜୋଇ ଏବଂ ତାଙ୍କ ପତ୍ନୀଙ୍କ ସମେତ ଅନ୍ୟ ୬ ଜଣଙ୍କୁ ଅମନଠାରେ ହତ୍ୟା କରାଯାଇଛି।
- କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଆର୍.ଏଲ୍. ଜଲାପ୍ପାଙ୍କ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ପ୍ରଦାନ।
- ବିଚାରପତି ଜଷ୍ଟିସ ମଦନମୋହନ ପୁନ୍ତି ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି ନିଯୁକ୍ତ।

## su | do | ku — ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 9 | 3 | 5 | | |
| | | 2 | | 6 | | | 9 | |
| | | | | 2 | | | | 8 |
| | | | | 7 | | | | |
| | | | | | | 8 | | 9 |
| | 5 | | | | 1 | | 4 | |
| | 9 | | | | | 4 | 8 | 1 |
| 3 | | | | | 7 | | | 5 |
| | 1 | | 4 | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 5 | 6 | 1 | 4 | 9 | 7 | 8 |
| 7 | 1 | 8 | 5 | 9 | 3 | 2 | 4 | 6 |
| 9 | 4 | 6 | 7 | 2 | 8 | 5 | 3 | 1 |
| 1 | 2 | 4 | 3 | 5 | 9 | 6 | 8 | 7 |
| 5 | 7 | 9 | 4 | 8 | 6 | 3 | 1 | 2 |
| 8 | 6 | 3 | 1 | 7 | 2 | 4 | 9 | 5 |
| 4 | 5 | 1 | 2 | 3 | 7 | 8 | 6 | 9 |
| 3 | 9 | 7 | 8 | 6 | 5 | 1 | 2 | 4 |
| 6 | 8 | 2 | 9 | 4 | 1 | 7 | 5 | 3 |

ଗତକାଲିର ଉତ୍ତର

# ଭାଇଚାରା ବଜାୟ ରହୁ



ବିଚିତ୍ର ବିଶ୍ୱାଳ

ଦେଶର ପ୍ରକୃତ ବିକାଶ କେବଳ ଭିତ୍ତିଭୂମିର ଉନ୍ନତି ଓ ଅର୍ଥନୈତିକ ପ୍ରଗତି ଉପରେ ନିର୍ଭର କରେନାହିଁ। ଦେଶର ଲୋକମାନଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ବିନା ପ୍ରକୃତ ବିକାଶ ସମ୍ଭବ ନୁହେଁ। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଆମ ଦେଶର ଜନସାଧାରଣ ପରସ୍ପର ସହିତ ସ୍ନେହ, ପ୍ରେମ ଓ ଭାଇଚାରାର ଭାବନାରେ ଯୋଡ଼ିହୋଇ ରହିବା ଅତ୍ୟନ୍ତ ଜରୁରୀ। ନ ହେଲେ ହିଂସା ଓ ଘୃଣାର ବଣିକମାନେ ଲୋକମାନଙ୍କୁ ଭାଗ ଭାଗ କରିବା ପାଇଁ ଯେପରି ଭାବେ ଚେଷ୍ଟା କରୁଛନ୍ତି, ତା'ର ଶିକାର ହେବାକୁ ବେଶି ସମୟ ଲାଗିବ ନାହିଁ। ମିଛ ଓ ଅର୍ଦ୍ଧସତ୍ୟ ତତ୍ତ୍ୱ, ଭୁଲ୍ ତଥ୍ୟ ଆଦି ଧରି ସେମାନେ ପ୍ରତି ମୁହୂର୍ତ୍ତରେ ବିଷର ମଞ୍ଜି ବୁଣିବାରେ ଲାଗିଛନ୍ତି। ସାମାନ୍ୟ ଅସାବଧାନ ହେଲେ ଧର୍ମ, ଜାତି, ବର୍ଗ ଆଦିକୁ ନେଇ ଖଣ୍ଡ ଖଣ୍ଡ ହେବାକୁ ବେଶି ଡେରି ହେବ ନାହିଁ। ତେଣୁ ପ୍ରତିକାର ସ୍ୱରୂପ ଆମ ଦେଶ ଭାରତ ଯୋଡ଼ି ହୋଇରହିବା ଜରୁରୀ। କେବଳ ଦେଶର ଭୂଗୋଳ ନୁହେଁ , ଜନସାଧାରଣଙ୍କ ମନ ବି।

ବିବିଧତା ମଧ୍ୟରେ ଏକତାର ଦେଶ ଭାରତବର୍ଷ। ଅନେକ ବିବିଧତା ସତ୍ତ୍ୱେ ଏକତା ହିଁ ଆମର ବିଶେଷତ୍ୱ। କିନ୍ତୁ ସମ୍ପ୍ରତି କିଛି ବର୍ଷ ହେବ ଦେଖାଯାଉଛି ଯେ, ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଉଦ୍ଦେଶ୍ୟମୂଳକ ଭାବେ ସାରା ଦେଶରେ ଘୃଣା ଓ ହିଂସାର ବାତାବରଣକୁ ଉସ୍‌କେଇବାରେ ଲାଗିଛନ୍ତି। ସେହି ଗୋଷ୍ଠୀର ଆଇଟି ସେଲ୍ ଏହି କାମକୁ ଅତ୍ୟନ୍ତ ନିଷ୍ଠାର ସହ କରି ଲୋକମାନଙ୍କ ମନରେ ଘୃଣାର ମଞ୍ଜି ବୁଣୁଛନ୍ତି । ଏଥିରେ କେଉଁ ଧର୍ମ ବା ବର୍ଗକୁ ଛୋଟ କରି ଦେଖେଇବାର କୁତ୍ସିତ ପ୍ରୟାସ କରାଯାଉଛି କିମ୍ବା ଏକାଧିକ ମିଛ ଭିତ୍ତିହୀନ ମନ୍ତବ୍ୟ ମାଧ୍ୟମରେ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଘୃଣା କରିବା ପାଇଁ ଭରପୂର ମସଲା ଯୋଗାଇ ଦିଆଯାଉଛି। ନିଜ ଧର୍ମକୁ ସମ୍ମାନ ଦେବା ବା ମାନିବାରେ କୌଣସି ଅସ୍ୱାଭାବିକତା ନାହିଁ। କିନ୍ତୁ ନିଜ ଧର୍ମକୁ ଭଲପାଇବା ସହିତ ଅନ୍ୟ ଧର୍ମ ଓ ଧର୍ମାବଲମ୍ବୀମାନଙ୍କୁ ଘୃଣା କରିବାରେ ହିଁ ଅସଲ ବିପଦ। ଏପରି ଭାବନା ହିଁ ଜନ୍ମ ଦିଏ ଭୟ, ହିଂସା ଓ ଅଶାନ୍ତି। କେବଳ ଆଇଟି ସେଲ୍ ନୁହେଁ, ସେମାନଙ୍କ ପୁଞ୍ଜିରେ ପ୍ରତିପାଳିତ ଗଣମାଧ୍ୟମ ଗୋଷ୍ଠୀ ମଧ୍ୟ ଆମ ଦେଶର ଭାଇଚାରା ଭାବନାକୁ ପ୍ରତି ମୁହୂର୍ତ୍ତରେ ହତ୍ୟା କରିବାକୁ ଚେଷ୍ଟିତ।

ଆମ ଭିତରୁ ଅନେକଙ୍କର ଅନ୍ୟ ଧର୍ମ ବା ଧର୍ମାବଲମ୍ବୀଙ୍କ ବିଷୟରେ କୌଣସି ବି ପ୍ରତ୍ୟକ୍ଷ ଧାରଣା ତଥା ଅଭିଜ୍ଞତା ନାହିଁ। କିନ୍ତୁ ପରିସ୍ଥିତି ଏପରି ହୋଇଯାଇଛି ଯେ, ପାଟି ଖୋଲିବା ମାତ୍ରେ ଆମେ ଅନ୍ୟ ଧର୍ମର ଲୋକମାନଙ୍କୁ ଗାଳି କରିବାକୁ ପଛାଉ ନାହେଁ। ୫ଶହ ବର୍ଷ ତଳେ କୌଣସି ଧର୍ମାବଲମ୍ବୀ ଗୋଷ୍ଠୀର ରାଜା ମହାରାଜା ଆମ ଭୂଖଣ୍ଡ ଉପରେ ଆକ୍ରମଣ କରିଥିଲେ ବୋଲି ଏବେ ଆମେ ସେହି ଧର୍ମାବଲମ୍ବୀମାନଙ୍କ ରକ୍ତର ପିପାସୁ ହୋଇପଡ଼ିବା କେତେ ଦୂର ସମୀଚୀନ! କଥାରେ କଥାରେ ସେମାନଙ୍କୁ ଗାଳି କରିବା କ'ଣ ଯୁକ୍ତିଯୁକ୍ତ! ଏପରି ଭାବନାରେ ରହିଲେ ମଣିଷ କେବେହେଲେ ଶାନ୍ତିର ସହିତ ବଞ୍ଚିପାରିବ ନାହିଁ। ଆମ ସମସ୍ତଙ୍କର ଗୋଟେ ଅତୀତ ଅଛି। ଅତୀତ ପାଇଁ ବର୍ତ୍ତମାନକୁ ନଷ୍ଟକରିବା କେବେ ବୁଦ୍ଧିମାନ୍‌ର କାମ ନୁହେଁ। ଅତୀତର ପ୍ରତିଶୋଧ ପାଇଁ ଆମେ ଯଦି ବର୍ତ୍ତମାନ ହିଂସାର ରାସ୍ତା ଆପଣେଇବା, ତେବେ ଭବିଷ୍ୟତରେ ଆମର ଦାୟାଦମାନଙ୍କ ଉପରେ ବି କେହି ପୁଣି ଥରେ ଅତୀତର ଦ୍ୱାହିଦେଇ ହିଂସା କରିବ। ପରିଣାମ ହେବ କେବଳ ଘୃଣା, ହିଂସା, ଭୟ ଓ ଅଶାନ୍ତି। ଦୁର୍ଭାଗ୍ୟର ବିଷୟ ଯେ, ସେହି ଗୋଷ୍ଠୀ ନିଜ ରାଜନୈତିକ ଉତ୍‌ଥାନ କେବଳ ଘୃଣା ଓ ହିଂସାର ରାସ୍ତା ଦେଇ ହିଁ ଦେଖନ୍ତି।



ସମ୍ପ୍ରତି ଧର୍ମର ସୁରକ୍ଷା ନାଁରେ ଅନ୍ୟ ଧର୍ମର ଲୋକମାନଙ୍କୁ ଜାଣି ଜାଣି ଟାର୍ଗେଟ୍ କରାଯାଉଛି। କିନ୍ତୁ ଅସଲରେ ଏହାଦ୍ୱାରା କାହାରି ବି ସୁରକ୍ଷା ହୋଇପାରିବ ନାହିଁ। କେବଳ ଅସୁରକ୍ଷା ଭାବନା ହିଁ ବଢ଼ିବ। ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକମାନେ କ୍ଷମତାର ଶିଡ଼ିରେ ଉପରକୁ ଉପରକୁ ଚଢ଼ିବେ ଓ ସାଧାରଣ ଲୋକମାନେ ନିଜ ଜୀବନ ଜୀବିକା ଆଦି ପ୍ରସଙ୍ଗକୁ ପଛକରି ଅନ୍ଧ ଭଳି ଧର୍ମ, ସମ୍ପ୍ରଦାୟକୁ ନେଇ ନିଜ ନିଜ ଭିତରେ ଘୃଣା ଓ ଲଢ଼େଇରେ ମସ୍ତ ରହିବେ ; ଯାହା କ୍ଷମତାରେ ଚୌକି ସହିତ ସେମାନଙ୍କୁ ଅଠା ଭଳି ଯୋଡ଼ି ହୋଇ ରହିବାରେ ସାହାଯ୍ୟ କରିବ। ସାଧାରଣ ଲୋକମାନଙ୍କର ଅସହାୟତା ବୃଦ୍ଧି ପାଇବ।

ଘୃଣା, ଭୟ ଓ ହିଂସାକୁ ବଢ଼େଇବାର ଧାରା ଏବେ ଏତେ ତଳକୁ ଗଲାଣି ଯେ, ଜାଣି ଜାଣି କିଛି ନିର୍ଦ୍ଦିଷ୍ଟ କଳାକାରଙ୍କ ଫିଲ୍ମକୁ ବଏକଟ୍ କରାଯିବାର ଟ୍ରେଣ୍ଡ ଆରମ୍ଭ ହୋଇଛି। ଲୋକମାନଙ୍କୁ ବିଭିନ୍ନ ଉପାୟରେ ବାଧ୍ୟ କରାଯାଉଛି ସେମାନଙ୍କର ଫିଲ୍ମ ନ ଦେଖିବାକୁ। ଯଦି କିଏ ଦେଖୁଛି, ତାକୁ ଦେଶଦ୍ରୋହୀ ନ ହେଲେ ଧର୍ମଦ୍ରୋହୀର ଆଖ୍ୟା ଦିଆଯାଉଛି। ଏତଦ୍‌ବ୍ୟତୀତ ଯେତେବେଳେ କୌଣସି ଜଘନ୍ୟ ଅପରାଧ ଘଟୁଛି, ସେତେବେଳେ ଅପରାଧର ଗୁରୁତ୍ୱ ଅପେକ୍ଷା ପ୍ରଥମେ ଅପରାଧୀର ଧର୍ମକୁ ଦେଖାଯାଉଛି। ଅପରାଧୀର ଧର୍ମ ହିସାବରେ ସେହି ଅପରାଧ ଘଟଣାକୁ ବଢ଼େଇ ଚଢ଼େଇ ପ୍ରଚାର କରାଯାଉଛି ନ ହେଲେ ଦବେଇ ଦିଆଯାଉଛି। ଏକ ସମାନ ପ୍ରକାର ଅପରାଧରେ ଅପରାଧୀର ଧର୍ମକୁ ଦେଖି ଆମ ଗଣମାଧ୍ୟମ ପ୍ରତିକ୍ରିୟାର ତୀବ୍ରତା ନିର୍ଣ୍ଣୟ କରୁଛି। କେବଳ ଫିଲ୍ମ କଳାକାର ନୁହନ୍ତି ; ଲେଖକ, କବି ଆଦି ସମସ୍ତଙ୍କୁ ସେମାନଙ୍କ ଧର୍ମ ହିସାବରେ ନ ହେଲେ ରାଜନୈତିକ ବିଚାର ଆଧାରରେ ଟାର୍ଗେଟ୍ କରାଯାଉଛି। ବଡ଼ ଖେଳ କରାଯାଉଛି, ସାଧାରଣ ଲୋକମାନଙ୍କୁ ଧର୍ମ, ସମ୍ପ୍ରଦାୟ, ଜାତି ଓ ବର୍ଗ ନାଁରେ ଭାଗ ଭାଗ କରିବାକୁ। ଏହି ଖେଳକୁ ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଅତନ୍ତ୍ୟ ଚତୁରତାର ସହିତ ଖେଳୁଛି। ଫଳରେ ମିଳିମିଶି ଭାଇଚାରା ଭାବନାରେ ବଞ୍ଚି ଆସୁଥିବା ଲୋକମାନେ ସମ୍ପ୍ରତି ପରସ୍ପରଙ୍କ ଧର୍ମକୁ ନେଇ ନିନ୍ଦା ଅପବାଦ ଦେବାରେ ଲାଗୁଛନ୍ତି। କୌଣସି କାରଣ ନ ଥାଇ ବି ଜଣେ ଅନ୍ୟ ଜଣଙ୍କ ଧର୍ମକୁ ନିଚା ଦେଖାଉଛି। ଏହାଦ୍ୱାରା ଧର୍ମର ସୁରକ୍ଷା ହେଉଛି ନା ଧର୍ମର ଅପବ୍ୟବହାର କରାଯାଉଛି! ଅସଲରେ ସେହି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଧର୍ମ ନାମରେ ଲୋକମାନଙ୍କୁ ଭାଗ ଭାଗ କରି ନିଜ ପତିଆରା ବଢ଼େଇ ରାଜନୈତିକ ରୁଟି ସେକିବାକୁ ଚାହୁଁଛି। ସେଥିପାଇଁ ଜନସାଧାରଣଙ୍କୁ ହୁସିଆର ହେବାକୁ ହେବ। ସେମାନଙ୍କୁ ଭାଗ ଭାଗ କରିବା ତଥା ଘୃଣା ଓ ହିଂସାର ଖେଳରୁ ଦେଶକୁ ବଞ୍ଚେଇବା ପାଇଁ ଲୋକମାନଙ୍କ ଭିତରେ ସ୍ନେହ, ପ୍ରେମ ଓ ଭାଇଚାରାର ଭାବନାକୁ ବଢ଼େଇବାକୁ ପଡ଼ିବ। ସେମାନେ ପଛେ ଯେତେ ଯେତେ ଭାରତକୁ ଭାଙ୍ଗିବାକୁ ଚାହାନ୍ତୁ ସାଧାରଣ ଲୋକମାନଙ୍କୁ ଭାରତକୁ ଯୋଡ଼ିବାକୁ ପ୍ରୟାସ କରିବାକୁ ପଡ଼ିବ। କାରଣ ଭାରତ ତଥା ଆମ ଦେଶର ଲୋକମାନେ ପରସ୍ପରଙ୍କ ସହିତ ଯୋଡ଼ିହୋଇ ରହିଲେ ହିଁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହିଁ ଏକ ସମୃଦ୍ଧ ଜୀବନ ଦେଇପାରିବ। ଭାରତର ଏକତା ରହିବା ଅର୍ଥ କେବଳ ଚାଇନା କି ପାକିସ୍ତାନ କବଳରୁ ଆମ ଭୂଖଣ୍ଡକୁ ସୁରକ୍ଷା ଦେବା ନୁହେଁ, ସାମ୍ପ୍ରଦାୟିକ ଗୋଷ୍ଠୀ ତଥା ଧର୍ମର ବେପାରୀମାନଙ୍କ କବଳରୁ ଲୋକଙ୍କ ଭାଇଚାରା ଭାବନାକୁ ସୁରକ୍ଷା ଦେବା ହିଁ ଅସଲ ଦେଶର ସୁରକ୍ଷା।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,**
**ମୋ– ୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ

ମହାଶୟ,

ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳରେ ଟ୍ରାଫିକ୍ ପରିଚାଳନା ଏବେ ଚିନ୍ତାର ବିଷୟ ପାଲଟିଛି। ଏହା ପୁରୀ ଜିଲାର ଦ୍ୱିତୀୟ ପର୍ଯ୍ୟଟନ କ୍ଷେତ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ସାରିବା ପରେ ପରିବାରବର୍ଗ ଗାଡ଼ି ମୋଟରରେ ଆସି ପ୍ରଭୁ ସାକ୍ଷୀଗୋପାଳଙ୍କ ଦର୍ଶନ କରି ସାକ୍ଷୀ ରଖି ଯାଆନ୍ତି। ବସ୍‌ଷ୍ଟାଣ୍ଡଠାରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ବିଶେଷ କରି ପର୍ବପର୍ବାଣି ସମୟରେ ଭିଡ଼ ନିୟନ୍ତ୍ରଣ କରିବାକୁ ନାନା ପ୍ରକାର ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଏପରି କି କୌଣସି ସ୍ଥାନରେ କିଛି ଛୋଟବଡ଼ ଦୁର୍ଘଟଣା ଘଟିଲେ ସ୍ଥାନୀୟ ପୋଲିସକୁ ପହଞ୍ଚିବାରେ ଅଧଘଣ୍ଟାରୁ ଅଧିକ ସମୟ ଲାଗିଯାଉଛି। ଏହାସତ୍ତ୍ୱେ ମୌନିମନ୍ଦିର ରାସ୍ତାରେ ଭିଡ଼ ନିୟନ୍ତ୍ରଣ କରିବାକୁ ଟ୍ରାଫିକ୍ ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ପୋଲିସ କର୍ମଚାରୀଙ୍କୁ ନାକେଦମ୍ ହେବାକୁ ପଡୁଛି। ସତ୍ୟବାଦୀ ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ନୂତନ ଟ୍ରାଫିକ୍ ଥାନା ତୁରନ୍ତ ଖୋଲାଯିବା ଆବଶ୍ୟକ।

**– ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଣାଣିରୁ ନିଭି ଆସେ ଜୁଇ
ନିଭେ ଯଥା ମନୁଁ ଶୋକଭୟ
ତରଳାଇ ଶୀତର ତୁଷାର
ଆଜି ଏଥି ରଚ ଅଭିସାର
କିଏ ତୁମେ ଚିର ନିର୍ଦ୍ଦୟ
ବୁହାଇଲ ମନ୍ଦ ମଳୟ !

–(ପୌଷ–ମଳୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପିଏମ୍ସ୍ ରୋଜଗାର ମେଳା, ସିଏସ୍ଆଇଆର୍- ଆଇଏମ୍ଏମ୍ଟି, ଆଚାର୍ଯ୍ୟ ବିହାର ପାଖ, ପୂର୍ବାହ୍ନ ୧୧ଟା।
- ହିନ୍ଦୁରାଷ୍ଟ୍ର ଦାବିରେ ପ୍ରୟାଗରାଜରୁ ଆସୁଥିବା ସଂକଳ୍ପ ଯାତ୍ରାର ସ୍ୱାଗତ, ଲୋୟର ପିଏମ୍ଜି, ପୂର୍ବାହ୍ନ ୧୧ଟା।
- ତାମିଲନାଡୁ ମନ୍ତ୍ରୀଙ୍କ ୱାର୍ଲ୍ଡ ସ୍କିଲ ସେଣ୍ଟର ପରିଦର୍ଶନ, ମଞ୍ଚେଶ୍ୱର, ଅପରାହ୍ନ ୨ଟା।
- ସଂଭାବନା ପକ୍ଷରୁ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀ ପୂର୍ବ ସନ୍ଧ୍ୟା ଅବସରରେ ପ୍ରଣବ ଜୟନ୍ତୀ ଓ ସଙ୍ଗୀତ କାର୍ଯ୍ୟକ୍ରମ 'ପ୍ରଣବ ପ୍ରଣାମ', ସୂଚନା ଭବନ, ସନ୍ଧ୍ୟା ୬ଟା।
- ଡଟ୍ ଫେଷ୍ଟ: ସେବେ-ଓ-ଏବେ ଫଟୋ ପ୍ରଦର୍ଶନୀ, ଇଡ୍କୋ, ପୂର୍ବାହ୍ନ ୧୦ଟା। ନାଇଟ୍ ଫ୍ଲିଏ ମାର୍କେଟ୍, ଏକାମ୍ର ହାଟ, ଅପରାହ୍ନ ୫ଟା। ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍, ଇଡ୍କୋ ପଡ଼ିଆ, ସନ୍ଧ୍ୟା ୬ଟା। ଭୁବନେଶ୍ୱର ଲାଇଭ୍, ଇଡ୍କୋ, ସନ୍ଧ୍ୟା ୭ଟା।
- ଶିଶିର ସରସ ମେଳା ୨୦୨୩, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା ୩୦।

କଟକ
- ୧୦ମ ବସନ୍ତ କୁମାର ଦାଶ ମେମୋରିଆଲ ଇଣ୍ଟର-ସ୍କୁଲ ସିନିୟର୍ ଫୁଟବଲ୍ ଟୁର୍ନାମେଣ୍ଟ ଏବଂ ୨୨ତମ ଡ. ଭଗବାନ ଦାଶ ଇଣ୍ଟର-ସ୍କୁଲ ଜୁନିୟର୍ ଫୁଟ୍ବଲ ଟୁର୍ନାମେଣ୍ଟ, ପିଏମ୍ ଏକାଡେମୀ ଗ୍ରାଉଣ୍ଡ, ଅପରାହ୍ନ ୩ଟା।
- ଅଲ୍ ଓଡ଼ିଶା ଇଣ୍ଟର ବାର୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷ, ଅପରାହ୍ନ ୪ଟା ୩୦।

# ହକି ଟିକେଟ କଳାବଜାର, ୫ ଗିରଫ

**■ଦଶଗୁଣାରେ ବିକ୍ରି କରୁଥିଲେ ଅଭିଯୁକ୍ତ**

**■୩୫ ଟିକେଟ, ୧୦ ହଜାର ଟଙ୍କା ଜବତ**




ଗିରଫ ହୋଇଥିବା ୫ ଅଭିଯୁକ୍ତ ଓ ସେମାନଙ୍କଠାରୁ ଜବତ ଟିକେଟ୍ ଓ ଟଙ୍କା।

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ରାଜ୍ୟରେ ଏଫ୍ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଚାଲିଥିବାବେଳେ ରାଜଧାନୀରେ ଟିକେଟ କଳାବଜାର ଚାଲିଛି। ଏ ନେଇ ଅଭିଯୋଗ ହେବା ପରେ ଶହୀଦନଗର ଥାନା ପୋଲିସ କଳିଙ୍ଗ ଷ୍ଟାଡିୟମ ଟିକେଟ କାଉଣ୍ଟର ନିକଟ ଓ ଅନ୍ୟ କେତେକ ସ୍ଥାନରେ ଚଢ଼ାଉ କରି ୫ଜଣ ଦଲାଲଙ୍କୁ ଗିରଫ କରିବା ସହ ର୍‍ୟାକେଟର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁରର ସରୋଜ ସେଠୀ (୨୩), ଭଦ୍ରକର ସରୋଜ କୁମାର ବଳ (୩୭), କଟକର ଲିଙ୍ଗରାଜ ମହାନ୍ତି (୩୧), ଜଟଣୀର ମହମ୍ମଦ ତହିମ ଓ ଜଗତ୍‌ସିଂହପୁରର ରଶ୍ମିରଞ୍ଜନ ସାହୁ। ସେମାନଙ୍କଠାରୁ ୩୫ଟି ହକି ଓ ଆଉକିଛି ଡଟ୍‌ଫେଷ୍ଟ ଟିକେଟ ଏବଂ ୧୦ ହଜାର ୩୦୦ ଟଙ୍କା ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୬/୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ଏମାନେ ୧୦୦ ଟଙ୍କା ଟିକେଟକୁ ୧୨୦୦ଟଙ୍କା, ୨ ଶହ ଟଙ୍କା ଟିକେଟକୁ ଅଢେଇ ହଜାର ଓ ୪ ଶହ ଟଙ୍କାର ଟିକେଟକୁ ୪ ହଜାରରେ ବିକ୍ରି କରୁଥିଲେ। ଆସନ୍ତା ୧୯, ୨୪ ଓ ୨୯ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ଭାରତ ମ୍ୟାଚ୍ ପାଇଁ ଏହି ଟିକେଟ ବିକ୍ରି କରୁଥିବା ଜଣାପଡିଛି। ଏଥିନିମନ୍ତେ ସେମାନେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ ବ୍ୟବହାର କରୁଥିଲେ। ମ୍ୟାଚ୍ ଦେଖିବାକୁ ଆଗ୍ରହୀ ଦର୍ଶକଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନକୁ ଡାକି ୧୦ଗୁଣା ଦରରେ ଟିକେଟ ବିକ୍ରି କରୁଥିଲେ। ଜଣେ ବ୍ୟକ୍ତି ଆଧାର କାର୍ଡ ପିଛା ସର୍ବାଧିକ ୨ ଟିକେଟ ଅଫ୍‌ଲାଇନ ହେଉ ବା ଅନ୍‌ଲାଇନ ଜରିଆରେ କିଣିବାର ବ୍ୟବସ୍ଥା ରହିଛି। କିନ୍ତୁ ଅଭିଯୁକ୍ତଙ୍କ ପାଖରେ ଏତେଗୁଡାଏ ଟିକେଟ କେଉଁଠୁ ଆସିଲା ଓ ଏଥିରେ ଅନ୍ୟକେତେଜଣଙ୍କ ଆଧାର କାର୍ଡ ବ୍ୟବହାର ହୋଇଥିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ରାଜନେତାଙ୍କୁ ଧରାଧରି କରି କିଛି ଟିକେଟ ହାତେଇଥିବାବେଳେ ଟିକେଟ କାଉଣ୍ଟର କର୍ମଚାରୀଙ୍କର ଏହି ର୍‍ୟାକେଟରେ ସମ୍ପୃକ୍ତ ଥିବା ମଧ୍ୟ ସନ୍ଦେହ କରାଯାଉଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ଏଭଳି ଢଙ୍ଗରେ ଲୋକଙ୍କୁ ଠକୁଥିବା ଅଭିଯୁକ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟିକେଟ କଳାବଜାର ଉପରେ ନଜର ରଖାଯାଇଥିବା ସେ କହିଛନ୍ତି।

## କେମିତି ଧରାପଡ଼ିଲା ର୍‍ୟାକେଟ

ଜଣେ ଦର୍ଶକ ଭାରତ ଓ ୱେଲସ ମ୍ୟାଚ୍ ପାଇଁ ଟିକେଟ କାଉଣ୍ଟରରେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ବି ଟିକେଟ ପାଇ ନ ଥିଲେ। ଷ୍ଟାଡିୟମ ନିକଟରେ ନିରାଶ ହୋଇ ବସିଥିବାବେଳେ ଜଣେ ବ୍ୟକ୍ତି ତାଙ୍କ ନିକଟକୁ ଯାଇ ବାହାରେ ଟିକେଟ ବିକ୍ରି ହେଉଥିବା କହି ଜଣେ ଦଲାଲଙ୍କ ନମ୍ବର ଦେଇ ଯୋଗାଯୋଗ କରିବାକୁ କହିଥିଲେ। ନିରାଶ ଖେଳପ୍ରେମୀ ଜଣକ ଜଣେ ଦଲାଲଙ୍କ ସହ ଯୋଗାଯୋଗ କରି ଭାରତ ମ୍ୟାଚ ପାଇଁ ଟିକେଟ ଚାହୁଁଥିବା କହିଥିଲେ। ଦଲାଲ ଜଣକ ୨୦୦ ଟଙ୍କା ଟିକେଟକୁ ଅଢେଇ ହଜାର ଟଙ୍କା ଦେଲେ ଟିକେଟ ତୁମ ପାଖରେ ପହଞ୍ଚିଯିବ ବୋଲି କହିଥିଲେ। ଏହାସହ ସେ କେମିତି ଟଙ୍କା ଦେବେ ଓ ଟିକେଟ ପାଇବେ ବୋଲି କହିବାରୁ ଦଲାଲ ଜଣକ ସୋସିଆଲ ମିଡିଆ ମାଧ୍ୟମରେ ଚାଟ କରି ଆଉ ଏକ ନମ୍ବର ଦେଇଥିଲେ। ଏହାପରେ ଖେଳପ୍ରେମୀ ଜଣକ ଉକ୍ତ ନମ୍ବରରେ କଥା ହୋଇ ଟିକେଟ କିଣିବାକୁ ନିର୍ଦ୍ଦିଷ୍ଟ ସ୍ଥାନ କହିଥିଲେ। ଏଥିସହ ପୋଲିସକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ର୍‍ୟାକେଟରେ ସମ୍ପୃକ୍ତ ଜଣେ ଯୁବକ କଳିଙ୍ଗ ଷ୍ଟାଡିୟମ ନିକଟକୁ ଟିକଟ ଦେବାକୁ ଆସିଥିବାବେଳେ ପୂର୍ବରୁ ଛକି ରହିଥିବା ପୋଲିସ ଟିମ ତାଙ୍କୁ କାବୁ କରିଥିଲା। ଏହାପରେ ତାଙ୍କୁ ପଚରାଉଚରା ପରେ ସେ ଅନ୍ୟ ୪ଜଣଙ୍କ ନାମ କହିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ସେମାନଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ଗ୍ୟାଙ୍ଗରେ ଏକାଧିକ ସହଯୋଗୀ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି।

## ପାର୍ଲାମେଣ୍ଟାରୀ କମିଟି ମଣ୍ଡଳୀର ଶ୍ରୀମନ୍ଦିର ପରିଦର୍ଶନ

ପୁରୀ ଅଫିସ, ୧୮।୧: ପେଟ୍ରୋଲିୟମ ପାର୍ଲାମେଣ୍ଟାରୀ କମିଟିର ଲୋକ ସଭା ଓ ରାଜ୍ୟ ସଭା ସଦସ୍ୟ ମଣ୍ଡଳୀର ୨୦ଜଣିଆ ପ୍ରତିନିଧି ଦଳ ବୁଧବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। କମିଟିର ଅଧ୍ୟକ୍ଷ ତଥା ଭାଜପା ଏମ୍ପି ରମେଶ ବିଧୁରୀଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପରେ ଭିତରକାଠ ନିକଟକୁ ଯାଇ ଚତୁର୍ଦ୍ଧାବିଗ୍ରହମାନଙ୍କୁ ଦର୍ଶନ କରିଥିଲେ। ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇ ଫେରିଥିଲେ। ଏହି ଦଳରେ ଇଣ୍ଡିଆନ ଅଏଲର କର୍ମକର୍ତ୍ତା ମଧ ରହିଥିଲେ।

## ସୁଦର୍ଶନଙ୍କ ବାଲୁକାକଳାକୁ ପ୍ରଶଂସା

**ପୁରୀ ଅଫିସ, ୧୮।୧:** ଅନ୍ତର୍ଜାତୀୟ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌କୁ ବ୍ୟବହାର ନ କରିବା ପାଇଁ ବାଲୁକା କଳା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ବାଲୁକା କଳାକୁ ଜାତିସଂଘ ଦ୍ୱାରା ପ୍ରଶଂସା କରାଯାଇଛି। ଏ ନେଇ ଜାତିସଂଘ ସାମାଜିକ ଗଣମାଧ୍ୟମରେ ଟୁଇଟର ମାଧ୍ୟମରେ ପୋଷ୍ଟ କରିଛି। ଏଥିରେ ସୁଦର୍ଶନ ଖୁସିବ୍ୟକ୍ତ କରିଛନ୍ତି।



ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।


ହକିକୁ ନେଇ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ବିଶିଷ୍ଟ ଚିତ୍ରଶିଳ୍ପୀ ଯତୀନ ଦାସ ବୁଧବାର ୬.୪ ଫୁଟର ଏକ ଚିତ୍ର କରୁଛନ୍ତି। ଏହାର ବିକ୍ରିଲବ୍ଧ ଅର୍ଥକୁ ଓଡ଼ିଶାର ହକି ଖେଳାଳୀଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୨ ବର୍ଷ ଜେଲଦଣ୍ଡ

**ଲାଞ୍ଚ ମାମଲାର ୭ ବର୍ଷ ପରେ ରାୟ**

**■ଇନ୍ଦିରା ଆବାସ ବିଲ୍ କରିବାକୁ ୫ହଜାର ନେବାବେଳେ ଧରାପଡ଼ିଥିଲେ**

**■ ୧୦ହଜାର ଜରିମାନା, ଅନାଦାୟ ଅଧିକ ୪ ମାସ ଜେଲ**

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ଇନ୍ଦିରା ଆବାସ ଯୋଜନାରେ ଘର ପାଇଥିବା ପୁରୀ ଜିଲାର ଜଣେ ହିତାଧିକାରୀଙ୍କଠାରୁ ଲାଞ୍ଚ ନେବା ମାମଲାର ୭ବର୍ଷ ପରେ ବୁଧବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ଥିବା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ରାହଡ଼ମଲ୍ଲ ଗ୍ରାମ ପଞ୍ଚାୟତର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ ଚନ୍ଦ୍ର ଦିକ୍ଷିତଙ୍କୁ ୨ବର୍ଷ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟନାରାୟଣ ସଡ଼ଙ୍ଗୀ ତାଙ୍କ ରାୟରେ ଶୁଣାଇଛନ୍ତି।

ମାମଲାର ବିବାରଣୀ ଅନୁଯାୟୀ, ୨୦୧୫ରେ ବ୍ରହ୍ମଗିରି ଅଞ୍ଚଳର ହିତାଧିକାରୀ ଦିନବନ୍ଧୁ ଖଣ୍ଡେଇତରା ଇନ୍ଦିରା ଆବାସ ଯୋଜନାରେ ଏକ ଘର ପାଇଥିଲେ। ଘର ୱାର୍କ ଅର୍ଡର ଦିଆଯିବା ପରେ ତାଙ୍କୁ ପ୍ରଥମ କିସ୍ତିରେ ୧୫ ହଜାର ଟଙ୍କା ମିଳିଥିଲା। ସେ ଘରର ଗ୍ରେଡବିନ୍ ପର୍ଯ୍ୟନ୍ତ ନିର୍ମାଣ କରିବା ପରେ ଦ୍ୱିତୀୟ କିସ୍ତିରେ ମିଳିବାକୁ ଥିବା ୪୫ ହଜାର ଟଙ୍କା ପାଇଁ ବିଲ୍ କରିଦେବାକୁ ପ୍ରକାଶଙ୍କୁ କହିଥିଲେ। ଏଥିପାଇଁ ଦିନବନ୍ଧୁଙ୍କୁ ପ୍ରକାଶ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଦିନବନ୍ଧୁ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଏସଂକ୍ରାନ୍ତରେ ୨୦୧୫ ମେ' ୧୫ରେ ଏକ ମାମଲା (ନଂ.୧୮/୨୦୧୫) ରୁଜୁକରି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲା। ପୂର୍ବପ୍ରସ୍ତୁତି ଅନୁଯାୟୀ ଏହା ପରଦିନ ଅର୍ଥାତ ମେ' ୧୬ରେ ପୁରୀ ବଡ଼ଦାଣ୍ଡସ୍ଥିତ ପାରାଡାଇଜ୍ ହୋଟେଲ୍ ସାମ୍ନାରେ ପ୍ରକାଶ ଲାଞ୍ଚ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ୮ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ଶୁଣାଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଭିଜିଲାନ୍ସ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲାକୁ ପରିଚାଳନା କରୁଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସନ୍ତୋଷ


@ ବିଜୟ


@ ସମ୍ରାଟ


@ ଜଗନ୍ନାଥ


@ ସୌମ୍ୟ


@ ଦୀପକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୟୁଟ୍ୟୁବର୍ ଅନିମେଷ ପଶ୍ଚିମବଙ୍ଗରୁ ଗିରଫ

ପୁରୀ ଅଫିସ, ୧୮।୧

ଶ୍ରୀମନ୍ଦିର ନୋ ଫ୍ଲାଇଂ ଜୋନ୍‌ରେ ଡ୍ରୋନ୍ ଉଡ଼ାଇ ଭିତରବେଢ଼ାର ଭିଡିଓ ଭାଇରାଲ କରିବା ସହ ଟଙ୍କା ମାଗିବା ଘଟଣାରେ ଅଭିଯୁକ୍ତ ବଙ୍ଗୀୟ ୟୁଟ୍ୟୁବର୍ ଅନିମେଷ ଚକ୍ରବର୍ତ୍ତୀଙ୍କୁ ବୁଧବାର ପୁରୀ ପୋଲିସ ଗିରଫ କରିଛି। ପୁରୀ ସିଟି ଡିଏସ୍‌ପି କେ. କେ. ହରିପ୍ରସାଦଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ କୋଲକାତା ଯାଇ ସେଠାରେ ୫ଦିନ ରହି ଅନିମେଷଙ୍କ ଗତିବିଧି ଉପରେ ନଜର ରଖିଥିଲେ। ବୁଧବାର ପଶ୍ଚିମବଙ୍ଗର ବାରାକପୁର ଜିଲାରୁ ଅନିମେଷଙ୍କୁ ଗିରଫ କରାଯାଇଥିବା ପୁରୀ ଏସ୍‌ପି କନୱର ବିଶାଲ୍ ସିଂହ ଟୁଇଟ୍ କରି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳ ତଥା ନୋ ଫ୍ଲାଇଂ ଜୋନ୍‌ରେ ପଶ୍ଚିମବଙ୍ଗ ନର୍ଥ ଚବିଶପ୍ରଗଣା ଗୁମା ଆମଡଙ୍ଗା ଅଞ୍ଚଳର ଅନିମେଷ ଡ୍ରୋନ ଉଡାଇ ଭିଡିଓ ଭାଇରାଲ କରିଥିବା ଘଟଣା ଗତବର୍ଷ ନଭେମ୍ବର ୧୯ରେ ସାମ୍ନାକୁ ଆସିଥିଲା। ସେ ପତିତପାବନ ବାନା ପରିବର୍ତ୍ତନ ଓ ଶ୍ରୀମନ୍ଦିର ଭିତରବେଢାର ଦୃଶ୍ୟକୁ କଏଦ୍ କରି ୟୁନିଫାଏଡ୍ ନାମକ ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ କରିଥିଲେ, ଯାହାକୁ ସାରା ବିଶ୍ୱବାସୀ ଦେଖିଥିଲେ। ଉକ୍ତ ଚ୍ୟାନେଲରେ ଦିଆଯାଇଥିବା ଯୋଗାଯୋଗ ନମ୍ବରରେ ସମ୍ପର୍କ କରିବାରୁ ସେ ପ୍ରତି ଆଙ୍ଗେଲ୍ ପିଛା ଫୁଟେଜ୍ ନେବାପାଇଁ ୨୦ ହଜାର ଟଙ୍କା ଦାବି କରୁଥିବା ଜଣାପଡ଼ିଥିଲା। ଭିଡିଓର ପ୍ରାରମ୍ଭରେ ଓଡ଼ିଶା ପୋଲିସକୁ ସ୍ୱତନ୍ତ୍ର ଧନ୍ୟବାଦ ଦିଆଯାଇଥିବା ଏହି ୟୁଟ୍ୟୁବ୍ ଚ୍ୟାନେଲରେ ଦେଖିବାକୁ ମିଳିଥିଲା। ତେଣୁ ପୋଲିସ ପ୍ରତି ଅଙ୍ଗୁଳି ଉଠିବା ସହ ଏପରି ଭିଡିଓ କରିବା ପାଇଁ ତାଙ୍କୁ କିଏ ଅନୁମତି ଦେଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଥିଲା। ସିଟି ଡିଏସ୍‌ପି ହରିପ୍ରସାଦଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ଗଠନ କରାଯାଇ ଉକ୍ତ ଭିଡିଓକୁ ଯାଞ୍ଚ କରାଯାଇଥିଲା। ସିଟି ଡିଏସ୍‌ପି ତାଙ୍କ ରିପୋର୍ଟ ଦେବା ପରେ ଡିସେମ୍ବର ୪ରେ ସିଂହଦ୍ୱାର ଥାନାରେ ପୋଲିସ ପକ୍ଷରୁ ଅନିମେଷଙ୍କ ବିରୋଧରେ ଏକ ମାମଲା (ନଂ. ୧୫୦/୨୨) ରୁଜୁ କରାଯାଇଥିଲା। ଅନିମେଷଙ୍କୁ ସିଂହଦ୍ୱାର ଥାନାରେ ହାଜର ହୋଇ ଜବାବ ରଖିବା ସହ ଅଧିକ ଅନୁସନ୍ଧାନ ପାଇଁ ୧୬୦ ସିଆର୍‌ପିସିରେ ନୋଟିସ ପଠାଯାଇଥିଲା। ତେବେ ଅନିମେଷ ଥାନାରେ ହାଜର ହେବା ପରିବର୍ତ୍ତେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କର ଆଗୁଆ ଜାମିନ ଆବେଦନ ଖାରଜ କରିଦେଇଥିଲେ। ଏହାପରେ ପୁରୀ ପୋଲିସ ତାଙ୍କୁ ଗିରଫ କରିବାକୁ କୋଲକାତା ଯାଇଥିଲା।

**ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଇବା ଘଟଣା**



# ଏକାଦଶାହ ଭୋଜି ଖାଇ ୩୦ ଅସୁସ୍ଥ

**ଗୁରୁତରଙ୍କ ମଧ୍ୟରେ ୮ ଜଣ ଶିଶୁ**

ସାଲେପୁର,୧୮।୧( ଡି.ଏନ.ଏ)

ସାଲେପୁର ବ୍ଲକ ମହାଜନପୁର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ଭୋଜି ଖାଇ ୩୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୮ ଜଣ ଶିଶୁ ରହିଛନ୍ତି। ଏହି ଗ୍ରାମର ଅଭିଜିତ ସାହୁ(୭), ଆଦ୍ୟଶା କୁଣ୍ଡୁ(୭), ଭାନୁପ୍ରିୟା କୁଣ୍ଡୁ ( ୩୧), ବାବୁନି ବେହେରା (୩୪), ଲକ୍ଷ୍ମୀଧର କୁଣ୍ଡୁ (୧୧), ଏଚ୍.କେ. ଦାସ( ୩୧), ସରୋଜ ଗୁଇଁ ( ୭), ଶକ୍ତି ପ୍ରସାଦ ଦତ୍ତ( ୯), ଜଗବନ୍ଧୁ ବେହେରା(୧୩), ସୂର୍ଯ୍ୟକାନ୍ତ ବେହେରା(୨୨)ଙ୍କ ସମେତ ୨୦ ଜଣ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବାବେଳେ ଆଉ କେତେଜଣଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସମ୍ପର୍କୀୟମାନଙ୍କ ପାଖରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଗ୍ରାମରେ ଜଣଙ୍କ ଏକାଦଶାହ ଭୋଜି ହୋଇଥିଲା। ସ୍ଥାନୀୟ ଲୋକେ ଉକ୍ତ ଭୋଜି ଖାଇବାକୁ ଯାଇଥିଲେ। ଘରକୁ ଆସିବାର କିଛି ସମୟ ପରେ କେତେଜଣ ଲୋକଙ୍କ ଝାଡ଼ା,ବାନ୍ତି ଓ ଜ୍ୱର ହେବା ସହ ମୁଣ୍ଡ ବୁଲାଇ ଥିଲା। ଅପରପକ୍ଷେ ଭୋଜିଖାଇଥିବା ପିଲାମାନେ ବୁଧବାର ବିଦ୍ୟାଳୟକୁ ଯାଇଥିବା ବେଳେ ଅସୁସ୍ଥ ହୋଇ ପଡ଼ିଥିଲେ। ଖବରପାଇ ଅଭିଭାବକମାନେ ସେମାନଙ୍କୁ ଘରକୁ ନେଇ ଆସିଥିଲେ। ମାତ୍ର ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ନ ହେବାରୁ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପଙ୍କଜ ତ୍ରିପାଠୀ କହିଛନ୍ତି, ଏଠାରେ ଚିକିତ୍ସାଧୀନ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି।


ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଅସୁସ୍ଥମାନେ।



# ରୋମାଞ୍ଚିତ କଲା ୪ ଓଡ଼ିଆଙ୍କ କଣ୍ଠସ୍ୱର

## ଉତ୍‌ଫେଷ୍ଟର ଚତୁର୍ଥ ସନ୍ଧ୍ୟା

*ଭୁବନେଶ୍ୱର, ୧୮।୧ (ବ୍ୟୁରୋ)- ଉତ୍‌ଫେଷ୍ଟର ୪ର୍ଥ ସନ୍ଧ୍ୟାରେ ଧମାକା ଦେଖାଇଲେ ୪ ଓଡ଼ିଆ ଷ୍ଟାର୍। ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ସ୍ମିତି ମିଶ୍ର, ର୍‌ୟାପର ବିଗ୍‌ଡିଲ୍ ଓରଫ୍ ସମୀର ରିଶୁ ମହାନ୍ତି, ଆମେରିକାନ୍ ଗାୟିକା ଲିସା ମିଶ୍ର ଓ ଋତୁରାଜ ମହାନ୍ତିଙ୍କ ପ୍ରଦର୍ଶନ ବେଶ୍ ଚମତ୍କାର ଥିଲା। ସ୍ମିତିଙ୍କ ଶାସ୍ତ୍ରୀୟ ସଙ୍ଗୀତରୁ ଆରମ୍ଭ ହୋଇଥିବା ଏହି ସନ୍ଧ୍ୟାରେ ଋତୁରାଜଙ୍କ ଧମାଲ ପ୍ରଦର୍ଶନ ଓ ପରେ ରାପର ବିଗ୍‌ଡିଲ୍‌ଙ୍କ ର୍‌ୟାପ୍ ସଙ୍ଗୀତ ଆଉ ଶେଷରେ ଲିସାଙ୍କ କଣ୍ଠରେ ହିନ୍ଦୀ ଓ ଇଂଲିଶ ଗୀତର ଯାଦୁ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲା।*



## ଖେଳ କଲେ ବିଗ୍‌ଡିଲ୍

ନିଜର ର୍‌ୟାପ ଗୀତରେ ମଞ୍ଚରେ ଖେଳ କଲେ ର୍‌ୟାପର ବିଗ୍‌ଡିଲ୍। ଜୟ ଜଗନ୍ନାଥ ଭୁବନେଶ୍ୱର.. ମୁଁ ଓଡ଼ିଆ ... ଆଉ ଆପଣମାନେ ସବୁ ଓଡ଼ିଆ ତ...କହି ଆରମ୍ଭ କଲେ ନିଜର ପରିବେଷଣ। ଓଡ଼ିଶାର ସଂସ୍କୃତି, ଖାଦ୍ୟ, ଐତିହ୍ୟ, ଖେଳକୁ ନେଇ ସେ ଗାଇଥିବା ର୍‌ୟାପ ଗୀତ ସବୁକୁ ସେ ମଞ୍ଚରେ ଉପସ୍ଥାପିତ କରିଥିଲେ। ମୁଁ ଓଡ଼ିଆ..., ପୂରା ଖେଳ ପୁରା ଖେଳ.., ହକି ୱାର୍ଲଡ କପ୍..., ଆଇ ଏମ୍ ଏ ଉଇନର..., ମୋ ଓଡ଼ିଶା ତୁ ଖୁସି ତ...ଭଳି ସଙ୍ଗୀତ ପରିବେଷଣ କରିଥିଲେ। ର୍‌ୟାପ କରି କରି ମଞ୍ଚ ତଳକୁ ଆସି ଦର୍ଶକଙ୍କ ପାଖେ ପହଞ୍ଚି ଯାଇଥିଲେ।





## ଶୀତୁଆ ସନ୍ଧ୍ୟାରେ ସ୍ମିତିଙ୍କ ଜୋଛନା ଲୁଚନା

ସୁରିଲା କଣ୍ଠରେ 'ଦିୟା ଜଲେନ...' ଗୀତରୁ ସ୍ମିତି ତାଙ୍କର ପରିବେଷଣ ଆରମ୍ଭ କରିଥିଲେ। ହାଲ୍‌କା ହଲାକ ଗୀତରେ ସେ ଦର୍ଶକଙ୍କୁ ଝୁମାଇଥିଲେ। ଶୀତୁଆ ସନ୍ଧ୍ୟାରେ ସ୍ମିତିଙ୍କ ଏହି ସଙ୍ଗୀତ ଶୀତଳତା ଭରି ଦେଇଥିଲା। ପରେ ଆଫ୍ରିନ୍ ଆଫ୍ରିନ୍.. ସଙ୍ଗୀତ ଗାଇଥିଲେ। ଓଡ଼ିଶା ମଞ୍ଚରେ ଓଡ଼ିଆ ଦର୍ଶକଙ୍କୁ ସେ ନିର୍ମଳା ମିଶ୍ରଙ୍କ ଜୋଛନା ଲୁଚନା... ଗୀତ ଭେଟି ଦେଇଥିଲେ। ଏହି ଗୀତ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଛୁଇଁଥିଲା। ଶେଷରେ କିବେ ମୁଖଡ଼େ ତୁନ୍‌ଜରା ହଟାୱା..ଗୀତ ଗାଇ ସେ ମଞ୍ଚରୁ ବିଦାୟ ନେଇଥିଲେ।

## ଋତୁରାଜଙ୍କ ବାଟରେ ଚାଲୁ ଚାଲୁ

ଜୟ ଜଗନ୍ନାଥ କହି ମଞ୍ଚକୁ ଆସିଲେ ବଲିଉଡ୍ ଗାୟକ ଋତୁରାଜ ମହାନ୍ତି। ପୂରା ଏନର୍ଜି ସହ ସେ ପ୍ରତି ଗୀତକୁ ମଞ୍ଚରେ ପ୍ରଦର୍ଶିତ କରିଥିଲେ। କ୍ୟୁଁକି ତୁମ୍ ହି ହୋ..., ଭିଗେ ଓଠ୍ ତୋର୍... ଭଳି ରୋମାଣ୍ଟିକ୍ ଗୀତରେ ସେ ରୋମାଞ୍ଚ ଭରି ଦେଇଥିଲେ। ତା' ପରେ ଓଡ଼ିଆର ସୁପରହିଟ୍ ଗୀତ ବାଟରେ ଚାଲୁ ଚାଲୁ...ଗାଇ ସେ ଦର୍ଶକଙ୍କୁ ହୃଦୟକୁ ଛୁଇଁଥିଲେ। ଜରା ସା ..., ଚଲ୍ ଛେୟାଁ ଛେୟାଁ..ଗୀତରେ ସେ ନିଜର ପ୍ରଦର୍ଶନ ସମାପ୍ତ କରିଥିଲେ।

## ଫ୍ରି ଏଣ୍ଟ୍ରି ଦ୍ୱନ୍ଦ୍ୱ, ଦର୍ଶକ ଅସନ୍ତୁଷ୍ଟ



ବୁଧବାର ଓ ଗୁରୁବାର ସମସ୍ତ ଦର୍ଶକଙ୍କୁ ମାଗଣାରେ ଦେଖିବାକୁ ସୁଯୋଗ ଦିଆଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଥିଲା। ତେଣୁ ବୁଧବାର ଦର୍ଶକଙ୍କ ସଂଖ୍ୟା ବଢ଼ିଯାଇଥିଲା। ହେଲେ ଉତ୍‌ଫେଷ୍ଟ ସ୍ଥଳରେ ପହଞ୍ଚିବାବେଳକୁ ବିନା ଟିକେଟରେ ଏଣ୍ଟ୍ରି ଅନୁମତି ମିଳି ନ ଥିଲା। ବୁକ୍ ମାଇଁ ଶୋ' କିମ୍ବା ପୂର୍ବରୁ ଦେଖିବାକୁ ଆସିଥିବା ଦିନର ପାସ୍‌କୁ ଦେଖାଇଲେ ଏଣ୍ଟ୍ରି ମିଳିବ ବୋଲି ସୁରକ୍ଷା କର୍ମଚାରୀ କହିଥିଲେ। ଏହାକୁ ନେଇ ଦର୍ଶକ-କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କିଛି ସମୟ ପରେ ଟିକେଟ ଦେଖାଇ ଭିତରକୁ ଯାଇ ପାରିବେ ବୋଲି ବୋର୍ଡ ଆଣି ଲଗାଯାଇଥିଲା। ସିଟ୍ ଫାଙ୍କା ପଡୁଥିବାରୁ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସତେ ଯେମିତି ଏଇଭଳି ମିଛ ସୂଚନା ଦିଆଯାଇଥିବା ଦର୍ଶକ ଅନୁଭବ କରି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲେ ମଧ୍ୟ ଅଧିକାଂଶ ସିଟ୍ ଖାଲି ପଡିବାରୁ ବିନା ଟିକେଟରେ ଦର୍ଶକଙ୍କୁ ଭିତରକୁ ଛାଡ଼ି ଦିଆଯାଇଥିଲା। ଏ ନେଇ ବିଡ଼ିଏ ଉପାଧକ୍ଷ ବଲୱନ୍ତ ସିଂ କହିଛନ୍ତି, ପୁରୁଣା ଟିକେଟ କିମ୍ବା ବୁକ୍ ମାଇଁ ଶୋ'ରେ ପୂର୍ବରୁ କାଟିଥିବା ଟିକେଟ ଦେଖାଇଲେ ବସିବାକୁ ମିଳିବ। ସେମାନଙ୍କୁ ହିଁ ମାଗଣାରେ ଦେଖିବାକୁ ସୁଯୋଗ ମିଳିବ।



## ହିନ୍ଦୀ, ଇଂଲିଶ ଗୀତରେ ମୁଗ୍ଧ କଲେ ଲିସା

ଓଡ଼ିଶାର ଝିଅ ଲିସା ମିଶ୍ର ଇଂଲିଶ ଓ ହିନ୍ଦୀ ଗୀତ ଗାଇ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ଆମେରିକାନ ସିଙ୍ଗର ହେଲେ ମଧ ସେ ଜଣେ ଓଡ଼ିଆ ବୋଲି ପ୍ରଥମରୁ ପରିଚୟ ଦେଇଥିଲେ। ନଖରେ କ୍ୟୁ କରଦି ହେ ଜତଦା ନେହିଁ.., କେଶରିୟା..., ଜିୟା ଜିୟାରେ ଜିୟା... ଆଦି ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ। ହିନ୍ଦୀ ଗୀତ ସହ ରିମିକ୍ସ କରି ସେ ଆମେରିକାନ୍ ଗୀତ ମଧ ଦର୍ଶକଙ୍କୁ ଭେଟି ଦେଇଥିଲେ।

### ସମ୍ବର୍ଦ୍ଧିତ ହେଲେ ୪ କଳାକାର

ଉତ୍‌ଫେଷ୍ଟର ୪ର୍ଥ ସନ୍ଧ୍ୟାରେ କେବଳ ଓଡ଼ିଆ କଳାକାରଙ୍କୁ ପ୍ରଦର୍ଶିତ କରିବାର ସୁଯୋଗ ଦିଆଯାଇଥିଲା। ଏହି ୪ କଳାକାରଙ୍କୁ ବିଡିଏ ଉପାଧକ୍ଷ ବଲୱନ୍ତ ସିଂ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ହେବା ପରେ ସମସ୍ତେ ଦର୍ଶକଙ୍କ ସହ ସମତାଳରେ 'ଆମ ସହର ଆମ ଗର୍ବ' ଓ 'ହକି ହେ ଦିଲ୍ ମେରା' କହିଥିଲେ।

### ଆଜି ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା

ଉତ୍‌ଫେଷ୍ଟରେ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ୫ମ ସନ୍ଧ୍ୟାକୁ ଶାସ୍ତ୍ରୀୟ ସଙ୍ଗୀତ ପାଇଁ ଉତ୍ସର୍ଗ କରାଯାଇଛି। ଏଥିରେ ମୁଖ୍ୟ ଆକର୍ଷଣ ସାଜିବେ ବିଶିଷ୍ଟ ବଂଶୀବାଦକ ହରପ୍ରସାଦ ଚୌରାସିଆ। ତାଙ୍କ ସହ ଉସ୍ତାଦ୍ ତୌଫିକ୍ କ୍ୟୁରେସି, ଲୁଇସ୍ ବ୍ୟାଙ୍କସ୍, ଜର୍ଜ ବ୍ରୁକ୍ସ ପ୍ରମୁଖଙ୍କ ଶାସ୍ତ୍ରୟ ସଙ୍ଗୀତରେ ଦର୍ଶକ ଉଦ୍‌ବୁଦ୍ଧ ହେବେ।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

## ଆଜି ମହିଳା ଥାନାରେ ହାଜର ହେବେ ହ୍ୟୁମାନ ସାଗର

କଟକ ଅଫିସ, ୧୮।୧

ଓଡ଼ିଶାର ଖ୍ୟାତନାମା କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି ସ୍ତ୍ରୀ ଶ୍ରେୟା ମିଶ୍ର। ଏହି ଅଭିଯୋଗ ଉପରେ ଆପୋସ ବୁଝାମଣା ଲାଗି କଟକ ମହିଳା ଥାନାରେ ହ୍ୟୁମାନ ସାଗର ଓ ଶ୍ରେୟାଙ୍କୁ ହାଜର ହେବାକୁ ଥାନା ପକ୍ଷରୁ କୁହାଯାଇଛି। ଶ୍ରେୟାଙ୍କୁ ହ୍ୟୁମାନ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ସେ ମଙ୍ଗଳବାର ଡିସିପି ପିନାକ ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ ପାଇଁ ଡିସିପି ମହିଳା ଥାନାକୁ ନିର୍ଦ୍ଦେଶ ଦେବା ସହ ଉଭୟଙ୍କୁ ମହିଳା ଥାନାରେ ହାଜର ହେବାକୁ କହିଥିଲେ। ଏନେଇ ଶ୍ରେୟା ବୁଧବାର ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଡିସିପି ମିଶ୍ର କହିଛନ୍ତି, ଏହାର ତଦନ୍ତ କରାଯିବା ସହ ଆପୋସ ବୁଝାମଣା ପାଇଁ ଉଭୟଙ୍କୁ ଡକାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ। ସୂଚନାଯୋଗ୍ୟ, ବଲାଙ୍ଗୀରର କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଏବେ କଟକ ସିଡିଏ ସେକ୍ଟର-୬ ଅଞ୍ଚଳରେ ରହୁଛନ୍ତି। ପାରିବାରିକ ଅଶାନ୍ତି କାରଣରୁ ଶ୍ରେୟା କିଛିମାସ ହେବ ବାଲେଶ୍ୱରରେ ଥିବା ବାପଘରକୁ ଚାଲି ଯାଇଥିଲେ।



ଭୁବନେଶ୍ୱର ବରମୁଣ୍ଡା ଦୁର୍ଗାପୂଜା ପଡ଼ିଆରେ ଚାଲିଥିବା ଶିଶିର ସରସ ମେଳାର ଏକ ଷ୍ଟଲ୍‌ରେ ଲୋକେ କିଣାକିଣି କରୁଛନ୍ତି।

## ୫ମ ଶ୍ରେଣୀ ପିଲାଙ୍କ ଗଣିତ ଜ୍ଞାନ ୨୫.୬%କୁ କମିଛି

### ଅସର ୨୦୨୨ ସର୍ଭେ

କଟକ ଅଫିସ, ୧୮।୧

ଜାତୀୟ ସ୍ତରରେ ଅଧିକାଂଶ ଶ୍ରେଣୀର ପିଲାଙ୍କ ମୌଳିକ ଗଣିତ ଜ୍ଞାନ ୨୦୧୮ଠାରୁ ଅପେକ୍ଷାକୃତ ଭାବେ ହ୍ରାସ ପାଇଛି। ଏପରି କି ୫ମ ଶ୍ରେଣୀ ପିଲାଙ୍କ ଗଣିତ ଜ୍ଞାନ ୨୫.୬%କୁ କମିଥିବା ଅସର ସର୍ଭେରୁ ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଭାରତରେ ୫ମ ଶ୍ରେଣୀରେ ହରଣ କରିପାରୁଥିବା ପିଲା ୨୦୧୮ରେ ୨୭.୯% ଥିବାବେଳେ ୨୦୨୨ରେ ୨୫.୬% କୁ ହ୍ରାସ ପାଇଛି। କିନ୍ତୁ ବିହାର, ଝାଡ଼ଖଣ୍ଡ, ମେଘାଳୟ ଏବଂ ସିକିମ୍‌ରେ ଏହି ମାନ ୨୦୧୮ ତୁଳନାରେ ସାମାନ୍ୟ ଉନ୍ନତି ଦେଖିବାକୁ ମିଳିଛି। ମିଜୋରାମ(୨୦୧୮)ରେ ୪୦.୨%ରୁ ଖସି ୨୦୨୨ରେ ୨୦.୯%, ହିମାଚଳ ପ୍ରଦେଶରେ ୫୬.୬%ରୁ ୪୨.୬% ଓ ପଞ୍ଜାବରେ ୫୨.୯%ରୁ ୪୧.୧%କୁ ହ୍ରାସ ପାଇଛି। ବହୁ ରାଜ୍ୟରେ ୧୦% ବା ତାଠାରୁ ଅଧିକ ହ୍ରାସ ପାଇଥିବା ଜଣାପଡିଛି। ଅପରପକ୍ଷରେ ଓଡ଼ିଶାରେ ଏହି ମାନ ୨୫.୫%ରୁ ୨୮.୩%କୁ ବୃଦ୍ଧି ପାଇଥିବା ଜଣାଯାଇଛି। ଅସର ଅନୁଷ୍ଠାନ ସର୍ଭେର ଏକ ଅଂଶ ଭାବରେ ପ୍ରତ୍ୟେକ ନମୁନିତ ଗ୍ରାମରେ ଥିବା ପ୍ରାଥମିକ ବିଭାଗ ସହିତ ଗୋଟିଏ ସରକାରୀ ବିଦ୍ୟାଳୟ ପରିଦର୍ଶନ କରାଯାଇ ସର୍ଭେ କରାଯାଇଥିଲା। ଜାତୀୟ ସ୍ତରରେ ମୋଟ ୯,୫୭୭ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ୭୪୨୫ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରାଯାଇଥିଲା। ଏଥିସହ ଓଡ଼ିଶାରେ ୩୬୨ ପ୍ରାଥମିକ ବିଦ୍ୟାଳୟ ଓ ୪୪୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରାଯାଇଥିଲ। ଏନେଇ ପ୍ରଥମ ଓଡ଼ିଶା ପକ୍ଷରୁ କଟକ ଅରୁଣୋଦୟ ନଗରସ୍ଥିତ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ପୁଷ୍ପାଞ୍ଜଳି ପରିଡ଼ା, ନିକୁଞ୍ଜ କୁମାର ସାହୁ, ସ୍ନେହଲତା ଦାଶ, ହିମାଂଶୁ ସେନାପତି ଓ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରକୁ ସବୁଜ ସଙ୍କେତ

### ରହିତାଦେଶ ହଟାଇଲେ ହାଇକୋର୍ଟ

କଟକ ଅଫିସ, ୧୮।୧

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ ପାଇଁ ରହିଥିବା ଅଦାଲତ କଟକଣା ଏବେ ଅପସରି ଯାଉଛି। ଏହି ପୁରସ୍କାର ପ୍ରଦାନ ଉପରେ ଜାରି ହୋଇଥିବା ରହିତାଦେଶ ହଟାଇବା ନିମନ୍ତେ ରାଜ୍ୟ ସରକାର କରିଥିବା ଆବେଦନକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଏଥିସହ ପୁରସ୍କାର ପ୍ରଦାନ ଉପରେ ଜାରି ହୋଇଥିବା ରହିତାଦେଶକୁ ହାଇକୋର୍ଟ ବୁଧବାର ଉଠାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀର ନିଜସ୍ୱ ନିୟମ ନ ଥିବା ଏବଂ ରାଜ୍ୟ ସରକାର ନିଜ ଇଚ୍ଛା ମୁତାବକ ପୁରସ୍କାର ପ୍ରଦାନ କରୁଥିବା ଅଭିଯୋଗ କରି ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା। ଉକ୍ତ ମାମଲାର ଆବେଦନ ଉପରେ ଶୁଣାଣି କରି ହାଇକୋର୍ଟ ପୁରସ୍କାର ପ୍ରଦାନ ଉପରେ ରୋକ ଲଗାଇଥିଲେ। ଫଳରେ ପୁରସ୍କାର ଦିଆଯାଇ ପାରୁ ନ ଥିଲା। ରାଜ୍ୟ ସରକାର ଏନେଇ ହାଇକୋର୍ଟଙ୍କୁ ଅବଗତ କରାଇବା ସହ ରହିତାଦେଶ ଉଠାଇବାକୁ ଆବେଦନ କରିଥିଲେ। ସୂଚନାଯୋଗ୍ୟ, ୨୦୧୮ ପରଠାରୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇନାହିଁ।

## ୧ ମାସ ମଧ୍ୟରେ ନୂଆ ପୁରସ୍କାର ତାଲିକା ଘୋଷଣା କର

### ୩୧ତମ ରାଜ୍ୟ ଫିଲ୍ମ ଆୱାର୍ଡ ୨୦୧୯ର ଚୟନରେ ଅନିୟମିତତା

### ଚୟନ ତାଲିକାରୁ ବାଦ ପଡ଼ିବ ଖୁସି ଓ ଗୋଲମାଲ ଲଭ

କଟକ ଅଫିସ, ୧୮।୧

୩୧ତମ ଓଡ଼ିଶା ରାଜ୍ୟ ଫିଲ୍ମ ଆୱାର୍ଡ ୨୦୧୯ର ଚୟନରେ ଅନିୟମିତତା ହୋଇଥିବା ଦର୍ଶାଇ ହାଇକୋର୍ଟରେ ମାମଲା ଦାଏର ହୋଇଥିଲା। ବିଚାରପତି ଏସ୍. କେ. ପାଣିଗ୍ରାହୀଙ୍କ ଖଣ୍ଡପୀଠ ମାମଲାର ବିଚାର କରି ରାଜ୍ୟ ସରକାର ପୁଣି ଥରେ ପୁରସ୍କାର ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ତାଲିକାରୁ ବିବାଦୀୟ ଚଳଚ୍ଚିତ୍ର ଖୁସି ଓ ଗୋଲ୍‌ମାଲ୍ ଲଭକୁ ବାଦ୍ ଦେବା ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ପୁରସ୍କାର ତାଲିକା ୧ ମାସ ମଧ୍ୟରେ ଘୋଷଣା କରିବାକୁ ନିର୍ଦ୍ଦେଶ ଦେଇ ଖଣ୍ଡପୀଠ ମାମଲାର ଅନ୍ତ ଘଟାଇଛନ୍ତି।

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବଙ୍କ ଦ୍ୱାରା ବିଭାଗ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ୩୧ତମ ଓଡ଼ିଶା ରାଜ୍ୟ ଫିଲ୍ମ ଆୱାର୍ଡ ୨୦୧୯ର ପୁରସ୍କାର ତାଲିକାକୁ ଆବେଦନକାରୀ ବବି ଇସ୍‌ଲାମ୍ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ଦାଏର କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ଏବଂ ନିର୍ଦ୍ଦେଶକଙ୍କୁ ଏଥିରେ ପକ୍ଷଭୁକ୍ତ କରାଯାଇଥିଲା। ଓଡ଼ିଶା ରାଜ୍ୟ ଫିଲ୍ମ ପୁରସ୍କାର ନିୟମ-୨୦୧୦କୁ ଏଥିରେ ଉଲ୍ଲଂଘନ କରାଯିବା ସହ ବେଆଇନ ଭାବେ ତାଲିକା ପ୍ରସ୍ତୁତ କରାଯାଇଥିବା ଆବେଦନକାରୀ ଦର୍ଶାଇଥିଲେ। ୧୯୭୩ରେ ରାଜ୍ୟ ସରକାର ଉଚ୍ଚମାନର ଓଡ଼ିଆ ସିନେମା ପ୍ରସ୍ତୁତିକୁ ସହଯୋଗ ଓ ପ୍ରୋତ୍ସାହନ ଯୋଗାଇଦେବା ନିମନ୍ତେ ଉପରୋକ୍ତ ଆୱାର୍ଡ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇ କାର୍ଯ୍ୟକାରୀ କରିଆସୁଥିଲେ। ଆବେଦନକାରୀ ଜଣେ ଖ୍ୟାତନାମା ସିନେ ନିର୍ଦ୍ଦେଶକ। ୨୦୧୯ ମସିହା ପାଇଁ ଆବେଦନକାରୀ ତାଙ୍କ ଚଳଚ୍ଚିତ୍ର ଛବିରାଣୀକୁ ଯେକୌଣସି ପୁରସ୍କାର ମିଳିବ ବୋଲି ଆଶା ରଖିଥିଲେ। ଏହି ସିନେମା ଏକ ସତ୍ୟ ଘଟଣା ଉପରେ ଆଧାରିତ ଥିବା ସହ ପୁରସ୍କାର ପାଇବା ପାଇଁ ଯୋଗ୍ୟତା ରହିଥିଲା। ୨୦୨୧ ନଭେମ୍ବର ୫ରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବା ପରେ ଛବିରାଣୀ ସିନେମାଟି ସେଥିରେ ସ୍ଥାନିତ ହୋଇ ନ ଥିବାରୁ ଆବେଦନକାରୀଙ୍କୁ ଆଘାତ ଦେଇଥିଲା। ପୁରସ୍କାର ତାଲିକାରେ ସାମିଲ ହୋଇଥିବା ଖୁସି ସିନେମା ଏକ କୋରିଆନ ସିନେମା ହୋପ ଏବଂ ଗୋଲ୍‌ମାଲ୍ ଲଭ୍ ସିନେମା ଏକ ପଞ୍ଜାବୀ ସିନେମା କ୍ୟାରି ହୁ ଜଟ୍ଟାର ରିମେକ ସଂସ୍କରଣ ବୋଲି ସେ ଜାଣିବାକୁ ପାଇଥିଲେ। ଏନେଇ ସେ ଅଧିକ ତର୍ଜମା କରିବା ପରେ ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ହୃଦ୍‌ବୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଦାଦାବଟି ମାଗି ୩ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଜମି ମାଲିକଙ୍କୁ ୨୫ ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ଭରତପୁର ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଗଞ୍ଜାମର କାଲୁ ଓରଫ ତ୍ରିପାଠୀ ମହାରଣା, କନ୍ଧମାଳର ଅଜିତ କୁମାର ନାୟକ ଓ ପିଲିପ ନାୟକ। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



## ସଂକ୍ଷେପରେ

### ୨୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଯୁବକ ଗିରଫ

ଭୁବନେଶ୍ୱର,୧୮।୧(ବ୍ୟୁରୋ): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଅଞ୍ଚଳରେ ଅବକାରୀ ଟିମ୍ ପାଟ୍ରୋଲିଂ କରୁଥିବାବେଳେ ଜଣେ ନିଶାବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଦୀପ୍ତି ରଞ୍ଜନ ରାଉତ (୨୦)। ତାଙ୍କଠାରୁ ୨୫ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାସହ ନିଶାବେପାରରେ ବ୍ୟବହୃତ ମୋଟରସାଇକେଲକୁ ମଧ ଅବକାରୀ ଟିମ୍ ଜବତ କରିଛି। ଏନେଇ ଅଭିଯୁକ୍ତଙ୍କୁ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର,୧୮।୧(ଡି.ଏନ୍.ଏ.): ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉତ୍ତରା ଫାଣ୍ଡି ଅଧୀନ ବିନାୟକପୁର ଗ୍ରାମର ନରହରି ମିଶ୍ର। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନ ୫ଟାରେ ନରହରି କୌଣସି କାର୍ଯ୍ୟ ପାଇଁ ଗୁହାଳ ଘରକୁ ଯାଇଥିଲେ। ତେବେ ନିକଟରେ ଥିବା ବିଦ୍ୟୁତ୍ ତାରକୁ ଛୁଇଁ ଦେଇଥିଲେ। ଫଳରେ ସେଠାରେ ସେ ତଳେ ପଡ଼ିଯାଇଥିଲେ। ପରିବାରଲୋକେ ଚିକିତ୍ସା ପାଇଁ ତାଙ୍କୁ ପିପିଲି ସରକାରୀ ହସ୍ପିଟାଲ ଓ ପରେ ଲୁଇସରୋଡ୍‌ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ଶତାୟୁଙ୍କ ପରଲୋକ

ଭୁବନେଶ୍ୱର,୧୮।୧(ବ୍ୟୁରୋ) : ଉତ୍କଳ



ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସେକ୍ସନ ଅଫିସର ଭୁବନେଶ୍ୱରସ୍ଥିତ ଲକ୍ଷ୍ମୀବିହାର ନିବାସୀ ପ୍ରଭାକର ନାୟକଙ୍କ ମଙ୍ଗଳବାର ଭୋର୍ ସମୟରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା। ସେ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇପୁଅ, ବୋହୂ, ୪ ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ମହେନ୍ଦ୍ର କୁମାର ନାୟକ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ନାୟକ ଜଣେ ସ୍ନେହୀ, ପରୋପକାରୀ, କର୍ମଠ ଓ ମେଳାପୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଲକ୍ଷ୍ମୀବିହାର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଖୋର୍ଦ୍ଧାରୁ ଅଭିଯୁକ୍ତ ଗିରଫ, ଅନ୍ୟଜଣେ ଫେରାର

## ରାଜଧାନୀରେ ଗଣବଳାତ୍କାର ଘଟଣା



■ ନମୁନା ସଂଗ୍ରହ କଲା ସାଇଣ୍ଟିଫିକ୍ ଟିମ୍

■ ସିଆର୍‌ପିସି ୧୬୧ରେ ଦୁଇ ପୀଡିତାଙ୍କ ବୟାନ ରେକର୍ଡ

ଭୁବନେଶ୍ୱର,୧୮।୧(ବ୍ୟୁରୋ):

ଭୁବନେଶ୍ୱରର ପଟିଆ ରେଳ ଷ୍ଟେଶନରେ ଦୁଇ ନାବାଳିକାଙ୍କ ହାତଗୋଡ଼ ବାନ୍ଧି ରାତିସାରା ଗଣବଳାତ୍କାର ଘଟଣାକୁ ନେଇ ଚାରିଆଡ଼େ ଉଦ୍‌ବେଗ ପ୍ରକାଶ ପାଇଛି। କମିଶନରେଟ ପୋଲିସ ସହାୟତାରେ ଜିଆର୍‌ପି ଏହି ଘଟଣାରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଖୋର୍ଦ୍ଧା ଟାଉନ୍‌ରୁ ବୁଧବାର ଗିରଫ କରିଛି। ସେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ପଦନପୁର ଗ୍ରାମର କୃଷ୍ଣଚନ୍ଦ୍ର ମଲ୍ଲିକ ଓରଫ କାହ୍ନା (୨୩)। ତାଙ୍କୁ ପୋଲିସ ଅଧିକ ପଚରାଉଚରା କରୁଛି। ତେବେ ଫେରାର ଥିବା ସେହି ଗ୍ରାମର ଅନ୍ୟତମ ଅଭିଯୁକ୍ତ ବୁଲୁ ମଲ୍ଲିକ ଏବେବି ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ଏନେଇ ଜିଆର୍‌ପି ଥାନା ଅଧିକାରୀ ଜୟଦେବ ବିଶ୍ୱଜିତ୍ କହିଛନ୍ତି, ପୀଡିତା ନାବାଳିକାଦ୍ୱୟଙ୍କ ଦଫା ୧୬୧ ସିଆର୍‌ପିସିରେ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତ କାହ୍ନାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ। ଏଥିସହ ୧୬୪ ସିଆର୍‌ପିସିରେ ପୀଡ଼ିତାଦ୍ୱୟଙ୍କର ମଧ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ବୟାନ ରେକର୍ଡ କରାଯିବ। ଫେରାର ଅଭିଯୁକ୍ତ ବୁଲୁଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ପୋଲିସ ଟିମ୍ ପୂର୍ବାହ୍ନରେ ପୀଡ଼ିତାଙ୍କ ସହ ପଟିଆ ରେଳ ଷ୍ଟେଶନରେ ପହଞ୍ଚି ଅପରାଧ ସ୍ଥାନ ଚିହ୍ନଟ କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ମଧ ଘଟଣାସ୍ଥଳକୁ ଯାଇ ପୋଲିସ ସହ ପାରିପାର୍ଶ୍ୱିକ ସ୍ଥାନ ଯାଞ୍ଚ କରିବା ସହ ଫିଙ୍ଗର ପ୍ରିଣ୍ଟ ଆଦି ନମୁନା ସଂଗ୍ରହ କରିଛି। ନାବାଳିକାଦ୍ୱୟଙ୍କୁ ଅତିରିକ୍ତ ସିଡବ୍ଲ୍ୟୁସିଙ୍କ ନିକଟରେ ହାଜର କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲସ୍ଥିତ ସଖୀ ସେଣ୍ଟରରେ ଡାକ୍ତରୀ ପରୀକ୍ଷା ପରେ କଳିଙ୍ଗ ବିହାରସ୍ଥିତ ବିଶ୍ୱ ଜୀବନ ସେବା ସଂଗଠନ (ଭିଜେଏସ୍ଏସ୍) ଓପନ୍ ସେଲ୍ଟରରେ ସେମାନଙ୍କୁ ରଖିବାକୁ ସିଡବ୍ଲ୍ୟୁସି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ପୀଡ଼ିତାଦ୍ୱୟ ସମ୍ପର୍କୀୟ ଭଉଣୀ ହୋଇଥିବାବେଳେ ୧୨ ବର୍ଷୀୟ ନାବାଳିକା ଜଣକ ଦିବ୍ୟାଙ୍ଗ। ଉଭୟ ସୋମବାର ସନ୍ଧ୍ୟାରେ ପଟିଆ ରେଳ ଷ୍ଟେଶନକୁ ଯାଇଥିବାବେଳେ ସେମାନଙ୍କ ପାଟିକୁ ଗାମୁଛାରେ ବାନ୍ଧି ଅଭିଯୁକ୍ତଦ୍ୱୟ ଅପହରଣ କରି ରେଳ ଓଭରବ୍ରିଜ ନିକଟକୁ ନେଇଯାଇଥିଲେ। ଏହାପରେ ସେମାନେ ନାବାଳିକାଦ୍ୱୟଙ୍କୁ ଏକ ଦଉଡିରେ ବାନ୍ଧି ରାତିସାରା ସେଠାରେ ବଳାତ୍କାର କରିଥିଲେ। ଏପରିକି ଘଟଣା ବିଷୟରେ ଅନ୍ୟମାନଙ୍କୁ ଜଣାଇଲେ ଜୀବନରୁ ମାରିଦେବାକୁ ଯୁବକଦ୍ୱୟ ଧମକ ଦେଇଥିଲେ। ସକାଳେ ନାବାଳିକାଦ୍ୱୟ ଘରେ ପହଞ୍ଚି ଘଟଣା ବିଷୟରେ ଜଣାଇଥିଲେ। ପରେ ଚାଇଲ୍ଡଲାଇନ ସହାୟତାରେ ନାବାଳିକାଦ୍ୱୟଙ୍କୁ ଉଦ୍ଧାର କରାଯିବା ପରେ ଜିଆର୍‌ପି ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ଏନ୍ଏଚ୍ଆର୍‌ସିରେ ଏତଲା

#### ପୀଡ଼ିତାଙ୍କୁ ୫୦ ଲକ୍ଷ ଲେଖାଏ କ୍ଷତିପୂରଣ ଦାବି

ପଟିଆ ରେଳ ଷ୍ଟେଶନରେ ଦୁଇ ନାବାଳିକାଙ୍କୁ ଗଣବଳାତ୍କାର ଘଟଣାକୁ ନେଇ ଚାରିଆଡ଼େ ଆଲୋଡ଼ନ ସୃଷ୍ଟି ହୋଇଥିବାବେଳେ ନ୍ୟାୟ ପାଇଁ ପରିବାର ସଙ୍ଗଠନର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁବ୍ରତଙ୍କ ଏତଲାକ୍ରମେ କମିଶନ ଏକ ଡାଏରୀ ନଂ. ୧୦୦୧/ଆଇଏନ୍/୨୦୨୩ ରୁଜୁ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ପୀଡ଼ିତାଙ୍କୁ ୫୦ ଲକ୍ଷ ଲେଖାଏ ଟଙ୍କା କ୍ଷତିପୂରଣ ରାଶି ଦେବାକୁ ସୁବ୍ରତ ଦାବି କରିଛନ୍ତି।

# ଇ-ରିକ୍ସାରେ ବିଏମ୍‌ସି କମିଶନର



ଭୁବନେଶ୍ୱର,୧୮।୧(ବ୍ୟୁରୋ)

ଇ-ରିକ୍ସାରେ ବସି ବିଏମ୍‌ସି କମିଶନର ତଥା କ୍ରୁଟ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଏକାମ୍ର କ୍ଷେତ୍ର ପରିଭ୍ରମଣ କରିଛନ୍ତି। ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି କ୍ରୁଟ୍ ପକ୍ଷରୁ 'ହେରିଟେଜ୍ ଅନ୍ ମୋ ଇ-ରାଇଡ୍' ସେବା ପ୍ରଦାନ କରାଯାଉଛି। ତେବେ ଲୋକଙ୍କୁ ଏହି ସେବା ସମ୍ପର୍କରେ ଅବଗତ କରିବା ପାଇଁ କୁଲାଙ୍ଗେ ଏହି ଯାତ୍ରା କରିଛନ୍ତି। ଏକାମ୍ର କ୍ଷେତ୍ର ବୁଲିବାକୁ ଚାହଁଥିବା ନାଗରିକ ଓ ପର୍ଯ୍ୟଟକ ଇ-ରିକ୍ସାରେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହି ସେବା ପାଇପାରିବେ। ଏକାମ୍ର କ୍ଷେତ୍ର ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ସକାଳ ୭ଟାରୁ ୯ଟା ଏବଂ ଅପରାହ୍ନ ୩ ଟାରୁ ୫ଟା ଦୁଇଟି ପର୍ଯ୍ୟାୟରେ ନିଃଶୁଳ୍କ ଯାତ୍ରା କରିପାରିବେ ବୋଲି ସୂଚନା ଦିଆଯାଇଛି। ଅନ୍ୟପଟେ ହକି ବିଶ୍ୱକପ୍‌ର ବୈଧ ଟିକେଟ ରଖିଥିବା ଯାତ୍ରୀ ଭୁବନେଶ୍ୱରରୁ ରାଉରକେଲା କ୍ରୁଟ୍‌ର ସ୍ୱତନ୍ତ୍ର ସଟଲ୍‌ରେ ନିଃଶୁଳ୍କ ଯାତ୍ରା କରିପାରୁଛନ୍ତି। ଟିକେଟ ଉପରେ ଲେଖା ଯାଇଥିବା ତାରିଖ ଆଧାରରେ କ୍ରୀଡ଼ାପ୍ରେମୀମାନେ ଏହି ସୁବିଧା ପାଇ ପାଇପାରୁଛନ୍ତି। ସେହିପରି ୨୯ ତାରିଖ ପର୍ଯ୍ୟନ୍ତ ଏହି ସେବା ଭୁବନେଶ୍ୱରର ୩ଟି ରୁଟ୍‌ରେ ଉପଲବ୍ଧ ହେବ। ଡଟ୍‌ଫେଷ୍ଟ ଏବଂ କଳିଙ୍ଗ ଷ୍ଟାଡିୟମ୍‌କୁ ଯିବାକୁ ଥିବା ଯାତ୍ରୀ ଟିକେଟ୍ ଦେଖାଇ ଅନୁରୂପ ସୁବିଧା ପାଇପାରିବେ। ଅନ୍ୟପଟେ ଚଳିତମାସରେ ମୋ ବସରେ ଯାତ୍ରୀଙ୍କ ସଂଖ୍ୟା ବଢ଼ିଛି। ଜାନୁଆରୀ ୧ରୁ ୧୫ ତାରିଖ ମଧ୍ୟରେ ମୋଟ୍ ୩୩ ଲକ୍ଷ ୬୧ ହଜାର ୮୭୯ ଜଣ ଯାତ୍ରୀ ମୋ ବସରେ ଯାତ୍ରା କରିଥିବା କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି, ବାସଭବନକୁ ଅଣ୍ଡାମାଡ଼



## ପୋଲିସ-ଛାତ୍ର କଂଗ୍ରେସ ମୁହାଁମୁହିଁ

ଭୁବନେଶ୍ୱର,୧୮।୧(ବ୍ୟୁରୋ):

ରାଜଧାନୀରେ ୨ ନାବାଳିକାଙ୍କୁ ଗଣବଳାତ୍କାର ଏବଂ ଆଇନ ଶୃଙ୍ଖଳା ସ୍ଥିତି ବିଗୁଡୁଥିବା ନେଇ ଛାତ୍ର କଂଗ୍ରେସ ବୁଧବାର ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛି। ଛାତ୍ର କଂଗ୍ରେସ ସଭାପତି ୱାସିର ନୱାଜଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଅପରାହ୍ନ ୪ଟାରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବିକରି ତାଙ୍କ ସରକାରୀ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘେରାଉ କରିଥିଲେ। କେତେଜଣ ଛାତ୍ର କଂଗ୍ରେସ କର୍ମୀ ମନ୍ତ୍ରୀଙ୍କ ଘର ଉପରକୁ ଅଣ୍ଡା ମାଡ଼ କରିଥିଲେ। ଫଳରେ ପୋଲିସ ଓ ଛାତ୍ର କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ଏହାପରେ ପୋଲିସ ୩୦ରୁ ଊର୍ଦ୍ଧ୍ୱ ଛାତ୍ର କଂଗ୍ରେସ କର୍ମୀଙ୍କୁ ଉଠାଇ ନେଇ ଥାନାରେ ରଖିବା ପରେ ଛାଡି ଦେଇଥିବା ଜଣାପଡିଛି। ଏହି ବିକ୍ଷୋଭରେ ନଳିନୀକାନ୍ତ ନାୟକ, ନିହାର ବେହେରା, ବିଭୂତି ଭୂଷଣ ମହାପାତ୍ର, ଅବିନାଶ ନନ୍ଦ ପ୍ରମୁଖ ଛାତ୍ରନେତା ପ୍ରମୁଖ ଭୂମିକା ନେଇଥିଲେ।

# 'ସୁଖୀ ଜୀବନ ପାଇଁ ସକାରାତ୍ମକ ଚିନ୍ତାଧାରା ଆବଶ୍ୟକ'




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ମଣିଷ ଜୀବନରେ ସକରାତ୍ମକ ଚିନ୍ତାଧାରା ଏକ ଉନ୍ନତ ସଂସ୍କୃତି। ସୁଖମୟ ଜୀବନଯାପନ କରିବା ପାଇଁ ହେଲେ ସକାରାତ୍ମକ ଚିନ୍ତାର ଆବଶ୍ୟକତା ରହିଛି। ଇଣ୍ଡିଆନ୍ ସୋସାଇଟି ଅଫ୍ ଟ୍ରେନିଂ ଓ ଡେଭଲପ୍‌ମେଣ୍ଟ (ଆଇଏସ୍‌ଟିଡି) ପକ୍ଷରୁ ଆୟୋଜିତ 'ସକାରାତ୍ମକ ଚିନ୍ତା ଜରିଆରେ ସୁଖମୟ ଜୀବନ' ଶୀର୍ଷକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଅଧକ୍ଷ ଡ. ପ୍ରବୋଧ କୁମାର ମହାନ୍ତି ଏହା କହିଛନ୍ତି। ଏହି ସଂଗଠନ ତାହାର ମହତ ଓ ଗୌରବମୟ କାର୍ଯ୍ୟ ପାଇଁ ସାରା ଦେଶରେ ଏକ ବୃହତ ପ୍ରଶିକ୍ଷଣ ସଂଗଠନ ଭାବେ ଉଭା ହୋଇଛି। ଓଏଚ୍‌ପିସି ପ୍ରଶିକ୍ଷଣ କେନ୍ଦ୍ରଠାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଆଜୀବନ ସଦସ୍ୟ ତଥା କୋଷାଧ୍ୟକ୍ଷ ନବଘନ ପାଣି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନାଲକୋର ପୂର୍ବତନ ନିର୍ଦ୍ଦେଶକ ଡ. ଏସ୍.ସି. ପାଢ଼ୀ, ପୂର୍ବତନ

### ଆଇଏସ୍‌ଟିଡି ଆଲୋଚନାଚକ୍ର

କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡ. ଏ. କେ. ସାହୁ, ଓପିଟିସିଏଲ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ପି.ସି. ପଣ୍ଡା, ଏମ୍‌ବିସି ଟିଭିର ବାର୍ତ୍ତା ମୁଖ୍ୟ ତଥା ବିଶିଷ୍ଟ ସାମ୍ବାଦିକ ଡ. ଅଶୋକ କୁମାର ପଣ୍ଡା ଏବଂ ଆଇଆଇଏମ୍‌ଟିର ନିର୍ଦ୍ଦେଶକ ଡ. ଶ୍ରୀକାନ୍ତ ପଟ୍ଟନାୟକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ଡ. ହର ପ୍ରସନ୍ନ ଦାସ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ମହାପ୍ରବନ୍ଧକ ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ। ସଂଗଠନ ସଚିବ ଡ. ପରେଶ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ, କୋଷାଧ୍ୟକ୍ଷ ଅବିନାଶ ପ୍ରଧାନ ପରିଚାଳନା ଓ ଆଜୀବନ ସଦସ୍ୟ ସୁବ୍ରତ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ 'ମୁନ୍‌ଲାଇଟ୍‌ରାଗ' ସଙ୍ଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା।

# ୨୦ରୁ ଉତ୍ତରପୁରୁଷ ନାଟକ ପରିକ୍ରମା



ଭୁବନେଶ୍ୱର, ୧୮।୧(ବ୍ୟୁରୋ):

ନାଟ୍ୟାନୁଷ୍ଠାନ ଉତ୍ତରପୁରୁଷ ପକ୍ଷରୁ ଜାନୁୟାରୀ ୨୦,୨୧ ଓ ୨୨ ତାରିଖରେ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପରେ ବାର୍ଷିକ ନାଟକ ପରିକ୍ରମା- ୨୦୨୩ ଅନୁଷ୍ଠିତ ହେବ। ପ୍ରଥମ ସନ୍ଧ୍ୟାରେ ନାଟକ 'ଶେଷ ଅଧ୍ୟାୟ', ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ସୂର୍ଯ୍ୟାସ୍ତ ପୂର୍ବରୁ' ଓ ଶେଷ ସନ୍ଧ୍ୟାରେ ନାଟକ 'ଦ୍ରୋହୀ' ପରିବେଷିତ ହେବ। ଏହି ୩ଟି ନାଟକରେ ଅନୁଷ୍ଠାନର ନିର୍ଦ୍ଦେଶକମାନେ ନିର୍ଦ୍ଦେଶନା ଦେବା ସହ ସଂସ୍ଥାର କଳାକାରମାନେ ଅଭିନୟ କରିଛନ୍ତି। ବୁଧବାର ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନାଟ୍ୟାନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ପରିମଳ ବ୍ୟବସ୍ଥା ସୁଧାରିବାକୁ ପରାମର୍ଶ

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ହକି ବିଶ୍ୱକପକୁ ଦୃଷ୍ଟିରେ ରଖି ରାଜଧାନୀରେ ଏକାଧିକ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଡଟ୍ ଫେଷ୍ଟ ଠାରୁ ଆରମ୍ଭ କରି ଫୁଡ ଫେଷ୍ଟିଭାଲ, କଳିଙ୍ଗ ଷ୍ଟାଡିୟମ ଓ ଶିଶିର ମେଳାରେ ଲୋକଙ୍କ ସମାଗମ ହେଉଛି। ଦେଶ ବିଦେଶରୁ ପର୍ଯ୍ୟଟକ ପ୍ରତିଦିନ ସହରକୁ ଆସୁଛନ୍ତି। ତେବେ ପର୍ଯ୍ୟଟକ ଯେପରି ଉତ୍ତମ ଅନୁଭୂତି ନେଇ ଫେରିବେ ସେଥିପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଛି। ଏନେଇ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ୱାର୍ଡର ସାନିଟାରୀ ଇନ୍‌ସପେକ୍ଟରଙ୍କୁ ସଫେଇ କାର୍ଯ୍ୟକ୍ରମ ଦିଗରେ କମିଶନର ପରାମର୍ଶ ଦେଇଛନ୍ତି। ଫୁଡ ଫେଷ୍ଟିଭାଲ, ଡଟ ଫେଷ୍ଟ କଳିଙ୍ଗ ଷ୍ଟାଡିୟମ ଓ ଶିଶିର ମେଳା ଚାଲିଥିବା ସ୍ଥାନରେ ଲୋକଙ୍କ ଭିଡ ଜମୁଥିବାରୁ ସେଠାରେ ସଫେଇ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ସହରରେ ନିୟୋଜିତ ଏନଫୋର୍ସମେଣ୍ଟ ଟିମ୍ ସ୍ୱଚ୍ଛତା ରକ୍ଷା ଦିଗରେ ସକ୍ରିୟ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କମିଶନର(ପରିମଳ) ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର, ୧୮।୧(ଡି.ଏନ୍.ଏ.):

ଲିଙ୍ଗରାଜ ଥାନା ଅଧୀନ କେଦାର ଲେନ୍ ଅଞ୍ଚଳରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଉକ୍ତ ଅଞ୍ଚଳରେ ଭଡ଼ାରେ ରହୁଥିବା ଖଣ୍ଡପଡ଼ା ଅଞ୍ଚଳର ସର୍ବେଶ୍ୱର ପରିଡ଼ା ଓରଫ ପାକୁ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୩) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଘଟଣା ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଆଇଆଇସି ଶରତ ଚନ୍ଦ୍ର ପାତ୍ର କହିଛନ୍ତି।



ବି.କେ. କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟର ଷ୍ଟାଇଲ୍ ପେଣ୍ଟିଂ ବିଭାଗ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ବୁଧବାର ଶେଷ ହୋଇଥିବା ୩ଦିନିଆ ଗ୍ରୁପ୍ ଚିତ୍ରକଳା ପ୍ରଦର୍ଶନୀକୁ ଯୁବତୀଯୁବକମାନେ ବୁଲି ଦେଖୁଛନ୍ତି।

## ୨୮ରୁ ଖଣ୍ଡଗିରି କୁମ୍ଭମେଳା

# ଜାକଜମକରେ ହେବ ଅନନ୍ତକେଶରୀ ଦେବଙ୍କ ଯାତ୍ରା

ଭୁବନେଶ୍ୱର,୧୬।୧(ବ୍ୟୁରୋ)

ମାଘ ସପ୍ତମୀ ତଥା ୨୮ତାରିଖଠାରୁ ଆରମ୍ଭ ହେବ ଖଣ୍ଡଗିରି କୁମ୍ଭମେଳା। ଦୀର୍ଘ ୨ ବର୍ଷ ପରେ ମେଳା ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏନେଇ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜାଗମରା ଗ୍ରାମବାସୀଙ୍କ ଆରାଧ୍ୟ ଦେବତା ଅନନ୍ତକେଶରୀ ଦେବଙ୍କ ଯାତ୍ରା ମଧ ଜାକଜମକରେ ଅନୁଷ୍ଠିତ ହେବ। ପାରମ୍ପରିକ ବାଦ୍ୟ ସହ ଅନନ୍ତ କେଶରୀଙ୍କ ଶୋଭାଯାତ୍ରା ଉଦୟଗିରିସ୍ଥିତ ରାଣୀ ହଂସପୁରରେ ପହଞ୍ଚିବ। ଦେବସଭାରେ ପ୍ରଭୁଙ୍କ ମହାସ୍ନାନ ପରେ ପରମ୍ପରା ମୁତାବକ ଭୋଗ ଲାଗି କରାଯିବ। ତେବେ ପୀଠରୁ ପ୍ରଭୁଙ୍କ ସୁସଜ୍ଜିତ ବିମାନ ବାହାରି ଗ୍ରାମ ପରିକ୍ରମା କରିବା ପରେ କିକ୍ରେଟ୍ ପଡ଼ିଆରେ ପହଞ୍ଚିବ। ସେଠାରେ ଆତସବାଜିର କାର୍ଯ୍ୟକ୍ରମ ରହିଛି। ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହି ଆତସବାଜିର ଆୟୋଜନ କରାଯାଇଥିବା ଜାଗମରା ଗ୍ରାମ୍ୟ କମିଟିର ସଭାପତି ଦିଲୀପ ମହାନ୍ତି ସୂଚନା ଦେଇଛନ୍ତି। ସନ୍ଧ୍ୟା ୬ଟାରେ ଏହି ଯାତ୍ରା ଆରମ୍ଭ ହେବ। ତେବେ ଓଭରବ୍ରିଜ ତଳେ ଠାକୁର ଯିବା ପରମ୍ପରା ବିରୋଧ। ତେଣୁ ଖଣ୍ଡଗିରି ଥାନାଦେଇ ଜାତୀୟ ରାଜପଥରେ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଯିବାପରେ ବିପରୀତ ପାର୍ଶ୍ୱରେ ପାହାଡ଼ ରାସ୍ତାକୁ ଫେରିବ ଶୋଭାଯାତ୍ରା। ତେବେ ଏହି ଶୋଭାଯାତ୍ରାରେ ଆଖପାଖ ଅଞ୍ଚଳର ୧୪ଟି ଗ୍ରାମ୍ୟ କମିଟିର ସଦସ୍ୟ ଯୋଗଦେବେ। ପରମ୍ପରା ଅନୁଯାୟୀ ଠାକୁରଙ୍କ ପାଖରେ ଖଣ୍ଡଖିରି ଭୋଗ କରାଯିବ। ତେବେ ଚଳିତବର୍ଷ ଶୋଭାଯାତ୍ରାରେ ଘଣ୍ଟଘଣ୍ଟା ସହ ବୁଢ଼ାବୁଢ଼ୀ ନାଚ, ଘୋଡ଼ାନାଚ ଆଦି ଆକର୍ଷଣ ସାଜିବ। ଅନ୍ୟପଟେ ୧୦ଦିନ ଧରି ଆୟୋଜିତ ହେବାକୁ ଥିବା କୁମ୍ଭମେଳାରେ ସମଗ୍ର ଦେଶରୁ ସାଧୁ ସନ୍ନ୍ୟାସୀ ଯୋଗଦେବେ। ମା' ବାରଭୁଜା ଟ୍ରଷ୍ଟ ପକ୍ଷରୁ ଅନ୍ୟାନ୍ୟ କାର୍ଯ୍ୟକ୍ରମର ଯୋଜନା ରହିଛି। ଖଣ୍ଡଗିରି ପାହାଡ଼ରେ ଅଧିଷ୍ଠାତ୍ରୀ ଦେବୀ ମା' ବାରଭୁଜାଙ୍କ ପୀଠରେ ନାମଯଜ୍ଞର ଆୟୋଜନ କରାଯାଇଛି। ୩୦ ତାରିଖରୁ ୫ଟି ଯାତ୍ରା ପଡ଼ିଆରେ ବିଭିନ୍ନ ଅପେରା ପାର୍ଟି ନାଟକ ପରିବେଷଣ କରିବେ।

### ଆତସବାଜିରେ ଖର୍ଚ୍ଚ ହେବ ଅଢ଼େଇ ଲକ୍ଷ ଟଙ୍କା



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୯ ଜାନୁୟାରୀ, ୨୦୨୩



**ରାଜଧାନୀରେ ଗଣବଳାତ୍କାର ଘଟଣା: ଜଣେ ଅଭିଯୁକ୍ତ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): ଭୁବନେଶ୍ୱରର ପଟିଆ ରେଳ ଷ୍ଟେଶନରେ ଦୁଇ ନାବାଳିକାଙ୍କ ହାତଗୋଡ଼ ବାନ୍ଧି ରାତିସାରା ଗଣବଳାତ୍କାର ଘଟଣାକୁ ନେଇ ଚାରିଆଡ଼େ ଉଦ୍‌ବେଗ ପ୍ରକାଶ ପାଇଛି। କମିଶନରେଟ ପୋଲିସ ସହାୟତାରେ ଜିଆର୍‌ପି ଏହି ଘଟଣାରେ ସମ୍ପୃକ୍ତ ଥିବା ୨ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କୁ ଖୋର୍ଦ୍ଧା ଟାଉନ୍‌ରୁ ବୁଧବାର ଗିରଫ କରିଛି। ସେ ହେଲେ ବାଙ୍କୀ ଥାନା ଅନ୍ତର୍ଗତ ପଦନପୁର ଗ୍ରାମର କୃଷ୍ଣଚନ୍ଦ୍ର ମଲ୍ଲିକ ଓରଫ କାହ୍ନା। ତାଙ୍କୁ ପୋଲିସ ଅଧିକ ପଚରାଉଚରା କରୁଛି। ତେବେ ଫେରାର ଥିବା ସେହି ଗ୍ରାମର ଅନ୍ୟତମ ଅଭିଯୁକ୍ତ ବୁଲୁ ମଲ୍ଲିକ ଏବେବି ଫେରାର ଅଛନ୍ତି। ତାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ପୀଡିତା ନାବାଳିକାଦ୍ୱୟଙ୍କ ଦଫା ୧୬୧ ସିଆର୍‌ପିସିରେ ବୟାନ ରେକର୍ଡ କରାଯାଇଛି। ଅଭିଯୁକ୍ତ କାହ୍ନାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯିବ।

## ସଂକ୍ଷେପରେ

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କୃଷ୍ଣପ୍ରସାଦ,୧୮।୧(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର କନ୍ଦାଖାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଏବଂ ୟୁଥ ରେଡ୍‌କ୍ରସ ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରୋଗ୍ରାମିଂ ଅଫିସର ଇଂଲିଶ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ସମ୍ପର୍କରେ ବିଭିନ୍ନ ବ୍ୟାନର ଓ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ଶୋଭାଯାତ୍ରା କଲେଜରୁ ବାହାରି ମାଲୁଦ ପଞ୍ଚୁଦୋଳ ପଡ଼ିଆରେ ପହଞ୍ଚିଥିଲା। ପରେ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମଧୁସୂଦନ ସାହୁ, ଦିନେଶ ରଥ, ସୁରେଶ ଚନ୍ଦ୍ର ସୁବୁଦ୍ଧିରତ୍ନ, ଅଧ୍ୟାପିକା ଚନ୍ଦନା ନାୟକ, କ୍ରୀଡ଼ା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କରାଇବା ସହିତ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ।

### ସ୍ଥଗିତ ରହିଲା ପଞ୍ଚାୟତ ସମିତି ବୈଠକ

ବୋଲଗଡ଼,୧୮।୧(ଡି.ଏନ୍.ଏ.): ବୁଧବାର ହେବାକୁ ଥିବା ବୋଲଗଡ଼ ପଞ୍ଚାୟତ ସମିତିର ଦ୍ୱିତୀୟ ବୈଠକ ସ୍ଥଗିତ ରହିଛି। ଏହି ବୈଠକ ପାଇଁ ସ୍ଥାନ ସମିତିର ସଭାଗୃହ ପରିବର୍ତ୍ତେ ଆରିକିମା ପଞ୍ଚାୟତରେ ଥିବା କୋଶଳାଶୁଣୀ ପୀଠରେ ହେବ ବୋଲି ବୋଲଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ସଭ୍ୟାସଭ୍ୟଙ୍କୁ ସରକାରୀ ଭାବେ ଚିଠି କରାଯାଇଥିଲା। ସ୍ଥାନ ପରିବର୍ତ୍ତନ କରା ନ ଯାଇ ସମିତି ସଭାଗୃହରେ ବୈଠକ କରାଯିବାକୁ କେତେଜଣ ସମିତି ଓ ସରପଞ୍ଚଙ୍କ ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତରେ ବିଡିଓଙ୍କ ଆକର୍ଷଣ କରାଯାଇଥିଲା। ପରେ ହେବାକୁ ଥିବା ଏହି ବୈଠକକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ର ତଦନ୍ତ ପ୍ରକ୍ରିୟା ହେତୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବାର ବ୍ଲକ ସୂତ୍ରରୁ ଜଣାପଡ଼ିଛି।

### ଚକ୍ଷୁ ଚିକିତ୍ସା ଶିବିର

ବୋଲଗଡ଼,୧୮।୧(ଡି.ଏନ୍.ଏ.): ବୋଲଗଡ ବ୍ଲକ ପିଚୁକୁଳି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୁଧବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବରକୁ ସରପଞ୍ଚ ଜୟନ୍ତୀ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପବିତ୍ର ମାଝି ଏବଂ ସମିତିସଭ୍ୟ ସଞ୍ଜୟ ଗୁମାନସିଂ ଉପସ୍ଥିତ ଥିଲେ। ଶିବିରରେ ନୟାଗଡର ଭୂମିକା ଚକ୍ଷୁ ଚିକିତ୍ସାଳୟର ବିଶେଷଜ୍ଞମାନେ ଯୋଗଦେଇ ମୋତିଆବିନ୍ଦୁ ଚିହ୍ନଟ ଓ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିଲେ। ୩୦ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଅପରେସନ ପାଇଁ ପଠାଯାଇଛି। ଭୂମିକା ଚକ୍ଷୁ ଚିକିତ୍ସାଳୟର ଭାରତୀ ପଲାଇଙ୍କ ତତ୍ତ୍ୱାବଧାନରେ ଜ୍ୟୋତି ସାହୁ, ସୋନାଲି ସାହୁ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଶୁଭେନ୍ଦୁ ଜେନା ଶିବିର ପରିଚାଳନା କରିଥିଲେ।

# ପଞ୍ଚାୟତ ସମିତି ବୈଠକରେ ହଇଚଗୋଳ

- କାର୍ଯ୍ୟାଳୟ ଆଗରେ ବିଜେଡି ଜନପ୍ରତିନିଧିଙ୍କ ଧାରଣା
- ନିୟମ ପାଳନ ହୋଇ ନ ଥିବାରୁ ବୈଠକ ରଦ୍ଦ
- ଅନ୍ୟ ଏକ ଦିନ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ

ବାଲୁଗାଁ/ଗମ୍ଭାରୀମୁଣ୍ଡା, ୧୮।୧(ଡି.ଏନ୍.ଏ.)

ଚିଲିକା ବ୍ଲକ୍ ପଞ୍ଚାୟତ ସମିତିର ବୈଠକରେ ଦୁଇ ପ୍ରମୁଖ ରାଜନୈତିକ ଦଳ ଭାଜପା ଓ ବିଜେଡି ଜନପ୍ରତିନିଧିଙ୍କ ମଧ୍ୟରେ ହଇଚଗୋଳ ସହିତ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲକ ଅଧ୍ୟକ୍ଷା ଭାଜପା ସମର୍ଥିତ ହୋଇଥିବା ବେଳେ ନିଜର ଇଚ୍ଛା ମୁତାବକ ବୈଠକ ସ୍ଥିର କରିବା ସହ ବିଧାୟକ ଏବଂ ଏମ୍‌ପିଙ୍କୁ ଏନେଇ ଅବଗତ କାହିଁକି କରାଯାଇ ନାହିଁ ବୋଲି ଉପସ୍ଥିତ ବିଜେଡି ପ୍ରତିନିଧିମଣ୍ଡଳୀ ପ୍ରଶ୍ନ କରିବାରେ ହୋହଲ୍ଲା ହୋଇଥିଲା। ଏହାର ପ୍ରତିବାଦରେ ବିଜେଡି ପ୍ରତିନିଧିମଣ୍ଡଳୀ ବୈଠକକୁ ପ୍ରତ୍ୟାଖ୍ୟାନ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅନ୍ୟପଟେ ୧୯୬୯ ମସିହା ପଞ୍ଚାୟତ ସମିତି ଧାରା ୫ ଅନୁଯାୟୀ ଡାକ ଯୋଗେ ସମିତିର ସମସ୍ତ ସଭ୍ୟଙ୍କୁ ୭ଦିନ ପୂର୍ବରୁ ନୋଟିସ କରାଯିବା ନିୟମ ରହିଛି। ତଦନ୍ତ ବେଳେ ଏହି ନିୟମକୁ ପାଳନ କରାଯାଇ ନ ଥିବା ଜଣାପଡ଼ିବାରୁ ଉକ୍ତ ବୈଠକକୁ ରଦ୍ଦ କରାଯାଇଛି। ନିୟମ ମୁତାବକ ଅନ୍ୟ ଏକ ଦିନ ଧାର୍ଯ୍ୟ କରିବା ପାଇଁ ବିଡିଓଙ୍କୁ ଲିଖିତଭାବେ ଖୋର୍ଦ୍ଧା ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ ଚିଠି ମାଧ୍ୟମରେ ଜଣାଇଛନ୍ତି।

ପ୍ରକାଶ ଯେ, ଦୀର୍ଘ ୧୧ମାସ ପରେ ବୁଧବାର ପଞ୍ଚାୟତ ସମିତି ବୈଠକ ଡକାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ବିଡିଓ ଜଗଦୀଶ ଷଡ଼ଙ୍ଗୀ, ବିଧାୟକଙ୍କ ପ୍ରତିନିଧି ଉତ୍ପଳ ପାଇକରାୟ, ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସମେତ ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ତେବେ ବୈଠକରେ କିଛି ସମୟ ଧରି ଆଲୋଚନା ପରେ ବିଜେଡି ପ୍ରତିନିଧିଙ୍କ ପକ୍ଷରୁ ବିଭିନ୍ନ ଅଭିଯୋଗ କରାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷା ଭାଜପା ସମର୍ଥିତ ହୋଇଥିବାରୁ ଉଦ୍ଦେଶ୍ୟମୂଳକଭାବେ ବୈଠକ ସମ୍ପର୍କରେ ବିଜେଡି ବିଧାୟକ କିମ୍ବା ଏମ୍‌ପିଙ୍କୁ ଅବଗତ କରିନାହାନ୍ତି। ଏଥିସହ ଅଧ୍ୟକ୍ଷା ମାସମାସ ଧରି ଉନ୍ନୟନମୂଳକ ଫାଇଲକୁ ନିଜ ଅଧୀନରେ ରଖିଛନ୍ତି। ଅଭିଯୋଗ ପରେ ବୈଠକରେ ଉପସ୍ଥିତ ଦୁଇ ରାଜନୈତିକ ଦଳୀୟ ପ୍ରତିନିଧିଙ୍କ ମଧ୍ୟରେ ବଚସା ଓ ହୋହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା।


ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ଏହା ପରେ ବିଜେଡି ପ୍ରତିନିଧିମଣ୍ଡଳୀ ଉକ୍ତ ବୈଠକକୁ ପ୍ରତ୍ୟାଖ୍ୟାନ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଜେଡି ଜନପ୍ରତିନିଧିଙ୍କ ଅନୁପସ୍ଥିତିରେ ବୈଠକରେ ଏକପାଖିଆ ଯେଉଁ ରିଜୋଲ୍ୟୁଶନ ଗୃହୀତ କରାଗଲା ତାହା ବୈଧ ନୁହେଁ। ଜିଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରି ଉକ୍ତ ବୈଠକକୁ ଅସିଦ୍ଧ ବୋଲି ଲିଖିତ ପ୍ରତିଶ୍ରୁତି ପ୍ରଦାନ କଲେ ଧାରଣା ପ୍ରତ୍ୟାହୃତ ହେବ ବୋଲି ବିଜେଡି ଜନପ୍ରତିନିଧିମାନେ କହିଥିଲେ। ଖବରପାଇ ଖୋର୍ଦ୍ଧା ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ ଅପରାହ୍ଣରେ ଘଟଣାସ୍ଥଳରେ ପହଞ୍ଚି ଧାରଣକାରୀଙ୍କ ସହ ଆଲୋଚନା ଜାରି ରଖିଥିଲେ ମଧ୍ୟ ଧାରଣାକାରୀ ଜିଦ୍‌ରେ ଅଟଳ ରହିଥିଲେ। ତେବେ ବୈଠକ ରଦ୍ଦ କରାଯାଇଥିବା ଚିଠି ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଏବଂ ନାରୁଣୀ ଥାନା ଆଇଆଇସି ଚନ୍ଦ୍ର ଶେଖର ଜେନାଙ୍କ ସମେତ ବ୍ୟାପକ ଫୋର୍ସ ମୁତୟନ ହୋଇଥିଲେ। ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ କୁହନ୍ତି, ବୈଠକରେ ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥାଇ ଶାନ୍ତିଶୃଙ୍ଖଳା ସହ ବିଭିନ୍ନ ସମସ୍ୟା ଏବଂ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ଜାରି ରହିଥିଲା। ବିଡିଓଙ୍କ ମାଧ୍ୟମରେ ଫୋନ୍ ଯୋଗେ ବିଧାୟକ ଓ ଏମ୍‌ପିଙ୍କୁ ବୈଠକ ସମ୍ପର୍କରେ ଅବଗତ କରାଯାଇଥିଲା। ଦୁଇ ନେତାଙ୍କ ପ୍ରତିନିଧି ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ହେଲେ ବୈଠକକୁ ଉଦ୍ଦେଶ୍ୟମୂଳକଭାବେ ଭଣ୍ଡୁର କରିବା ପାଇଁ ବିଜେଡି ପକ୍ଷରୁ ଉଦ୍ୟମ କରାଯାଇଥିଲା। ଏଥିସହ ତାଙ୍କ ବିରୋଧରେ ବିଜେଡି ପ୍ରତିନିଧିଙ୍କ ପକ୍ଷରୁ ଅଣାଯାଇଥିବା ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।

## ପାହାଡ଼ ଖନନକୁ ଗ୍ରାମବାସୀଙ୍କ ବିରୋଧ

ଗମ୍ଭାରୀମୁଣ୍ଡା,୧୮।୧(ଡି.ଏନ୍.ଏ.)

ବାଣପୁର ବ୍ଲକ ଅଧୀନ କୁଲେଇ ପଞ୍ଚାୟତର ନୀଳକଣ୍ଠପୁର ମୌଜାରେ ରହିଛି ବସବାଗୁଲି ପାହାଡ଼। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଉକ୍ତ ପାହାଡ଼ରୁ ପଥର ନେବା ପାଇଁ ଜଣେ ନିଲାମଧାରୀ ଲିଜ୍ ନେଇଛନ୍ତି। ପାହାଡ଼ ଖନନକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି । ଗ୍ରାମବାସୀ ଜିଲାପାଳ ଓ ତହସିଲଦାରଙ୍କୁ ପୂର୍ବରୁ ଅଭିଯୋଗପତ୍ର ପ୍ରଦାନ କରିଥିବା ବେଳେ ବୁଧବାର ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବହୁ ଭାଜପା ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ୧୪ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ତହସିଲଦାରଙ୍କୁ ଭେଟି ଉକ୍ତ ଲିଜ୍ ଉପରେ ରୋକ ଲଗାଇବା ନିମନ୍ତେ ଆଲୋଚନା କରିଥିଲେ। ଏନେଇ ତହସିଲଦାର କୁଞ୍ଜବିହାରୀ ବଡ଼ଜେନା କୁହନ୍ତି, ଜଣେ ଲିଜ୍‌ଧାରୀ ସମସ୍ତ ସରକାରୀ ପ୍ରକ୍ରିୟାକୁ ପୂରଣ କରି ଲିଜ୍ ନେଇଛନ୍ତି। ଅଭିଯୋଗ ସମ୍ପର୍କରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ସେ କହିଛନ୍ତି।


ଖୋର୍ଦ୍ଧା: ଅତ୍ରି ଉଷ୍ମ ପ୍ରସ୍ରବଣ ପରିସରରେ ଆୟୋଜିତ ମକର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

# ସରିଲା ଅତ୍ରି ମକର ମହୋତ୍ସବ

ଖୋର୍ଦ୍ଧା ଅଫିସ,୧୮।୧

ଅତ୍ରି ଉଷ୍ମ ପ୍ରସ୍ରବଣ ପରିସରରେ ପାଞ୍ଚଦିନ ଧରି ଚାଲିଥିବା ମକର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅଭିଷେକ ସିଂହସାମନ୍ତ, ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ, ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ରମେଶ ବେହେରା, ଚଳଚ୍ଚିତ୍ର ଅଭିନେତା ଜ୍ୟୋତି, ଅଭିନେତ୍ରୀ ପ୍ରେରଣା, ହାସ୍ୟ ଅଭିନେତା ଟୁକୁନା ଏବଂ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ୱାଧୀନତା ଆନ୍ଦୋଳନରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର। ଏ ମାଟିର ପାଇକ ବୀରମାନେ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଶେଷ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚରେ ମାଲଖମ୍ଭ, ଓଡ଼ିଶୀ ଓ ଗୋଟିପୁଅ ନାଚ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୋପୀନାଥ ସେଠୀ ସଂଯୋଜନା କରିଥିବାବେଳେ ଦିଲୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପଞ୍ଚାୟତ ସ୍ତରୀୟ ପରିବେଶ ସୁରକ୍ଷା କର୍ମଶାଳା

କୃଷ୍ଣପ୍ରସାଦ,୧୮।୧(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗମ୍ଭାରୀ ପଞ୍ଚାୟତ ପରିସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏବଂ ହମାରା ବଚପନ ଟ୍ରଷ୍ଟର ମିଳିତ ସହଯୋଗରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା କରାନଗଲେ ଆଗାମୀ ଦିନରେ ଜୀବଜଗତ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଏନେଇ ଗ୍ରାମରେ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକ ରହିଛି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପରିବେଶ ସୁରକ୍ଷା ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ଗମ୍ଭାରୀ ସରପଞ୍ଚ ସୁଶାନ୍ତ କୁମାର ପରିଡ଼ା, ସମିତିସଭ୍ୟା ଜାନକୀ ଜେନା, ଏକ୍ରିକ ପ୍ରକଳ୍ପ ଜୀବନଜୀବିକା ଅଧିକାରୀ ପ୍ରକାଶ ଚନ୍ଦ୍ର ନାୟକ, ଏମବିକେ ରିତାରାଣୀ ସାହୁ, ପ୍ରାଣୀଧନ ନିରୀକ୍ଷକ ସୀମାଞ୍ଚଳ ତରେଇଙ୍କ ସମେତ ପଞ୍ଚାୟତ ମହିଳା ମହାସଂଘର କର୍ମକର୍ତ୍ତା ସାମିଲ ହୋଇଥିଲେ। ପ୍ରକଳ୍ପର ଆଞ୍ଚଳିକ ସଂଯୋଜକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି


ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଅଫିସ,୧୮।୧

ଖୋର୍ଦ୍ଧା ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲାପାଳଙ୍କ ସଦ୍‌ଭାବନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୬ ତାରିଖ ପ୍ରାତଃ ସମୟରେ ରାମଧୁନ, ପ୍ରଭାତ ଫେରି, ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସକାଳ ୯ଟା ୧୫ରେ ବିଜେବି ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ମୁଖ୍ୟ ଅତିଥି ଯୋଗଦେଇ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡ ଅଭିବାଦନ ଗ୍ରହଣ କରିବେ। ଚଳିତ ବର୍ଷ ପରେଡରେ ଏପିଆର୍, ଏନ୍‌ସିସି, ସ୍କାଉଟ୍ସ, ଗାଇଡ୍ସ, ରେଡ୍‌କ୍ରସ ଓ ସିଭିଲିଆନ ଦଳ ଅଂଶଗ୍ରହଣ କରିବେ। ୨୦ରୁ ୨୨ତାରିଖ ଭିତରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପରେଡ ପରେ ଜିଲା କାରାଗାର, ହସ୍ପିଟାଲରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସହରର ବୁଦ୍ଧିଜୀବୀ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଡ଼ିପଡ଼ାକୁ ହରାଇ ଡମଣଭୂଇଁ ଚାମ୍ପିୟନ

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୮।୧(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ଡମଣଭୂଇଁ ଉଚ୍ଚବିଦ୍ୟାଳୟ ପଡିଆରେ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଡମଣଭୂଇଁ ଏବଂ ଗୋଡିପଡା ଟିମ୍ ମଧ୍ୟରେ ହୋଇଥିଲା। ଡମଣଭୂଇଁ ପ୍ରଥମେ ବ୍ୟାଟିଂ କରି ୬ଉଇକେଟ ବିନିମୟରେ ୧୩୬ରନ ସଂଗ୍ରହ କରିଥିଲା। ଜବାବରେ ଗୋଡିପଡା ଟିମ୍ ସମସ୍ତ ଉଇକେଟ ବିନିମୟରେ ୧୦୧ରନ ସଂଗ୍ରହ କରି ପରାଜିତ ହୋଇଥିଲେ। ଫଳରେ ଡମଣଭୂଇଁ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଡମଣଭୂଇଁ ଦଳର ବିଭୂତି ଭୂଷଣ ପ୍ରଧାନ ଏବଂ ମ୍ୟାନ ଅଫ ଦି ସିରିଜ ଗୋଡିପଡା ଟିମର ବିନାୟକ ପଟ୍ଟନାୟକ ହୋଇଥିଲେ। ମୁଖ୍ୟ ଅତିଥିଭାବେ ବିଜୁ ମହିଳା ଜନତା ଦଳର ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର, ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ଭୋଳ, ସମିତିସଭ୍ୟ ନେତ୍ରାନନ୍ଦ ପ୍ରଧାନ, ରାଧାକାନ୍ତ ହରିଚନ୍ଦନ, ସାମାଜିକ କର୍ମୀ ବିନୋଦ ଭୋଳ, ସୀମାଞ୍ଚଳ ଭୋଳ ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍‌କୁ ୮ହଜାର ଟଙ୍କା ସହ ଟ୍ରଫି ଓ ରନରଅପ୍ ଟିମ୍‌କୁ ୬ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।


ମୁଖ୍ୟ ଅତିଥି ବାସନ୍ତୀ ମହାପାତ୍ରଙ୍କ ସହ ଖେଳାଳିମାନେ।

# ସେମିରେ ଢେଙ୍କାନାଳର ପପୁଲାର କ୍ଲବ

ବୋଲଗଡ଼,୧୮।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଦେଉଳି ଗ୍ରାମ ତୁଳସୀବେରେଣା ଖେଳପଡ଼ିଆରେ ଚାଲିଥିବା ଆଞ୍ଚଳିକ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ କମିଟି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରର ବୁର୍ଲା ଜ୍ୟୋତି କ୍ଲବ ଓ ଢେଙ୍କାନାଳର ପପୁଲାର କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପପୁଲାର କ୍ଲବ ୪-୦ ଗୋଲରେ ବୁର୍ଲା ଜ୍ୟୋତି କ୍ଲବକୁ ପରାଜିତ କରିଛି। ଫଳରେ ପପୁଲାର କ୍ଲବ ମ୍ୟାଚ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଭୀମ କୁମାର ଛାଟୋଇ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସଖାବତ ଖାଁ ଓ ସୁଶାନ୍ତ କୁମାର ମିଶ୍ର ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ଶିବ ସାମନ୍ତରାୟ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ଭାଗୀରଥି ସାହୁ, ଦିଲୀପ ମହାଭୋଇ, ସୁବାସ ରାୟଗୁରୁ, ଅନିଲ ଛୋଟରାୟ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଗୋପାଳପୁର ପଞ୍ଚାୟତର ଦେଉଳି, ଜାମୁସାହି, ନୂଆପଲ୍ଲୀ, ତୁଳସୀବେରେଣା ଓ ପାରିଖେତା ଗ୍ରାମବାସୀ ମିଳିତଭାବେ ଆୟୋଜନ କରିଥିବା ବେଳେ ମ୍ୟାଚ ଦେଖିବା ପାଇଁ ଶତାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା।

# ‘ଶିକ୍ଷା ମଣିଷକୁ ବଞ୍ଚିବାର ବାଟ ଦେଖାଏ’

ଜଟଣୀ,୧୮।୧(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଛରାସ୍ଥିତ ସୁଶୀଳାଦେବୀ ପ୍ରଗତି ସରକାରୀ ଉଚ୍ଚ ବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ଏବଂ ସୁଶୀଳା ଦେବୀଙ୍କ ୩୯ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଗତ ୧୭ ତାରିଖ ଉଦ୍‌ଘାଟନୀ ଦିବସରେ ନଗରପାଳ ଅନନ୍ତ ବେହେରା ଏବଂ ଏସ୍‌ଏମ୍‌ଡିସି ସଭାପତି କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ବିଦ୍ୟାଳୟ ପରିସରରେ ସୁଶୀଳା ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଉତ୍ସବର ଶୁଭାରମ୍ଭ କରିଥିଲେ। ବୁଧବାର ଉଦ୍‌ଯାପନୀ ଦିବସରେ ସାମାଜିକ କର୍ମୀ ଶ୍ୟାମସୁନ୍ଦର ଦାସଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ଅତିଥିଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା, ବିଡିଓ ସରୋଜ କୁମାର ରାଉତ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ସାମାଜିକ ସଙ୍ଗଠନ ଆଇନା ସମ୍ପାଦକ କ୍ଷେତ୍ରବାସୀ ସାହୁ, ସୁଦାମ ଇଣ୍ଡଷ୍ଟ୍ରି ପରିଚାଳକ କମଳାକାନ୍ତ ମହାନ୍ତି, ପୌରାଧ୍ୟକ୍ଷ ଅନନ୍ତ ବେହେରା, ଏସ୍‌ଏମ୍‌ଡିସି କୃଷ୍ଣଚନ୍ଦ୍ର ନାୟକ, ପାଇକ ଆଖଡ଼ା ଗୁରୁ କାଶୀନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ପୁସ୍ତକଗତ ଶିକ୍ଷା ମଣିଷକୁ ଶିକ୍ଷିତ କରିଥାଏ। ଯାହା ଜଣେ ମଣିଷକୁ ସମାଜରେ ନିଜର ପରିଚୟ ସୃଷ୍ଟି କରିବାରେ ସହାୟକ ହେବା ସହ ଜୀବିକା ନିର୍ବାହ ପାଇଁ ବାଟ ଦେଖାଇଥାଏ। କିନ୍ତୁ ଖେଳକୁଦ ସୁସ୍ଥ ଓ ସୁନ୍ଦର ରଖିବା ସହିତ ମାନସିକ ଏବଂ ବୌଦ୍ଧିକ ବିକାଶ କରି ବଞ୍ଚାଇ ରଖିବରେ ସହାୟକ ହୋଇଥାଏ। ପ୍ରଧାନ ଶିକ୍ଷକ ଉଗ୍ରସେନ ରାଣସିଂହଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଚାମ୍ପିୟନ ହୋଇଥିବା ବନ୍ଦିତା ନାୟକ, ଲିପ୍ସା ପ୍ରଧାନ ଏବଂ ସୁନୀଲ ମହାପାତ୍ର ଓ ବାପିନା ଗୁପ୍ତାଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୨ ମସିହାର ବେଷ୍ଟ ଛାତ୍ରୀ ଶୁଭଶ୍ରୀ ସାହୁଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ନେତା ଅମ୍ବିକା ପ୍ରସାଦ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ୮ ଦଫା ଦାବି ନେଇ ଓଡ଼ିଶା କୃଷକ ସଭାର ଧାରଣା

ଖୋର୍ଦ୍ଧା ଅଫିସ,୧୮।୧

ମଣ୍ଡିରେ ଧାନ କ୍ରୟ ସମୟରେ କଟନି ଛଟ୍‌ନି ବନ୍ଦ କରିବା, ଟୋକନରେ ଆସିଥିବା ଧାନଠାରୁ କମ୍ ନେବା, ଭାଗଚାଷୀଙ୍କ ସମସ୍ୟା ଏବଂ ଚାଷୀଙ୍କ ବହୁବିଧ ସମସ୍ୟା ନେଇ ଓଡ଼ିଶା କୃଷକ ସଭା ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଏଥିରେ ଓଡ଼ିଶା କୃଷକ ସଭା ଖୋର୍ଦ୍ଧା ଜିଲା କମିଟିର ସଭାପତି ରବି ବେହେରା ନେତୃତ୍ୱ ନେଇଥିଲେ। ଧାରଣାରେ ସାରଙ୍ଗଧର ବେହେରା, ଓଡ଼ିଶା କୃଷକ ସଭା ଖୋର୍ଦ୍ଧା ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଶୈଳେଶ ବଳିୟାରସିଂହ, ଗିରିଶଚନ୍ଦ୍ର ବେହେରା ଏବଂ ନିରଞ୍ଜନ ବେହେରା ପ୍ରମୁଖ ସରକାରଙ୍କ କୃଷକମାରଣ ନୀତି, ସମବାୟ ସମିତି ସମ୍ପାଦକ, ମିଲ ମାଲିକ ଏବଂ ଯୋଗାଣ ବିଭାଗର ମଧୁଚନ୍ଦ୍ରିକାରେ କିପରି କୁଇଣ୍ଟାଲ ପିଛା ୪ରୁ ୫କେଜି ଧାନ କଟନି କରାଯାଉଛି, ତା’ ଉପରେ ବକ୍ତବ୍ୟ ରଖିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

୮ଦଫା ସମ୍ବଳିତ ଦାବିପତ୍ର ସହ ୮ଜଣିଆ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କ ସହ ଆଲୋଚନା ପାଇଁ ଯାଇଥିଲେ। ଜିଲାପାଳ କହିଥିଲେ ଚାଷୀଙ୍କଠାରୁ ଧାନ କ୍ରୟ ବେଳେ କଟନି ଛଟନି କରାଯିବନାହିଁ। ଯେଉଁଚାଷୀଙ୍କଠାରୁ ଧାନ କଟାଯାଇଛି ସେହି ଚାଷୀମାନେ ସମିତିର ନାମ, ମିଲରଙ୍କ ନାମ ଓ କେତେ ପରିମାଣର ଧାନ କଟାଯାଇଛି ସେ ନେଇ ଲିଖିତ ଭାବେ ଦେଲେ କଟିଥିବା ଧାନର ମୂଲ୍ୟ ଚାଷୀ ପାଇବେ। ମଣ୍ଡି ପରିଦର୍ଶନ ବେଳେ ଚାଷୀମାନେ ଧାନ କଟନି ସମ୍ପର୍କରେ କିଛି କହୁନାହାନ୍ତି। ଯଦି ଲିଖିତ ଭାବେ ନ ଦେବେ ତେବେ ପଦକ୍ଷେପ ନେଇହେବ ନାହିଁ ବୋଲି ସେ କହିଥିଲେ। ଟୋକନରେ ଯେତେ ପରିମାଣର ଧାନ ଆସିଛି, ସେତିକି ପରିମାଣର ଧାନ ଚାଷୀଙ୍କଠାରୁ ନିଆଯିବ। ଭାଗଚାଷୀଙ୍କ ସମ୍ପର୍କରେ ଓଡ଼ିଶା କୃଷକ ସଭା ଖୋର୍ଦ୍ଧା ଜିଲା କମିଟି ଦେଇଥିବା ପ୍ରସ୍ତାବକୁ ସରକାରଙ୍କ ନିକଟକୁ ସୁପାରିସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଚାଷୀଙ୍କ ମୁଖ୍ୟ ଦାବିଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## କାର୍-ପିକ୍‌ଅପ୍ ଭ୍ୟାନ ମୁହାଁମୁହିଁ ଧକ୍କା

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ଥାନା ଅନ୍ତର୍ଗତ ଜାତମୁଣ୍ଡିଆ ସୁବର୍ଣ୍ଣପୁର ସେତୁ ଉପରେ ମଙ୍ଗଳବାର ରାତିରେ କାର୍ ଏବଂ ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହୋଇଛି। ଧକ୍କା ପରେ ଘଟଣାସ୍ଥଳରୁ ପିକ୍‌ଅପ୍ ଡ୍ରାଇଭର୍ ଫେରାର୍ ହୋଇଯାଇଛନ୍ତି। ଭୁବନେଶ୍ୱରରୁ ଅଂଶୁପାକୁ ବୁଲି ଆସିଥିବା ଗୋଟିଏ କାର୍ ଫେରୁଥିଲା ବେଳେ ବିପରୀତ ଦିଗ ଜାତମୁଣ୍ଡିଆ ପଟୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍‌କୁ କାର୍ ଧକ୍କା ଦେବାରୁ ଭ୍ୟାନ୍ ଡ୍ରାଇଭର ସମସ୍ତଙ୍କୁ ବଞ୍ଚାଇବା ପାଇଁ ସେତୁରେ ଥିବା ଫୁଟ୍‌ପାଥ୍ ଉପରକୁ ଚଢାଇ ସେତୁର ବାଡ଼ରେ ମାଡ଼ ହୋଇଯାଇଥିଲା। ଫଳରେ ସମସ୍ତେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ଭ୍ୟାନ୍‌ର ପଛ ଚକା ନଷ୍ଟ ହୋଇଯାଇଥିବାବେଳେ କାର୍‌ର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି। ଉଭୟ ଗାଡ଼ିକୁ ପୋଲିସ ଜବତ କରିଛି।

## ସଂକ୍ଷେପରେ

### ସହରର ୩ କେନ୍ଦ୍ରରେ କୋଭିଡ୍ ଟିକା ଦିଆଯିବ

**କଟକ ଅଫିସ,୧୮।୧:** ରାଜ୍ୟ ସରକାରଙ୍କ ନିଷ୍ପତ୍ତି ମୁତାବକ ଗୁରୁବାରଠାରୁ କୋଭିଡ୍ ଟିକାକରଣ ପୁଣି ଥରେ ଆରମ୍ଭ ହେବ। ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ର ଓ ଟିକାକରଣ କେନ୍ଦ୍ରରେ ଏହି ଟିକା ଉପଲବ୍ଧ ହେବ। ଦ୍ୱିତୀୟ ଏବଂ ବୁଷ୍ଟର ଡୋଜ୍ ନେଇ ନ ଥିବା ଲୋକେ କୋଭିଶିଲ୍ଡ ଟିକା ନେଇପାରିବେ। ଅନ୍‌ଲାଇନ୍‌ରେ ବୁକିଂ କରିଥିବା ଲୋକମାନେ ୩ଟି କେନ୍ଦ୍ରରେ ଏହି ଟିକା ନେଇପାରିବେ। ୧୯ ଓ ୨୦ ତାରିଖ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ଟିକାକରଣ କରାଯିବ। ମର୍କତନଗରସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସିଟି ହସ୍ପିଟାଲ ଓ ଏସ୍‌ସିବି ମେଡିକାଲରେ କୋଭିଡ୍ ଟିକାକରଣ କେନ୍ଦ୍ର ଖୋଲାଯାଇଛି ବୋଲି କଟକ ମହାନଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି।

### ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ସ୍ମୃତି ଉତ୍ସବ

**କଟକ ଅଫିସ,୧୮।୧:** ସାମାଜିକ କର୍ମୀ ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ୬୦ତମ ସ୍ମୃତି ଉତ୍ସବ କଟକସ୍ଥିତ ହିନ୍ଦ୍ ସେବକ ସମାଜଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସ୍ମୃତି ସମିତି ପକ୍ଷରୁ ଆୟୋଜିତ ଉତ୍ସବରେ ସଭାପତି ପ୍ରଫେସର ବିଜୟାନନ୍ଦ ସିଂ କହିଥିଲେ, ତ୍ୟାଗ ଓ ପ୍ରଜ୍ଞାର ନିବିଡ଼ ସମନ୍ୱୟ ଥିଲେ ଲକ୍ଷ୍ମୀନାରାୟଣ। ମାନବ ସେବାରେ ସେ ନିଜର ସମଗ୍ର ଜୀବନକୁ ଯେପରି ଉତ୍ସର୍ଗ କରିଯାଇଛନ୍ତି, ତାହାର ପଟାନ୍ତର ନାହିଁ। ଉତ୍ସବରେ ରାଷ୍ଟ୍ରୀୟ ହିନ୍ଦ୍ ସେବକ ସମାଜ ସଭାପତି ଦାମୋଦର ସାହୁ, ଅଜୟ ସାହୁ, ପ୍ରଭାତ ସାହୁ, ମୈତ୍ରୀ ସାହୁ, ଗାୟତ୍ରୀ ସାହୁ ଓ ରବିନାରାୟଣ ସାହୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମିତି ସମ୍ପାଦକ ଗୌତମ କୁମାର ସାହୁ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ଅମିତ କୁମାର ସାହୁ କୃତଜ୍ଞତା ଜଣାଇଥିଲେ।

### ଜାତୀୟ କନ୍ୟା ଦିବସ ସପ୍ତାହ ଶୁଭାରମ୍ଭ

**କଟକ ଅଫିସ,୧୮।୧:** ଜାତୀୟ କନ୍ୟା ଦିବସ ସପ୍ତାହ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲାପାଳ ଶିବ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶପଥ ପାଠ ଓ ଦସ୍ତଖତ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ବିଭିନ୍ନ ସ୍କୁଲ, ଶିଶୁ ଯତ୍ନ ଅନୁଷ୍ଠାନ, ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି, ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି, ଜିଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟର କର୍ମଚାରୀ ଅଂଶଗ୍ରହଣ କରିବେ। କନ୍ୟା ସନ୍ତାନଙ୍କ ସୁରକ୍ଷା ଏବଂ ସଶକ୍ତୀକରଣ ପାଇଁ ସମାଜକୁ ବାର୍ତ୍ତା ଦେବା ଏବଂ ସମାଜରେ ଏକ ସୁରକ୍ଷାର ବଳୟ ସୃଷ୍ଟି କରିବା ହେଉଛି ଉକ୍ତ ସପ୍ତାହ ପାଳନର ମୁଖ୍ୟ ଆଭିମୁଖ୍ୟ।

### ଖବରକାଗଜ ବିକ୍ରେତାଙ୍କ ପରଲୋକ

**କଟକ ଅଫିସ, ୧୮।୧:** ଖବରକାଗଜ ବିକ୍ରେତା ସୁଶୀଲ ଦତ୍ତ (୮୪)ଙ୍କର ସ୍ଥାନୀୟ ପୋଲିସ କଲୋନିସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ପୁଅ, ବୋହୂ, ୩ ଝିଅ, ଜ୍ୱାଇଁ, ନାତୁଣୀ ଓ ନାତି ଉପସ୍ଥିତ ଥିଲେ। ସତୀଚୌରାସ୍ଥିତ ଶ୍ମଶାନରେ ବୁଧବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ସନ୍ତୋଷ ମୁଖାଗ୍ନି ଦେଇଥିଲେ। ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢିହାରୀ, ଉପ ସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ପ୍ରଶାନ୍ତ ସାହୁ, ମନୋଜ ପାଲ୍, ପ୍ରଦ୍ୟୁମ୍ନ ବିଶୋଇ, ହିମାଂଶୁ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଶୈଳବାଳା କଲେଜ ପରିଚାଳନା ସମିତି ବୈଠକ

**କଟକ ଅଫିସ, ୧୮।୧:** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ନବଗଠିତ ପରିଚାଳନା ସମିତିର ପ୍ରଥମ ବୈଠକ କଲେଜ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ଅଧ୍ୟକ୍ଷ ଇଂ. ପ୍ରଭାକର ସ୍ୱାଇଁ ପୌରୋହିତ୍ୟ କରି କହିଥିଲେ, ରାଜ୍ୟର ପ୍ରଥମ ମହିଳା କଲେଜ ହେଉଛି ଶୈଳାବାଳା କଲେଜ। ହେଲେ ଏପର୍ଯ୍ୟନ୍ତ ଏହି କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇନାହିଁ। ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଥିଲେ। ଏହି ବୈଠକରେ ଶିଳ୍ପପତି ସୁଶାନ୍ତ କୁମାର ପଣ୍ଡା, ପ୍ରଫେସର ଜୟନ୍ତ କୁମାର ପରିଡ଼ା, ରଞ୍ଜନ କୁମାର ବଳ ଓ ମଧୁସ୍ମିତା ପତି ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ।

# ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ କାରଣ ଦର୍ଶାଅ ନୋଟିସ

କଟକ ଅଫିସ,୧୮।୧

କଟକ ବିଡାନାସୀ ବନ୍ଧ ଛକ ବସ୍ତିପାଖ ଏକ ମୁକୁଳା ଡ୍ରେନ୍‌ରେ ପଡି କିଶୋର ସାହାଣୀଙ୍କ ପୁଅ ଯୋଶେଫ ସାହାଣୀ(୯)ଙ୍କ ମୃତ୍ୟୁ ଘଟିଥିଲା। କଟକ ମହାନଗର ନିଗମ(ସିଏମ୍‌ସି) ଅଧିକାରୀଙ୍କ ଦାୟିତ୍ୱହୀନତା ଓ କାର୍ଯ୍ୟରେ ଅବହେଳା ପାଇଁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ ଶାସକ ନେତାଙ୍କୁ ଦୋଷ ଦେଉଥିବାବେଳେ ସିଏମ୍‌ସିର ଉଚ୍ଚପଦସ୍ଥ ଅଧିକାରୀ ତଳ କର୍ମଚାରୀଙ୍କ ମୁଣ୍ଡରେ ଦୋଷ ଲଦିବାକୁ ଚେଷ୍ଟା କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ମଙ୍ଗଳବାର ଭାଜପା ପ୍ରତିନିଧି ଦଳ ମୃତ ଯୋଶେଫଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ।

### ୪ ସପ୍ତାହ ମଧ୍ୟରେ ତଦନ୍ତ ରିପୋର୍ଟ ଦିଅ

ଯୋଶେଫଙ୍କ ମୃତ୍ୟୁ ଘଟଣାକୁ ନେଇ ପୁରୀ ଜିଲା ପିପିଲି ଅଞ୍ଚଳର ମାନବାଧିକାର କର୍ମୀ ଅଖଣ୍ଡ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି କଟକ ଜିଲାପାଳ ଓ ସିଏମ୍‌ସି କମିଶନରଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ଘଟଣାର ତଦନ୍ତ ରିପୋର୍ଟ ଦେବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ସିଏମ୍‌ସିର ଅବହେଳା ଯୋଗୁ ନିର୍ମାଣାଧୀନ ଡ୍ରେନ୍‌ଗୁଡିକ ୨/୩ ମାସ ମୁକୁଳା ରହୁଛି। ଫଳରେ ମୁକୁଳା ଡ୍ରେନ୍‌ରେ ପଡି ଯୋଶେଫଙ୍କ ମୃତ୍ୟୁ ଘଟିଲା ବୋଲି ଅଖଣ୍ଡ ଅଭିଯୋଗ କରିଛନ୍ତି।

ସେହିପରି ଉକ୍ତ ଦିନ ମେୟର ସୁବାସ ସିଂ ଓ କମିଶନର ନିଖିଳ ପଓ୍ୱନ କଲ୍ୟାଣ ମଧ୍ୟ ଯୋଶେଫଙ୍କ ପରିବାର ଲୋକଙ୍କୁ ଭେଟିଥିଲେ। ବୁଧବାର ସିଏମ୍‌ସି ସିଟି ଇଞ୍ଜିନିୟର ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସାଇଟ୍ ପରିଦର୍ଶନ ନ କରିବା, ମୁକୁଳା ଡ୍ରେନ୍‌ରେ ସ୍ଲାବ୍ ପକାଯିବା ଅଥବା ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲେ ଏଭଳି ଅଘଟଣ ଘଟି ନ ଥାନ୍ତା ବୋଲି ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ତୁମ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେନେଇ ୩ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ନୋଟିସରେ ଉଲ୍ଲେଖ କରାଯାଇଛି। ହେଲେ ଏଥିପାଇଁ କ'ଣ ଉଚ୍ଚପଦସ୍ଥ ଅଧିକାରୀଙ୍କ କୌଣସି ଦାୟିତ୍ୱ ନାହିଁ? ନିର୍ମାଣାଧୀନ ପ୍ରକଳ୍ପ ତଦାରଖ କରିବା କ'ଣ ଉଚ୍ଚପଦସ୍ଥ ଅଧିକାରୀଙ୍କ କାର୍ଯ୍ୟ ନୁହେଁ? ଅଘଟଣ ଘଟିବା ପରେ କାହିଁକି ଚେତା ପଶୁଛି? ଏଭଳି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଗତ ୧୫ ତାରିଖରେ ଯୋଶେଫ ଗୁଡ଼ି ଉଡାଉଥିବାବେଳେ ମୁକୁଳା ଡ୍ରେନ୍‌ରେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଶିଶୁଭବନ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମୁକୁଳା ନାଳରେ ପଡ଼ି ବାଳକଙ୍କ ମୃତ୍ୟୁ ଘଟଣା



କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବୁଧବାର ଅନୁଷ୍ଠିତ ପାଲା ମହୋତ୍ସବରେ ଗାୟକ ମଞ୍ଜୁଲତା ଶତପଥୀ ଓ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ଯୁବତୀଯୁବକଙ୍କ ସୁରକ୍ଷା ଦିଗରେ ସଚେତନ ହୁଅନ୍ତୁ'

କଟକ ଅଫିସ, ୧୮।୧

### କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଧ୍ୟାପକଙ୍କ ତାଲିମ ଶିବିର

ଜିଲାସ୍ତରୀୟ କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ଏକଦିବସୀୟ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଉଦ୍‌ଘାଟନ କରି ୧୮ ବର୍ଷରୁ କମ୍ ଯୁବତୀଯୁବକଙ୍କ ସୁରକ୍ଷା ଏବଂ ଦକ୍ଷତା ବୃଦ୍ଧି ଦିଗରେ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ କହିଥିଲେ, ୧୮ ବର୍ଷରୁ କମ୍ ନାବାଳକଙ୍କ ପାଇଁ ଉପଲବ୍ଧ ଆଇନଗୁଡ଼ିକୁ ସମସ୍ତେ ବୁଝିବା ଦରକାର। ଅମିୟ ଭୂଷଣ ବିଶ୍ୱାଳ ଯୋଗଦେଇ ବାଲ୍ୟ ବିବାହ ଏବଂ ଶିଶୁ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ଏବଂ ତତ୍‌ସହିତ ଜଡ଼ିତ ସାମାଜିକ ଓ ମନସ୍ତାତ୍ତ୍ୱିକ ଦିଗ ବିଷୟରେ ତାଲିମ ପ୍ରଦାନ କରିଥିଲେ। ସେହିପରି ଆଡଭୋକେଟ ବିଭୁଦତ୍ତ ଦାସ ଯୋଗଦେଇ ଯୌନ ଅପରାଧରୁ ଶିଶୁମାନଙ୍କୁ ସୁରକ୍ଷା ଅଧିନିୟମ-୨୦୧୨ର ବିଭିନ୍ନ ଦିଗ ଏବଂ ଅନୁଷ୍ଠାନ ଓ ପରିବାର ଭୂମିକା ବିଷୟରେ ଅବଗତ କରାଇଥିଲେ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ପଞ୍ଜୀକରଣ ମେଳା

ଚୌଦ୍ୱାର,୧୮।୧(ଡି.ଏନ୍.ଏ.)

ଚୌଦ୍ୱାର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ ଓ ସଚେତନତା ମେଳା ଅନୁଷ୍ଠିତ ହୋଇଯାଇଛି। ଡ. ରବୀନ୍ଦ୍ର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କଟକ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅଭିନନ୍ଦିତା ପରିଡ଼ା ଯୋଗଦେଇ ଉପସ୍ଥିତ ବ୍ୟବସାୟୀମାନଙ୍କୁ ଖାଦ୍ୟ ସୁରକ୍ଷା ଆଇନ ଓ ପଞ୍ଜୀକରଣ ଉପଯୋଗିତା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରତିବର୍ଷ ନବୀକରଣ ପାଇଁ ୧୦୦ ପଇଠ କରିବାକୁ ସେ ସୂଚନା ଦେଇଥିଲେ। ମଙ୍ଗଳବାର ଏନେଇ ଚୌଦ୍ୱାର ଅଞ୍ଚଳରେ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା। ବୁଧବାର ସୁଦ୍ଧା ୫୬ ଜଣ ବ୍ୟବସାୟୀ ପଞ୍ଜୀକରଣ କରିଥିବା ଜଣାପଡିଛି। ପଞ୍ଜୀକରଣ କରି ନ ଥିବା ବ୍ୟବସାୟୀଙ୍କୁ ଜରିମାନା କରାଯିବ ବୋଲି ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି।

## ବାଇକ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନରସିଂହପୁର, ୧୮।୧ (ସ୍ୱ.ପ୍ର)

ବାଇକରେ ଯାଉଥିବା ଜଣେ ଯୁବକ ଅସାବଧାନତା ଯୋଗୁ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ତାଙ୍କ ଉପରେ ବାଇକଟି ପଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ବଡମ୍ବା ଥାନା ଅଧିନ ଗୋପୀନାଥପୁର ଗ୍ରାମର ପ୍ରଫୁଲ୍ଲ ମଲିକଙ୍କ ପୁଅ ପରମାନନ୍ଦ କାନପୁର ଥାନା ନୂଆ ସୋଲବନ୍ଧ ଗ୍ରାମର ଭଉଣୀ ଘରେ ରହୁଥିଲେ। ବୁଧବାର ସକାଳେ ମୋଟର ସାଇକେଲରେ ଚମ୍ପେଶ୍ୱର ବଜାରକୁ ଯାଉଥିବା ବେଳେ ପୁରୁଣା ଗୋପାଳପୁର ଗ୍ରାମ ନିକଟରେ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଦୀର୍ଘ ସମୟ ବାଇକ ତଳେ ଚାପି ହୋଇ ରହିଯାଇଥିଲେ। କାନପୁର ପୋଲିସ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୂଜବଳ ସୂଚନା ଦେଇଛନ୍ତି।

## 'ନିଃସ୍ୱାର୍ଥ ସେବାର ପ୍ରତୀକ ଥିଲେ ଲକ୍ଷ୍ମୀନାରାୟଣ'



ଲକ୍ଷ୍ମୀନାରାୟଣ ସାହୁ କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଚୌଦ୍ୱାର/ମଙ୍ଗୁଳି-ଜଗତପୁର, ୧୮।୧(ଡି.ଏନ.ଏ.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖାର ପ୍ରତିଷ୍ଠାତା ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ଶ୍ରାଦ୍ଧୋତ୍ସବ ତଥା ଚୌଦ୍ୱାର ଶାଖାର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଶିଶୁ ସଦନସ୍ଥିତ ଲକ୍ଷ୍ମୀନାରାୟଣ ସ୍ମୃତି ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ତମ୍ଭକାର ଡ.ସତ୍ୟ ରାଏ, ଇମ୍ପାର ଉପସଭାପତି ବିନୟ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ନିଃସ୍ୱାର୍ଥ ସେବାର ପ୍ରତୀକ ଲକ୍ଷ୍ମୀନାରାୟଣ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଆନ୍ତଃବିଦ୍ୟାଳୟ ବକ୍ତୃତା, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ, ହସ୍ତକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କେନ୍ଦ୍ର ପରିସରରେ ଥିବା ଶ୍ୟାମସୁନ୍ଦର ବିନୋଦନ କେନ୍ଦ୍ର ଗୃହ ଉଦ୍‌ଘାଟିତ ହୋଇଥିଲା। ସଙ୍ଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ବିବରଣୀ ପାଠ ଓ ସୀମାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ପ୍ରଭାତରେ ସର୍ବଧର୍ମ ପ୍ରାର୍ଥନା, ଗୀତାପାଠ, ସମୂହ ବେଦ ଆବୃତ୍ତି ଭଳି ଅନେକ କାର୍ଯ୍ୟକ୍ରମ ହୋଇଥିଲା। ଶିଶୁ ସଦନର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଜଗତପୁରସ୍ଥିତ ଲକ୍ଷ୍ମୀ ନାରାୟଣ ସାହୁ କଲେଜ ପରିସରରେ ପଦ୍ମଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁଙ୍କର ଶ୍ରାଦ୍ଧୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ସସ୍ମିତା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ କାମଦେବ ଶତପଥୀ, ସମ୍ମାନିତ ଅତିଥି ଭାବେ କଟକ ମହାନଗର ନିଗମର ଡେପୁଟି ମେୟର ଦମୟନ୍ତି ମାଝି ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପକ ସୁବାସ ଚନ୍ଦ୍ର ଦ୍ୱିବେଦୀ ଅତିଥି ପରିଚୟ ଓ ଅଧ୍ୟାପିକା ପୁଷ୍ପ ମଞ୍ଜରୀ ଦାଶ ଧନ୍ୟବାଦ ଦେଇଥିଲେ।

# ଗୋଚର ଜମିରେ ସ୍ଥାୟୀ ନିର୍ମାଣ ପାଇଁ ଅନୁମତି ନାହିଁ

କଟକ ସଦର, ୧୮।୧(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା, ଆୟଉପୁର, କନ୍ଦରପୁର ପଞ୍ଚାୟତର ଅନାବାଦୀ ଓ ଗୋଚର ଜମି, ଚକନାଳି ଉପରେ ବ୍ଲକ ଓ ପଞ୍ଚାୟତ ପକ୍ଷରୁ ରାସ୍ତା, ମିଶନ ଶକ୍ତି ଏବଂ ପଞ୍ଚାୟତ ଗୃହ ନିର୍ମାଣ କରାଯାଇଛି। ଏହି ପ୍ରକାରର ନିର୍ମାଣ ପାଇଁ ବିଡିଓ ଅନୁମତି ଦେଇପାରିବେ ନାହିଁ ବୋଲି କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା ୪୧୫୨/୩୧।୧୨।୨୦୨୨ରେ ସ୍ପଷ୍ଟୀକରଣ ଦିଆଯାଇଛି। ବିଶେଷକରି ଗୋଚର, ଶ୍ମଶାନ, ଗ୍ରାମ୍ୟ ଜଙ୍ଗଲ, ଚକନାଳି ଉପରେ ସ୍ଥାୟୀ ନିର୍ମାଣ ପାଇଁ ରାଜସ୍ୱ ବିଭାଗର କୌଣସି ଅଧିକାରୀଙ୍କ ପାଖରେ କ୍ଷମତା ନାହିଁ ବୋଲି ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ଆଇନରେ ଉଲ୍ଲେଖ ରହିଥିବା ଉକ୍ତ ପତ୍ରରେ ଦର୍ଶାଯାଇଛି। କିନ୍ତୁ ଏକ ଅନାବାଦୀ ଜମିରେ କନ୍ଦରପୁର ପଞ୍ଚାୟତ ଗୃହ ନିର୍ମାଣ ପାଇଁ ବିଡିଓ ରାଜୀବ ଲୋଚନ ପରିଡ଼ା ଅନୁମତି ଦେଇଛନ୍ତି ବୋଲି ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ପତ୍ରସଂଖ୍ୟା ୩୩/୨୯।୬।୨୦୨୨ରେ ସୂଚନା ଦେଇଛନ୍ତି। ସେହିପରି ଲୋକଙ୍କ ଦାବି ମୁତାବକ ଆୟଉପୁର ପଞ୍ଚାୟତର ଏକ ଗୋଚର ଜମିରେ ରାସ୍ତା ନିର୍ମାଣ କରାଯାଇଛି ବୋଲି ବ୍ଲକ ଜନ ସୂଚନା ଅଧିକାରୀ ପତ୍ରସଂଖ୍ୟା ୨୪୬୨/୧୪।୮।୨୦୨୨ରେ ଜଣାଇଛନ୍ତି। ଧରିଣା ପଞ୍ଚାୟତର ଚକନାଳି ଉପରେ ରାସ୍ତା ଓ ପତିତ ଜମିରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ କିଶନ ନଗର ତହସିଲ ପକ୍ଷରୁ ଅନୁମତି ଦିଆଯାଇ ନାହିଁ ବୋଲି ପତ୍ରସଂଖ୍ୟା ୨୧୨୨/୧୦।୮।୨୨ରେ ସୂଚନା ମିଳିଛି। କିନ୍ତୁ ଚକନାଳି ଉପରେ ଜଗପଡା ରାଜସ୍ୱ ନିରୀକ୍ଷକ ପତ୍ରସଂଖ୍ୟା ୪୭/୩୦।୪।୨୦୨୨ରେ ନିର୍ମାଣ ପାଇଁ ଅନୁମତି ଦେଇଥିବା ଜଣାପଡିବା ପରେ ବିବାଦ ଦେଖାଦେଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ମିଳିବା ପରେ ବିଡ଼ିଓଙ୍କ କ୍ଷମତାର ଅନ୍ତ ଘଟିଛି। ଏ ନେଇ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ମହାନଦୀରେ ବୁଡ଼ି ଯୁବକ ନିଖୋଜ

ନରସିଂହପୁର,୧୮।୧(ସ୍ୱ.ପ୍ର)

କଟକ ଜିଲା ନରସିଂହପୁର ବ୍ଲକ ନୂଆପାଟଣା ଗ୍ରାମ ନିକଟ ମହାନଦୀ ଘାଟରେ ଜଣେ ଯୁବକ ଗାଧୋଉଥିବା ବେଳେ ନିଖୋଜ ହୋଇଯାଇଛନ୍ତି। ଅଳରା ଗ୍ରାମର ଗୋପବନ୍ଧୁ ମହାନ୍ତି ନୂଆପାଟଣା ଗ୍ରାମର ମାମୁ ଘରକୁ ବୁଲିବାକୁ ଆସିଥିଲେ। ବୁଧବାର ସନ୍ଧ୍ୟାରେ ମହାନଦୀ ଘାଟକୁ ଯାଇ ଗାଧୋଇବାକୁ ପାଣିରେ ପଶିଥିଲେ। ସେ ଧୀରେ ଧୀରେ ପାଣି ଭିତରେ ବୁଡି ଯାଉଥିବା କେତେକ ବ୍ୟକ୍ତି ଦେଖୁଥିଲେ ମଧ୍ୟ ଉଦ୍ଧାର କରିପାରି ନ ଥିଲେ। ସେମାନେ ନରସିଂହପୁର ଅଗ୍ନିଶମ ବାହିନୀକୁ ଖବର ଦେବାରୁ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ହେଁ ଗୋପବନ୍ଧୁଙ୍କ ପତ୍ତା ପାଇପାରି ନଥିଲେ। ଅଗ୍ନିଶମ ବାହିନୀ ନିକଟରେ ବୋଟ ନଥିବା ବେଳେ ଅନ୍ଧାର କାରଣରୁ ଖୋଜିବା ବିଳମ୍ବ ହେବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ସେମିଫାଇନାଲରେ କଳିଙ୍ଗ ଟାଇଗର୍ସ

ଟିଗିରିଆ,୧୮।୧( ଡି.ଏନ.ଏ.)




ଟିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡାସ୍ଥିତ ଖେଳପଡ଼ିଆରେ କିରଣ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଲିଟିଲ ଷ୍ଟାର କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧା ଓ କୁମାରପୁର କ୍ରିକେଟ କ୍ଲବ ଚୌଦ୍ୱାର ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି କଳିଙ୍ଗ ଟାଇଗର୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୩୦୩ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ କୁମାରପୁର ଦଳ ୧୩ ଓଭରରେ ସବୁ ଉଇକେଟ୍ ହରାଇ ୧୨୬ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଏଥିସହ ବିଜୟୀ କଳିଙ୍ଗ ଟାଇଗର୍ସ ସେମି ଫାଇନାଲରେ ପ୍ରବେଶ କରିଛି। ଏହି ଟିମ୍‌ର ସ୍ୱାଧୀନ ପାଇକ୍‌ରାୟ ୧୫ ରନ ବିନିମୟରେ ୬ ଉଇକେଟ୍ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ମ୍ୟାଚରେ ମୁଖ୍ୟ ଅତିଥିଭାବେ ଓଡିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ବିପ୍ଳବ କୁମାର ସାମନ୍ତରାୟ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଅମ୍ପାୟାରଭାବେ ଜିତେନ୍ଦ୍ର କୁମାର ରାଉଳ ଓ ଶୁଭକାନ୍ତ ରାଉତରାୟ ଯୋଗଦେଇ ମ୍ୟାଚ ପରିଚାଳନା କରିଥିଲେ।

# କଟକରେ ଡାକୋଟା ବିମାନ ରଖାଯାଉ

କଟକ ଅଫିସ, ୧୮।୧

### ଦାବି ପୂରଣ ନ ହେଲେ ଦସ୍ତଖତ ଅଭିଯାନ

କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରିୟ ଡାକୋଟା ବିମାନ ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି। ଉକ୍ତ ବିମାନକୁ ୩ଟି ଟ୍ରେଲରରେ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଅଣାଯାଇଛି। ବିମାନକୁ ଦେଖିବା ପାଇଁ ରାସ୍ତାପାର୍ଶ୍ୱରେ ଲୋକଙ୍କ ଗହଳି ଲାଗିଥିଲା। ଏପରିକି ରାଜନୈତିକ ଦଳ କର୍ମକର୍ତ୍ତାମାନେ ମଧ୍ୟ ଦଳୀୟ ପତାକା ଧରି ରାସ୍ତା କଡ଼ରେ ଛିଡ଼ା ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେକ ଲୋକ ଉକ୍ତ ବିମାନର ଫଟୋ ଉଠାଉଥିଲେ। ହେଲେ ଏହି ସମୟରେ ଉକ୍ତ ବିମାନକୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମସ୍ଥାନରେ ରଖିବା ପାଇଁ ବାଇମୁଣ୍ଡି ସଙ୍ଗଠନ ପକ୍ଷରୁ ଶିଖରପୁରଠାରେ ପ୍ଲାକାର୍ଡ ଧରି ଦାବି କରାଯାଇଥିଲା। ସଙ୍ଗଠନ ସମ୍ପାଦକ ସୁରେଶ ମହାନ୍ତି କହିଛନ୍ତି, ବିଜୁ ପଟ୍ଟନାୟକଙ୍କ ଜନ୍ମସ୍ଥାନ କଟକ। ଏଠାରେ ତାଙ୍କର ଅନେକ ସ୍ମୃତି ରହିଛି। ରାଜନୈତିକ ଜୀବନଠାରୁ ଆରମ୍ଭ କରି ଅନେକ କାର୍ଯ୍ୟ କଟକ ସହରରେ ରହି କରିଛନ୍ତି। ହେଲେ ରାଜ୍ୟ ସରକାର ବିଜୁବାବୁଙ୍କ ଡାକୋଟା ବିମାନକୁ ଭୁବନେଶ୍ୱରରେ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ବିମାନ କଟକରେ ରଖିବା ପାଇଁ ସଙ୍ଗଠନ ଶାନ୍ତିପୂର୍ଣ୍ଣ ଭାବେ ଦାବି କରିଛି। କଟକକୁ ଡାକୋଟା ବିମାନ ଅଣା ନ ଗଲେ ଆଗାମୀ ଦିନରେ କଟକରୁ ଦସ୍ତଖତ ଅଭିଯାନ, ଜନ ଜାଗରଣ କାର୍ଯ୍ୟକ୍ରମ ମାଧ୍ୟମରେ କଟକ ପ୍ରତି ବୈମାତୃକ ମନୋଭାବକୁ ବିରୋଧ କରାଯିବ ବୋଲି ସଙ୍ଗଠନ ସମ୍ପାଦକ ମହାନ୍ତି କହିଛନ୍ତି।

# ମଣ୍ଡି ଜଗିଛି ପ୍ୟାଡି କମିଟି

### ଅଧିକ ଟାର୍ଗେଟ ପାଇଁ ଚାଷୀଙ୍କ ନିବେଦନ

ନିଶ୍ଚିନ୍ତକୋଇଲି,୧୮।୧(ସ୍ୱ.ପ୍ର)



କେନ୍ଦୁପାଟଣା ସେବା ସମବାୟ ସମିତିକୁ ଧାନ ବିକ୍ରି ପାଇଁ ଆସିଥିବା ଚାଷୀମାନେ।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ସମବାୟ ସମିତି ମାଧ୍ୟମରେ ଧାନ କ୍ରୟ କରାଯାଉଛି। ଚାଷୀମାନେ ମଣ୍ଡିରେ କିପରି ସୁରୁଖୁରୁରେ ଧାନ ଦେଇପାରିବେ ସେନେଇ ପ୍ୟାଡି କମିଟି ଗଠନ କରାଯାଇଛି। ଏହି ବ୍ଲକ କେନ୍ଦୁପାଟଣା ସେବା ସମବାୟ ସମିତିରେ ପ୍ୟାଡି କମିଟିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଚାଷୀମାନେ ଧାନ ବିକ୍ରି କରୁଛନ୍ତି। ତେବେ ଏହି ସମବାୟ ସମିତିରେ ବହୁ ବଡ଼ ଚାଷୀ ଥିବାରୁ ସରକାର ଦେଇଥିବା ଟାର୍ଗେଟ ଅନୁଯାୟୀ ଧାନ ବିକ୍ରି ହୋଇପାରୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଯୋଗାଣ ବିଭାଗ ଏହି ସମବାୟ ସମିତିକୁ ଅଧିକ ଧାନ କ୍ରୟ କରିବା ନିମନ୍ତେ ଟାର୍ଗେଟ ଦେବା ପାଇଁ ଦାବି ହୋଇଛି। ଏହି ସମବାୟ ସମିତିରେ ୫୩୫ ଜଣ ଚାଷୀ ସେମାନଙ୍କର ଧାନ ବିକ୍ରି ପାଇଁ ଅନଲାଇନରେ ନାମ ପଞ୍ଜୀକରଣ କରିଛନ୍ତି। ଏବେ ସରକାର ୭ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଦେଇଥିବା ବେଳେ ମାତ୍ର ୧୦୭ ଜଣ ଚାଷୀଙ୍କ ଠାରୁ ୫ ହଜାର ୧୯୯ କ୍ୱିଣ୍ଟାଲ ଧାନ କ୍ରୟ ହୋଇଛି। ଗତବର୍ଷ ଏହି ସମବାୟ ସମିତିକୁ ୧୬ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଦିଆଯାଇଥିବା ସମବାୟ ସମିତିର ସମ୍ପାଦକ ମନୋଜ କୁମାର ନାୟକ ସୂଚନା ଦେଇଛନ୍ତି। ତେବେ ଚଳିତ ଥର ଧାନ ଫସଲ ଭଲ ହୋଇଥିବାରୁ ଯୋଗାଣ ବିଭାଗ ଏହି ସମବାୟ ସମିତିକୁ ୨୨ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଦେଉ ବୋଲି ଚାଷୀ ଯତୀନ୍ଦ୍ରନାଥ ଜେନା ଦାବି କରିଛନ୍ତି। ଏହି ସମବାୟ ସମିତି ଚାଷୀଙ୍କ ଦାବିକୁ ଅଗ୍ରାଧିକାର ଦେଇ ଧାନ କିଣା କାର୍ଯ୍ୟ ତ୍ୱରାନ୍ୱିତ କରୁଥିବା ସମିତିର ସଭାପତି ସାରଦା ପ୍ରସନ୍ନ ନାୟକ ପ୍ରତିକ୍ରିୟା ରଖିଛନ୍ତି। ଚାଷୀ ସୁକାନ୍ତ କୁମାର ନାୟକ, ଅଞ୍ଜନ କୁମାର ସାହୁ, ନିକୁଞ୍ଜ ବିହାରୀ ଖୁଣ୍ଟିଆ, ଶ୍ୟାମସୁନ୍ଦର ଦାସ, ଭଗବାନ ଦାସ, ସୁରେନ୍ଦ୍ର ଲେଙ୍କା ପ୍ରମୁଖ ଚାଷୀଙ୍କ ଠାରୁ ଏହି ଧାନ କ୍ରୟ କରାଯାଇଛି।

## କୋର୍ଟ ପରିସରରୁ ବାଇକ୍ ଚୋରି

ନିମାପଡ଼ା,(ଡି.ଏନ୍.ଏ.): ନିମାପଡ଼ା କୋର୍ଟ ପରିସରରୁ ଏକ ବାଇକ୍ ଚୋରି ହୋଇଥିବା ନେଇ ନିମାପଡ଼ା ଥାନାରେ ବୁଧବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୧୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନିମାପଡ଼ା ସିଭିଲ୍ କୋର୍ଟ ପିଅନ ବିଜୟ ପ୍ରଧାନ ପ୍ରତିଦିନ ପରି ବୁଧବାର କୋର୍ଟ ପରିସରରେ ବାଇକ୍ ରଖିଥିଲେ। କେହି ଦୁର୍ବୃତ୍ତ ତାଙ୍କ ବାଇକ୍ ହ୍ୟାଣ୍ଡେଲ ଲକ୍ ଭାଙ୍ଗି ଚୋରି କରିଥିବା ପ୍ରଧାନ ଅଭିଯୋଗ ଫର୍ଦ୍ଦରେ ଉଲ୍ଲେଖ କରିଛନ୍ତି। ଗତ କିଛି ଦିନ ତଳେ କୋର୍ଟ ପରିସରରୁ ଅନ୍ୟ ଜଣଙ୍କ ବାଇକ୍ ଚୋରି ହୋଇଥିଲା। ବାଇକ୍ ଲୁଟେରାଙ୍କୁ ପୋଲିସ ଠାବ କରି ତୁରନ୍ତ ଗିରଫ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧।୨୦୨୩

| | |
|---|---|
| ୩,୯୬,୪୩୫ ଟଙ୍କା | |
| ସୁନା | ୨୦.୫୫୦ ଗ୍ରାମ |
| ରୁପା | ୮୩.୮୦୦ ଗ୍ରାମ |

# ତାଲିକା ପ୍ରକାଶ ପରେ ବଢୁଛି ଜନ ଅସନ୍ତୋଷ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

- ୬୦ ପ୍ରତିଶତ ଅଯୋଗ୍ୟ ହାତେଇଛନ୍ତି ଘର: ଭାଜପା
- ସବୁ ନୀତି ନିୟମ ପାଳନ କରାଯାଇଛି: ସତ୍ୟବାଦୀ ବିଡିଓ

ସାକ୍ଷୀଗୋପାଳ,୧୮।୧(ସ୍ୱ.ପ୍ର.)

ସତ୍ୟବାଦୀ ବ୍ଳକ ଅଧୀନରେ ଥିବା ୨୨ଟି ପଞ୍ଚାୟତ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୧୧୫ ଓ ଫନୀ କ୍ଷତିଗ୍ରସ୍ତଙ୍କ ଲାଗି ୧୦୮୧ଟି ଆବାସ ମିଳିଛି। ଏଥିପାଇଁ ବ୍ଳକ ପ୍ରଶାସନ ପକ୍ଷରୁ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଗାଯାଇଥିବା ତାଲିକାରେ ହିତାଧିକାରୀଙ୍କ ନାମ ପ୍ରକାଶ ପାଇଥିଲା। ପୂର୍ବ ତାଲିକାରେ ପ୍ରକାଶିତ ଅନେକ ଯୋଗ୍ୟ ହିତାଧିକାରୀଙ୍କ ସହ ଫନୀ କ୍ଷତିଗ୍ରସ୍ତ ଯୋଗ୍ୟ ହିତାଧିକାରୀଙ୍କ ନାମ ଏବେ ଚୂଡ଼ାନ୍ତ ତାଲିକାରେ ନ ଥିବାରୁ ସମସ୍ତ ପଞ୍ଚାୟତରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏପଟେ ଆବାସକୁ ନେଇ କିଏ ଶ୍ରେୟ ନେବ ସେଥିପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ପ୍ରକାଶ ପାଇଥିବା ହିତାଧିକାରୀଙ୍କ ତାଲିକାରେ ୬୦ ପ୍ରତିଶତ ଅଯୋଗ୍ୟଙ୍କୁ ଦଳୀୟ ଭିତ୍ତିରେ ସନ୍ତୁଷ୍ଟ କରିବା ପାଇଁ ଶାସକ ବିଜେଡି ଆବାସ ବଣ୍ଟନ କରିଥିବା ସତ୍ୟବାଦୀ ଭାଜପା ଅଭିଯୋଗ ଆଣିଛି। ଆବାସ କେଳେଙ୍କାରୀ ପାଇଁ ସିଧାସଳଖ ଶାସକ ଦଳ ଓ ପ୍ରଶାସନକୁ ଭାଜପା ନେତା ଓମ୍ ପ୍ରକାଶ ମିଶ୍ର ଦାୟୀ କରିଛନ୍ତି। ଆଗାମୀ ଦିନରେ ଯଦି ଠିକ୍ ଭାବେ ତଦନ୍ତ କରା ନ ଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ଯୋଜନାରୁ ବଞ୍ଚିତ କରାଯାଏ, ତେବେ ୨୪ ତାରିଖରେ ବ୍ଳକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ପ୍ରଶାସନ ପକ୍ଷରୁ ଯେଉଁ ଅଭିଯୋଗ ବାକ୍ସ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମେତ ବ୍ଳକ ପଞ୍ଚାୟତରେ ରଖାଯାଇଛି, ଏଥିପାଇଁ କରାଯାଇଥିବା ନିୟମକୁ ଲୋକେ ଗ୍ରହଣ କରିପାରୁନାହାନ୍ତି। କେଉଁ ପରିସ୍ଥିତିରେ ପଲିଥିନ ତଳେ ଥିବା ଲୋକ ଏକ କୋଠାଘର, ଚାକିରୀ କିମ୍ବା ଅଯୋଗ୍ୟ ଥାଇ ମଧ୍ୟ ଯୋଗ୍ୟ ବିବେଚିତ ହୋଇଥିବା ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିବ। ଅଭିଯୋଗ ପାଇଁ ନିଜକୁ ସୁରକ୍ଷିତ ଭାବୁ ନ ଥିବା ଶତାଧିକ ଯୋଗ୍ୟ ହିତାଧିକାରୀ ଭୟରେ ଅଭିଯୋଗ ନ କରି ଚୁପ ହୋଇ ରହିଛନ୍ତି।

ନିକଟରେ ସତ୍ୟବାଦୀ ଭାଜପା ପକ୍ଷରୁ ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରେମା ବେହାର, ସମିତି ସଭ୍ୟ ଦୀପକ ଶତପଥୀ, ରଞ୍ଜନ ବରାଳ, ସରପଞ୍ଚ ଲଳିତ ମୋହନ ସେନାପତିଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତିସଭ୍ୟ ସତ୍ୟବାଦୀ ବିଡିଓ ଲୋଚନ ଦାଶଙ୍କୁ ଭେଟି ଆବାସର ସ୍ୱଚ୍ଛତା ଆଣିବା ପାଇଁ ଆଲୋଚନା କରିବା ସହ ଅଭିଯୋଗ ବାକ୍ସରୁ ଗ୍ରହଣ କରାଯାଉଥିବା ଅଭିଯୋଗ ଆଧାରରେ ତଦନ୍ତ କରିବାକୁ ଦାବି କରିଛନ୍ତି। ଏଥିସହ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ଦ୍ୱାରା ଏକ କମିଟି ପ୍ରସ୍ତୁତ କରି ଏହାର ତଦନ୍ତ କରାଗଲେ, ଯୋଗ୍ୟ ଓ ଅଯୋଗ୍ୟ ଠିକ୍ ନିରୂପଣ ହୋଇପାରିବେ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ବିଡିଓ ଲୋଚନ ଦାଶ କହିଛନ୍ତି, ସରକାରଙ୍କ ଗାଇଡ୍‌ଲାଇନକୁ ସମ୍ପୂର୍ଣ୍ଣ ଭାବେ ପାଳନ କରାଯାଇଛି। ଯଦି ଅଭିଯୋଗ ଆସେ ତେବେ ତଦନ୍ତ କରାଯାଇ ଯୋଗ୍ୟଙ୍କୁ ସାମିଲ କରିବା ପାଇଁ ବ୍ୟବସ୍ଥା କରାଯିବ। ତା'ଛଡ଼ା ଛାତଘର, ସରକାରୀ ଚାକିରୀ, ଚାରି ଏକରରୁ ଅଧିକ ସମ୍ପତ୍ତି, ୪ ଚକିଆ ଓ ୩ ଚକିଆ ଯାନ ଥିବା ଏବଂ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ପେନସନ୍ ପାଉଥିବା ବ୍ୟକ୍ତି ଏହି ଯୋଜନାର ହିତାଧିକାରୀ ହୋଇ ପାରିବେ ନାହିଁ।

ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡା କୁହନ୍ତି, ପ୍ରକାଶିତ ତାଲିକା ହେଉଛି ନିର୍ବାଚନ ପୂର୍ବରୁ ୩ଜଣିଆ କମିଟି ଦ୍ୱାରା କରାଯାଇଥିବା ତାଲିକା। ଏହା ଆଜିର ନୁହେଁ। ଆମ ଦାବି ତୁଳନାରେ ଯଥେଷ୍ଟ କମ୍ ଆବାସ କେନ୍ଦ୍ର ସରକାର ଯୋଗାଇ ଦେଇଥିବାରୁ ଏହିଭଳି ସମସ୍ୟା ସୃଷ୍ଟି ହୋଇଛି। ଯେଉଁମାନେ ଏଥିରୁ ବାଦ୍ ପଡିବେ ସେମାନଙ୍କୁ ବିଧାୟକ ଉମାକାନ୍ତ ସାମନ୍ତରାୟ ଅନୁରୋଧକ୍ରମେ ରାଜ୍ୟ ସରକାରଙ୍କ ଦ୍ୱାରା ଶୀଘ୍ର ବିଜୁ ପକ୍କାଘର ଯୋଗାଇ ଦିଆଯିବ। ଏଥିରେ କୌଣସି ରାଜନୀତି କରିବା କଥା ନୁହେଁ।

ସୁକଳ ପଞ୍ଚାୟତର ମିନତୀ ବେହେରା, ଅଧିକାରୀ ପ୍ରଧାନ, ପ୍ରତାପ ବାରିକ, ଗୁରୁଦେବ ଜେନା, ପେଣ୍ଠପଡ଼ା ପଞ୍ଚାୟତର ପ୍ରଭାକର ପରିମାଣିକ, ଦୋଳଗୋବିନ୍ଦ ଦାଶ, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ବିକାଶ ମହାନ୍ତିଙ୍କ ଭଳି ସତ୍ୟବାଦୀ ବ୍ଳକର ୨୨ ପଞ୍ଚାୟତର ହଜାର ହଜାର ହିତାଧିକାରୀ ଆବାସ ପାଇବା ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ହୋଇଥିଲେ ମଧ୍ୟ ପାଇ ନ ଥିବାରୁ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି।



ଜାଗାଘର ଉନ୍ନତୀକରଣ କାର୍ଯ୍ୟ ଉଦ୍‌ଘାଟନ ଅବସରରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟମାନେ।

## ୮ ଜାଗାଘର ଖୋଲା ସ୍ଥାନର ଉନ୍ନତୀକରଣ

ପୁରୀ ଅଫିସ, ୧୮।୧

ପୁରୀ ସହରରେ ଥିବା ୮ଟି ଜାଗାଘରର ଖୋଲା ସ୍ଥାନ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମୁକ୍ତା ଯୋଜନାରେ ପ୍ରାୟ ୨କୋଟି ଟଙ୍କା ବ୍ୟୟରେ ପୌରପାଳିକା ପକ୍ଷରୁ କରାଯାଇଛି। ଏଗୁଡ଼ିକୁ ମଙ୍ଗଳବାର ସମ୍ପୃକ୍ତ ଜାଗାଘରର ସଭାପତି ଓ ସମ୍ପାଦକମାନେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଓ ଜିଲାପାଳ ସମର୍ଥ ବର୍ମା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା ଏକ ଉଲ୍ଲେଖନୀୟ ଯୋଜନା ଓ ଏଥିରେ ପୁରୀରେ ଯେଉଁ ବିକାଶ ଘଟୁଛି ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ବୋଲି ବିଧାୟକ ଷଡ଼ଙ୍ଗୀ କହିଥିଲେ। ଏହି ଉନ୍ନତୀକରଣର ରକ୍ଷଣାବେକ୍ଷଣ ସ୍ଥାନୀୟ ବାସିନ୍ଦା ଓ ଜାଗା ସଦସ୍ୟଙ୍କ ଦାୟିତ୍ୱ ହେବା ଉଚିତ ବୋଲି ଜିଲାପାଳ କହିଥିଲେ। ସମ୍ପୃକ୍ତ ୮ଟି ଜାଗାଘର ହେଲା- ନୃସିଂହ ବଲ୍ଲଭ ଜାଗା, ଜମନଗଡ଼ ଜାଗା, ଢିପ ଜାଗା, ତାପଙ୍ଗ ଜାଗା, ନିଯୋଗ ଜାଗା ବାବାଜୀ ପୋଖରୀ, ବାରବାଟୀ ଜାଗା, ହନୁମାନ ଆଖଡ଼ା ଜାଗା ଏବଂ ହିଙ୍ଗୁଳ ଜାଗା। ଏଗୁଡ଼ିକର ଖୋଲାସ୍ଥାନକୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା ମାଧ୍ୟମରେ ବିକଶିତ କରାଯାଇଛି ବୋଲି ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ତଥା ଏନଫୋର୍ସମେଣ୍ଟ ଅଧିକାରୀ ରାକେଶ କୁମାର ପଣ୍ଡା, ବରିଷ୍ଠ ସେବାୟତ ମାଧବ ଚନ୍ଦ୍ର ପୂଜାପଣ୍ଡା, ଅନ୍ୟ ବରିଷ୍ଠ ସେବାୟତ ଓ ପୌରପାଳିକା ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସର୍କିଟ ହାଉସ୍ ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ

**ପୁରୀ ଅଫିସ, ୧୮।୧:** ପୁରୀ ସ୍ୱତନ୍ତ୍ର ସର୍କିଟ ହାଉସ୍‌ର ନବୀକରଣ କାର୍ଯ୍ୟ ଚାଲିଛି। ପୁରୁଣା ସର୍କିଟ ହାଉସ୍‌ର ଉଭୟ ପାର୍ଶ୍ୱକୁ ଭଙ୍ଗାଯାଇ ଜି+୩ ରୂପରେ ଗଢ଼ାଯାଉଛି। ବୁଧବାର ଏହି ନବୀକରଣ କ୍ରମରେ ଗ୍ରାଉଣ୍ଡ ଫ୍ଲୋରର ଛାତ ପଡ଼ିଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ନଡ଼ିଆ ପିଟି ଛାତ ପଡ଼ିବା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉପଜିଲାପାଳ ଭବତାରଣ ସାହୁ, ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ ପ୍ରସାଦ ମହାପାତ୍ର ଏବଂ ଏସ୍‌ଡିଓ ଶୁକଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ରକ୍ତଦାନ ମହତ୍ ଦାନ

**ପୁରୀ ଅଫିସ, ୧୮।୧:** ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ରକ୍ତଦାନ ଶିବିର ମଙ୍ଗଳବାର ତାଳବଣିଆସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର କ୍ଷେତ୍ରୀୟ ସାଧାରଣ ସମ୍ପାଦକ ପୂର୍ଣଚନ୍ଦ୍ର ଖୁଣ୍ଟିଆ ଏବଂ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଅଧିକାରୀ ଭାସ୍କର ଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ, ରକ୍ତଦାନ ମହତ ଦାନ। ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, ପୁରୀର ୩୫ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସ୍ୱେଚ୍ଛାକୃତ ରକ୍ତ ଦାନ କରିଥିଲେ। ଭାରତ ବିକାଶ ପରିଷଦର ମହିଳା ବାଲ୍ ବିକାଶ କ୍ଷେତ୍ରୀୟ ସମ୍ପାଦିକା ସୁପ୍ରୀତି ରଥ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ସମ୍ପାଦକ ସୌମେନ୍ଦ୍ର ଦାସ ପରିଚାଳନା କରିଥିଲେ। ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଦୀପକ କୁମାର ସାହୁ, ମନୋରଞ୍ଜନ ବାବୁ ଏବଂ ସାଥୀମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

### 'ଦମନ' ଦେଖିଲେ ଶିଶୁ ସଦନ ଅନ୍ତେବାସୀ

**ପୁରୀ ଅଫିସ, ୧୮।୧:** ବାଲିଗୁଆଲିସ୍ଥିତ ଆଦୃତା ଶିଶୁ ସଦନର ୨୬ଜଣ ଅନ୍ତେବାସୀ ବୁଧବାର 'ଦମନ' ଦେଖିଛନ୍ତି। ସମ୍ପ୍ରତି ସମାଜ ଅବକ୍ଷୟମୁହାଁ ହେଉଥିବାବେଳେ ଛାତ୍ରୀଛାତ୍ରମାନେ ଏହାକୁ ରକ୍ଷା କରିପାରିବେ ବୋଲି ସଭାପତି ସନ୍ତୋଷ ସେନାପତି କହିଥିଲେ। କାର୍ଯ୍ୟକ୍ରମରେ ପ୍ରଭାସ ରଥ, ଗିରିଜା ଶଙ୍କର ଦାଶ, ଦିଲ୍ଲୀପ ଚିନ୍ନରା, ଜିତେନ୍ଦ୍ର ପାତ୍ର, ଝାନ୍ସୀରାଣୀ ମିଶ୍ର, ସସ୍ମିତା ଜେନା, ବିଭୁ ପ୍ରସାଦ ନନ୍ଦ, ଦିପ୍ତୀଚାନ୍ଦ ଗୁପ୍ତା ଉପସ୍ଥିତ ଥିଲେ।



ପ୍ରବାସୀ ଓଡ଼ିଆ ବିକାଶ ସମିତି ଏବଂ ନବଚେତନା ସ୍ୱାଭିମାନ ଫାଉଣ୍ଡେଶନ ପକ୍ଷରୁ ବୁଧବାର ବୈଦ୍ୟୁତିକ ଅଳିଆ ସଂଗ୍ରହ ଯାନ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ୍ ପାତ୍ର ଓ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ।

## ବୈଦ୍ୟୁତିକ ଅଳିଆ ସଂଗ୍ରହ ଯାନ ବଣ୍ଟନ

ପୁରୀ ଅଫିସ, ୧୮।୧

ପ୍ରବାସୀ ଓଡ଼ିଆ ବିକାଶ ସମିତି ଏବଂ ନବଚେତନା ସ୍ୱାଭିମାନ ଫାଉଣ୍ଡେଶନ ପକ୍ଷରୁ ବୁଧବାର ପୁରୀ ୟୁଥ୍ ହଷ୍ଟେଲରେ ବୈଦ୍ୟୁତିକ ଅଳିଆ ସଂଗ୍ରହ ଯାନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡ. ସମ୍ବିତ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଦୁଇ ଶିକ୍ଷିତ ଯୁବକ ସତ୍ୟବାଦୀର ଅଭିନ୍ନ ଶତପଥୀ ଏବଂ ପୁରୀ ସଦର ଅଞ୍ଚଳର ଶ୍ରୀକାନ୍ତ ଜେନାଙ୍କୁ ମୁଖ୍ୟ ଅତିଥି ପାତ୍ର ବୈଦ୍ୟୁତିକ ଅଳିଆ ସଂଗ୍ରହ ଯାନ ବଣ୍ଟନ କରିଥିଲେ। ସେ କହିଥିଲେ, ଦିଲ୍ଲୀସ୍ଥିତ ପ୍ରବାସୀ ଓଡ଼ିଆ ବିକାଶ ସମିତି ଏବଂ ଏହାର ସଭାପତି ସୂର୍ଯ୍ୟନାରାୟଣ ମିଶ୍ର ଏବଂ ଜଗନ୍ନାଥ କୁଞ୍ଜବିହାରୀଙ୍କ ନବଚେତନା ସ୍ୱାଭିମାନ ଫାଉଣ୍ଡେଶନ ଓଡ଼ିଶାର ଜନସାଧାରଣ ବିଶେଷକରି ଯୁବକଙ୍କ ସ୍ୱାବଲମ୍ବନ ପାଇଁ ଯେଉଁ କାର୍ଯ୍ୟ କରୁଛନ୍ତି ତାହା ପ୍ରଶଂସାଯୋଗ୍ୟ। ହିତାଧିକାରୀଙ୍କୁ ସ୍ୱାବଲମ୍ବୀ ହେବା ଲାଗି ପାତ୍ର ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ପିଓଭିଏସ୍ ଏବଂ ନବଚେତନା କାର୍ଯ୍ୟ ପ୍ରଶଂସନୀୟ ବୋଲି କହିଥିଲେ। ଏହି ହିତାଧିକାରୀମାନେ ପୁରୀକୁ ଅଧିକ ସ୍ୱଚ୍ଛ ଓ ସୁନ୍ଦର କରିବେ ବୋଲି ବିଧାୟକ ଷଡ଼ଙ୍ଗୀ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ କୁଞ୍ଜବିହାରୀ, ରାଷ୍ଟ୍ରୀୟ ସଂଯୋଜକ, ପ୍ରବାସୀ ଓଡ଼ିଆ ବିକାଶ ସମିତି ଏବଂ ଏନ୍‌ସିଏସ୍‌ଏଫ୍ ସଂଯୋଜନା କରିଥିଲେ। ପିଓଭିଏସ୍‌ର ଅନ୍ତର୍ରାଷ୍ଟ୍ରୀୟ ସଭାପତି ସୂର୍ଯ୍ୟନାରାୟଣ ମିଶ୍ର ଦିଲ୍ଲୀରୁ ତାଙ୍କ ବାର୍ତ୍ତାରେ ସମସ୍ତ ସଙ୍ଗଠନ ଏବଂ ଉପସ୍ଥିତ ଅତିଥିଙ୍କୁ ସାଧୁବାଦ ଜଣାଇଥିଲେ।

## ଦୁଆର କାନ୍ଥରେ ଅଭିଯୋଗ ଲେଖି ପ୍ରତିବାଦ

ପିପିଲି,୧୮।୧(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ ସ୍ଥାନରେ ଏହାର ପ୍ରତିବାଦ ଦେଖିବାକୁ ମିଳିଛି। ଯୋଗ୍ୟ ହିତାଧିକାରୀ ଏହି ଚୟନ ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ଅଭିଯୋଗ କରି ନିଜ ଦୁଆର କାନ୍ଥରେ କାଗଜରେ ଲେଖି ପ୍ରତିବାଦ କରିଛନ୍ତି। ପିପିଲି ଚନ୍ଦ୍ରାଦେଇପୁର ପଞ୍ଚାୟତରେ ଜଳନ୍ଦର ନାୟକ ନାମକ ଜଣେ ବ୍ୟକ୍ତି ଏହି ତାଲିକାରୁ ବାଦ୍ ପଡ଼ିଥିବାରୁ ଏପରି ପ୍ରତିବାଦ କରିଛନ୍ତି। ଭଙ୍ଗା ଘରକୁ ଦୃଷ୍ଟି ଦେବା ପାଇଁ କାଗଜରେ ଲେଖି ଅନୁରୋଧ କରିବା ସହ ଯୋଗ୍ୟ ହିତାଧିକାରୀ ବିବେଚିତ ନ ହେଲେ ଆମକୁ ଜେଲ୍ ନିଅ ବୋଲି ଉଲ୍ଲେଖ କରିଛନ୍ତି। ଏଥିସହ ଭୋଟ ସମୟରେ ନେତା, ମନ୍ତ୍ରୀଙ୍କୁ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେପଟେ ସ୍ଥାନୀୟ ସରପଞ୍ଚ କହିଛନ୍ତି, ଫନିରେ କ୍ଷତିଗ୍ରସ୍ତ ହିତାଧିକାରୀରୁ ବାଦ୍ ପଡ଼ିଥିବାବେଳେ ଏପରି ପ୍ରତିବାଦ କଲେ ଯଦି ଲାଭ ମିଳିବ ବୋଲି ସେ ଆଶା କରୁଛନ୍ତି, ତେବେ ଏଥିରେ କ'ଣ କରିପାରିବେ ବୋଲି ସେ କହିଛନ୍ତି। ସୂଚନାଥାଉକି ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଅଯୋଗ୍ୟ ହିତାଧିକାରୀ ବିରୋଧରେ ଅଭିଯୋଗ ପାଇଁ ପଞ୍ଚାୟତ, ବ୍ଳକସ୍ତରରେ ବ୍ୟବସ୍ଥା ରହିଥିବାବେଳେ ସରକାର ଟୋଲ୍ ନମ୍ବରର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏହା ଉପରେ ବିଶ୍ୱାସ ନ କରି ଜଳନ୍ଦର ନିଜ ଘର ସମ୍ମୁଖରେ ପ୍ରତିବାଦ କରିଛନ୍ତି।





ପୁରୀସ୍ଥିତ ବିଶ୍ୱପ୍ରବଣ ଆଶ୍ରମରେ ସତ୍ୟ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶତ୍ରୁ ଦମନ ମହାନ୍ତିଙ୍କ ଅନୁବାଦିତ ଓଡ଼ିଆ ପୁସ୍ତକ 'ପରମପୁରୁଷର ପାଦ ତଳେ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ

ପୁରୀ ଅଫିସ, ୧୮।୧

ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ସହ ବଳାତ୍କାର ପାଇଁ ଧମକ ଦେବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳିଆ ପଣ୍ଡା ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲା ମାନସିଂବଜାର ଅଞ୍ଚଳର ବିଜୟାନନ୍ଦ ରଣା (୩୮)। ପୋଲିସ ଏ ନେଇ ଏକ କେସ୍ (ନଂ. ୧୮/୨୩) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ୭ଟା ୩୦ରେ ବିଜୟାନନ୍ଦ ସମ୍ପୃକ୍ତ ନାବାଳିକାଙ୍କ ଘରେ ଜୋରଜବରଦସ୍ତ ପଶି ତାଙ୍କୁ ଅସଦାଚରଣ କରିଥିଲେ। ଏଥିସହ ବଳାତ୍କାର କରିବାକୁ ଧମକ ଦେଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ନାବାଳିକାଙ୍କ ସାଙ୍ଗ ଭୟରେ ପଳାଇଯାଇ ସାହି ପଡ଼ିଶାଙ୍କୁ ସବୁ କଥା ଜଣାଇଥିଲେ। ସାହି ଲୋକେ ଆସିବାରୁ ବିଜୟାନନ୍ଦ ଦୌଡ଼ି ପଳାଇଥିଲେ। ଅଭିଯୋଗ ପରେ ପୋଲିସ ବିଜୟାନନ୍ଦଙ୍କୁ ଦଫା ୨୯୪, ୩୨୩, ୫୦୬, ୩୫୪, ୩୫୪(ବି) ଏବଂ ସେକ୍ସନ -୮ ପୋକ୍ସୋ ଆକ୍ଟରେ ଗିରଫ କରି କୋର୍ଟଚାଲାଣ କରିଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

କଣାସ,୧୮।୧(ସ୍ୱ.ପ୍ର)





ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

କଣାସ ସରସ୍ୱତୀ ବିଦ୍ୟାମନ୍ଦିରର ଶତବିଂଶତମ୍ ବାର୍ଷିକୋତ୍ସବ ବୁଧବାର ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ସଭାପତି ମାଧବାନନ୍ଦ ରଣସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। ଶିକ୍ଷା ବିକାଶ ସମିତି ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ, ଡା. ବିଶ୍ୱରଞ୍ଜନ ଜେନା, ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସାମ୍ୟବାଦୀ ନେତା ଲିଙ୍ଗରାଜ ଦାଶଙ୍କ ସ୍ମୃତି ସମାରୋହ

### ଜନତା ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ

ନିମାପଡ଼ା,୧୮।୧(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଗୁହାଳପଡ଼ା ଜନତା ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ଦାଶ ଫାଉଣ୍ଡେଶନ ପକ୍ଷରୁ ବର୍ଷୀୟାନ ସାମ୍ୟବାଦୀ ନେତା ଲିଙ୍ଗରାଜ ଦାଶଙ୍କ ୧୯ତମ ସ୍ମୃତି ସମାରୋହ ପାଳିତ ହୋଇଥିଲା। ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ ସମାରୋହରେ ଅଧ୍ୟକ୍ଷତା ଓ ସଂଯୋଜନା କରିଥିଲେ। ଅତିଥିଭାବେ ଶିକ୍ଷାବିତ୍ ଅନିଲ ବିଶ୍ୱାଳ, ରବୀନ୍ଦ୍ରନାଥ ପାଢୀ, ବ୍ଳକ ଶିକ୍ଷାଧିକାରୀ ଦ୍ୱିତିକାନ୍ତ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ସାଂସଦ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ଅଧ୍ୟାପିକା ପୁଷ୍ପଲତା ନାୟକ, ସିପିଆଇ ନେତା ଦେବେନ୍ଦ୍ରନାଥ ସାହୁ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନେତାଙ୍କ ସ୍ମୃତିଚାରଣ କରିବା ସହ ବର୍ତ୍ତମାନର ଯୁବ ଛାତ୍ର ସମାଜ ସ୍ୱର୍ଗତ ନେତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୭୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଓ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରଙ୍କ ଦେଶାତ୍ମବୋଧକ ନୃତ୍ୟ ସଙ୍ଗୀତ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ଏହି ଅବସରରେ ନିମାପଡ଼ାଠାରେ ଥିବା ମହାତ୍ମା ଗାନ୍ଧୀ, ବିଜୁ ପଟ୍ଟନାୟକ, ଗୋପବନ୍ଧୁ ଦାସ, ମୋହନ ଦାସ, ଲିଙ୍ଗରାଜ ଦାଶଙ୍କ ପ୍ରତିମୂର୍ତ୍ତି ଓ ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା।





ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

## ୨୦ରୁ ଜାତୀୟସ୍ତରୀୟ ଗ୍ଲୋରି ଫେଷ୍ଟ

### ସର୍ବଶ୍ରେଷ୍ଠ ଛାତ୍ରୀ ପିନ୍ଧିବେ ଗ୍ଲୋରି କୁଇନ ମୁକୁଟ

- ଛାତ୍ରୀଛାତ୍ରଙ୍କୁ ନେଇ ୧୨ ବିଭାଗରେ ହେବ ବିଭିନ୍ନ ପ୍ରତିଯୋଗିତା
- ଭାଗନେବେ ୨୦ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ
- ଜି.ଏସ୍.ଆର୍. କୃଷ୍ଣମୂର୍ତ୍ତି ପାଇବେ ପ୍ରଜ୍ଞାନ ଗୌରବ ସମ୍ମାନ

ପୁରୀ ଅଫିସ, ୧୮।୧

ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଚଳିତ ଜାନୁୟାରୀ ମାସ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ଜାତୀୟସ୍ତରୀୟ ଆନ୍ତଃମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ '୨୬ତମ ଗ୍ଲୋରି ଫେଷ୍ଟ-୨୦୨୩' ଅନୁଷ୍ଠିତ ହେବ। ଏ ନେଇ ବୁଧବାର ଭିଆଇପି ରୋଡ୍‌ସ୍ଥିତ ଭିଆଇପି ରିସୋର୍ଟ ପରିସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏହି ମହୋତ୍ସବରେ ୧୨ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ବକ୍ତୃତା, ତର୍କ, ସାଧାରଣ ଜ୍ଞାନ, ଅନ୍ତାକ୍ଷରୀ, ସ୍କିଟ ଫେଟିଙ୍ଗ, ରେକର୍ଡ ଡ୍ୟାନ୍ସ, ଲୋକନୃତ୍ୟ, ନୃତ୍ୟ, ନାଟକ, ଯନ୍ତ୍ର ସଙ୍ଗୀତ, ଲଘୁ ସଙ୍ଗୀତ ଓ ଗ୍ଲୋରି କୁଇନ ପ୍ରଭୃତି। ରାଜ୍ୟ ତଥା ରାଜ୍ୟ ବାହାରର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିବେ। ଓଡ଼ିଶାର ବିଭିନ୍ନ ଜିଲାରୁ ୧୫ରୁ ଅଧିକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟ ବାହାରୁ ୫ଟି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଏହି ମହୋତ୍ସବରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୫୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବେ। ୨୦ ତାରିଖରେ ପୁରୀ ପୌରସଦନରେ କାର୍ଯ୍ୟକ୍ରମ ଉଦ୍‌ଘାଟନ ଓ ୨୨ ତାରିଖରେ ବେଳାଭୂମିରେ ଉଦ୍‌ଯାପନ ହେବ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁମ୍ବାଇର ପ୍ରଚ୍ଛଦପଟ ଗାୟକ ଏବଂ ସାରେଗାମାପାର ଚାମ୍ପିଅନ ଅନୀକ ଧର ଯୋଗଦେବେ। ଆକର୍ଷଣୀୟ ପ୍ରତିଯୋଗିତା ହେବ ଗ୍ଲୋରୀ କୁଇନ ପ୍ରତିଯୋଗିତା। ସର୍ବଶ୍ରେଷ୍ଠ ବିବେଚିତ ଛାତ୍ରୀଙ୍କୁ ଗ୍ଲୋରୀ କୁଇନ ଉପାଧିରେ ଭୂଷିତ କରାଯିବ। ଏଥିସହ 'ସଂସ୍କୃତ ସାହିତ୍ୟକୁ ସମୃଦ୍ଧ କରିବାରେ ଓଡ଼ିଶାର ଅବଦାନ' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ସେହିପରି ସଂସ୍କୃତ ସାହିତ୍ୟ ପ୍ରତି ଅବଦାନ ପାଇଁ ଚଳିତ ଥର ଅନୁଷ୍ଠାନ ପକ୍ଷରୁ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜି.ଏସ୍.ଆର୍. କୃଷ୍ଣମୂର୍ତ୍ତିଙ୍କୁ ପ୍ରଜ୍ଞାନ ଗୌରବ ସମ୍ମାନ ପ୍ରଦାନ କରାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ବିଧାୟକ ତଥା ଗ୍ଲୋରିଫେଷ୍ଟ -୨୦୨୩ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ନଗରପାଳ ତଥା ଗ୍ଲୋରିଫେଷ୍ଟ-୨୦୨୩ ଅର୍ଥ କମିଟିର ଅଧ୍ୟକ୍ଷ ଗୌରହରି ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଉପାଧ୍ୟକ୍ଷ ରାକେଶ ସାମଲ ଏବଂ ବିପ୍ର କେଶରୀ ସିଂ, ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ କାନୁନ୍‌ଗୋ, ସଙ୍ଗଠନ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ଦାମୋଦର ଶତପଥୀ, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ନାଥ କଟିସ, ମୁଖପାତ୍ର ପ୍ରଦ୍ୟୁମ୍ନ ସାଥୁଆ ଓ ସୌମିତ୍ର ହରିଚନ୍ଦନ, ସମାଜସେବା ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସଞ୍ଜୀବ କୁମାର ରଥଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।





ଖବରଦାତା ସମ୍ମିଳନୀରେ ଗ୍ଲୋରିଫେଷ୍ଟ ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଉଛି।

### ରାମନାଗୁଡ଼ା ବ୍ଲକ ଅଧକ୍ଷଙ୍କ ବିରୋଧରେ ସ୍ତ୍ରୀଙ୍କ ନିର୍ଯାତନା ଅଭିଯୋଗ

ରାମନାଗୁଡ଼ା/ଗୁଣପୁର,(ଡି.ଏନ୍.ଏ): ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ଅଧକ୍ଷ ରବିଶଙ୍କର ଗମାଙ୍ଗଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ରିନା ଗମାଙ୍ଗ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ସ୍ୱାମୀଙ୍କ ଅନ୍ୟ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରହିଥିବା ନେଇ ରିନା ଗୁଣପୁର ଉପଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ସେହିପରି ରବି ବିଭିନ୍ନ ସମୟରେ ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଉପଜିଲାପାଳ ମାମଲାକୁ ପରିବାର ପରାମର୍ଶ କେନ୍ଦ୍ରକୁ ହସ୍ତାନ୍ତର କରିଛନ୍ତି। ଏହାପରେ ରବିଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ପରିବାର ପରାମର୍ଶ କେନ୍ଦ୍ରର ସଚିବ ପ୍ରମୋଦ କୁମାର ସାହୁ ସୂଚନା ଦେଇଛନ୍ତି।

# ୬ ଉଚ୍ଚଶିକ୍ଷାନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ

### ଇ-ନାମଲେଖା ନିୟମ ଉଲ୍ଲଂଘନ
### ଧରାପଡ଼ିଲାଣି ୨ ବିଶ୍ୱବିଦ୍ୟାଳୟ, ୨୩ ଡିଗ୍ରୀ କଲେଜ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମରେ ଇ-ନାମଲେଖା ବାଧ୍ୟତାମୂଳକ ଥିବାବେଳେ ବହୁ ଶିକ୍ଷାନୁଷ୍ଠାନ ଏହି ନିୟମର ଉଲ୍ଲଂଘନ କରୁଥିବା ଦେଖାଯାଇଛି। ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ସାମ୍ସ ମାଧ୍ୟମରେ ଇ-ନାମଲେଖା ବଦଳରେ ସିଧାସଳଖ ଛାତ୍ରୀଛାତ୍ରଙ୍କ ନାମ ଲେଖାଇଛନ୍ତି। ଯାହା ଛାତ୍ରୀଛାତ୍ରଙ୍କ କ୍ୟାରିୟରକୁ ପ୍ରଭାବିତ କରିବ ବୋଲି ଉଚ୍ଚଶିକ୍ଷା ବିଭାଗ ଆଶଙ୍କା କରି ସେହି ଶିକ୍ଷାନୁଷ୍ଠନାଗୁଡ଼ିକୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ପୂର୍ବରୁ ନିୟମ ଖିଲାପକାରୀ ୧୯ଟି ଡିଗ୍ରୀ କଲେଜକୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବାବେଳେ ଏବେ ଆଉ ୬ଟି ଉଚ୍ଚଶିକ୍ଷାନୁଷ୍ଠାନକୁ ନୋଟିସ ଦେଇଛି ଉଚ୍ଚଶିକ୍ଷା ବିଭାଗ। ଏହାକୁ ମିଶାଇ ମୋଟ ୨୫ଟି ଉଚ୍ଚଶିକ୍ଷାନୁଷ୍ଠାନକୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବାବେଳେ ଏଥିମଧ୍ୟରେ ୨ ବିଶ୍ୱବିଦ୍ୟାଳୟ ଓ ୨୩ ଡିଗ୍ରୀ କଲେଜ ରହିଛି।

ସୂଚନାଯୋଗ୍ୟ, ୨୦୨୨-୨୩ ଶିକ୍ଷାବର୍ଷରେ ପିଜି ନାମଲେଖାରେ ନିୟମ ଉଲ୍ଲଂଘନ କରିଥିବା ୬ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ୨ଟି ବିଶ୍ୱବିଦ୍ୟାଳୟ ଏବଂ ୪ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ରହିଛି। ସେଗୁଡ଼ିକ ହେଲା ଖଲ୍ଲିକୋଟ ଓ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସମେତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ। ଇ-ନାମଲେଖା ନିୟମ ଉଲ୍ଲଂଘନ କରିଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟର ପିଜି କାଉନସିଲ ଅଧ୍ୟକ୍ଷ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ନୋଟିସ କରାଯାଇ ୨୦ ତାରିଖ ସୁଦ୍ଧା ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଗତ ୭ ତାରିଖରେ ୧୯ ଡିଗ୍ରୀ କଲେଜକୁ ନିୟମ ମାନି ନ ଥିବାରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ସାମ୍ସ ନିୟମ ଉଲ୍ଲଂଘନ କରିଥିବାରୁ ସମ୍ପୃକ୍ତ କଲେଜଗୁଡ଼ିକର ନାମଲେଖା ଟିମ୍‌ଗୁଡ଼ିକ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ସେମାନଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ତା'ର ଜବାବ ଦେବାକୁ କୁହାଯାଇଛି। ଇ-ଆଡ୍‌ମିଶନ ନିୟମ ଭଙ୍ଗ କରାଯାଇ ନାମଲେଖା ହୋଇଥିବା ଯୋଗୁ ଛାତ୍ରୀଛାତ୍ରଙ୍କ କ୍ୟାରିୟର ନଷ୍ଟ ହୋଇପାରେ ବୋଲି ବିଭାଗ ଆଶଙ୍କା କରିଛି।

ସୂଚନାଯୋଗ୍ୟ, ୨୦୨୨-୨୩ ଶିକ୍ଷାବର୍ଷରେ ଯେଉଁ ଛାତ୍ରୀଛାତ୍ରୀ ସାମ୍ସ ମାଧ୍ୟମରେ ନାମ ଲେଖାଇ ନ ଥିଲେ, ସେମାନଙ୍କ ନାଁ ନାମଲେଖା ତାଲିକାରେ ସାମିଲ କରିବାକୁ ସମ୍ପୃକ୍ତ ଉଚ୍ଚଶିକ୍ଷାନୁଷ୍ଠାଗୁଡ଼ିକ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଅନୁରୋଧ କରାଯିବା ପରେ ନିୟମ ଉଲ୍ଲଂଘନ ସମ୍ପର୍କରେ ଜଣାପଡ଼ିଥିଲା।

# ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣରେ ଓଡ଼ିଶା ଏକ ନମ୍ବର

### ୧୯ ଜିଲାପାଳଙ୍କୁ ମିଳିବ ଜାତୀୟ ପୁରସ୍କାର

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ରାଜ୍ୟରେ ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଓଡ଼ିଶାର ୧୯ ଜିଲା ଜାତୀୟ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ଓଡ଼ିଶା ଲ୍ୟାଣ୍ଡ ରେକର୍ଡ୍ସ ମର୍ଡନାଇଜେଶନ ସୋସାଇଟି(ଓଏଲ୍ଆର୍ଏମ୍ଏସ୍)ର ଗଭର୍ଣ୍ଣିଂବଡି ବୈଠକରେ ଏହି ସୂଚନା ଦିଆଯାଇଛି।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ଦେଶରେ ୬ଟି ବର୍ଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋଟ ୭୫ ଜିଲାକୁ ପ୍ଲାଟିନମ୍ ପୁରସ୍କାର ନିମନ୍ତେ ଚୟନ କରାଯାଇଛି। ସେଥିରୁ ଓଡ଼ିଶାର ୧୯ ଜିଲା ପୁରସ୍କାର ପାଇଁ ମନୋନୀତ ହୋଇଛି। ଏହି ସବୁ ଜିଲାଗୁଡ଼ିକର ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣରେ କାର୍ଯ୍ୟଦକ୍ଷତା ୯୯ ପ୍ରତିଶତରୁ ଅଧିକ ରହିଛି। ଆଗାମୀ ଦିନରେ ଏହି ସବୁ ଜିଲାର ଜିଲାପାଳମାନଙ୍କୁ ନୂଆଦିଲ୍ଲୀରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଉତ୍ସବରେ ସମ୍ମାନିତ କରାଯିବ। ପ୍ଲାଟିନମ୍ ପୁରସ୍କାର ନିମନ୍ତେ ବିବେଚିତ ହୋଇଥିବା ଜିଲାଗୁଡ଼ିକ ହେଲେ ଅନୁଗୋଳ, ବୌଦ୍ଧ, ବରଗଡ଼, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା, ରାୟଗଡ଼ା ଓ ସମ୍ବଲପୁର। ବର୍ତ୍ତମାନ ହାଇଟେକ୍ ସର୍ଭେ ୫ଟି ଜିଲା ଯଥା ଦେବଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ସମ୍ବଲପୁର ଓ ସୁବର୍ଣ୍ଣପୁରରେ କାର୍ଯ୍ୟକାରୀ ହେଉଛି। ଦେବଗଡ଼ ଜିଲାରେ ସର୍ଭେ କାର୍ଯ୍ୟ ଶେଷ ହୋଇଥିଲା ବେଳେ ସୁବର୍ଣ୍ଣପୁର ଜିଲାରେ ଏହି କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

# ମାଣ୍ଡିଆଚାଷ ପାଇଁ ସହଭାଗୀତା ନେଇ ଆଲୋଚନା

### କୃଷି ଭବନ ପରିଦର୍ଶନ କଲେ ତାମିଲନାଡୁ ସରକାରଙ୍କ ପ୍ରତିନିଧି ଦଳ



ଓଡ଼ିଶା କୃଷି ଭବନରେ ବୁଧବାର ଆୟୋଜିତ ମାଣ୍ଡିଆଚାଷ ପାଇଁ ସହଭାଗୀତା ନେଇ ବୈଠକରେ ୨ ରାଜ୍ୟର ଅଧିକାରୀ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

ତାମିଲନାଡୁ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପି. ଅମୁଧାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ବୁଧବାର ଓଡ଼ିଶା କୃଷି ଭବନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ସେଠାରେ ମାଣ୍ଡିଆଚାଷ ନିମନ୍ତେ ସହଭାଗିତାର ସମ୍ଭାବନା ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ମାଧ୍ୟମରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ କୃଷି ଭବନଠାରେ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ସମେତ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରମୁଖ ଶାସନ ସଚିବ ପାଢ଼ୀ ଓଡ଼ିଶା ମିଲେଟ୍ ମିଶନ ଦ୍ୱାରା ମିଲେଟ୍‌ର ପ୍ରସାର ଓ ପ୍ରଚାର ଦିଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଛନ୍ତି। ଏହାସହ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟକୁ ଲୋକଙ୍କ ଖାଦ୍ୟ ତାଲିକାରେ ସାମିଲ କରିବା ଓ ଗ୍ରାମାଞ୍ଚଳରେ ଏହାର ବହୁଳ ବ୍ୟବହାର ସମ୍ପର୍କରେ ନିଆଯାଇଥିବା ପଦକ୍ଷେପ ବିଷୟରେ କହିଛନ୍ତି। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ କହିଛନ୍ତି, ଓଡ଼ିଶା ମିଲେଟ୍ ମିଶନ ଦ୍ୱାରା ପ୍ରଥମେ ରାଜ୍ୟର ୭ ଜିଲାର ୩୦ ବ୍ଲକ୍‌ରେ ମାଣ୍ଡିଆ ଚାଷ ହୋଇଥିଲା। ଏହା ବର୍ତ୍ତମାନ ରାଜ୍ୟର ୩୦ ଜିଲାର ୧୭୭ ବ୍ଲକ୍‌କୁ ସମ୍ପ୍ରସାରିତ କରାଯାଇଛି। ଗତ ୫ ବର୍ଷ ମଧ୍ୟରେ ମାଣ୍ଡିଆର ହାରାହାରି ଉତ୍ପାଦନ ପ୍ରାୟ ୨ଗୁଣ ହୋଇପାରିଛି। ଉତ୍ପାଦିତ ମିଲେଟ୍‌ର ମୂଲ୍ୟ ୩ ଗୁଣା ହୋଇଛି। ମିଲେଟ୍ ସର୍ଭିସ ସେଣ୍ଟର ମାଧ୍ୟମରେ ମିଲେଟ୍‌ର ବିହନଠାରୁ ଆରମ୍ଭ କରି ପ୍ୟାକେଜିଂ ଆଦି ଉପରେ ଓଡ଼ିଶା ମିଲେଟ୍ ମିଶନ ଗୁରୁତ୍ୱାରୋପ କରୁଛି ବୋଲି ସେ କହିଛନ୍ତି। ତାମିଲନାଡୁ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଓଡ଼ିଶା ମିଲେଟ୍ ମିଶନ ମଡେଲର ଉଚ୍ଚ ପ୍ରଶଂସା କରିଛନ୍ତି। ଏହାସହ ତାମିଲନାଡୁ ସରକାରଙ୍କ ଏକ ବୈଷୟିକ ଦଳ ଓଡ଼ିଶା ଆସି ମଡେଲ ସମ୍ପର୍କରେ ବିସ୍ତୃତ ଭାବେ ଅନୁଧ୍ୟାନ କରିବେ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।


SAINIK SCHOOL SAMBALPUR
CONGRATULATES



Cadet AlokRanjan and Cadet Soumya Ranjan from class VIII
For being awarded 1st position
&
Cadet OmpreetBahali and Cadet Prayag Raj Arya from class VII
For being awarded 3rd position

'THE HINDU FIC SPORTS QUIZ' organized by
The Hindu FIC &Odisha Mining Corporation (OMC)


### ପ୍ରତ୍ୟେକ ଜିଲାରୁ ୨ ଆଦିବାସୀ ଛାତ୍ରଙ୍କୁ ବିଦେଶ ପଠାଯିବ

#### ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବୈଠକ

ଭୁବନେଶ୍ୱର,୧୮।୧(ବ୍ୟୁରୋ): ପ୍ରତ୍ୟେକ ଜିଲାରେ କନ୍‌କ୍ଲେଭ କରାଯିବା ସହ ଜିଲାରୁ ୨ଜଣ ଲେଖାଏ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କୁ ବିଦେଶ ପଠାଯିବ। ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବୈଠକ ପରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଆଦିବାସୀମାନଙ୍କୁ ସମାଜର ଉଚ୍ଚ ସ୍ଥାନରେ ରଖିବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ଆଦିବାସୀଙ୍କ କଳା, ସଂସ୍କୃତି, ଶିକ୍ଷାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଉଚ୍ଚଶିକ୍ଷା ପାଇଁ ସ୍ୱତନ୍ତ୍ର ହଷ୍ଟେଲ ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ୯ଟି ଜିଲାର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ସାମିଲ ହୋଇଥିଲେ।

### ଜ୍ୱାଇଁଙ୍କ ଛୁରିମାଡ଼ରେ ଶ୍ୱଶୁର ମୃତ

ବାଲିଗୁଡ଼ା/କୋଟଗଡ଼, ୧୮।୧(ଡି.ଏନ୍.ଏ): ଜ୍ୱାଇଁଙ୍କ ଛୁରିମାଡ଼ରେ ଶ୍ୱଶୁରଙ୍କ ମୃତ୍ୟୁ ହୋଇଛି। ଘଟଣାଟି ଘଟିଛି ବାଲିଗୁଡ଼ା ସହରର ଗୁଲିମରାପଦା ସାହିରେ। କୌଣସି କାରଣରୁ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ପ୍ରଧାନ(ଟୁନା) ଓ ଜ୍ୱାଇଁ ସୀମାଞ୍ଚଳ ଚୌଧୁରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୀମାଞ୍ଚଳ ଶ୍ୱଶୁରଙ୍କ ପେଟ ଓ ଛାତିରେ ଛୁରି ଭୁସି ଦେଇଥିଲେ। ପରିବାର ଲୋକେ ପୂର୍ଣ୍ଣଚନ୍ଦ୍ରଙ୍କୁ ମେଡିକାଲ ନେଇଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସୀମାଞ୍ଚଳଙ୍କୁ ଅଟକ ରଖିଥିବା ବାଲିଗୁଡ଼ା ଥାନା ଆଇଆଇସି ବାବା ଶଙ୍କର ସରାଫ କହିଛନ୍ତି।


GOVERNMENT OF ODISHA No. B-1144
"e" PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmail.com
EOI Identification No. CE-DPI&R-02/2022-23

1. The Chief Engineer, DPI & Roads, Odisha (the "Authority") on behalf of the Works Department, Government of Odisha (the "Government") invites Expression of Interest (EOI) from eligible consulting firms as mentioned below:
2. Nature of Work : Consultancy Service
3. No. of Work : 1 No.
4. Available of bid document in the website : From 10.00 A.M. of 18.01.2023 to 4.00 P.M. of 31.01.2023
5. Date of opening of Bid : Dt.31.01.2023 at 4.30 P.M.
6. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer (DPI & Roads), Odisha
OIPR-34111/11/0084/2223

idco | ODISHA NEW OPPORTUNITIES No.CAD-4544
QUOTATION CALL NOTICE
No. HO/P&C/EST-E-5122/03/2020/1601
Dt.17.01.2023

Sealed quotations are invited from the Manufactures/Registered Supplier/Firms/Authorized Dealers of spares of VT Pumps for **"Procurement, Transportation, Unloading and Stacking of spares for maintenance of 5 sets of VT Pump installed at KNIC, Jajpur"**. The Bid document comprising of eligibility criteria, Instruction to Bidders, Scope of the Work, BOQ, Drawing etc. can be seen in e-procurement portal of Govt. of Odisha from 17.00 hours of Dt.24.01.2023 to 17.00 hours of Dt.08.02.2023. Bid Identification No. HO/P&C/EST-E-141/2022-23.
For the detail Quotation Call Notice, Terms & Condition, Specification and B.O.Q., Please visit our website **www.idco.in** (Tender & Quotation).

Sd./- Chief General Manager (P&C)
OIPR-14003/11/0274/2223 IDCO, Bhubaneswar

ODISHA STATE SEEDS CORPORATION LIMITED
(A GOVERNMENT UNDERTAKING)
SANTARAPUR,BHUBANESWAR- 751002
Tel-MD 0674-2340573, Tel Fax-2340096
Email:mdossclt d456@gmail.com
NIT No.OSSC/Mktg-32/2023
e-Tender Call Notice for Procurement of Certified Seed Potato during Kharif-2023

**No.CAD-4539:**OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on item wise rate contract basis in double cover system through online mode only for the works below.

| | |
|---|---|
| Name of the Work | Purchase of Certified Seed Potato, Variety Kufri Jyoti, Kufri Himalini & Kufri Chipsona-1 during Kharif-2023 |
| Nos. of Work | One |
| Availability of bid documents in portal | 15 hours on 21.01.2023 to 17 hours of 13.02.2023 |
| Last date of receipt of tender in portal | 17 hours of 13.02.2023 |
| Date and time of opening of Bid | 11 hours of 14.02.2023 |

The detailed descriptions of crops, varieties, quantity, parameters, terms and conditions specified in the tender schedule would be available in the e-Tender portal www.tendersodisha.gov.in. Any addendum/corrigendum/ cancellation can also be seen in the said website.

Sd./- Managing Director
OSSC Ltd.
OIPR-01106/11/0014/2223

OFFICE OF THE KANDHAMAL REGULATED MARKET COMMITTEE
At-Main Market Yard Complex, Phulbani (In front of stadium), Post-Phulbani, Dist-Kandhamal,
Email: rmc.kandhamal@gmail.com, rmckandhamal@yahoo.in
QUOTATION CALL NOTICE
No.17, Dated 17.01.2023

The Sub-Collector, Khondmals, Phulbani-cum-Chairman, RMC Kandhamal invites sealed quotations from reputed Firm/ manufacturer or their authorised dealers for supply and installation of Grading Equipments such as Vegetables Washing Machine, Vegetable Grading Machine, Vermi Compost Machine, Portable Bag stitching machine and Crates for the use in the e-NAM Mandi of RMC, Kandhamal.
The detail Short Tender / Quotation call notice with name of required Grading Equipment can be seen in the Kandhamal District Website http:/ kandhamal.nic.in.

Sd./- Sub-Collector, Khondmals, Phulbani -cum-Chairman, R.M.C., Kandhamal

Government of Odisha "e" Procurement Notice
WORKS DEPARTMENT
Bid Identification No. C.C.E.K.C., Keonjhar No.35 / 2022-23
e-mail: ccekeonjharpwdcircle@gmail.com, sekcpwd_keonjhar@yahoo.com
No.B-1143: Letter No.218, Dt.12.01.2023

1. Name of the work : Construction of College Building of Gandhi Mahavidyalaya at Deogaon, Rourkela in the District of Sundargarh for the year 2022-23.
2. Estimated cost : Rs. 133.99 Lakhs
3. Class of Contractor : "B" & "A" Class
4. Period of completion : 08 (Eight) Calendar Months
5. Date and Time of availability of Bid document in the portal : From 11.00 Hours of 21.01.2023 to 16.00 Hours of 06.02.2023
6. Last date / Time for receipt of bids in the portal : 16.00 Hours of 06.02.2023
7. Date of opening of Bid from Portal : 11.30 Hours on 07.02.2023
8. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"

Sd./-Chief Construction Engineer
OIPR-34033/11/0046/2223 Keonjhar (R&B) Circle, Keonjhar

Directorate of Handicrafts, Odisha
1" Floor, HoD Building, Unit-V, Bhubaneswar -1
TENDER CALL NOTICE
No. 346 / Date. 18.01.2023

**No.PP-56:**In continuation to the advertisement published on 15.12.2022 & 04.01.2023 in The SAMAJ, SAMBAD, DHARITRI, PRAMEYA & The TIMES OF INDIA, "Offer" invited from registered Event Management Firms / Decorators having valid GST Registration Certificate for Designing & Erection of Stalls with other allied activities have been extended upto 24.01.2023 (1 P.M.).
The proposals may be submitted to the Director of Handicrafts as per the above address through courier / speed post / registered post only. The offers will be opened in presence of the bidders or their authorized representatives on 24.01.2023 at 3.00 PM. Details of the Tender is available in our website https://crafts.odisha.gov.in. Those who have applied in response to advertisement published on 15.12.2022 & 04.01.2023 need not require to apply again.

Sd./-
Director of Handicrafts, Odisha
OIPR-31034/11/0028/2223

GOVERNMENT OF ODISHA email:eeuircd2@gmail.com
OFFICE OF THE SUPERINTENDING ENGINEER,
UPPER INDRAVATI RIGHT CANAL DIVISION NO-II, JUNAGARH,KALAHANDI,ODISHA
e-Procurement Notice No.SE/UIRCD-II-01/2022-23(04)
No.A-1043: No.02, Dtd. 11.01.2023

1. Type of the work : C.C.Road, Renovation of canal & C.D. works.
2. No. of works : 04 (Four) Nos. of works
3. Class of contractor : 'D' to 'C' & 'B' class
4. Bid identification No. : SE/UIRCD-II-01/2022-23(04)
5. Estimated cost : Rs.7.49 lakhs to Rs.20.94 lakhs.
6. Period of completion : 1 ½ and 1 calendar month.
7. Other details as follows

| Procurement Officer | Bid Identification No. | Availability of Bid online | Submission of bid online | Date & time of opening of tender |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, UI Right Canal Division No-II, Junagarh Dist-Kalahandi. | SE/UIRCD-II-01/ 2022-23(04) | From 20.01.2023, 10.00A.M. to 30.01.2023, 5.00 P.M. | From 20.01.2023, 10.00 A.M. to 30.01.2023, 5.00 P.M. | 30.01 .2023 at 11. 00 AM in the O/O Superintending Engineer, UI Right Canal Division No-II, Junagarh, Dist-Kalahandi. |

(A) Any addendum / corrigendum / cancellation of tender can also be seen in the said Website.
(B) Further details can be seen from Government Website -https://tendersodisha.gov.in.

OIPR-32016/11/0003/2223 Sd./- Superintending Engineer, UI Right Canal Division No-II, Junagarh

INVITATIONS FOR BIDS (IFB) GOVERNMENT OF ODISHA,
AGRICULTURE FARMERS' EMPOWERMENT DEPARTMENT,
DIRECTORATE OF HORTICULTURE, ODISHA, BHUBANESWAR
EXECUTIVE ENGINEER (AGRIL.), HORTICULTURE, SOUTHERN ZONE, BERHAMPUR, GANJAM
e- Procurement Notice
Bid Identification Number - E.E. (A), HORTICULTURE, S/Z-03 of 2022-23
No.L-120: Tender Call Notice No.43, Date: 17.01.2023

| | |
|---|---|
| Name of the work: | Construction of Infrastructure Works, 2022-23 |
| Total No. of Projects: | 11 (Eleven) numbers |
| Estimated cost of projects: | Varies from Rs.5.00 lakh to Rs.42.00 lakh |
| Class of contractor: | "D", "C" &,"B" Class (of Odisha PWD) or relevant Class of other licensing authorities. |
| Period of Completion : | : As per TCN |

Other details:

| Procurement Officer | Bid Identification No. | Availability of Tender online for bidding | | Submission of Original Documents | Date & Place of Opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| EXECUTIVE ENGINEER (AGRIL), HORTICULTURE SOUTH-ERN ZONE, BERHAMPUR, GANJAM | E.E.(A), HORTICUL-TURE (S/Z), BERHAM-PUR -03 OF 2022-23 | 21.01.2023 from 11.00 A.M. | 04.02.2023 up to 5.00 P.M | During office hours of working days from dt. 07.02.2023from 11.00AM to 08.02.2023 upto 05.00 PM in the Office of the Executive Engineer, C/o Dy. Director of Horticulture, Baidyanath Nagar, Ganjam, Berhampur, 760010 (To be dropped in the sealed Box) | Dt. 09.02.2023 at 11 AM in the Office Conference Hall of Dy. Director of Horticulture, Baidyanath Nagar, Ganjam, Berhampur, 760010 |

Further details can be seen from the website **www.tendersodisha.gov.in.**

Sd./- Executive Engineer (Agril.) Horticulture, Southern Zone, Berhampur
OIPR-01469/11/0005/2223

DISTRICT HEALTH SOCIETY, DEOGARH
NATIONAL HEALTH MISSION, DEOGARH
Letter No.292/DPMUDGH DATE:17.01.2023
Contractual Appointment

**No.E-840:**Applications are invited for filling up of the following category of posts as per the below mentioned schedule which is purely on contractual basis under NHM for a period of 11 months or completion of the project whichever is earlier in Deogarh District. Candidates selected shall be paid monthly remuneration & such other allowances/incentives as admissible under the norms of the society.

| Sl. No. | Name of the Post | No. of Vacancies | Consolidated Remuneration | Last date of receiving application on or before 5 PM |
|---|---|---|---|---|
| 1 | Block Data Manager/ Office Assistant | 2 | 15622 | 30.01.2023 |
| 2 | MO Ayush (Homeopathy), Male | ST-1 (Total-1) | 24655 | |
| 3 | MO Ayush (Ayurvedic), Male | ST-1 (Total-1) | 24655 | |

Interested candidates fulfilling the eligibility criteria for the posts are required to send the **application form as per prescribed format along with one set of self-attested photocopies of the certificates in support of their educational qualification, age, experience, photograph, self-photo ID proof (AADHAAR/ PAN/Voter card etc....)** through registered/ speed post only. The application should reach to the O/O the CDM & PHO, Deogarh on or before the last date and time mentioned against the post. The authority shall not be held responsible for any postal delay.The candidate disengaged from the society on administrative ground such as disobedience, misbehavior, poor performance, criminal activity prior to applying for the post are not eligible to apply. **The application form and the selection criteria/eligibility are available at District website www.deogarh.nic.in.** The vacancies shown in the advt. is provisional & subject to change as per requirement. The panel of above advertised positions can be utilized for other positions of the society having same educational qualification, selection criteria and remuneration. Any revised guideline received from State NHM office regarding the selection of the said post/s during the recruitment process and then the selection will be done as per the revised guideline. The undersigned reserves the right to cancel any or all the process without assigning any reason thereof.

OIPR-10113/11/0025/2223 Sd./- CDM & PHO-cum-DMD, Deogarh

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ପ୍ରାଚୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଲେଜରର ଚିହ୍ନିବ ଏଲିଅନ୍



**ୱାଶିଂଟନ**

ଚନ୍ଦ୍ର ଓ ଅନ୍ୟ ଗ୍ରହଗୁଡ଼ିକରେ ଏଲିଅନ୍‌ମାନଙ୍କ ଚିହ୍ନଟ କରିବା ପାଇଁ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ଏକ ଲେଜର ଲାଇଟ୍ ଉଦ୍ଭାବନ କରିଛି। ଏହି ଲେଜର ଏଲିଅନ୍‌ମାନଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କରିବାରେ ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ସହଯୋଗ କରିବ। ମାରିଲାଣ୍ଡ ୟୁନିଭର୍ସିଟିରେ ନାସା ଏ ନେଇ ଗବେଷଣା କରିଛି। ଲେଜର ଟେକ୍‌ନିକ୍ ଦ୍ୱାରା ଅନ୍ୟ ଗ୍ରହରେ ଥିବା ଅଜଣା ବସ୍ତୁର ଆକାର, ପ୍ରକାର ବିଷୟରେ ଧାରଣା ମିଳିପାରୁଥିବାବେଳେ ଏହି କୌଶଳ ଦ୍ୱାରା ଏଲିଅନ୍‌ମାନଙ୍କ ବିଷୟରେ ମଧ୍ୟ ଆବଶ୍ୟକ ତଥ୍ୟ ହସ୍ତଗତ ହୋଇପାରିବ ବୋଲି ମାରିଲାଣ୍ଡ ୟୁନିଭର୍ସିଟିର ଅସିଷ୍ଟାଣ୍ଟ ପ୍ରଫେସର ରିକାର୍ଡୋ ଆରେଭାଲୋ କହିଛନ୍ତି। ଲେଜର ବିମ୍‌କୁ ବରଫରେ ପକାଇ ଏହାର ଗଠନ ସମ୍ପର୍କରେ ସମସ୍ତ ତଥ୍ୟ ମିଳୁପାରୁଛି। ସେହିପରି ଲେଜର ଦ୍ୱାରା ପୃଥିବୀର ନିକଟବର୍ତ୍ତୀ ଗ୍ରହଗୁଡ଼ିକରେ ଥିବା ଏଲିଅନ୍‌ଙ୍କ ବିଷୟରେ ଜାଣିହେବ।

ଲେଜର ଡିସର୍ପଶନ୍ ମାସ୍ ସ୍ପେକ୍ଟ୍ରୋମିଟ୍ରି (ଏଲ୍‌ଡିଏମ୍‌ଏସ୍) ଟେକ୍ନୋଲୋଜି ବ୍ୟବହାର କରି ତିଆରି କରାଯାଇଥିବା ଲେଜର 'ଅରବିଟ୍ରାପ୍' ସାଧାରଣ ଲେଜର ବିମ୍ ଠାରୁ ଅଧିକ ପ୍ରଭାବୀ। ଜଟିଳ ବସ୍ତୁ ସମ୍ପର୍କରେ ଏହି ଲେଜର ଅତି ସହଜରେ ତଥ୍ୟ ଖୋଜି ବାହାର କରିବାର କ୍ଷମତା ରଖିଛି। ଏହାର ଓଜନ ୭.୭୧ କେଜି (୧୭ ପାଉଣ୍ଡ)। ଏଲିଅନ୍‌ଙ୍କ ଚିହ୍ନଟ ସକାଶେ ବ୍ୟବହାର ହେବାକୁ ଥିବା ଏହି ଲେଜର ଠିକ୍ ତଥ୍ୟ ଯୋଗାଇବ ବୋଲି ବୈଜ୍ଞାନିକମାନେ ଆଶା ରଖିଛନ୍ତି। ତେବେ ଏହି ଲେଜର ଏଲିଅନ୍‌ମାନଙ୍କ ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇବ ନାହିଁ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି।

ପୃଥିବୀରେ ଏଲିଅନ୍ ବୋଲି କୌଣସି ଜିନିଷର ସତ୍ତା ନ ଥିବା ଗତବର୍ଷ ପେଣ୍ଟାଗନ୍ ପକ୍ଷରୁ କୁହାଯାଇଥିଲା। ଏହାସତ୍ତ୍ୱେ ବିଶେଷଜ୍ଞମାନେ ଏଲିଅନ୍ ସମ୍ପର୍କିତ ଗବେଷଣା ବନ୍ଦ କରିନାହାନ୍ତି। ଆମକୁ ଜଣା ନାହିଁ ଏହି ପଦ୍ଧତି ଗବେଷକଙ୍କୁ କେତେ ସଫଳତା ହେବ। କିନ୍ତୁ ସତ୍ୟର ସନ୍ଧାନରେ ବିଶେଷଜ୍ଞମାନଙ୍କ ତରଫରୁ ପ୍ରୟାସ ଜାରି ରହିବ ବୋଲି କମ୍ପ୍ୟୁଟନର ସାଇଣ୍ଟିଷ୍ଟ ଡା. ଜନ୍ ଏଲିଅଟ୍ ନିଜର ମତ ପ୍ରକାଶ କରିଛନ୍ତି।

# କମଳା ରଙ୍ଗର ବାଦୁଡ଼ି ଠାବ



**ରାୟପୁର:** ପୃଥିବୀରେ ଅନେକ ପ୍ରାଣୀ ଏବେ ବିଲୁପ୍ତ ହେବାକୁ ବସିଲେଣି। ସେମାନଙ୍କ ମଧ୍ୟରୁ କିଛି ପ୍ରାଣୀଙ୍କୁ ସୁରକ୍ଷାରେ ରଖାଯାଇଥିବା ବେଳେ ଅନେକେ ବିଲୁପ୍ତପ୍ରାୟ ଅବସ୍ଥାରେ ଅଛନ୍ତି। ତେବେ ବୁଧବାର ଛତିଶଗଡ଼ର କଞ୍ଜରଘାଟି ଜାତୀୟ ଉଦ୍ୟାନରେ ବିଲୁପ୍ତପ୍ରାୟ ପ୍ରଜାତିର ବିରଳ କମଳା ରଙ୍ଗର ବାଦୁଡ଼ି ଏବଂ ଭାରତୀୟ ହେଟାଙ୍କ ଠାବ କରାଯାଇଛି। ବନ୍ୟଜନ୍ତୁ ସମ୍ପଦ ପ୍ରୋଟେକ୍ସନ ଆକ୍ଟ (ଡବ୍ଲ୍ୟୁପିଏ) ଅନୁଯାୟୀ, ୧୯୭୨ ସୁଦ୍ଧା ଏମାନଙ୍କ ସଂଖ୍ୟା କମ୍ ମାତ୍ରାରେ ଥିଲା। ଏଗୁଡ଼ିକ ଦେଖାଯିବା ବନ୍ୟଜନ୍ତୁ ସଂରକ୍ଷଣ ପାଇଁ ଏକ ଭଲ ସଙ୍କେତ ବୋଲି ଜାତୀୟ ଉଦ୍ୟାନର ନିର୍ଦ୍ଦେଶକ ଗମ୍ଭୀର ଧର୍ମଶୀଳ କହିଛନ୍ତି। ଛତିଶଗଡ଼ର ବସ୍ତର ଅଞ୍ଚଳର ବାସିନ୍ଦା ଏହି ପ୍ରାଣୀଙ୍କୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ପରେ ବନ ବିଭାଗ କର୍ମଚାରୀ ଆସି କଞ୍ଜରଘାଟି ଜାତୀୟ ଉଦ୍ୟାନରୁ ସେମାନଙ୍କ ଫଟୋ ଉଠାଇବା ସହ ଭିଡିଓ କରିଥିଲେ। ପୂର୍ବରୁ ଏହି ଉଦ୍ୟାନରେ ଅନ୍ଧ ମାଛ, ପାହାଡ଼ି ଶାରୀ, କୁମ୍ଭୀର, ପର୍ବତ ଗହ୍ୱରରେ ରହୁଥିବା ଲମ୍ବା ନିଶ ଥିବା ଝିଙ୍କାରି ମଧ ଠାବ ହୋଇଥିଲା।

# ହାର୍ଲେ ଡେଭିଡ୍‌ସନ୍‌ରେ କ୍ଷୀର ବିକ୍ରି



**ଚଣ୍ଡିଗଡ଼:** କ୍ଷୀରବାଲା କଥା କହିଲେ ସମସ୍ତଙ୍କ ମନରେ ସାଇକେଲ କିମ୍ବା ଗାଡ଼ିରେ କ୍ଷୀର ବିକୁଥିବା ମନକୁ ଆସେ। ହେଲେ କେହି ଦାମିକିଆ ବାଇକ୍‌ରେ କ୍ଷୀର ବିକିବା କେବେ ଶୁଣି ନ ଥିବେ। ହରିୟାଣାର ଗୁରୁଗ୍ରାମ ଜିଲାର ଫରିଦାବାଦ୍ ଅଞ୍ଚଳରେ ରହୁଥିବା ଅମିତ୍ ଭଡ଼ାନୀ ନାମକ ଯୁବକ ହାର୍ଲେ ଡେଭିଡ୍‌ସନ୍ ବାଇକ୍‌ରେ କ୍ଷୀର ବିକ୍ରି କରୁଥିବା ଏକ ଭିଡିଓ ସାମ୍‌ନାକୁ ଆସିଛି। ସେହି ବାଇକ୍‌ର ମୂଲ୍ୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା। ସେ ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ପୂର୍ବରୁ ବ୍ୟାଙ୍କରେ ଚାକିରି କରୁଥିଲେ। କିନ୍ତୁ ତାଙ୍କୁ ଚାକିରି କରିବା ପସନ୍ଦ ନ ଥିବାରୁ ଚାକିରି ଛାଡ଼ିଥିଲେ। ପରେ ସେ ତାଙ୍କ ପାରିବାରିକ ବ୍ୟବସାୟ କ୍ଷୀର ବିକ୍ରିକୁ ଆଗକୁ ନେବାକୁ ଭାବିଲେ। ଦିନେ କ୍ଷୀର ବିକ୍ରି କରିବାକୁ ଯିବା ସମୟରେ ବ୍ୟବହୃତ ବାଇକ୍ ଖରାପ ହୋଇଯାଇଥିଲା। ତେଣୁ ସେ କ୍ଷୀର ବିକ୍ରି ଟଙ୍କାରେ କିଣିଥିବା ହାର୍ଲେ ଡେଭିଡ୍‌ସନ୍ ବାଇକ୍‌କୁ ବ୍ୟବହାର କରି କ୍ଷୀର ବିକିବାକୁ ଯାଇଥିଲେ। ପରେ ତାଙ୍କୁ ଏହା ଭଲ ଲାଗିବାରୁ ସେ ତାଙ୍କର ସେହି ଦାମୀ ବାଇକ୍‌କୁ ବ୍ୟବହାର କରି କ୍ଷୀର ବିକ୍ରି ପାଇଁ ଯାଉଥିବା କହିଛନ୍ତି।

# ବିୟୁକ୍ତ ୧୯ ଡିଗ୍ରୀରେ ଫୁଟ୍‌ବଲ୍‌ର ଆଣ୍ଡ୍ରେ ସ୍କୁରେଲ୍‌ଙ୍କ ଟାସ୍କ



**ବର୍ଲିନ୍:** ବିଶ୍ୱକପ୍ ଫୁଟବଲ ୨୦୧୪ରେ ୩ ଗୋଲ ଦେଇ ଜର୍ମାନୀକୁ ବିଜୟୀ କରାଇଥିବା ଜଣାଶୁଣା ଫୁଟ୍‌ବଲର ଆଣ୍ଡ୍ରେ ସ୍କୁରେଲ୍‌ଙ୍କ ୩୦ ବର୍ଷ ବୟସରେ ଖେଳରୁ ଅବସର ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏହା ପରେ ସେ ନିଜକୁ ଫିଟ୍ ରଖିବାକୁ ଅନେକ ଟାସ୍କର ସାମ୍‌ନା କରୁଛନ୍ତି। ଏବେ ତାଙ୍କର ଏକ ଫଟୋ ଭାଇରାଲ୍ ହେବାରେ ଲାଗିଛି, ଯେଉଁଥିରେ ସେ ଅଧାବସ୍ତ୍ର ପରିଧାନ କରି -୧୯ ଡିଗ୍ରୀ ସେଲ୍‌ସିୟସ୍ ବରଫ ଜମିଥିବା ଅଞ୍ଚଳରେ ଚାଲୁଥିବା ଦେଖିବାକୁ ମିଳିଛି। ସେ କହିଛନ୍ତି, ତାଙ୍କର ଏହି ଟାସ୍କ ଅନ୍ୟ ସମସ୍ତ ଟାସ୍କଠାରୁ ବହୁ କଷ୍ଟଦାୟକ ଥିଲା। ଏହି ଟାସ୍କ ତାଙ୍କ ମୋଟିଭେଶନାଲ୍ ସ୍ପିକର୍ ଏବଂ ଆଥ୍‌ଲେଟ ପାଇଁ ଥିଲା। ଏପରି ବରଫ ଅଞ୍ଚଳରେ ଚାଲିବା ତାଙ୍କର ୩ୟ ଦିନ ହୋଇଥିବାବେଳେ ସେ ଟାସ୍କ ପୂରଣ କରିଥିବାରୁ ବହୁତ ଖୁସି ଥିଲେ। ସେ ମୁଣ୍ଡରେ କ୍ୟାପ୍, ପ୍ୟାଣ୍ଟ, ହାତରେ ଗ୍ଲୋବ୍‌ସ ଏବଂ ଜୋତା ପରିଧାନ କରି ବୁଲୁଥିବାବେଳେ ଶେଷ ମୁହୂର୍ତ୍ତରେ କିଛି ଅନୁଭବ କରିପାରି ନ ଥିବା କହିଥିଲେ।

# ବିପର୍ଯ୍ୟୟ ସମୟର ସାଥୀ ଏନ୍‌ଡିଆର୍‌ଏଫ୍

**ବିପର୍ଯ୍ୟୟ** ସମୟରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ୍‌ଡିଆର୍‌ଏଫ୍) ପ୍ରଭାବିତ ଲୋକଙ୍କ ପାଖରେ ପହଞ୍ଚି ଆବଶ୍ୟକ ସେବା ଯୋଗାଇ ଦେଇଥାଏ। ଏନ୍‌ଡିଆରଏଫ୍ ବିପର୍ଯ୍ୟୟ ସମୟର ସାଥୀ ପାଲଟେ। ଉଦ୍ଧାର କାର୍ଯ୍ୟ, ରିଲିଫ୍ ଯୋଗାଣରେ ଏନଡିଆରଏଫ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏନ୍‌ଡିଆରଏଫ୍ ସମ୍ପର୍କରେ ଚେତନତା ସୃଷ୍ଟି ଲାଗି ଏବଂ ଏହାର ମହାନ କାର୍ଯ୍ୟ ପ୍ରତି ସମ୍ମାନ ପ୍ରଦର୍ଶନ ପାଇଁ ପ୍ରତିବର୍ଷ ଜାନୁଆରୀ ୧୯ରେ ଭାରତରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ ଦ୍ୱାରା ଏନ୍‌ଡିଆରଏଫ୍ ରାଇଜିଂ ଦିବସ ପାଳନ କରାଯାଏ। ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫ ଅନୁଯାୟୀ ବିପଦପୂର୍ଣ୍ଣ ବିପର୍ଯ୍ୟୟ ପରିସ୍ଥିତିର ଏକ ବିଶେଷ ପ୍ରତିକ୍ରିୟା ଉଦ୍ଦେଶ୍ୟରେ ୨୦୦୬ରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ ଗଠନ କରାଯାଇଥିଲା।

# ଜୀବନ ବଞ୍ଚାଇଲେ ସୋନୁ



**ମୁମ୍ବାଇ:** ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରୁ ଆରମ୍ଭ କରି ବଲିଉଡ୍ ପର୍ଯ୍ୟନ୍ତ ଅଭିନେତା ସୋନୁ ସୁଦ୍ ନିଜ ଅଭିନୟର ଯାଦୁ ଦେଖାଇ ଆସିଛନ୍ତି। କରୋନା ସମୟରେ ସେ ଅନେକ ଲୋକଙ୍କୁ ସାହାଯ୍ୟ କରି ସେମାନଙ୍କ ପାଇଁ ଏକପ୍ରକାର ଭଗବାନ ପାଲଟିଯାଇଛନ୍ତି। ସେ ଅସହାୟ ଲୋକଙ୍କୁ ମଧ୍ୟ ସାହାଯ୍ୟ କରିଥାନ୍ତି। ଏହା ମଧ୍ୟରେ ସେ ପୁଣି ଏକ କାମ କରିଛନ୍ତି, ଯାହା କି ତାଙ୍କୁ ପୁଣି ମହାନ୍ କରିଦେଇଛି। ସୋନୁ ଦୁବାଇରୁ ଦେଶକୁ ଫେରିବାକୁ ଏୟାରପୋର୍ଟର ଇମିଗ୍ରେଶନ କାଉଣ୍ଟରରେ ଠିଆ ହୋଇଥିଲେ। ଏହି ସମୟରେ ଜଣେ ଲୋକ ସେଠାରେ ଚେତାଶୂନ୍ୟ ହୋଇ ତଳେ ପଡ଼ିଗଲେ। ସେଠାରେ ଉପସ୍ଥିତ କେହି ସେହି ଲୋକଙ୍କୁ ସାହାଯ୍ୟ କରି ନ ଥିଲେ। ସେତେବେଳେ ସୋନୁ ସେହି ଲୋକକୁ ଉଠାଇ ତାଙ୍କ ଛାତିକୁ ଚାପି ସିପିଆର୍ ମେଥଡ୍ ମାଧ୍ୟମରେ ଚେତା ଆସିବାରେ ସାହାଯ୍ୟ କଲେ। ଏହାପରେ ତାଙ୍କର ଚେତା ଆସିଯାଇଥିଲା। ସୋନୁଙ୍କ ଏପରି କାର୍ଯ୍ୟ ପାଇଁ ତାଙ୍କୁ ଢେର୍ ସାରା ଶୁଭେଚ୍ଛା ମିଳିଥିଲା। ତେବେ ତାଙ୍କ ଅଭିନୟ ବାବଦରେ କହିବାକୁ ଗଲେ, ହାପି ନ୍ୟୁ ଇୟର୍, ଆର୍ ରାଜକୁମାର, ଏଣ୍ଟରଟେନମେଣ୍ଟ, ଅରୁନ୍ଧତୀ ଭଳି ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିଛି। ତାଙ୍କ ଆଗାମୀ ଫିଲ୍ମ 'ଫତେହ'ର ଟ୍ରେଲର ରିଲିଜ୍ ହୋଇଥିବାବେଳେ ଫିଲଟି ରିଲିଜ୍ ଅପେକ୍ଷାରେ ଅଛି।

# Classified Everyday

**0674-2580101, 2549949**


REAL ESTATE

## SALE

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

ଭୁବନେଶ୍ୱର ରସୁଲଗଡ଼ 3BHK flat, ନଖରା ଛକ, ହଂସପାଳ ଛକ, 3BHK Duplex, ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବଜାର, ବାଲକାଟୀ ନିକଟରେ ମିଳୁଛି। 8327785834, 9658122456. D-74188

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

କଟକ-ଭୁବନେଶ୍ୱର ରୋଡ୍‌ରୁ **2.5.K.M.,** ନଖରା ଓ ପାହାଳରୁ **2.5.K.M.** ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। **9348152874, 9337317665.** D-74179

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/ Gandhi College ପାଖରେ Sqft. **650/-**ରେ ମିଳୁଛି - **9348767829.** D-74173

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

ଭୁବନେଶ୍ୱର ହଂସପାଳଛକରୁ **5 K.M.** ମଧ୍ୟରେ ବେଣ୍ଣୁପୁରରେ **30'** ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। **6371364640, 9776366322.** D-74184

ଭୁବନେଶ୍ୱର ପଟିଆ ଷ୍ଟେସନ **2 K.M., New Rly Station 400mtr.** ଦୂରତାରେ **yellowzone plot** ମିଳୁଛି **sqft.-650/-. 8249081980.** D-74187

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଲକାଟୀ, ମଦ୍ଧାରବସ୍ତ, ବାରଙ୍ଗ ନିକଟରେ **flat, duplex, simplex plot** ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। **7978671232 Whatsapp- 8908710655.** D-74189




**Full body massage by experience therapist @ 999 only. 9078484455 (Bhubaneswar).** D-2453

Newly open full body massage ladies and gents. 8327740003, 8093860513. D-74631

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74632

## AFFIDAVIT

By virtue of an affidavit sworn before the Notary Public, Bonai on date 02.11.2022, I Badavath Ravikumar, S/o-Badavath Raju, permanent R/o- Ramagundam, Karimnagar, Telangana. Presently residing at Vill./P.O.- Tensa, Dist.- Sundargarh (Odisha) declare that my wife's name is Badavath Vijaya. Before marriage her name was Eslavath Vijaya, but after marriage she has adopted my identification and now she is known as Badavath Vijaya W/o- Badavath Ravikumar for all purposes. D-2519

I, Nilesh Sahoo alias Nirmal Sahoo (23 years), S/o- Rabindra Sahoo, Rajgurupur, Ghanteswar, Dist.- Bhadrak. I have a LIC Policy bearing No.- 588881422, where in my name is Nilesh Sahoo. That in my bank passbook my name Nirmal Sahoo. Nilesh Sahoo and Nirmal Sahoo same and one person. D-1235

## LOST

ମୁଁ, ଶ୍ରୀ ସୁଭାଷ ଚନ୍ଦ୍ର ପ୍ରଧାନ, ବୟସ ପ୍ରାୟ 37 ବର୍ଷ, ପିତା- ସ୍ୱର୍ଗତ ନେତ୍ରାନନ୍ଦ ପ୍ରଧାନ, ବାସିନ୍ଦା ସ୍ଥାନ- ମାଟିଆପଡ଼ା, ଡାକ- ଗୋବିନ୍ଦପୁର, ଥାନା- ପିପିଲି, ଜିଲ୍ଲା- ପୁରୀ 752104, ଓଡ଼ିଶା ଘୋଷଣା କରୁଛି ଯେ, କବଲା ନଂ. 11532101599, ଆଇଡି ନଂ.- 1532101617 ଅଧୀନରେ ମୌଜା- ମାଟିଆପଡ଼ା-1, ଖାତା ନଂ. 296/298, ପ୍ଲଟ୍ ନଂ.125/858, କ୍ଷେତ୍ର ଏ0.4.820 ଡେସିମିଲ, କିସମ- ହୋମ୍‌ଷ୍ଟିଡ୍ (ଘରବାରି) ସ୍ଥିତ ମୋର ନିଜସ୍ୱ ସମ୍ପତ୍ତିର ପଞ୍ଜୀକୃତ ବିକ୍ରି କବଲା ତା15.10.2022ରିଖ ଦିନ ଗୁଡ଼ିଆପୋଖରୀ ଛକରୁ ଉତ୍ତରା ଛକ ମଧ୍ୟରେ ହଜିଯାଇଛି। ଧ-2523

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ସପ୍ତମ ଜନ୍ମବାର୍ଷିକ ଶୁଭେଚ୍ଛା



**ପ୍ରତ୍ୟୁଷା ପ୍ରିୟଦର୍ଶିନୀ ମୁଦୁଲି (ପ୍ରାଚୀ)**

ମାମା- କଲ୍ୟାଣୀ ମୁଦୁଲି, ପାପା- ପ୍ରକାଶ ଚନ୍ଦ୍ର ମୁଦୁଲି
ଗୁରୁଜଙ୍ଗ, ଖୋର୍ଦ୍ଧା
ଏବେ ତୋତେ.. ସାତୋଟି ଫଗୁଣ ଛୁଇଁଛି।
ତୋ ଅତୀତ.. ଆଜି ମନେ ପଡୁଛି ପ୍ରାଚୀ ।।
ତୋ ମାମା ... ତୋତେ ପାଇ ଖୁସିରେ ଅଛି ।
ଆଉ ମୁଁ ତ.. ମୋ ହୃଦୟରେ ସାଇତିଛି ।।
ତୋ ମଙ୍ଗଳ.. ପାଇଁ ଈଶ୍ୱରଙ୍କୁ ଜପୁଛି।।
ଶୁଭେଚ୍ଛା ସହ- ବନ୍ଧୁ ଓ ପରିବାରବର୍ଗ

ଧ-୭୩୫୩୦

ଧରିତ୍ରୀ DHARITRI

### Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Your classified advertisement published in Dharitri will be listed free in Dharitri online edition: **dharitriepaper.in**

## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**ନବବର୍ଷ ଧମାକା**

ଭାରତର ନଂ.1 କମ୍ପାନୀ Govt. Regd କୁବେର ଫାଇନାନ୍ସ ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ ସବୁ ଋଣ **2% ସୁଧ 40% ଛାଡ଼** (ମହିଳାଙ୍କ ପାଇଁ ବିଶେଷ ଛାଡ଼) ଏଜେଣ୍ଟ ଆମନ୍ତ୍ରିତ - **9485529274**

**10th +2** (Sci. | Arts. | Comm.)

ITI | Diploma in ENGG | B.Tech All Stream | BBA | MBA | BCA | MCA | BA | B.Sc. | B.Com. | MA | M.Sc. | M.Com. | MAJMC | MSW

All Courses are Recognised by UGC-AICTE-AIU-DEC & Undertaking by HRD, Govt. of India

105 (2nd Floor), Saheed Nagar, BBSR-751007

PH: **9040050515**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରଶ୍ମିତା ପରିଡ଼ା**

ସ୍ୱାମୀ- ଦେବାଶିଷ ପରିଡ଼ା
ବେତନଟୀ, ମୟୂରଭଞ୍ଜ
ଆବିର୍ଭାବ- ୩୦।୦୭।୧୯୭୬
ତିରୋଧାନ- ୦୯।୦୧।୨୦୨୩

ଏପରି ଅସମୟରେ ତୁମେ ଆମ୍ଭମାନଙ୍କୁ ଛାଡି ଚାଲିଯିବା ଆମ୍ଭକୁ ଅକଥନୀୟ ବେଦନା ଦେଇଛି। ତୁମର ଶୂନ୍ୟତା ଅସହନୀୟ। ତୁମର ସରଳ ନିଷ୍କପଟ ମନୋଭାବ ଆମ୍ଭମାନଙ୍କୁ ସଦା ପ୍ରେରଣା ଯୋଗାଉଥିବ।

ସ୍ୱାମୀ, ଝିଅ, ଦିଅର, ଯା, ପରିବାର ଓ ଆତ୍ମୀୟସ୍ୱଜନ।

ଧ-୨୫୦୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଉର୍ବଶୀ ନାୟକ**

ସ୍ୱାମୀ ୰ଶଙ୍କର୍ଷଣ ନାୟକ
ଦୋବନ୍ଧା, ଗଗୁଆ, କେନ୍ଦ୍ରାପଡ଼ା
ଜନ୍ମ- ତା୨୫।୩।୧୯୪୮
ଦେହାନ୍ତ- ତା୯।୧।୨୦୨୩

ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଅଛୁ।

ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାର, ବନ୍ଧୁ ପରିଜନ।

ଧ-୨୫୧୮

**ଶେୟାର ବଜାରରେ ଉତ୍ସାହ**

ନୂଆଦିଲ୍ଲୀ: କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରରେ ଏକ ପ୍ରକାର ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ଶେୟାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୯୦ (୩୯୦.୦୨) ପଏଣ୍ଟ ବଢ଼ି ୬୧,୦୪୬ (୬୧,୦୪୫.୭୪) ଅଙ୍କରେ ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୨ (୧୧୨.୦୫) ପଏଣ୍ଟ ବୃଦ୍ଧି ଘଟି ୧୮,୧୬୫ (୧୮,୧୬୫.୩୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ‘ମାନବ ସମ୍ବଳ ପରିଚାଳନାକୁ ଗୁରୁତ୍ୱାରୋପ’

**ଅସୋଚାମ ପକ୍ଷରୁ ଏଚ୍‌ଆର୍ ଲିଡରଶିପ କନ୍‌କ୍ଲେଭ ଆଣ୍ଡ ଆୱାର୍ଡ-୨୦୨୩**

ଭୁବନେଶ୍ୱର,୧୮।୧

ଦେଶର ପ୍ରମୁଖ ଶିଳ୍ପ ସଂଘ ଦ ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ (ଆସୋଚାମ) ପକ୍ଷରୁ ଏକ ଦିନିକିଆ ଏଚ୍‌ଆର୍ (ମାନବ ସମ୍ବଳ) ଲିଡରଶିପ୍ କନ୍‌କ୍ଲେଭ୍ ଆଣ୍ଡ ଆୱାର୍ଡ-୨୦୨୩ର ଆୟୋଜନ କରାଯାଇଥିଲା। ଏପରିକି ବୁଧବାର ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଏକ ହୋଟେଲ ପରିସରରେ ଆୟୋଜିତ ଆୱାର୍ଡ କାର୍ଯ୍ୟକ୍ରମ ଆସୋଚାମର ପ୍ରମୁଖ ସଦସ୍ୟ ଏବଂ ଏମ୍‌ଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ଷ୍ଟାର୍ଟ ଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଓଁକାର ରାୟ, ବେଦାନ୍ତ ଲିମିଟେଡ୍ ସଭାପତି (ଓଡ଼ିଶା, ଛତିଶଗଡ଼) ତପନ କୁମାର ଚାନ୍ଦ, ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସୱାଲ, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌ର ଗ୍ରୁପ୍ ହେଡ୍ ସିଏସ୍‌ଆର୍ ଏଜୁକେସନ୍ ସଷ୍ଟେନେବିଲିଟି ପ୍ରଶାନ୍ତ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କର୍ମଶାଳା (କନ୍‌କ୍ଲେଭ)ର ଉଦ୍‌ଘାଟନ କରିଥିଲେ।




ଦ ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ (ଆସୋଚାମ)ର ଏଚ୍‌ଆର୍ ଲିଡରଶିପ୍ କନ୍‌କ୍ଲେଭ୍ ଆଣ୍ଡ ଆୱାର୍ଡ-୨୦୨୩ ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟର ସଭାପତି ଡ. ତପନ ଚାନ୍ଦଙ୍କୁ ଲାଇଫଟାଇମ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଉଛି।

ଏ ସମ୍ପର୍କରେ ଏମ୍‌ଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି କହିଛନ୍ତି, ଯେକୌଣସି ଏକ ସଂସ୍ଥାରେ ମାନବ ସମ୍ବଳ(ଏଚ୍‌ଆର୍)ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏଚ୍‌ଆର୍‌ଙ୍କ ଦକ୍ଷତା କମ୍ପାନୀକୁ ଏକ ନୂଆ ଦିଶା ଦେଖାଇଥାଏ। ଅପରପକ୍ଷରେ ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ବର୍ତ୍ତମାନ ଏବଂ ଭବିଷ୍ୟତର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଅତିଥି ବିସ୍ତୃତ ଆଲୋକପାତ ସହ ଏହାର ଗୁରୁତ୍ୱାରୋପ କରିଥିଲେ।

ସେହିଭଳି ବର୍ତ୍ତମାନର ପରିବର୍ତ୍ତିତ ସମୟରେ ବାଣିଜ୍ୟଗୁଡ଼ିକ ସାମ୍ନାରେ ଆସୁଥିବା ବିଭିନ୍ନ ଚ୍ୟାଲେଞ୍ଜକୁ ସାମ୍ନା କରିବା, ପ୍ରକୃତ ସମ୍ଭାବନାକୁ ଉପଯୋଗ କରିବା ଲାଗି ଆବଶ୍ୟକ କୌଶଳ ବିକଶିତ କରିବା ଦିଗରେ ଶିଳ୍ପ ଅଂଶୀଦାରଙ୍କ ଏକ ପ୍ଲାଟ୍‌ଫର୍ମ ଯୋଗାଣ ଲକ୍ଷ୍ୟରେ ଏଭଳି କର୍ମଶାଳା ବେଶ୍ ସହାୟକ ହେବ। ସେହିପରି ଶିଳ୍ପ କ୍ଷେତ୍ରରେ ଏଚ୍‌ଆର୍‌ର ପରିବର୍ତ୍ତିତ ଧାରା, ଶିଳ୍ପ ଲାଗି ଶ୍ରମଶକ୍ତି, ଶ୍ରମଶକ୍ତି ପରିଚାଳନା, ଡିଜିଟାଲୀକରଣ ଏବଂ ବାଣିଜ୍ୟ କ୍ଷେତ୍ରରେ ଏ ସବୁର ପ୍ରଭାବ, ପରିଚାଳନା ଦକ୍ଷତା, ନୂଆ କୌଶଳ, ପରିବର୍ତ୍ତିତ ଧାରା ସହ ତାଳ ଦେଇ ଉଚ୍ଚ ଅଭିବୃଦ୍ଧି ବଜାୟ ରଖିବା ଭଳି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ବାଣିଜ୍ୟ କ୍ଷେତ୍ରରେ ମାନବ ସମ୍ବଳର ନିବେଶ ବଢ଼ାଇବାକୁ ମଧ୍ୟ ଉପସ୍ଥିତ ଶିଳ୍ପ ପ୍ରତିନିଧିମାନେ ଗୁରୁତ୍ୱ ଦେଇଥିଲେ। ମାନବ ସମ୍ବଳ ପରିଚାଳନା କ୍ଷେତ୍ରରେ ଉକ୍ତ କର୍ମଶାଳା ବିଶେଷ ସହାୟକ ହେବ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଜଣାଶୁଣା ସଂସ୍ଥାର ଏଚ୍‌ଆର୍ କ୍ଷେତ୍ରରେ ବିଶେଷ ଯୋଗଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ପରିଶେଷରେ ଆସୋଚାମ ଓଡ଼ିଶା ଶାଖାର ନୋଡାଲ ଅଫିସର ପ୍ରଦୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦,୦୦୦ କର୍ମଚାରୀ ଛଟେଇ କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ,୧୮।୧

ଅନ୍ତଃରାଷ୍ଟ୍ରୀୟ ଆଇଟି କମ୍ପାନୀ ମାଇକ୍ରୋସଫ୍ଟ ତା'ର ଇଞ୍ଜିନିୟରିଂ ଡିଭିଜନରେ ପ୍ରାୟ ୧୦,୦୦୦ କର୍ମଚାରୀଙ୍କୁ ଛଟେଇ କରିବ ବୋଲି ବୁଧବାର ଏକ ବିବୃତିରେ ଘୋଷଣା କରିଛି। ଏପରିକି କମ୍ପାନୀ ୨୦୨୩-୨୪ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଶେଷ ସୁଦ୍ଧା ଛଟେଇ କରିବାର ଯୋଜନା ପ୍ରସ୍ତୁତି କରି ଦେଇଛି। ଅପରପକ୍ଷରେ ଗତ ବର୍ଷ ଅକ୍ଟୋବରରେ କମ୍ପାନୀ ତା'ର ବିଭିନ୍ନ ବିଭାଗରେ ଛଟେଇ କରିଥିଲା। ସେହିଭଳି କମ୍ପାନୀରୁ କର୍ମଚାରୀଙ୍କ ବହିଷ୍କାର ସୂଚନା ଶେୟାର ବଜାରକୁ ଜଣାଇ ଦିଆଯାଇଛି। ଏପରିକି ୨୦୨୩ ଶେଷ ସୁଦ୍ଧା କମ୍ପାନୀର ମୋଟ କର୍ମଚାରୀର ପ୍ରାୟ ୫% ହ୍ରାସ କରାଯିବ ବୋଲି ଯୋଜନା କରାଯାଇଛି। ବର୍ତ୍ତମାନର ମାନ୍ଦାବସ୍ଥା ଓ ଦୁର୍ବଳ ଆର୍ଥିକ ସ୍ଥିତି କାରଣରୁ କମ୍ପାନୀ ଏଭଳି କଠୋର ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା କହିଛନ୍ତି, ଆମେ ଆମର ଭବିଷ୍ୟତ ପାଇଁ ରଣନୈତିକ ଭାବେ ନିବେଶ ଜାରି ରଖିବୁ, ଅର୍ଥାତ୍ ଆମେ ଅର୍ଥର ସୁବିନିଯୋଗ ସହ ପ୍ରତିଭାବାନ୍ କର୍ମଚାରୀଙ୍କୁ କମ୍ପାନୀରେ ଦୀର୍ଘକାଳୀନ ଭାବେ ରଖିବା ଉପରେ ଗୁରୁତ୍ୱ ଦେବୁ। ଏପରିକି ନୂତନ କର୍ମଚାରୀଙ୍କୁ କମ୍ପାନୀରେ ସୁଯୋଗ ଦିଆଯିବ ବୋଲି ନାଡେଲା ମତପ୍ରକାଶ କରିଛନ୍ତି। ବିଶେଷକରି ଯେଉଁମାନେ ଆମ ସହ ରହିଥିଲେ ମୁଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବାକୁ ଚାହୁଁଛି। ଏପରିକି କମ୍ପାନୀ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେଉଁ କର୍ମଚାରୀଙ୍କ ଛଟେଇ ହେବ ସେମାନଙ୍କୁ ଆମ ପକ୍ଷରୁ ସମସ୍ତ ପ୍ରକାର ସମର୍ଥନ ଦିଆଯିବ। ଏମିତି କି କର୍ମଚାରୀଙ୍କୁ ୬ ମାସ ପାଇଁ ସ୍ୱାସ୍ଥ୍ୟସେବା ସହ ବହିଷ୍କାର ପୂର୍ବରୁ ୬୦ ଦିନର ନୋଟିସ ପରି ସୁବିଧା ପ୍ରଦାନ କରାଯିବ। ଉଲ୍ଲେଖଯୋଗ୍ୟ, କୋଭିଡ୍ ସଂକ୍ରମଣ ପରେ ମାଇକ୍ରୋସଫ୍ଟର ପର୍ସନାଲ କମ୍ପ୍ୟୁଟର ବଜାର ମାନ୍ଦାବସ୍ଥାର ସମ୍ମୁଖୀନ ହେଉଛି।

# ‘ସହଜରେ ମିଳିବ ଋଣ ସେବା’



ଭୁବନେଶ୍ୱର,୧୮।୧

ରାଜ୍ୟର ଏକ ପ୍ରମୁଖ ଘରୋଇ ଫିନ୍‌ଟେକ କମ୍ପାନୀ ଇବିଏଲ୍ ଫିନ୍‌ଟେକ୍ ସର୍ଭିସ୍ ପ୍ରା.ଲିଃ.ର ଇଜି ବ୍ୟାଙ୍କ ଲୋନ୍ ସେବା ସମ୍ପର୍କିତ ଏକ ମୋବାଇଲ ଆପ୍‌ର ବିକାଶ କରାଯାଇଛି। ଏପରିକି ଇବିଏଲ୍ ଫିନ୍‌ଟେକ୍ ସର୍ଭିସର ଉକ୍ତ ଆପ୍ ଓଡ଼ିଆ, ହିନ୍ଦୀ, ଇଂରାଜୀ ଏବଂ ତେଲୁଗୁ ଆଦି ଭାଷାରେ ଉପଲବ୍ଧ। ଉକ୍ତ ଆପ୍ ଜରିଆରେ ଗ୍ରାହକ ବର୍ତ୍ତମାନ ବ୍ୟାଙ୍କିଙ୍ଗ୍ ଏବଂ ଆର୍ଥିକ ସେବା ପାଇପାରିବେ। ଏପରିକି ଉଭୟ ଆଇଓଏ ଏବଂ ଆଣ୍ଡ୍ରଏଡ୍ ଡିଭାଇସ୍‌ରେ ଉକ୍ତ ଆପ୍ ବ୍ୟବହାର କରିହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ସ୍ଥାନୀୟ ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଓ ହବ୍ ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉକ୍ତ ମୋବାଇଲ ଆପ୍‌ର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି।

ଏ ସମ୍ପର୍କରେ ଇବିଏଲ୍ ଫିନ୍‌ଟେକ୍ ସର୍ଭିସ୍‌ର ସିଇଓ ଦେବାଶିଷ ପଟ୍ଟନାୟକ କହିଛନ୍ତି, ବର୍ତ୍ତମାନ ବ୍ୟାଙ୍କକୁ ନ ଯାଇ ବି ଗ୍ରାହକ ଘରେ ବସି ଋଣ ପାଇ ପାରିବେ। ଏପରିକି କେବଳ ଗୋଟିଏ କ୍ଲିକ୍‌ରେ ଆବଶ୍ୟକ ଋଣ ସେବା ଗ୍ରାହକ ପାଇପାରିବେ। ବିଶେଷକରି ବ୍ୟକ୍ତିଗତ ଋଣ, ଗୃହଋଣ, ସମ୍ପତ୍ତି ଋଣ, କ୍ରେଡିଟ କାର୍ଡ, ବ୍ୟାବସାୟିକ ଋଣ, ସୁନା ଋଣ ଆଦି ସମସ୍ତ ସେବା ଗୋଟିଏ ପ୍ଲାଟ୍‌ଫର୍ମରେ ଉପଲବ୍ଧ ହେଉଛି। ସେହିଭଳି ଇବିଏଲ୍‌ର ନିର୍ଦ୍ଦେଶକ ଡ. ବିଦ୍ୟାଭୂଷଣ ମହାନ୍ତି କହିଛନ୍ତି, ଉକ୍ତ ଆପ୍ ଜରିଆରେ ଆଗ୍ରହୀ ଗ୍ରାହକମାନେ ଋଣ ଆବେଦନ କରିବା ବେଳେ ଗ୍ରାହକଙ୍କ ତଥ୍ୟ ସମ୍ପୂର୍ଣ୍ଣ ନିରାପଦ ଏବଂ ସୁରକ୍ଷିତ ରହିବ। ଏପରିକି ସମସ୍ତ ସୁରକ୍ଷା ନିୟମ ଆପ୍ ୱେବ୍‌ସାଇଟରେ ଅନୁପାଳନ କରାଯାଇଛି। ବିଶେଷକରି ୨୦୨୩ ରେ ଇବିଏଲ୍ କେବଳ ଓଡ଼ିଶାରେ କାର୍ଯ୍ୟକରିବାକୁ ଯୋଜନା କରୁଥିବା ବେଳେ ୨୦୨୪ ଠାରୁ ଏହା ଅନ୍ୟ ରାଜ୍ୟ ଏବଂ ପୂରା ଭାରତରେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି।

ଏହି ଅବସରରେ ଇବିଏଲ୍ ଫିନ୍‌ଟେକର ବୋର୍ଡ ଅଫ୍ ଡାଇରେକ୍ଟରସର ଅଂଶୁମାନ ମହାପାତ୍ର, ନିଗମ ରାୟ, ଦିଲୀପ ବେହେରା, ପ୍ରିୟଦର୍ଶୀ ଦାସ, କିରଣଙ୍କ ସମେତ ବିଭିନ୍ନ ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ଡିପିଆଇଆଇଟି ଦ୍ୱାରା ଇବିଏଲ୍ ଫିନ୍‌ଟେକ୍ ସର୍ଭିସ୍ ସ୍ୱୀକୃତିପ୍ରାପ୍ତି ହୋଇଥିବା ବେଳେ ଉକ୍ତ ସଂସ୍ଥା ଆର୍ଥିକ ସେବା ପ୍ରଦାନ କରିବା ପାଇଁ ଉଭୟ ଭାରତ ଓ ଓଡ଼ିଶା ସରକାରଙ୍କଠାରୁ ଅନୁମୋଦନ ଲାଭ କରିଛି।

# ମହିନ୍ଦ୍ରାର ‘ନେମୋ ଡ୍ରାଇଭର ଆପ୍’

ନୂଆଦିଲ୍ଲୀ,୧୮।୧

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ମହିନ୍ଦ୍ରା ଗ୍ରୁପ୍‌ର ସହଯୋଗୀ ସଂସ୍ଥା ମହିନ୍ଦ୍ରା ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭର ଆପ୍ ‘ନେମୋ’ର ଶୁଭାରମ୍ଭ କରାଯାଇଛି। ବିଶେଷକରି ମହିନ୍ଦ୍ରାର ତିନିଚକିଆ ଯାନର ଡ୍ରାଇଭର (ଚାଳକ) ମାନଙ୍କ ପାଇଁ ଉକ୍ତ ଆପ୍‌ର ଶୁଭାରମ୍ଭ କରାଯାଇଛି। ଏପରିକି ମହିନ୍ଦ୍ରାର ପରିଚିତ କନେକ୍ଟେଡ୍ ମୋବିଲିଟି ଭିତ୍ତିଭୂମି ଆଧାରରେ ଏହି ଆପ୍‌କୁ ପ୍ରସ୍ତୁତ କରାଯାଇଛି। ସେହିଭଳି ରେଞ୍ଜକୁ ନେଇ ଉଦ୍‌ବେଗ ଆଦି ସମସ୍ୟାକୁ ଏହା ସମାଧାନ କରିବା ସହ ନିଜ ଚାର୍ଜିଂ ଯୋଜନା ପ୍ରସ୍ତୁତ କରିବାରେ ମଧ୍ୟ ଏହା ଗ୍ରାହକମାନଙ୍କ ଲାଗି ବେଶ୍ ସହାୟକ ହେବ। ଫଳରେ ସେମାନ (ଚାଳକ)ଙ୍କ ପରିଚାଳନା ଦକ୍ଷତାରେ ଉନ୍ନତି ହୋଇପାରିବ। ଏହା ଇଣ୍ଟରଆକ୍ଟିଭ୍ ଭିତ୍ତିକ ଏବଂ ମହିନ୍ଦ୍ରା ଟ୍ରିଓ ଅଟୋ, ଟ୍ରିଓ ଜୋର, ଜୋର ଗ୍ରାଣ୍ଡ ଭଳି ଇଲେକ୍ଟ୍ରିକ୍ ତିନି ଚକିଆ ପାଇଁ ଗୁରୁତ୍ୱପୂର୍ଣ୍ଣ ଲାଇଭ୍ ତଥ୍ୟ ପ୍ରଦାନ କରିବ। ସେହିପରି ଗ୍ରାହକମାନଙ୍କ ବ୍ୟାପକ ମତାମତ ଗ୍ରହଣ କରିବା ପରେ ନେମୋ ଆପ୍‌କୁ ପ୍ରସ୍ତୁତ କରାଯାଇଛି। ଇଲେକ୍ଟ୍ରିକ୍ ଯାନକୁ ଅଧିକ କନେକ୍ଟେଡ୍, ସହଜ ଓ ଚିନ୍ତାମୁକ୍ତ କରିବା ଲକ୍ଷ୍ୟ ନେଇ କମ୍ପାନୀ ପକ୍ଷରୁ ଏଭଳି ଏକ ଆପ୍‌ର ବିକାଶ କରାଯାଇଛି।




ଅପରପକ୍ଷରେ ଗ୍ରାହକମାନେ ଆଣ୍ଡ୍ରଏଡ୍ ଫୋନ ଜରିଆରେ ଉକ୍ତ ଆପ୍‌କୁ ପ୍ଲେ ଷ୍ଟୋରରୁ ମାଗଣାରେ ଡାଉନ୍‌ଲୋଡ୍ କରିପାରିବେ। ଏ ସମ୍ପର୍କରେ ମହିନ୍ଦ୍ରା ଇଲେକ୍ଟ୍ରିକ୍ ମୋବିଲିଟିର ସିଇଓ ସୁମନ ମିଶ୍ର କହିଛନ୍ତି, ଚାଳକଙ୍କୁ ଏକ ଉପଯୁକ୍ତ ସମାଧାନର ଉପସ୍ଥାପନ କରି ମୁଁ ଅତ୍ୟନ୍ତ ଉଲ୍ଲସିତ ରହିଛି। ଏହା ଜରିଆରେ ଆମ ଚାଳକବନ୍ଧୁମାନେ ସେମାନଙ୍କ ହାତପାଆନ୍ତରେ ମହିନ୍ଦ୍ରା ଦୂରଦୂରାନ୍ତ ଇଭି ଗମନାଗମନକୁ ନିୟନ୍ତ୍ରଣ କରିପାରିବେ। ବାସ୍ତବ ସମୟ ତଥ୍ୟ ସହ ଇଭିକୁ ଗ୍ରହଣ କରିଥିବା ଲୋକମାନଙ୍କ ପାଇଁ ଗାଡ଼ି ଚାଳନାର ଢାଞ୍ଚାରେ ଉକ୍ତ ଆପ୍ ଉନ୍ନତି ଆଣିବ ଏବଂ ଠିକ୍ ତଥ୍ୟ ଜରିଆରେ ସେମାନଙ୍କ ଲାଭକୁ ବଢ଼ାଇବା ସହ ପରିବେଶ ମିତବ୍ୟୟିତା ଓ ନିରନ୍ତରତା ବାର୍ତ୍ତାର ପ୍ରଚାର କରିବ। ଉକ୍ତ ନେମୋ ଡ୍ରାଇଭର ଆପ୍‌ରେ ୧୧ପ୍ରକାର ପ୍ରମୁଖ ସୁବିଧା ରହିଛି।

# ଗମନାଗମନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିବ ସିଆଇଏମ୍



ନୂଆଦିଲ୍ଲୀ,୧୮।୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ସହଯୋଗୀ ସଂସ୍ଥା ଟାଟା ଷ୍ଟିଲ୍ ପକ୍ଷରୁ ନିକଟରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ମାଡ୍ରାସ ରିସର୍ଚ୍ଚ ପାର୍କରେ ସେଣ୍ଟର ଫର୍ ଇନୋଭେସନ୍ ଇନ୍ ମୋବିଲିଟି (ସିଆଇଏମ୍) ସ୍ଥାପନ କରାଯାଇଛି। ବିଶେଷକରି ଭାରତର ଗମନାଗମନ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିବା ଲାଗି ଏହା ବେଶ୍ ସହାୟକ ହେବ ବୋଲି କୁହାଯାଇଛି। ଏହା ଶିକ୍ଷାନୁଷ୍ଠାନ ଓ ଗମନାଗମନ ଶିଳ୍ପ ସହ ମିଳିତଭାବେ କାର୍ଯ୍ୟ କରିବ। ଏପରିକି ଅଟୋମୋଟିଭ୍, ରେଳବାଇ ଓ ହାଇପରଲୁପ୍ ଭଳି ବର୍ତ୍ତମାନ ଏବଂ ଭବିଷ୍ୟତର ଗମନାଗମନ ସୁବିଧା ଲାଗି ଉକ୍ତ କେନ୍ଦ୍ର ଏକ ପ୍ରୟୋଗାତ୍ମକ ପ୍ରଯୁକ୍ତି ବିକାଶ କରିବ। ସେହିଭଳି ଏହି ନୂଆ ଗବେଷଣା ଓ ବିକାଶ କେନ୍ଦ୍ରରେ ସିଏଡି, ସିଏଇ, ଏକ୍ସପେରିମେଣ୍ଟାଲ ରୋଲ୍ ଫର୍ମିଂ, ଡାଇନାମିକ୍ ଡେଣ୍ଟ ଟେଷ୍ଟ ସିଷ୍ଟମ୍, ଏଆର୍-ଭିଆର୍ ଏକ୍ସପେରିଏନ୍ସ ସେଣ୍ଟର ଏବଂ ଗାଡ଼ିର ପୂର୍ଣ୍ଣାଙ୍ଗ ମାନଦଣ୍ଡ ନିର୍ଦ୍ଧାରଣର ବ୍ୟବସ୍ଥା ରହିବ। ପୂର୍ବରୁ ଜାମଶେଦପୁରଠାରେ ମଧ୍ୟ ଏକ ଅତ୍ୟାଧୁନିକ ଗବେଷଣା କେନ୍ଦ୍ର ସ୍ଥାପନ ହୋଇଥିଲା। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଏମ୍‌ଡି ଓ ସିଇଓ ଟି.ଭି.ନରେନ୍ଦ୍ରନ କହିଛନ୍ତି, ଭବିଷ୍ୟତର ନିରବଚ୍ଛିନ୍ନ, ସୁରକ୍ଷିତ ଓ ସୁଲଭ ଗମନାଗମନ ସମାଧାନ ଶିଳ୍ପ, ଶିକ୍ଷାନୁଷ୍ଠାନ ଓ ଉପକରଣ ଯୋଗାଣକାରୀଙ୍କ ସହଯୋଗରୁ ଆବିଷ୍କୃତ ହେବ, ଯେଉଁମାନେ ଏହି ଆହ୍ୱାନକୁ ଭଲ ଭାବେ ବୁଝନ୍ତି। କ୍ଷୀପ୍ର ଓ ନବସୃଜନକୁ ଉତ୍ସାହିତ କରୁଥିବା ଏକ ସଂସ୍କୃତି ବିକାଶ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଆମର ବିଶ୍ୱାସ ରହିଛି। ନବସୃଜନ ଓ ଉନ୍ନତ ପ୍ରଯୁକ୍ତି ଉପରେ ଅତୁଳନୀୟ ଧ୍ୟାନ ରହିଥିବାରୁ ଗ୍ରାହକମାନଙ୍କୁ ପ୍ରତିଟି କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦାନ କରିବା ଏବଂ ଅଗ୍ରଗାମୀ ପ୍ରଯୁକ୍ତି ବିକାଶରେ ସର୍ବଦା ଆଗରେ ରହିବାକୁ ଟାଟା ଷ୍ଟିଲ୍ ପ୍ରତିବଦ୍ଧ ରହିଛି। ଭବିଷ୍ୟତର ଗମନାଗମନ ପାଇଁ ଅଭିନବ ସମାଧାନ ସୃଷ୍ଟି କରିବା ପ୍ରତି ରହିଥିବା ପ୍ରତିବଦ୍ଧତାର ପ୍ରତିଫଳନ ହେଉଛି ଆଇଆଇଟି ମାଡ୍ରାସରେ ଆମର ଏହି ନୂଆ କେନ୍ଦ୍ର।




ଦି ରିଟେଲ ଜୁଏଲର୍ସ ଆସୋସିଏଶନ ପକ୍ଷରୁ ଆୟୋଜିତ ‘ଦି ରିଟେଲ ଜୁଏଲର୍ସ ଏମ୍‌ଡି ଆଣ୍ଡ ସିଇଓ ଆୱାର୍ଡ-୨୦୨୩’ ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ବ୍ରହ୍ମାନନ୍ଦ ମେହେରଙ୍କୁ ଆସୋସିଏଶନ ପକ୍ଷରୁ ଏମ୍‌ଡି ଅଫ୍ ଦି ଇୟର ସମ୍ମାନରେ ସମ୍ମାନିତ କରାଯାଇଛି।

# ‘ବୃଦ୍ଧି ପାଇବ କୋଇଲା ଉତ୍ପାଦନ’

**ନୂଆଦିଲ୍ଲୀ,୧୮।୧:** ଚଳିତ ଆର୍ଥିକ ବର୍ଷଠାରୁ ଆସନ୍ତା ଆର୍ଥିକ ବର୍ଷରେ କୋଇଲା ଉତ୍ପାଦନ ବୃଦ୍ଧି ପାଇବ ବୋଲି ବୁଧବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ୧ବିଲିୟନ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ କରିବା ନେଇ ସରକାର ଲକ୍ଷ୍ୟ ରଖଥିବା କୋଇଲା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଶେଷକରି ୧ବିଲିୟନ ଟନ୍‌ରୁ ଅଧିକ କୋଇଲା ଉତ୍ପାଦନ ପୂରଣ କରିବା ଲକ୍ଷ୍ୟ ରଖି ସରକାର ୭୮୦ ମିଲିୟନ ଟନ୍ କୋଇଲା ଉତ୍ପାଦନ ପାଇଁ କୋଲ୍ ଇଣ୍ଡିଆକୁ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି। ସେହିଭଳି ସିଙ୍ଗାରେନି କଲିରିଜ୍ କମ୍ପାନୀ ଲିମିଟେଡ୍‌କୁ ୭୫ ମିଲିୟନ ଟନ୍ ଏବଂ କ୍ୟାପ୍‌ଟିଭ ଓ ବ୍ୟବସାୟିକ ଖଣି ପାଇଁ ୧୬୨ମିଲିୟନ ଟନ୍ ଉତ୍ପାଦନ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ କେନ୍ଦ୍ର କୋଇଲା ସଚିବ ଅମୃତଲାଲ ମୀନା କହିଛନ୍ତି, ବର୍ତ୍ତମାନ ୨୯୦ଟି ଖଣି କାର୍ଯ୍ୟକ୍ଷମ ରହିଛି। ସେଥିମଧ୍ୟରୁ ୯୭ ଖଣି ବର୍ଷକୁ ୧ ମିଲିୟନ ଟନ୍ କୋଇଲା ଉତ୍ପାଦନ କରୁଛି। ଏପରିକି ଦେଶରେ ୯୭ କୋଇଲା ଖଣି ପାଇଁ ଜମି ଅଧିଗ୍ରହଣ, ଜଙ୍ଗଲ ମଞ୍ଜୁର, ପରିବେଶ ମଞ୍ଜୁର, ରେଳ ସଂଯୋଗ ଏବଂ ସଡ଼କ ସଂଯୋଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ବିଶେଷକରି ଦେଶରେ ୯୭ କୋଇଲା ଖଣି ମଧ୍ୟରୁ ୫୬ରେ କୌଣସି ପ୍ରକାର ସମସ୍ୟା ନାହିଁ। କେବଳ ୪୧ ଖଣିରେ କେତେକ ସମସ୍ୟା ରହିଛି।

ଜଳେଶ୍ୱର ପୌରପରିଷଦ କାର୍ଯ୍ୟାଳୟ, ଜଳେଶ୍ୱର
OFFICE OF THE JALESWAR MUNICIPAL COUNCIL, JALESWAR
Dist.: Balasore, Odisha - 756032
Ph.: (06781) 222407, E-mail: jaleswarmunicipality@gmail.com
No. 175 Date: 17.01.2023
E-Procurement Notice
BID Identification No. JM_08_2022-23
No. C-2304: Bid document consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

| | | |
|---|---|---|
| 1. | Name of the Work | : Civil Const. works as mentioned in DTCN |
| 2. | No. of Works | : 8 Nos. |
| 3. | Estimated Cost | : As per Work List |
| 4. | Period of Completion | : As per DTCN |
| 5. | Date and time of Bidding | : 19.01.2023 to 02.02.2023 |
| 6. | Last date and time for receipt | : 02.02.2023 upto 5.00 P.M. |
| 7. | Bids received online shall be opened on | : 03.02.2023 from 11.00 A.M. onwards |
| 8. | Name and address of the Officer Inviting Bid | : Executive Officer, Jaleswar Municipality |

Further details can be seen from the e-procurement portal i.e. https://tendersodisha.gov.in/nicgep/app.
OIPR-13126/11/0033/2223 Sd./- Executive Officer, Jaleswar Municipality

GOVERNMENT OF ODISHA
e-Procurement Notice
OFFICE OF THE ADDITIONAL CHIEF ENGINEER
K B K-II, MINOR IRRIGATION CIRCLE, JEYPORE
sekbkmi2@yahoo.co.in
NATIONAL COMPETITIVE BIDDING
BID ID No. ACEKBK-IIMIC-03/2022-23 (Dt.16.01.2023)
No. A-1037: The Additional Chief Engineer & O/o ACE, K.B.K.-II, M.I. Circle, Jeypore on behalf of Governor of Odisha invites Percentage Rate Bids in Double Cover System in Online mode only for Re-Construction of Drainage Channel of Jagannath Sagar M.I.P. in Jeypore Municipality of Koraput District as per Annexure to this bid Notice from the Class of eligible contractors as mentioned in Column-6 (Six). The bid should be submitted online in the website www.tendersodisha.gov.in by eligible contractors.

| | | |
|---|---|---|
| 1. | Name of Work | : Re-Construction of Drainage Channel of Jagannath Sagar M.I.P. in Jeypore Municipality of Koraput District. |
| 2. | Total No. of Works | : 01 (One) No. |
| 3. | Estimated Cost | : Approximately Rs.497.81 lakhs |
| 4. | Class of Contractor | : As mentioned against work |
| 5. | Period of Completion | : As mentioned against work |
| 6. | Date and time of availability of Bid | : From 10.00 A.M. on 30.01.2023 and upto 5.30 P.M. on 02.03.2023 document in portal |
| 7. | Last date/time for receipt of Bid | : Upto 5.30 P.M. on 02.03.2023 document in portal |
| 8. | Date/Time of opening of Technical Bid | : From 11.00 A.M. on 03.03.2023 at O/o. ACE, K.B.K.-II, M.I. Circle, Jeypore |
| 9. | Name and Address Officer | : Additional Chief Engineer & O/o ACE, K.B.K.-II, M.I. Circle, Jayanagar, Jeypore - 764005 |
| 10. | Mode of Payment of Bid cost and Bid Security | : Online |

Sd./- 16.01.2023
Additional Chief Engineer
K.B.K.-II, M.I. Circle, Jeypore
OIPR-32262/11/0003/2223

GOVERNMENT OF ODISHA No. A-1039
OFFICE OF THE CHIEF CONSTRUCTION ENGINEER,
ANANDAPUR BARRAGE PROJECT, SALAPADA
(E-mail id: cceabp@gmail.com/loabpbbsr@gmail.com)
E-procurement Notice No. CCEABP-12 of 2022-23

| E-Procurement Officer | Name of the work | Bid Id No. | Tender cost in Lakhs (Appx) | Bid security (online) | Cost of Bid Document (Online) | Class of contractor | Period of completion | Availability of tender online for bidding From | Availability of tender online for bidding To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer, A.B. Project, Salapada | Cement Concrete Lining of Salandi Left Main Canal (SLMC) from RD 16080 m to RD 21764 m including construction of additional structures and service road. | ABP-ACD-01/12 of 2022-23 | 2704.00 | 27,04,000/- | 10,000/- | Spl. & Super Class | 12 calendar months | 20.01.23 11.30 AM | 13.02.23 5.00 PM | 14.02.23 11.30 AM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/corrigendum/cancelletion if any required will be published in Govt. website only.
OIPR-32068/11/0018/2223 Sd./- Chief Construction Engineer, Anandapur Barrage Project, Salapada

ODISHA STATE LEGAL SERVICES AUTHORITY
"AAIN SEVA BHAWAN", SECTOR - 1, CDA, CUTTACK
Advertisement No. 01/2023 Dated: 18.01.2023
For the Posts of Chairperson of Permanent Lok Adalat (Public Utility Services)
No. W-72: Applications are hereby invited from the retired Judicial Officers (on Superannuation) in the rank of District Judge/Addl. District Judge below the age of 63 years as on 01.01.2023 and the Judicial Officers in the rank of District Judge/Addl. District Judge, who have already retired from the service on superannuation on 31.12.2022 for being appointed as the Chairperson of Permanent Lok Adalat (PUS) in the cluster of PLAs (PUS) in different districts of the State.
Last date for submission of the application is 02.02.2023.
For further details, please visit our official website: www.oslsa.nic.in.
Sd./- Member Secretary
Odisha State Legal Services Authority, Cuttack
OIPR-18008/11/0016/2223

SHORT TENDER CALL NOITCE
No. MM-425: Sealed tenders are invited in 2 Parts separately i.e. (1) Technical (quality sample of Goods) and (2) Financial (rate including all payable Taxes) from the Registered Supply Units for supplying 636 Mtrs. of Khaki Terry Cotton Uniform Cloths for the Staff of Dhenkanal Division during 2022-23 through Registered Post/Speed Post/Courier Service on or before 30.01.2023 by 5.30 P.M.
The tender will be opened at 11.00 A.M. on 31.01.2023 and the Supply Units are to remain present during opening of Tender Papers.
Terms & Conditions:
1. Sealed tenders should be accompanied with all data of the Supply Unit in 2 Parts i.e. Technical & Financial. Sample of cloth should be enclosed in Technical Tender.
2. No tender shall be accepted by hand and also after due date and time fixed above.
3. The supply unit should maintain time delivery of Uniforms at Division Office, Dhenkanal after getting supply Order to be placed on available of funds.
4. VAT/GST & Income Tax Clearance Certificate for last 3 years should be attached with tender papers.
5. The undersigned has right to cancel or modify the tender without assigning any reason thereof.
Sd./- Conservator of Forests
I/c Dhenkanal Division
OIPR-08037/11/0049/2223

ବିଜ୍ଞାପିତ ଅଞ୍ଚଳ ପରିଷଦ, ଅତାବିରା
OFFICE OF THE NOTIFIED AREA COUNCIL, ATTABIRA
Dist.: Bargarh (Odisha), PIN - 768027
Email: attabiranac.2013@gmail.com, Ph.: 06682-221212
Letter No. 98/ATTB Date: 18.01.2023
QUOTATION CALL NOTICE
No. C-2310: Sealed quotations are invited by the undersigned from the registered firms/agencies/authorised dealer/suppliers having licence, GST Registration, PAN Card for supply of following items of reputed brand to NAC Attabira in the District of Bargarh. The quotation should reach before the undersigned during office hour through Regd. Post/Speed Post/By Hand on or before 31.01.2023 at 11.00 A.M. and the same will be opened at 1.00 P.M. in the presence of quotationer or their authorized agent. The cost of quotation paper is Rs.1,000.00 (Rupees one thousand) only (non-refundable) in shape of Money Receipt, Demand Draft in favour of E.O., N.A.C. Attabira with the quotation. The quotation received after scheduled date and time will not be entertained. The authority reserves the right to reject each or all quotation without assigning any reason thereof.

| Sl. No. | Item Description | Qnty. | Rate |
|---|---|---|---|
| 1 | Water Purifier | 1 No. | |
| 2 | Office Table | 1 No. | |
| 3 | Dinning Table | 1 No. | |
| 4 | Plastic Chair | 1 No. | |
| 5 | Godrej | 1 No. | |

Sd./- Executive Officer, N.A.C., Attabira
OIPR-13176/11/0018/2223



ସୋନାକ୍ଷୀ

# ବଡେ ମିଆଁ ଛୋଟେ ମିଆଁ

ନୂଆ ହିନ୍ଦୀ ସିନେମା 'ବଡ଼େ ମିଆଁ ଛୋଟେ ମିଆଁ'କୁ ନେଇ ଚର୍ଚ୍ଚା। ଏହି ଫିଲ୍ମଟିର କାହାଣୀ ଆକ୍ସନ ଏବଂ କମେଡ଼ି ଉପରେ ଆଧାରିତ। ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଅଲ୍ଲୀ ଆବାସ ଜାଫର। ଖାସ୍ କଥା ହେଲା ଚଳିତ ମାସରୁ ଏହାର ଶୁଟିଂ ଆରମ୍ଭ ହୋଇ ଏବର୍ଷ ଏପ୍ରିଲ ଅର୍ଥାତ୍ ମାତ୍ର ଚାରି ମାସରେ ଶେଷ କରିବାକୁ ଯୋଜନା ରଖାଯାଇଛି ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ। ଚିତ୍ରଟିର ମୁଖ୍ୟ ଭୂମିକାରେ ଟାଇଗର ଶ୍ରଫ ଏବଂ ଅକ୍ଷୟ କୁମାର ଅଭିନୟ କରୁଛନ୍ତି ଏବଂ ନାୟିକା ରୋଲ୍‌ରେ ଅବତୀର୍ଣ୍ଣ ହୋଇଛନ୍ତି ଜାହ୍ନବୀ କପୁର। କିନ୍ତୁ ପୂର୍ବରୁ ଏହି ଟାଇଟଲକୁ ନେଇ ନିର୍ମିତ ଫିଲ୍ମ ସହ ଏହାର କାହାଣୀର କୌଣସି ସମ୍ପର୍କ ନାହିଁ ବୋଲି କହନ୍ତି ନିର୍ଦ୍ଦେଶକ। ଉକ୍ତ ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୨୨ରେ ରିଲିଜ ହେବାର ଯୋଜନା ରହିଛି। ସୂଚନାଯୋଗ୍ୟ, ଏହାପୂର୍ବରୁ ବାସୁ ଭଗନାନିଙ୍କ ପ୍ରଯୋଜିତ ଏବଂ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅମିତାଭ ବଚ୍ଚନ, ଗୋବିନ୍ଦା, ରବିନା ଟଣ୍ଡନ, ରମେୟା କ୍ରିଷ୍ଣା ପ୍ରମୁଖ କଳାକାର ଅଭିନୟ କରିଥିଲେ। ୧୯୯୮ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ୯କୋଟିରେ ପ୍ରସ୍ତୁତ ହୋଇ ୩୪ କୋଟିର ବିଜ୍‌ନେସ କରିଥିଲା।



ଅକ୍ଷୟ କୁମାର - ଟାଇଗର ଶ୍ରଫ

# ସବୁବେଳେ ମନେ ରହିବ

ଶତ୍ରୁଘ୍ନ ତନୟା ସୋନାକ୍ଷୀ ଗୋଟିଏ କଥାକୁ କଦାପି ଭୁଲି ନ ଥାନ୍ତି। ନିଜର ପ୍ରଥମ ସିନେମାରୁ ସେ ଏହି ଧାରା ଆରମ୍ଭ କରିଥିଲେ। ତାହା କ'ଣ ଜାଣନ୍ତି? ଯେତେବେଳେ 'ଦବଙ୍ଗ' ଫିଲ୍ମରେ ସୋନାକ୍ଷୀଙ୍କୁ ବ୍ରେକ୍ ମିଳିଲା ସେତେବେଳେ ସେ ନିଷ୍ପତ୍ତି ନେଇଥିଲେ ଯେ ତାଙ୍କ ପାରିଶ୍ରମିକର କିଛି ଅଂଶ ଚ୍ୟାରିଟି ସଂସ୍ଥାକୁ ଦାନ କରିବେ। ପ୍ରଥମ ସିନେମାର ସାଇନ୍ ଆମାଉଣ୍ଟକୁ ସେ ସଲମାନଙ୍କ ସଂସ୍ଥା 'ବିଇଙ୍ଗ୍ ହ୍ୟୁମାନ'କୁ ଦାନ କରିଥିଲେ। ଏ ନେଇ ସୋନାକ୍ଷୀ କହନ୍ତି, 'ପ୍ରଥମ ସିନେମା ସାଇନ୍ କରିବା ବେଳେ ମୋ ମନକୁ ଏହି କଥା ଆସିଥିଲା। ଯେହେତୁ ସଲମାନ ମୋତେ ପ୍ରଥମେ ବ୍ରେକ୍ ଦେଇଥିଲେ ତେଣୁ ମୋ ଡେବ୍ୟୁ ଫିଲ୍ମର ସାଇନିଂ ଆମାଉଣ୍ଟକୁ ମୁଁ ତାଙ୍କ ସଂସ୍ଥାକୁ ଦାନ ସ୍ୱରୂପ ଦେଇଥିଲି। ଏବେ ମଧ୍ୟ ଏହି ଧାରାକୁ ଜାରି ରଖିଛି। ଯେତେଦିନ ପର୍ଯ୍ୟନ୍ତ ଅଭିନୟ କରୁଥିବି ତାହାକୁ ନିଶ୍ଚୟ ଚାଲୁ ରଖିବି।' ଅଭିନୟରେ ଏଣ୍ଟ୍ରି କରିବା ପୂର୍ବରୁ ସୋନାକ୍ଷୀ ତାଙ୍କର ପାଠପଢ଼ା କ୍ୟାରିୟରରେ ସବୁବେଳେ ଟପ୍ପର ରହୁଥିଲେ। ସେ ସବୁବେଳେ କୁକୁର ପାଳିବାକୁ ଭଲ ପାଇଥାଆନ୍ତି।

# ଆଇନା କେବେ ମିଛ କହେନା

ଭାଇ-ଭାଇ ଭିତରେ ସମ୍ପର୍କ ଅନାବିଳ। ଏଭଳି ଏକ ଭିନ୍ନ ଧରଣର ପାରିବାରିକ କାହାଣୀ ଏବଂ ଲଭ୍ ଷ୍ଟୋରିକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଇନା କେବେ ମିଛ କହେନା'। ଏହି ଫିଲ୍ମଟି ଚଳିତ ମାସ ଶେଷ ସପ୍ତାହ କିମ୍ବା ଫେବୃୟାରୀ ପ୍ରଥମ ସପ୍ତାହରେ ରିଲିଜ ହେବାର ଯୋଜନା ରହିଛି । ଏଥିରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପକ। ନିଜ ରୋଲ୍ ବିଷୟରେ ସେ କୁହନ୍ତି, 'ଏହି ଫିଲ୍ମର କାହାଣୀରେ ଅନେକ ନୂଆ କଥା ରହିଛି। ଲଭ୍, ଇମୋଶନ, କମେଡିର ମଜା ଦର୍ଶକ ଏଥିରୁ ପାଇପାରିବେ। ଏଥିରେ ମୁଁ ସାନଭାଇ ଭୂମିକାରେ ଅଭିନୟ କରିଛି। ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମଧ୍ୟ ଆଶା ରହିଛି।' ଚିତ୍ରଟିର ପ୍ରଯୋଜନା ଆଶିଷ ସିହ୍ନା କରିଛନ୍ତି ଏବଂ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଶ୍ରୀତମ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହି ସିନେମାରେ ଦୀପକଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ନବାଗତ ମୁସ୍‌କାନ। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ହରିହର ମହାପାତ୍ର ଏବଂ ସୁକାନ୍ତ ରଥଙ୍କୁ ମଧ୍ୟ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ତେବେ ଏହି ଫିଲ୍ମଟି ଦୀପକଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।



ମୁସ୍‌କାନ - ଦୀପକ

# ସାମାନ୍ୟ ଭୁଲ ପାଇଁ

ମଣିଷ ଜୀବନ ଠିକ୍-ଭୁଲର ଏକ ସମାହାର ବୋଲି କୁହାଯାଇପାରେ। ଜୀବନରେ ଭୁଲ ହେବା ମଧ୍ୟ କିଛି ନୂଆ କଥା ନୁହେଁ। କିନ୍ତୁ ଏକ ଭୁଲର ପରିଣାମ ଯେ ପରବର୍ତ୍ତୀ ସମୟରେ କିପରି ଭୟଙ୍କର ଆକାର ଧାରଣ କରୁଛି ଏବଂ ତାହାର ପରିଣାମ କ'ଣ ହେଉଛି, ତାହାକୁ ଭିତ୍ତି କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବେସାହାରା'। ଆଚାର୍ଯ୍ୟ ଏଣ୍ଟର ଟେନ୍‌ମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ। ଚିତ୍ରଟିର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଯୋଗୀ' ଫେମ୍ ନିର୍ଦ୍ଦେଶକ ନିରଞ୍ଜନ ବେହେରା। "ଏହା ଏକ ମୌଳିକ କାହାଣୀକୁ ନେଇ ପ୍ରସ୍ତୁତ ହେଉଛି। ମଦ କିପରି ଦୁଇଟି ପରିବାରକୁ ସମସ୍ୟା ମୁହଁକୁ ଠେଲିଦେଉଛି ତାହା ଏଥିରେ ଦେଖିବାକୁ ମିଳିବ ବୋଲି କହନ୍ତି ନିରଞ୍ଜନ।" ଉକ୍ତ ସିନେମାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ସୁପ୍ରିୟା, ପିଣ୍ଟୁ ନନ୍ଦ, ପ୍ରଦ୍ୟୁମ୍ନ ଲେଙ୍କା, ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ବିଜୁ ବଡ଼ଜେନା ଏବଂ ପପି ସନ୍ତୁକା ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିରେ ସଂଯୋଜିତ ଚାରୋଟି ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମ୍‌ଦାର। ସୂଚନାଯୋଗ୍ୟ, ଏହା ପୂର୍ବରୁ ପ୍ରଦୀପ 'ପ୍ରେମ ପାଇଁ ମହାଭାରତ' ଶୀର୍ଷକ ସିନେମା ପ୍ରଯୋଜନା କରିଥିଲେ, ଯାହା ଦର୍ଶକଙ୍କ ମନକୁ ଛୁଇଁପାରିଥିଲା।



ଜ୍ୟୋତି -ସୁପ୍ରିୟା

ଅପେରା ହାଲ୍‌ଚାଲ

# ଆକାଶଙ୍କ ଆଶା

କଥାରେ ଅଛି ଆଶା ଅସୁମାରୀ। କିନ୍ତୁ ଯଦି ନିଜର ମନଲାଖି ଆଶାଟିଏ ପୂରଣ ହୋଇଯାଏ, ତେବେ ଖୁସି କହିଲେ ନ ସରେ। ଦେଖୁନାହାନ୍ତି, ନୂଆ ଯାତ୍ରା ଅନୁଷ୍ଠାନରେ ଯୋଗ ଦେବା ପରେ ଆକାଶ କିପରି ଖୁସିରେ ଉଛୁଳୁଛନ୍ତି। ଏଥର ଯାତ୍ରା ସିଜନ୍‌ରେ ତାଙ୍କୁ ବର୍ତ୍ତମାନ ଅପେରା ସାଇ ସମ୍ରାଟରେ ଦେଖିବାକୁ ମିଳିବ। ଏହାର ନାଟକ 'ଝୁରୁଥିବି ତତେ ଜୀବନ ସାରା' (ରଚନା -ସୁଧାଂଶୁ ନାୟକ, ନିର୍ଦ୍ଦେଶନା-ବିଜୟ ଦାସ)ରେ ସେ ରୀନା ପଣ୍ଡାଙ୍କ ନାୟକ ସାଜିଛନ୍ତି। ଅନ୍ୟପକ୍ଷରେ ଆଗଧାଡ଼ିର ଲେଖକ ତଥା ନିର୍ଦ୍ଦେଶକ ପ୍ରଦୀପ ବେହେରାଙ୍କ ନାଟକ 'ଇଏ କେମିତି ପ୍ରତାରଣା'ରେ ତାଙ୍କୁ ବେବିନାଙ୍କ ଅପୋଜିଟ୍‌ରେ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଆକାଶ କହନ୍ତି, 'ମାୟାନଗରୀ ଛାଡ଼ିବା ପରେ ଏବେ ମୁଁ ଏହି ପାର୍ଟିରେ ଯୋଗ ଦେଇଛି। ଯେଉଁ ଦୁଇଟି ନାଟକରେ ମୋତେ ସୁଯୋଗ ମିଳିଛି ତାହା ମୋ କ୍ୟାରିୟରକୁ ମାଇଲେଜ ଦେବ ବୋଲି ଆଶା ରଖିଛି। କାରଣ ମୁଁ ସବୁବେଳେ କାମକୁ ଗୁରୁତ୍ୱ ଦିଏ। ଭୂମିକାଟି ଯେମିତି ହେଉ ନା କାହିଁକି ତାହାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରେ।' ଅନେକ ଥିଏଟର ନାଟକରେ ଅଭିନୟ କରିବା ପରେ 'ପରୀ', 'ରାନୀ', 'ମଙ୍ଗୁଳାକନ୍ୟା' ଏବଂ 'ସିଂହଦ୍ୱାର' ମେଗା ଧାରାବାହିକରେ ଅଭିନୟ କରି ସେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲେ। ଆକାଶଙ୍କର ଅପେରା ଜୀବନ ଆରମ୍ଭ ହୁଏ ୨୦୧୭ରୁ ପୁଣି ଯାତ୍ରା ସଚ୍ଚିଦାନନ୍ଦମ ଅପେରା ପାର୍ଟିରୁ। ତା'ପରେ ବାଘାଯତୀନ ଲୋକନାଟ୍ୟ, ଧଉଳି ଗଣନାଟ୍ୟରେ ସେ ନିଜର ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି।



ଆକାଶ

# କଥା ସମ୍ପର୍କର

କୋଟିପତି ବ୍ୟବସାୟୀ ସତ୍ୟଜିତ ପଟ୍ଟନାୟକ ଏବଂ ଜଣେ ଜମିଦାର ଭବାନୀ ଶଙ୍କର ରାୟ ଚୌଧୁରୀଙ୍କ ଭିତରେ ଥାଏ ନିବିଡ଼ ବନ୍ଧୁତା। ଏପରି କି ଦୁହେଁ ଏକାଠି ବିଜନେସ୍ କରିବାକୁ ସ୍ଥିର କରନ୍ତି। ସେପଟେ ସତ୍ୟଜିତଙ୍କ ଏକମାତ୍ର ଝିଅ ନେହାର ଭବାନୀଙ୍କ ପୁତୁରା ଅମିତ ସହ ପ୍ରେମ ସମ୍ପର୍କ ଗଢ଼ିଉଠେ। ଏକ ଘଟଣାକ୍ରମରେ ନେହା ଜଙ୍ଗଲରେ ହଜି ଯିବା ପରେ ପ୍ରେମ କାହାଣୀ ନିଏ ନୂଆ ମୋଡ଼। ସୁନୟନା ନାମ୍ନୀ ଜଣେ ଯୁବତୀ, (ଯାହାର ଆତ୍ମା ଅତୃପ୍ତ ରହିଛି) ସଂସ୍ପର୍ଶରେ ଆସିବା ପରେ କାହାଣୀରେ ଆସେ ରୋଚକ ପରିବର୍ତ୍ତନ। ତେବେ ସୁନୟନା ଆତ୍ମା କାହିଁକି ଅତୃପ୍ତ ରହିଛି ଏବଂ ପରବର୍ତ୍ତୀ ସମୟରେ ଅମିତ-ନେହାର ପ୍ରେମ କିପରି ଆଗକୁ ଆଗଉଛି ଆଉ ସତ୍ୟଜିତ ଏବଂ ଶଙ୍କରଙ୍କ ଭିତରେ ଥିବା ବନ୍ଧୁତା ଅତୁଟ ରହେ କି ନାହିଁ ତାହାର ଉତ୍ତର ସିନେମାଟି ଦେଖିଲେ ହିଁ ଜାଣିପାରିବେ। ହଁ, ଏଭଳି ଏକ ରହସ୍ୟ, ରୋମାଞ୍ଚଭରା କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଜହ୍ନ ରାତିର ସାଥି'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଜୟ କୁମାର ରାଉତ। କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ବିକାଶ କୁମାର ରାଉତ। ଏଥିରେ ସମରେଶ ରାଉତରାୟ ଗୁଣିଆ ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି। ଜିତେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର, ସମ୍ବିତ ଆଚାର୍ଯ୍ୟ, ଶୀତଲ ପାତ୍ର, ପୁନମ ମିଶ୍ର, ପ୍ରଜ୍ଞା ଖଟୁଆ, ପୃଥିରାଜ ନାୟକ, ନୈନା ଦାଶ ଏବଂ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ କଳାକାର। ଚିତ୍ରଟିର ସେନସର କାମ ଶେଷ ହୋଇଛି ଏବଂ ଏହା ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ସୂଚନା ଦେଇଛନ୍ତି ପ୍ରଯୋଜକ।



ସିଦ୍ଧାନ୍ତ

# ଗ୍ୟାସ୍ ଲାଇଟ୍

ସୈଫ ତନୟା ସାରା ଅଲ୍ଲୀ ଖାଁଙ୍କ ଖୁସି କହିଲେ ନ ସରେ। କାରଣ ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। କଥା କ'ଣ କି ସେ ଅଭିନୟ କରୁଥିବା ନୂଆ ସିନେମା 'ଗ୍ୟାସ୍ ଲାଇଟ୍'ର କାହାଣୀ ତାଙ୍କ ମନକୁ ଛୁଇଁପାରିଛି। କେବଳ ସେତିକି ନୁହେଁ, ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ଆଶା ବାନ୍ଧି ବସିଛନ୍ତି ସାରା। ଏ ନେଇ ସେ କହନ୍ତି, "ଏଭଳି ଏକ ସିନେମାରେ ଅଭିନୟ କରିବାକୁ ମୁଁ ଚାହିଁ ବସିଥିଲି କହିଲେ ଆଦୌ ଭୁଲ୍ ହେବ ନାହିଁ। ଯେତେବେଳେ ଏହାର କାହାଣୀ ଶୁଣିଲି ସେତେବେଳେ ତାହା ମୋତେ ବେଶ୍ ଇମ୍ପ୍ରେସ କରିଥିଲା। ଏହାବ୍ୟତୀତ ଏଥିରେ ମୋ ଭୂମିକା ମଧ୍ୟ କୌଣସି ଗୁଣରେ କମ୍ ନୁହେଁ। ତେଣୁ ଫିଲ୍ମଟିର ସଫଳତାକୁ ନେଇ ବେଶ୍ କିଛି ଆଶା ରଖିଛି।" ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ପବନ କୃପାଲିନି। ଏଥିରେ ସାରାଙ୍କ ବ୍ୟତୀତ ଚିତ୍ରାଙ୍ଗଦା ସିଂ ଏବଂ ବିକ୍ରାନ୍ତ ମାସେଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ବର୍ଷ ଅକ୍ଟୋବରରେ ରିଲିଜ ହେବାର ଯୋଜନା ରହିଛି।



ସାରା

# ଏ ମନ ଖୋଜୁଥାଏ ଯାହା...

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ମନଲାଖି ଭୂମିକାଟିଏ ପାଇବା ପରେ ତାପସୀ ପାନ୍ନୁ କେମିତି ଖୁସିରେ ଉଛୁଳୁଛନ୍ତି। ଅସଲ କଥା ହେଲା ସେ ଯେଉଁ ନୂଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି ତାହାର କାହାଣୀ ଜଣେ ନାରୀର ସଂଘର୍ଷମୟ ଜୀବନ ଉପରେ ପର୍ଯ୍ୟବସିତ। ହେଲେ ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ଏ ନେଇ ତାପସୀ କହନ୍ତି, 'ଜଣେ ଗାଁଉଲି ନାରୀ କେବେ ଭାବି ନ ଥିଲା ଦିନେ ସେ ସମସ୍ତଙ୍କ ମଙ୍ଗଳ ପାଇଁ ନେତୃତ୍ୱ ନେବ। ହେଲେ ପରିସ୍ଥିତି ତାକୁ ବାଧ୍ୟ କରିଛି। ସମାଜସେବା କରିବାକୁ ଆଗଭର ହେବା ସମୟରେ ତାଙ୍କୁ ବିରୋଧ କରାଯାଇଛି। ହେଲେ ସେ ନିଜ ଲକ୍ଷ୍ୟ ସାଧନ କରିବାକୁ ଅଣ୍ଟା ଭିଡ଼ିଛି। ଏପରି କି ସେ ନିଜ ଜୀବନକୁ ବାଜି ଲଗାଇବାକୁ ପଛାଉ ନାହିଁ।' ତେବେ ଏଭଳି ଏକ ଭୂମିକା ତାଙ୍କ ଆକ୍ଟିଂ କ୍ୟାରିୟରକୁ କି ମୋଡ଼ ଦେଉଛି ତାହା ଦେଖିବାକୁ ବାକି ରହିଲା।



ତାପସୀ

# ୱେଲ୍ସ ବିପକ୍ଷରେ ବୃହତ୍ ବିଜୟ ଲକ୍ଷ୍ୟରେ ଭାରତ

**ଭୁବନେଶ୍ୱର, ୧୮।୧ (କ୍ରୀଡ଼ା ପ୍ରତିନିଧି)**

ଚଳିତ ହକି ବିଶ୍ୱକପ୍‌ରେ ଗୁରୁବାର ୪ଟି ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ମଧ୍ୟରୁ ପୁଲ୍ 'ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ୱେଲ୍ସକୁ ଭେଟିବ ଭାରତ। ରାତି ୭ଟାରେ ଏହି ମ୍ୟାଚ ଆରମ୍ଭ ହେବ। ଏହି ଗ୍ରୁପ୍‌ରେ ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ଅନ୍ୟ ଏକ ମ୍ୟାଚ ଅପରାହ୍ନ ୫ଟାରେ ଖେଳାଯିବ। କ୍ରସ୍ ଓଭରର ଜଟିଳତା ମଧ୍ୟରେ ନ ପଶି ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇବାକୁ ହେଲେ ଭାରତକୁ ବୃହତ୍ ବ୍ୟବଧାନରେ ୱେଲ୍ସକୁ ହରାଇବାକୁ ପଡ଼ିବ। ଭାରତ ଏହାର ପ୍ରଥମ ୨ଟି ପୁଲ୍ ମ୍ୟାଚ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳିଥିଲା। ତେଣୁ ଚଳିତ ଟୁର୍ନାମେଣ୍ଟରେ ପ୍ରଥମଥର ପାଇଁ କଳିଙ୍ଗ ଷ୍ଟାଡିୟମରେ ଖେଳିବ।

## ପୁଲ୍ 'ଡି'ର ସ୍ଥିତି

ପୁଲ୍ ପର୍ଯ୍ୟାୟରେ ୨ଟି ଲେଖାଏ ମ୍ୟାଚ ଶେଷ ହୋଇଛି। ଗୁରୁତ୍ୱପୂର୍ଣ୍ଣ ଅନ୍ତିମ ପର୍ଯ୍ୟାୟ ବିଭିନ୍ନ ଦଳର ଭାଗ୍ୟ ନିର୍ଣ୍ଣୟ କରିବ। ଭାରତ ସ୍ଥାନ ପାଇଥିବା ପୁଲ୍ 'ଡି'ର ସ୍ଥିତି ଏପରି ରହିଛି। ଭାରତ ଏହାର ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ୨-୦ ଗୋଲରେ ହରାଇଥିବାବେଳେ ଇଂଲଣ୍ଡ ବିପକ୍ଷ ମ୍ୟାଚକୁ ଗୋଲଶୂନ୍ୟ ଡ୍ର ରଖିଥିଲା। ଅନ୍ୟପକ୍ଷରେ ଇଂଲଣ୍ଡ ଏହାର ପ୍ରଥମ ମ୍ୟାଚକୁ ୱେଲ୍ସ ବିପକ୍ଷରେ ୫-୦ ଗୋଲରେ ଜିତିଥିଲା। ତେଣୁ ଗୋଲ ବ୍ୟବଧାନରେ ଇଂଲଣ୍ଡ ଆଗରେ ରହି ପଏଣ୍ଟ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଇଂଲଣ୍ଡର ଗୋଲ ବ୍ୟବଧାନ +୫ ଥିବାବେଳେ ଭାରତର +୨ ରହିଛି। ତେଣୁ ୱେଲ୍ସ ବିପକ୍ଷରେ ବୃହତ୍ ବିଜୟ ହିଁ କେବଳ ଭାରତକୁ ସିଧାସଳଖ କ୍ୱାର୍ଟର ଫାଇନାଲକୁ ନେଇଯାଇ ପାରିବ। ଅନ୍ୟପକ୍ଷରେ ସ୍ପେନ୍ ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନରେ ରହିଛି। ୱେଲ୍ସ ୨ଟି ଯାକ ମ୍ୟାଚ ହାରିଯାଇଥିବାରୁ ଏକପ୍ରକାର ବିଦାୟ ଦ୍ୱାରରେ ପହଞ୍ଚି ଯାଇଛି। ନିୟମ ଅନୁସାରେ ପ୍ରତି ପୁଲ୍‌ରୁ କେବଳ ଶୀର୍ଷସ୍ଥାନୀୟ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇବ। ୨ୟ ଓ ୩ୟ ସ୍ଥାନରେ ରହିବା ଦଳ କ୍ରସ୍ ଓଭର ଖେଳିବେ। ପୁଲ୍ 'ଡି'ର ୨ୟ ଦଳ ପୁଲ୍ 'ସି'ର ୩ୟ ଏବଂ ପୁଲ୍ 'ଡି'ର ୩ୟ ଦଳ ପୁଲ୍ 'ସି'ର ଦ୍ୱିତୀୟ ଦଳକୁ କ୍ରସ୍ ଓଭରରେ ଭେଟିବେ। ପୁଲ୍ 'ଏ' ଓ 'ବି' କ୍ଷେତ୍ରରେ ମଧ୍ୟ ତାହା ହେବ। କ୍ରସ୍ ଓଭରରେ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ଦଳକୁ ଭେଟିବା ସମ୍ଭାବନା ଥିବାରୁ ଭାରତ ଆଗାମୀ ମ୍ୟାଚରେ ୱେଲ୍ସକୁ ବଡ଼ ବ୍ୟବଧାନରେ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚି ଯିବାକୁ ଚାହିଁବ ନିଶ୍ଚିତ। ଘରୋଇ ପିଚ୍ ଓ ଦର୍ଶକ ସମର୍ଥନ ମଧ୍ୟ ଭାରତ ସପକ୍ଷରେ ରହିବ।

ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ବିଫଳତା ଏବଂ ଫିଲ୍ଡ ଗୋଲ ସ୍କୋର କ୍ଷେତ୍ରରେ ସୁଯୋଗର ସଦ୍ବ୍ୟବହାର କରି ନ ପାରିବା ଭାରତ ପାଇଁ ଚିନ୍ତାର କାରଣ ହୋଇଛି। କାରଣ ୨ଟି ମ୍ୟାଚ ଖେଳି ସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପେନାଲ୍ଟି କର୍ନରରୁ ଗୋଟିଏ ହେଲେ ଗୋଲ ସିଧାସଳଖ କରି ପାରିନାହିଁ। ଇଂଲଣ୍ଡ ବିପକ୍ଷରେ ୪ଟିକୁ ମିଶାଇ ପ୍ରଥମ ୨ଟି ମ୍ୟାଚରେ ଭାରତ ମୋଟ ୯ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଏହା ମଧ୍ୟରୁ ସ୍ପେନ୍ ବିପକ୍ଷ ମ୍ୟାଚରେ କେବଳ ଗୋଟିଏ ଗୋଲ ପେନାଲ୍ଟି କର୍ନରରୁ ସ୍କୋର କରିଥିଲା। ମାତ୍ର ତାହା ସିଧାସଳଖ ହୋଇ ନ ଥିଲା। ଅଧିନାୟକ ହରମନପ୍ରୀତ ସିଂ ମାରିଥିବା ଶଟ୍‌କୁ ସ୍ପେନ୍ ଦଳର ଜଣେ ଡିଫେଣ୍ଡର ରୋକିଥିଲେ। ତାଙ୍କ ଷ୍ଟିକ୍‌ରୁ ବଲ୍ ରିବାଉଣ୍ଡ ହୋଇ ଫେରି ଆସୁଥିବାବେଳେ ଅମିତ ରୋହିଦାସ ଗୋଲ କରିବାରେ ସକ୍ଷମ ହୋଇଥିଲେ। ଅମିତଙ୍କୁ ଛାଡ଼ିଦେଲେ ଏପର୍ଯ୍ୟନ୍ତ ଭାରତ ପକ୍ଷରୁ କେବଳ ହାର୍ଦ୍ଦିକ ସିଂ ଗୋଲ ଦେଇଛନ୍ତି। ସେ ପୁଣି ଆହତ ସମସ୍ୟାରେ ଥିବାରୁ ଆଗାମୀ ମ୍ୟାଚ ଖେଳିବେ ନାହିଁ। ଅନ୍ୟ କୌଣସି ଖେଳାଳି ଏପର୍ଯ୍ୟନ୍ତ ପ୍ରତିପକ୍ଷ ଦଳର ରକ୍ଷଣଭାଗକୁ ଅତିକ୍ରମ କରି ଗୋଲ ଦେଇପାରି ନାହାନ୍ତି।

## ଇଂଲଣ୍ଡ-ସ୍ପେନ୍ କଡ଼ା ଟକ୍କର

ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ଏହି ପୁଲ୍‌ର ଅନ୍ୟ ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ୱେଲ୍ସ ବିପକ୍ଷରେ ବଡ଼ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଇଂଲଣ୍ଡ ଦ୍ୱିତୀୟ ମ୍ୟାଚରେ ଭାରତଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ଏକାଧିକ ସୁଯୋଗ ପାଇଥିଲେ ହେଁ ଭାରତୀୟ ରକ୍ଷଣଭାଗ ଏବଂ ଗୋଲକିପରଙ୍କୁ ଚକ୍‌ମା ଦେଇ ଗୋଲ ଦେଇପାରି ନ ଥିଲା। ତେଣୁ ସ୍ପେନ୍ ବିପକ୍ଷ ମ୍ୟାଚ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଅନ୍ୟ ପକ୍ଷରେ ଭାରତଠାରୁ ପ୍ରଥମ ମ୍ୟାଚରେ ହାରିବା ପରେ ସ୍ପେନ୍ ଦ୍ୱିତୀୟ ମ୍ୟାଚରେ ୱେଲ୍ସକୁ ୫-୧ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ୩ ପଏଣ୍ଟ ପାଇଥିବା ସ୍ପେନ୍ ଦଳର ଗୋଲ ବ୍ୟବଧାନ ମଧ୍ୟ +୨ ରହିଛି। ଭାରତ ବିପକ୍ଷରେ ଦଳ ଗୋଟିଏ ହେଲେ ଗୋଲ ଦେଇପାରି ନ ଥିଲା, ମାତ୍ର ୱେଲ୍ସ ବିପକ୍ଷରେ ୫ ଗୋଲ ଦେବାରେ ସକ୍ଷମ ହୋଇଥିଲା। ମାକ୍ର ରେନେ ୧୭ ଓ ୩୯ତମ ମିନିଟରେ ଏବଂ ମାର୍କ ମିରାଲେସ ପୋର୍ଟିଲୋ ୨ଟି ଲେଖାଏ ଗୋଲ ଦେଇ ଦଳକୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଲଭାରୋ ଇଗ୍ଲେସିଆସ ମାର୍କୋସ ମଧ୍ୟ ଗୋଟିଏ ଗୋଲ ଦେଇଥିଲେ। ଅନ୍ତର୍ଜାତୀୟ ହକିରେ ସ୍ପେନ୍ ଏକ ଲଢୁଆ ଦଳଭାବେ ମଧ୍ୟ ବେଶ୍ ପରିଚିତ। ତେଣୁ ମନୋବଳ ବୃଦ୍ଧି କରିଥିବା ଏହି ଦଳ ଆଗାମୀ ମ୍ୟାଚରେ ଇଂଲଣ୍ଡକୁ ଯେ କଡ଼ା ଚ୍ୟାଲେଞ୍ଜ ଦେବ ଏଥିରେ ଦ୍ୱିମତ ନାହିଁ।

**ହକି ବିଶ୍ୱକପ୍**

(ଆଜିର ମ୍ୟାଚ)

**ମାଲେସିଆ ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ ଅପରାହ୍ନ ୧ଟା

**ନେଦରଲାଣ୍ଡସ୍ ବନାମ ଚିଲି**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ:ଅପରାହ୍ନ ୩ଟା

**ସ୍ପେନ୍ ବନାମ ଇଂଲଣ୍ଡ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା

**ଭାରତ ବନାମ ୱେଲ୍ସ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ରାତି ୭ଟା



ଖବରଦାତା ସମ୍ମିଳନୀରେ କୋଚ୍ ଗ୍ରାହାମ ରିଡ୍ ଓ ଅଧିନାୟକ ହରମନପ୍ରୀତ ସିଂ।

# ଅନେକଗୁଡ଼ିଏ ଚିନ୍ତା ବିପଜ୍ଜନକ ହୋଇପାରେ: ରିଡ୍

ଚଳିତି ହକି ବିଶ୍ୱକପର କ୍ୱାର୍ଟର ଫାଇନାଲକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାକୁ ହେଲେ ଭାରତ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚରେ ୱେଲ୍ସ ବିପକ୍ଷରେ ବୃହତ୍ ବିଜୟ ହାସଲ କରିବା ଆବଶ୍ୟକ ହେଉଛି। ଦୁଇଟି ଦଳର ପଏଣ୍ଟ ସମାନ ହେଲେ ଗୋଲ ବ୍ୟବଧାନ ନିର୍ଣ୍ଣାୟକ ହେବାକୁ ଥିବାରୁ ଏପରି ପରିସ୍ଥିତି ଉପୁଜିଛି। ତେବେ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ଏହାକୁ ନେଇ ବିଶେଷ ଚିନ୍ତିତ ନାହାନ୍ତି। ଭାରତ ଆରମ୍ଭରୁ ଏହାର ସ୍ୱାଭାବିକ ଗେମ୍ ଖେଳିବ ବୋଲି ସେ ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ବୁଧବାର ପ୍ରକାଶ କରିଛନ୍ତି। ଆମେଯଦି ଆରମ୍ଭରୁ ଅନେକ ଗୁଡ଼ିଏ କଥା ଚିନ୍ତାକରି ଖେଳିବୁ ତାହା ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଆମେ ଧୈର୍ଯ୍ୟର ସହ ଖେଳ ଆରମ୍ଭ କରିବୁ ଏବଂ ମ୍ୟାଚ ଆଗେଇଲେ ପରବର୍ତ୍ତୀ କଥା ଚିନ୍ତା କରିବୁ ବୋଲି ସେ କହିଛନ୍ତି। ଭାରତ ଚଳିତ ଟୁର୍ନାମେଣ୍ଟରେ ଅଧିକ ଗୋଲ ସ୍କୋରିଂରେ ବିଫଳ ହୋଇଛି। ୨ଟି ମ୍ୟାଚରେ ମାତ୍ର ୨ଟି ଗୋଲ ଦେଇପାରିଛି। ଏହାର ଉତ୍ତରରେ ରିଡ୍ କହିଲେ ଯେ, ଆମେ ଯଦି ସୁଯୋଗ ସୃଷ୍ଟି କରିପାରି ନ ଥାନ୍ତୁ ତେବେ ଚିନ୍ତିତ ହୋଇଥାନ୍ତୁ। ଆମେ ଅନେକ ସୁଯୋଗ ସୃଷ୍ଟି କରିଛୁ। ବାକି ରହିଲା ଫିନିଶିଂ କଥା। ତାହା ଖୁବ୍ ଶୀଘ୍ର ଦେଖିବାକୁ ମିଳିବାନେଇ ଆଶା ରହିଛି। ହାର୍ଦ୍ଦିକ ସିଂଙ୍କ ଏମ୍‌ଆର୍‌ଆଇ ରିପୋର୍ଟ ଭଲ ଅଛି। ତେଣୁ ସେ ଶୀଘ୍ର ସୁସ୍ଥ ହେବେ ବୋଲି ଆଶା ରଖିଛୁ। ପେନାଲ୍ଟି କର୍ନର ନିୟମ ପରିବର୍ତ୍ତନ କରି ଡିଫେଣ୍ଡିଂ ଖେଳାଳିଙ୍କୁ ଅଧିକ ରିଆକ୍ସନ ଟାଇମ୍ ଦେବା ସପକ୍ଷରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଚିନ୍ତା କରୁଛି। ଏହାଦ୍ୱାରା ଡ୍ରାଗ୍-ଫ୍ଲିକରଙ୍କ ହାଇ ସ୍ପିଡ୍ ବଲ୍‌ର ସମ୍ମୁଖୀନ ହେଉଥିବା ଡିଫେଣ୍ଡରମାନେ ସୁରକ୍ଷିତ ରହିପାରିବେ। ଏ ସମ୍ପର୍କରେ ମତ ଦେବାକୁ ଯାଇ ଅଧିନାୟକ ହରମନପ୍ରୀତ ସିଂ କହିଛନ୍ତି ଯେ, ଏହା ପେନାଲ୍ଟି କର୍ନର ଡିଫେଣ୍ଡରଙ୍କ ପାଇଁ ଭଲ। ମାତ୍ର ଏହା କନଭର୍ସନ ହାରକୁ ପ୍ରଭାବିତ କରିପାରିବ ନାହିଁ।



ୱେଲ୍ସ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଅନ୍ତିମ ଗ୍ରୁପ୍ ମ୍ୟାଚ ପୂର୍ବରୁ କଳିଙ୍ଗ ଷ୍ଟାଡିୟମରେ ବୁଧବାର ଭାରତୀୟ ହକି ଦଳର ଅଭ୍ୟାସ।

# ୩ଟି ଯାକ ମ୍ୟାଚ ଜିତିଛି ଭାରତ

ୱେଲ୍ସ ବିପକ୍ଷରେ ଭାରତ ଅଲ୍ ୱିନ୍ ରେକର୍ଡ ବହନ କରୁଛି। ଅର୍ଥାତ୍ ଏହା ବିପକ୍ଷରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ୩ଟି ମ୍ୟାଚ ଖେଳିଥିବାବେଳେ ସବୁଥିରେ ବିଜୟ ସ୍ୱାଦ ଚାଖିଛି। ୨୦୧୪ ଜୁଲାଇ ୨୫ରେ ଉଭୟ ଦଳ ମଧ୍ୟରେ ପ୍ରଥମଥର ପାଇଁ ୨୦ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମୁକାବିଲା ହୋଇଥିଲା। ଏଥିରେ ଭାରତ ୩-୧ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ଥର ପାଇଁ ଉଭୟେ ୨୧ତମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୨୦୧୮ ଏପ୍ରିଲ ୮ରେ ପରସ୍ପରକୁ ଭେଟିଥିଲେ। ଏଥିରେ ଭାରତ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ୪-୩ ଗୋଲରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ଶେଷଥର ପାଇଁ ଭାରତ ଓ ୱେଲ୍ସ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଗଷ୍ଟ ୪ରେ ମ୍ୟାଚ ଖେଳିଥିଲେ। ଭାରତ ପ୍ରଭାବୀ ପ୍ରଦର୍ଶନ କରି ୪-୧ ଗୋଲରେ ୱେଲ୍ସକୁ ପରାସ୍ତ କରିଥିଲା।

## ସ୍ପେନ୍-୧୨, ଇଂଲଣ୍ଡ-୬

ରେକର୍ଡ ଅନୁସାରେ ଇଂଲଣ୍ଡ ବିପକ୍ଷରେ ସ୍ପେନ୍‌ର ବିଜୟ ହାର ଅଧିକ ରହିଛି। ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୨୪ଟି ମ୍ୟାଚ ଖେଳାଯାଇଛି। ଏହା ମଧ୍ୟରୁ କେବଳ ସ୍ପେନ୍ ୧୨ଟି ମ୍ୟାଚ ଜିତିଥିବାବେଳେ ଇଂଲଣ୍ଡ ୬ଟି ମ୍ୟାଚ ଜିତିଛି ଏବଂ ଅନ୍ୟ ୬ ମ୍ୟାଚ ଡ୍ର ରହିଛି। ତେଣୁ ସ୍ପେନ୍ ପଲା ଭାରି ରହିଛି। ୨୦୨୨ରେ କିନ୍ତୁ ଅନୁଷ୍ଠିତ ୨ଟି ଯାକ ମ୍ୟାଚରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଫେବୃୟାରୀ ୪ ଓ ୫ରେ ଅନୁଷ୍ଠିତ ୨୦୨୧-୨୨ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୨ଟି ମ୍ୟାଚରେ ଇଂଲଣ୍ଡ ଯଥାକ୍ରମେ ୬-୧ ଓ ୩-୨ ଗୋଲରେ ବିଜୟୀ ହୋଇଥିଲା। ଇଂଲଣ୍ଡ ବିପକ୍ଷରେ ସ୍ପେନ୍‌ର ଶେଷ ବିଜୟ ଆସିଥିଲା ୨୦୧୯ରେ। ଚତୁଃ ରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟର ଏକ ମ୍ୟାଚରେ ସ୍ପେନ୍ ୪-୨ ଗୋଲରେ ଜିତିଥିଲା।

# ପୁଲ୍ 'ସି'ର ଭାଗ୍ୟ ନିର୍ଦ୍ଧାରଣ ଆଜି

**ଭୁବନେଶ୍ୱର, ୧୮।୧ (କ୍ରୀଡ଼ା ପ୍ରତିନିଧି)**

ହକି ବିଶ୍ୱକପ ଗ୍ରୁପ୍ ମ୍ୟାଚ ଗୁଡ଼ିକର ଅନ୍ତିମ ପର୍ଯ୍ୟାୟ ଉପନୀତ ହୋଇଛି। ଗୁରୁବାର ପୁଲ୍ ସି' ଓ 'ଡି'ର ଭାଗ୍ୟ ନିର୍ଦ୍ଧାରଣ ହେବ। ଏହି ମ୍ୟାଚ ଗୁଡ଼ିକପରେ କେଉଁ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବ ଏବଂ କେଉଁ ୨ଟି ଦଳ କ୍ରସ୍ ଓଭର ଖେଳିବାକୁ ଯିବେ ତାହା ନିର୍ଦ୍ଧାରିତ ହେବ। ପୁଲ୍ 'ସି'ରେ ଗତଥରର ରନରଅପ୍ ନେଦରଲାଣ୍ଡସ୍, ନ୍ୟୁଜିଲାଣ୍ଡ, ମାଲେସିଆ ଓ ଚିଲି ସ୍ଥାନ ପାଇଛନ୍ତି। ନେଦରଲାଣ୍ଡସ୍ କ୍ରମାଗତ ୨ଟି ମ୍ୟାଚ ଜିତି କ୍ୱାର୍ଟର ଫାଇନାଲ ପକ୍କା କରି ସାରିଛି। ୬ ପଏଣ୍ଟ ପାଇ ସାରିଥିବାବେଳେ ଦଳର ଗୋଲ ବ୍ୟବଧାନ ମଧ୍ୟ +୮ ରହିଛି। ନେଦରଲାଣ୍ଡସ୍ ଏହାର ଶେଷ ଲିଗ୍ ମ୍ୟାଚରେ ବିଶ୍ୱକପରେ ଅନ୍ୟତମ ପ୍ରଥମ ପଦାର୍ପଣକାରୀ ଦଳ ଚିଲିକୁ ଭେଟିବ। ବଡ଼ ଟୁର୍ନାମେଣ୍ଟ ଖେଳିବାରେ ଅଭିଜ୍ଞତାର ଅଭାବ ଚିଲି ପ୍ରଦର୍ଶନରୁ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଦଳ ୨ଟି ଯାକ ମ୍ୟାଚ ହାରି ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ପଥରେ ରହିଛି। ତେଣୁ ଚିଲି ବିପକ୍ଷରେ ନେଦରଲାଣ୍ଡସ୍ ପଲା ଭାରି ରହିବ ବୋଲି ସହଜରେ ଆକଳନ କରି ହେଉଛି।

## ମାଲେସିଆ-ନ୍ୟୁଜିଲାଣ୍ଡ ପାଇଁ ଗୁରୁତ୍ୱପୂର୍ଣ୍ଣ

ପୁଲ୍ 'ସି'ର ଅନ୍ୟତମ ଦଳ ନ୍ୟୁଜିଲାଣ୍ଡ ୨ଟି ମ୍ୟାଚ ଖେଳି ଗୋଟିଏରେ ବିଜୟ ଓ ପରାଜୟ ରେକର୍ଡ ସହ ୩ ପଏଣ୍ଟ ପାଇଛି। ଦଳର ଗୋଲ ବ୍ୟବଧାନ -୨ ରହିଛି। ଅନ୍ୟପକ୍ଷରେ ମାଲେସିଆ ସମାନ ୩ ପଏଣ୍ଟ ହାସଲ କରିଥିଲେ ହେଁ ଗୋଲ ବ୍ୟବଧାନ -୩ ଥିବାରୁ ଟେବୁଲର ତୃତୀୟ ସ୍ଥାନରେ ରହିଛି। ତେଣୁ ଗୋଲ ବ୍ୟବଧାନରେ ଉନ୍ନତି ଆଣିବା ସହ ୬ ପଏଣ୍ଟରେ ପହଞ୍ଚିବା ଉଭୟ ଦଳର ମୁଖ୍ୟ ଲକ୍ଷ୍ୟ ରହିବ। ନ୍ୟୁଜିଲାଣ୍ଡ ପ୍ରଥମ ମ୍ୟାଚରେ ଚିଲିକୁ ୩-୧ ଗୋଲରେ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚରେ ନେଦରଲାଣ୍ଡସ୍‌ଠାରୁ ୦-୪ ଗୋଲରେ ହାରି ଯାଇଥିଲା। ଅନ୍ୟପକ୍ଷରେ ନେଦରଲାଣ୍ଡସ୍‌ଠାରୁ ୦-୪ରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ମାଲେସିଆ ଦ୍ୱିତୀୟ ମ୍ୟାଚରେ ଚିଲିଠାରୁ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ୩-୨ ଗୋଲରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ତେଣୁ ଆଗାମୀ ମ୍ୟାଚରେ ଜିତିବାକୁ ହେଲେ ମାଲେସିଆକୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ଏହି ଗ୍ରୁପ୍‌ର ପ୍ରଥମ ୪ଟି ମ୍ୟାଚ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳା ଯାଇଥିଲା। ଅନ୍ତିମ ୨ଟି ଗ୍ରୁପ୍ ମ୍ୟାଚ ଭିନ୍ନ ପରିବେଶରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ୪ଟି ଯାକ ଦଳ ଭୁବନେଶ୍ୱର ଆସି ଦୁଇଦିନଧରି କଡ଼ା ଅଭ୍ୟାସ ଚଳାଇଛନ୍ତି। କ୍ୱାର୍ଟର ଫାଇନାଲ ଏବଂ କ୍ରସ୍ ଓଭର ଚିତ୍ର ସ୍ପଷ୍ଟ ହେବାକୁଥିବାରୁ ଅନ୍ତିମ ଗ୍ରୁପ୍ ମ୍ୟାଚ ଗୁଡ଼ିକର ଗୁରୁତ୍ୱ ବଢ଼ି ଯାଇଛି।



ବିର୍ସା ମୁଣ୍ଡା ଷ୍ଟାଡିୟମରେ ନେଦରଲାଣ୍ଡସ୍ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# 'ହକିକୁ କ୍ୟାରିୟର କରିଥିବାରୁ ଗର୍ବ ଲାଗୁଛି'

**ଭୁବନେଶ୍ୱର, ୧୮।୧ (ତପନ ସ୍ୱାଇଁ)**

"ଭାରତ ଏବଂ ଓଡ଼ିଶାରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ହେଉଛି ହକି ବିଶ୍ୱକପ୍। ଏଥିପାଇଁ ସମଗ୍ର ଓଡ଼ିଶାରେ ଉତ୍ସବର ପରିସ୍ଥିତି ସୃଷ୍ଟି ହୋଇଛି। ବହୁତ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଭୁବନେଶ୍ୱର କୁହନ୍ତୁ କିମ୍ବା ରାଉରକେଲା ସହରର ଚିତ୍ର ବଦଳିଛି। ସବୁଆଡ଼େ ହକିମୟ ପରିବେଶ। ବିଭିନ୍ନ ସ୍ଥାନରେ ଏହାକୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଚାଲିଛି। ଗୋଟିଏ କଥା ମନେରଖିବାକୁ ହେବ ଯେ ହକି ପାଇଁ ହିଁ ଏ ସବୁ ହେଉଛି। ତେଣୁ ହକିକୁ କ୍ୟାରିୟର କରିଥିବାରୁ ଆଜି ବହୁତ ଗର୍ବ ଅନୁଭବ ହେଉଛି" ବୋଲି ଅଲିମ୍ପିଆନ ଲାଜରୁସ ବାର୍ଲା ପ୍ରକାଶ କରିଛନ୍ତି। ଭୁବନେଶ୍ୱରରେ ପୂର୍ବରୁ ୨୦୧୮ରେ ହକି ବିଶ୍ୱକପ୍ ହୋଇଥିଲା। ଏଥର ଏହା ହକିର ଅନ୍ତୁଡ଼ିଶାଳକୁ ସମ୍ପ୍ରସାରିତ ହୋଇଛି। ଫଳରେ ସମଗ୍ର ସୁନ୍ଦରଗଡ଼ ଜିଲାରେ ଲୋକମାନଙ୍କ ମନରେ ନାହିଁ ନ ଥିବା ଉତ୍ସାହ। ବାଳିକା ବାଳକଙ୍କଠାରୁ ଆରମ୍ଭ କରି ବୁଢ଼ାବୁଢ଼ୀଙ୍କ ମନରେ ଖୁସି କହିଲେ ନ ସରେ। ସମସ୍ତେ ଯେମିତି ଏହାକୁ ନିଜର କାର୍ଯ୍ୟ ଭାବି ଉପଭୋଗ କରୁଛନ୍ତି।

## ଆଧୁନିକ ହକି ଆରମ୍ଭ ହେବ

ଓଡ଼ିଶାରୁ ଯେତେ ହକି ଖେଳାଳି ବାହାରିଛନ୍ତି ତା' ମଧ୍ୟରୁ ଅଧିକାଂଶ ସୁନ୍ଦରଗଡ଼ ଜିଲାର। ଆମେ ସବୁସେ ସମୟର ଟୁର୍ନାମେଣ୍ଟ ଖେଳି ନିଜ ପ୍ରତିଭା ଦେଖାଇଛୁ। ମାତ୍ର ଏବେ ସେଠାରେ ଆଧୁନିକ ହକି ଆରମ୍ଭ ହେବ। ସୁନ୍ଦରଗଡ଼ର ସମସ୍ତ ୧୭ଟି ଯାକ ବ୍ଲକରେ ଅଷ୍ଟ୍ରୋଟର୍ଫ ପଡ଼ିଆ ଉପଲବ୍ଧ ହୋଇଛି। ଫଳରେ ଯଦି ସେଗୁଡ଼ିକରୁ ସଦୁପଯୋଗ କରାଯାଏ ତେବେ ସେ ଅଞ୍ଚଳର ପିଲାମାନେ ଆଧୁନିକ ହକି ଖେଳିବା ଆରମ୍ଭ କରିପାରିବେ। ଏହା ହେଲେ ଏକ ନୂଆ ଯୁଗର ସୂତ୍ରପାତ ହୋଇପାରିବ ଏବଂ ସୁନ୍ଦରଗଡ଼ରୁ ଆଗାମୀ ଦିନରେ ଆହୁରି ଅନେକ ପିଲା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିପାରିବେ।

## ୟୁରୋପୀୟ ଦଳଗୁଡ଼ିକର ପଲା ଭାରି ରହିଛି

ଗତ ବିଶ୍ୱକପ୍‌ରେ ବେଲ୍‌ଜିୟମ ଚାମ୍ପିୟନ ହେବ ବୋଲି କେହି କେବେ ଆଶା କରି ନ ଥିଲେ। ଏଥର ମଧ୍ୟ ୟୁରୋପୀୟ ଦଳ ଗୁଡ଼ିକ ଭଲ ଆରମ୍ଭ କରିଛନ୍ତି। କେଉଁ ମ୍ୟାଚରେ ଯଦି ବିପର୍ଯ୍ୟୟ ସୃଷ୍ଟି ହୁଏ ତେବେ ଭିନ୍ନ କଥା। ତେବେ ରେକର୍ଡ ଓ ନିକଟ ଅତୀତର ପ୍ରଦର୍ଶନ ଦେଖିଲେ ୟୁରୋପୀୟ ଦଳ ନେଦରଲାଣ୍ଡସ୍, ଜର୍ମାନୀ, ସ୍ପେନ୍, ବେଲ୍‌ଜିୟମ ସହ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟ ଟାଇଟଲ ଦାବିଦାର ରହିବ ବୋଲି କହି ହେବ।

## ପୋଡିୟମ ଫିନିଶ ଜରୁରୀ

ଭାରତ କ୍ରମାଗତ ଦ୍ୱିତୀୟଥର ଘରୋଇ ପରିବେଶରେ ବିଶ୍ୱକପ୍ ଖେଳୁଛି। ପରିବେଶ ସହିତ ଅଭ୍ୟସ୍ତ ଥିବାରୁ ଭାରତ ଏଥର ପୋଡିୟମ ଫିନିଶ କରୁ ବୋଲି ଆମେ ସମସ୍ତେ ଆଶା କରୁଛୁ। ବିଶେଷ କରି ଗତ ଅଲିମ୍ପିକ୍ସରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବାରୁ ଏହି ସମ୍ଭାବନା ବଢ଼ିଛି। ତେବେ ଏଥିପାଇଁ ସତର୍କତା ଅବଲମ୍ବନ କରିବାକୁ ହେବ। ଭାରତର ଆରମ୍ଭ ଭଲ ହୋଇଛି। ୱେଲ୍ସ ବିପକ୍ଷ ଅନ୍ତିମ ଗ୍ରୁପ୍ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ।

## ଅମିତ, ନୀଲମଙ୍କ ସ୍ୱପ୍ନ ସାର୍ଥକ

ଗତ ବିଶ୍ୱକପ୍‌ରେ ଅମିତ ରୋହିଦାସ ଘରୋଇ ପରିବେଶରେ ଖେଳିଥିଲେ। ଏଥର ନିଜ ମାଟିରେ ଅମିତ ଓ ନୀଲମ ସଞ୍ଜୀପ ଖେସ୍ ଖେଳୁଛନ୍ତି। ଏହା ସ୍ୱପ୍ନ ସତ ହେବାଭଳି କଥା। କାରଣ ସବୁ ଖେଳାଳି ନିଜ ମାଟିରେ ବଡ଼ ପ୍ରତିଯୋଗିତା ଖେଳିବାକୁ ସ୍ୱପ୍ନ ଦେଖିଥାନ୍ତି। ଆମ ରାଜ୍ୟ ସରକାରଙ୍କ ଆନ୍ତରିକ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ହଁ ୨୦,୦୦୦ ଘରୋଇ ଦର୍ଶକଙ୍କ ସମ୍ମୁଖରେ ମ୍ୟାଚ ଖେଳିବାର ଚାପ ତ ନିଶ୍ଚିତ ରହିଥିବ।

## ଆକ୍ରମଣ ରଣନୀତିକୁ ଗୁରୁତ୍ୱ

ବିଶ୍ୱ ହକିରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି। ଆମ ସମୟର ଖେଳ ଓ ଏବେକାର ଖେଳ ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ଅନେକ ନିୟମ ପରିବର୍ତ୍ତନ ହୋଇଛି। ମ୍ୟାଚ ୪ କ୍ୱାର୍ଟର ବିଶିଷ୍ଟ ୧ ଘଣ୍ଟିଆ ହୋଇଯାଇଛି। ପ୍ରାୟତଃ ଦଳ ଆକ୍ରମଣାତ୍ମକ ରଣନୀତିରେ ହକି ଖେଳୁଛନ୍ତି। ମ୍ୟାଚ ଆରମ୍ଭ ହେବାକ୍ଷଣି ଗୋଲ ସ୍କୋର ଉପରେ ଫୋକସ କରାଯାଉଛି ବୋଲି ବୋଲି ଲାଜରୁସ ପ୍ରକାଶ କରିଛନ୍ତି।



ଲାଜରୁସ ବାର୍ଲା

# ଭାରତର ସଂଘର୍ଷପୂର୍ଣ୍ଣ ବିଜୟ



ଶୁବମନ ଗିଲ୍

**ହାଇଦ୍ରାବାଦ,୧୮।୧**

ଶୁବମନ ଗିଲ୍‌ଙ୍କ ଦ୍ୱିଶତକ ଏବଂ ମାଇକେଲ ବ୍ରେସୱେଲଙ୍କ ବିସ୍ଫୋରକ ଶତକ ବୁଧବାର ଏଠାରେ ଅନୁଷ୍ଠିତ ଭାରତ-ନ୍ୟୁଜିଲାଣ୍ଡ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ବିଭିନ୍ନ ସମୟରେ ନାଟକୀୟ ମୋଡ଼ ନେବାପରେ ଏହି ହାଇସ୍କୋରିଂ ମ୍ୟାଚରେ ଭାରତ ଶେଷରେ ୧୨ ରନରେ ବିଜୟୀ ହେବାରେ ସକ୍ଷମ ହୋଇଛି। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଗିଲଙ୍କ ୨୦୮ ରନ୍ ବଳରେ ୮ ଉଇକେଟ ହରାଇ ୩୪୯ ରନ୍ କରିଥିଲା। ଜବାବରେ ବ୍ରେସୱେଲଙ୍କ ଦ୍ରୁତ ୧୪୦ ରନ୍ ସତ୍ତ୍ୱେ ନ୍ୟୁଜିଲାଣ୍ଡ ୪୯.୨ ଓଭରରେ ୩୩୭ ରନ୍‌କରି ଅଲଆଉଟ ହୋଇ ଯାଇଥିଲା। ଭାରତ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରୋହିତ ଶର୍ମା ୩୪, ସୂର୍ଯ୍ୟକୁମାର ଯାଦବ ୩୧ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୮ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଡାରିଲ ମିଚେଲ ଓ ହେନ୍‌ରୀ ଶିପ୍‌ଲି ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ୩୫୦ ରନ୍ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଓପନର ଫିନ୍ ଆଲେନ୍ ୪୦ ରନ୍ କରିଥିବା ବେଳେ ଟପ୍-୬ ମଧ୍ୟରେ

## ଗିଲ୍‌ଙ୍କ ଦ୍ୱିଶତକ

ଥିବା ଅନ୍ୟ ବ୍ୟାଟର ମାନେ ବିଫଳ ହୋଇଥିଲେ। ୧୩୧ ରନରେ ଦଳ ୬ ଉଇକେଟ ହରାଇଥିବା ବେଳେ ସପ୍ତମ ଉଇକେଟରେ ମିଚେଲ ସାଣ୍ଟନର(୫୭)ଙ୍କ ସହିତ ୧୦୨ ବଲରେ ୧୬୨ ରନ୍ ଯୋଡିଥିଲେ ବ୍ରେସୱେଲ। ବ୍ରେସୱେଲ ୭୭ ବଲ୍ ଖେଳି ୧୨ ଚୌକା ଓ ୧୦ ଛକା ମାରିଥିଲେ। ମହମ୍ମଦ ସିରାଜ ୪୬ ତମ ଓଭରରେ ଲଗାତାର ବଲରେ ସାଣ୍ଟନର ଓ ସିପ୍‌ଲିଙ୍କୁ ଆଉଟ କରି ମ୍ୟାଚର ମୋଡ଼ ବଦଳାଇଥିଲେ। ତେବେ ବ୍ରେସୱେଲ ଚମତ୍କାର ବ୍ୟାଟିଂ କରି ଦଳକୁ ବିଜୟର ନିକଟତର କରିଥିଲେ। ଅନ୍ତିମ ଓଭରରେ ବିଜୟ ପାଇଁ ୨୦ ରନ୍ ଥିବା ବେଳେ ପ୍ରଥମ ବଲରେ ଛକା ମାରିଥିଲେ ବ୍ରେସୱେଲ। ପରବର୍ତ୍ତୀ ବଲ ୱାଇଡ ହେବା ପରେ ୫ ବଲରୁ ୧୩ ରନ୍ ଆବଶ୍ୟକ ଥିଲା। ଅନ୍ତିମ ଓଭର ବୋଲିଂ କରୁଥିବା ଶାର୍ଦ୍ଦୂଳ ଠାକୁର ଏକ ଚମତ୍କାର ୟର୍କର ଜରିଆରେ ବ୍ରେସୱେଲଙ୍କୁ ଲେଗ୍ ବିଫୋର କରିଥିଲେ। ଭାରତ ପକ୍ଷରୁ ମହମ୍ମଦ ସିରାଜ ୪, କୁଲଦୀପ ଯାଦବ ଓ ଶାର୍ଦ୍ଦୂଳ ଠାକୁର ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଏହି ବିଜୟ ସହିତ ଭାରତ ତିନି ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି। ଗିଲ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ଶନିବାର ରାୟପୁରରେ ସିରିଜର ଦ୍ୱିତୀୟ ମ୍ୟାଚ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୪୯/୮(ଶୁବମନ ଗିଲ୍-୨୦୮, ରୋହିତ ଶର୍ମା-୩୪, ସୂର୍ଯ୍ୟକୁମାର ଯାଦବ-୩୧, ଡାରିଲ ମିଚେଲ-୨/୩୦, ହେନ୍‌ରୀ ଶିପ୍‌ଲି-୨/୭୪, ମିଚେଲ ସାଣ୍ଟନର-୧/୫୭)। ନ୍ୟୁଜିଲାଣ୍ଡ- ୪୯.୨ ଓଭରରେ ୩୩୭/୧୦ (ମାଇକେଲ ବ୍ରେସୱେଲ-୧୪୦, ମିଚେଲ ସାଣ୍ଟନର-୫୭, ଫିନ୍ ଆଲେନ୍-୪୦, ମହମ୍ମଦ ସିରାଜ-୪/୪୬, କୁଲଦୀପ ଯାଦବ-୨/୪୩, ଶାର୍ଦ୍ଦୂଳ ଠାକୁର-୨/୫୪)।

### କୀର୍ତ୍ତିମାନ

- ୩.କ୍ୟାରିୟରର ତୃତୀୟ ଶତକକୁ ଦ୍ୱିଶତକରେ ପରିଣତ କରିଛନ୍ତି ଶୁବମନ ଗିଲ୍।
- ୨୩ ବର୍ଷ ୧୩୨ ଦିନ: ସର୍ବକନିଷ୍ଠ ଖେଳାଳି ଭାବେ ୨୩ ବର୍ଷ ୧୩୨ ଦିନରେ ଦ୍ୱିଶତକ। ପୂର୍ବରୁ ୨୪ ବର୍ଷ ୧୪୫ ଦିନରେ ଦ୍ୱିଶତକ ହାସଲ କରିଥିବା ଇଶାନ କିଶନଙ୍କ ନାମରେ ଏହି ରେକର୍ଡ ରହିଥିଲା।
- ୧୯: ଦିନିକିଆ କ୍ୟାରିୟରର ୧୯ ତମ ଇନିଂସରେ ଦ୍ୱିଶତକ ହାସଲ କରିଛନ୍ତି ଗିଲ୍।
- ୧୪୯ ବଲ – ୨୦୮ ରନ୍ ( ୧୯ ଚୌକା ଓ ୯ ଛକା)।

## ଏକାଧିକ ରେକର୍ଡ ଭାଙ୍ଗିଲେ ଗିଲ୍

**ହାଇଦ୍ରାବାଦ,୧୮।୧(ପି.ଟି.):** ଭାରତୀୟ ଓପନର ଶୁବମନ ଗିଲ୍ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଏକାଧିକ ରେକର୍ଡ ନିଜ ନାମରେ କରିଛନ୍ତି। ପଞ୍ଚମ ଭାରତୀୟ ଭାବରେ ସେ ଦ୍ୱିଶତକ ହାସଲ କରିବା ସହିତ ଦ୍ରୁତତମ ଭାରତୀୟ ଭାବରେ ଅନ୍ତର୍ଜାତୀୟ ଦିନିକିଆରେ ୧ ହଜାର ରନ୍ ପୂରଣ କରିଛନ୍ତି। ଏହା ସହିତ ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବରେ ଦ୍ୱିଶତକ ହାସଲ କରିବାର ରେକର୍ଡ କରିଛନ୍ତି ଗିଲ୍। ଗିଲ୍‌ଙ୍କ ପୂର୍ବରୁ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ରୋହିତ ଶର୍ମା ଓ ଇଶାନ କିଶନ ଦ୍ୱିଶତକ ହାସଲ କରିଥିଲେ। ଡିସେମ୍ବର ୨୦୨୨ରେ ଦ୍ୱିଶତକ ହାସଲ କରିଥିବା ଇଶାନ କିଶନଙ୍କୁ ପଛରେ ପକାଇ ବିଶ୍ୱର ସର୍ବକନିଷ୍ଠ ବ୍ୟାଟର ଭାବରେ ଦ୍ୱିଶତକର ରେକର୍ଡ ନିଜ ନାମରେ କରିଛନ୍ତି। ୨୪ ବର୍ଷ ୧୪୫ ଦିନରେ ଇଶାନ ନିଜର ଦ୍ୱିଶତକ ପୂରଣ କରିଥିବା ବେଳେ ୨୩ ବର୍ଷ ୧୩୨ ଦିନରେ ଏହି ରେକର୍ଡ ଭାଙ୍ଗିଛନ୍ତି ଗିଲ୍। ୨୬ ବର୍ଷ ୧୮୬ ଦିନରେ ଦ୍ୱିଶତକ ସହିତ ରୋହିତ ଶର୍ମା ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ୨୩ ବର୍ଷୀୟ ଗିଲ୍ ୪୯ ତମ ଓଭରରେ ଲୋକି ଫର୍ଗୁସନଙ୍କୁ ଲଗାତର ୩ଟି ଛକା ମାରିବା ସହିତ ସମ୍ପୂର୍ଣ୍ଣ ଷ୍ଟାଇଲରେ ନିଜର ଦ୍ୱିଶତକ ସମ୍ପୂର୍ଣ୍ଣ କରିଥିଲେ। ୧୯ତମ ଦିନିକିଆରେ ଗିଲ୍ ନିଜର ତୃତୀୟ ଶତକ ହାସଲ କରିଥିବା ବେଳେ ଏହାକୁ ଦ୍ୱିଶତକରେ ପରିଣତ କରିଥିଲେ। ୧୪୯ ବଲ୍ ଖେଳି ସେ ୧୯ ଚୌକା ଓ ୯ ଛକା ସହ ୨୦୮ ରନ୍ ସଂଗ୍ରହ କରିଥିଲେ। ଏହା ସହିତ ଗିଲ୍ ଦ୍ରୁତତମ ଭାରତୀୟ ଭାବରେ ୧୦୦୦ ଦିନିକିଆ ରନ୍ ସଂଗ୍ରହ କରିଛନ୍ତି। ବିରାଟ କୋହଲି ଓ ଶିଖର ଧାୱନଙ୍କୁ ଗିଲ୍ ପଛରେ ପକାଇଛନ୍ତି। ଗିଲ୍ ୧୯ ତମ ଇନିଂସରେ ଏହି ସଫଳତା ହାସଲ କରିଥିବା ବେଳେ ବିରାଟ କୋହଲି ଓ ଶିଖର ଧାୱନ ୨୪ଟି ଲେଖାଏ ଇନିଂସରେ ୧୦୦୦ ରନ୍ ପୂରଣ କରିଥିଲେ। ତେବେ ପାକିସ୍ତାନର ଫାଖର ଜମାନ ୧୮ ଇନିଂସରେ ୧୦୦୦ ରନ୍ ପୂରଣ କରିବା ସହିତ ବିଶ୍ୱର ଦ୍ରୁତତମ ଖେଳାଳି ରହିଛନ୍ତି। ୨୦୮ ରନର ଏହି ଇନିଂସରେ ସେ ସଚିନ ତେନ୍ଦୁଲକର ଓ ରିକି ପଣ୍ଟିଂଙ୍କୁ ମଧ୍ୟ ପଛରେ ପକାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ସ୍କୋର କରିବାରେ ତେନ୍ଦୁଲକର (୧୮୬*) ଓ ରିକି ପଣ୍ଟିଂ (୧୮୧) ତାଙ୍କ ପଛରେ ପଡ଼ିଯାଇଛନ୍ତି।

**ରଣଜୀ ଟ୍ରଫି**

## ଉତ୍ତର ପ୍ରଦେଶ ଅଗ୍ରଣୀ

**ଭୁବନେଶ୍ୱର, ୧୮।୧ (ସ୍ପୋର୍ଟ୍ସବ୍ୟୁରୋ)**

ମିରଟର ଭିକ୍ଟୋରିଆ ପାର୍କରେ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚ୍‌ରେ ଦୃଢ଼ ସ୍ଥିତିରେ ରହିଛି ଉତ୍ତର ପ୍ରଦେଶ। ଓଡ଼ିଶା ପ୍ରଥମ ଇନିଂସରେ ୨୨୬ ରନରେ ଅଲଆଉଟ ହେବା ପରେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଉତ୍ତର ପ୍ରଦେଶ ୪ ଉଇକେଟରେ ୨୫୭ ରନ୍‌କରି ୩୧ ରନରେ ଆଗୁଆ ରହିଛି। ପ୍ରିୟମ ଗର୍ଗ ୧୨୨ ରନର ଇନିଂସ ଖେଳିଥିବା ବେଳେ ରିଙ୍କୁ ସିଂ ୭୩ ରନରେ ବ୍ୟାଟିଂ କରୁଛନ୍ତି। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୨୨/୫ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ବୁଧବାର ମାତ୍ର ୪ ରନ୍ ଯୋଡି ୫ ଉଇକେଟ ହରାଇଥିଲା। **ସଂକ୍ଷିପ୍ତ ସ୍କୋର:** ଓଡ଼ିଶା ପ୍ରଥମ ଇନିଂସ: ୨୨୬/୧୦ (ଶାନ୍ତନୁ ମିଶ୍ର-୧୦୯, ରାଜେଶ ଧୂପର-୬୨, ଅଭିଷେକ ରାଉତ-୪୩, କୁନାଲ ଯାଦବ-୫/୪୭, କାର୍ତ୍ତିକେୟ ଜୟସ୍ୱାଲ-୨/୨୬, ଶିବମ ମାଭି-୨/୪୬)। ଉତ୍ତରପ୍ରଦେଶ ପ୍ରଥମ ଇନିଂସ: ୨୫୭/୪ ( ପ୍ରିୟମ ଗର୍ଗ-୧୨୨, ରିଙ୍କୁ ସିଂ-୭୩*, ସୂର୍ଯ୍ୟକାନ୍ତ ପ୍ରଧାନ-୩/୪୯)।

## ଦ୍ୱିତୀୟ ରାଉଣ୍ଡରୁ ନାଡାଲଙ୍କ ବିଦାୟ



ରାଫାଲ ନାଡାଲ

**ଅଷ୍ଟ୍ରେଲିଆନ ଓପନ ଟେନିସ**

**ମେଲବୋର୍ନ, ୧୮।୧ (ଏପି)**

ଆହତ ସମସ୍ୟା ଦେଇ ଗତି କରୁଥିବା ସ୍ପେନ୍‌ର ରାଫାଲ ନାଡାଲ ଚଳିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଗତଥରର ଚାମ୍ପିୟନ ଟପ୍‌ସିଡ୍ ନାଡାଲ ବୁଧବାର ଆମେରିକାର ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡଙ୍କଠାରୁ ୪-୬, ୪-୬, ୫-୭ ସେଟ୍‌ରେ ହାରି ଯାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତୃତୀୟ ସିଡ୍ ଷ୍ଟିଫାନୋସ ସିତ୍‌ସିପାସ, ୬ଷ୍ଠ ସିଡ୍ ଫେଲିକ୍ସ ଔଗେର ଆଲିସିମେ, ୧୧ତମ ସିଡ୍ କାମେରନ ନୋରେ ପ୍ରମୁଖ ବିଜୟ ସହ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଭିକ୍ଟୋରିଆ ଆଜାରେଙ୍କା, ଏଲିନା ରିବକିନା, ଡାନିଏଲେ କଲିନ୍ସ, କୋକୋ ଗଫ, ମାଡିସନ କିଜ୍, ଜେଲେନା ଓଷ୍ଟାପେଙ୍କୋ, ମାରିଆ ସାକାରୀ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଝାଡ଼ଖଣ୍ଡ ଏକାଦଶକୁ ହରାଇଲା ଓଡ଼ିଶା

**କାଳିଆପାଣି, ୧୮।୧ (ଡି.ଏନ.ଏ.)**



ବିଜୟୀ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳର ଟାଟା ଷ୍ଟିଲ୍ ମାଇନିଂ କଲୋନି ପରିସର ଖେଳ ପଡ଼ିଆରେ ବୁଧବାର ଦୃଷ୍ଟିବାଧିତ ଆନ୍ତଃରାଜ୍ୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଏକାଦଶ ବିଜୟୀ ହୋଇଛି। ଟାଟା ଷ୍ଟିଲ୍ ମାଇନିଂ କମ୍ପାନୀ ପକ୍ଷରୁ

**ଟାଟା ଷ୍ଟିଲ୍ ପକ୍ଷରୁ ଦୃଷ୍ଟିବାଧିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍**

ଆୟୋଜିତ ଏହି ମ୍ୟାଚ୍ ଝାଡ଼ଖଣ୍ଡ ଏକାଦଶ ଓ ଓଡ଼ିଶା ଏକାଦଶ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଝାଡଖଣ୍ଡ ଏକାଦଶ ଦଳ ପ୍ରଥମ ବୋଲିଂ କରିଥିଲା। ଓଡ଼ିଶା ଏକାଦଶ ଦଳ ୨୦ ଓଭର ଖେଳି ୩୦୯ ରନ କରିଥିଲା। ଜବାବରେ ଝାଡ଼ଖଣ୍ଡ ଏକାଦଶ ଦଳ ସମସ୍ତ ଉଇକେଟ ହରାଇ ୧୫୨ ରନ କରିଥିଲା। ନକୁଳ ବଡ଼ନାୟକ ୬୦ ବଲରେ ୧୩୦ ରନର ଏକ ଧୂଆଁଧାର ଶତକ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅନୁସଚିବ ସନ୍ନ୍ୟାସୀ ବେହେରା ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କମ୍ପାନୀ ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ଯୋଗଦେଇ କମ୍ପାନୀ ଦୃଷ୍ଟିହୀନଙ୍କ ଦକ୍ଷତା ବିକାଶ ଓ ସ୍ୱପ୍ନକୁ ସାକାର କରିବାକୁ ଉଦ୍ୟମ ଜାରି ରଖିଛି ବୋଲି ପ୍ରକାଶ କରିଥିଲେ। କମ୍ପାନୀ ଅଧ୍ୟକ୍ଷ ଡି.ବି. ସୁନ୍ଦର ରାମମ ଯୋଗଦେଇ ବିଜୟୀ ଓଡ଼ିଶା ଏକାଦଶ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ ସୁଶାନ୍ତ କୁମାର ମିଶ୍ର, ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀ ଓ ପ୍ରଶାସନିକ ସହ ମୁଖ୍ୟ ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଚାମ୍ପିୟନ ଅଫ୍ ଚାମ୍ପିୟନ କରାଟେ**

## କୃଷ୍ଣଚନ୍ଦ୍ରଙ୍କୁ ବ୍ରୋଞ୍ଜ



**ଭୁବନେଶ୍ୱର, ୧୮।୧ (ସ୍ପୋର୍ଟ୍ସ ବ୍ୟୁରୋ):** ନୂଆଦିଲ୍ଲୀର ତାଲକୋଟାରା ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଚାମ୍ପିୟନ ଅଫ୍ ଚାମ୍ପିୟନ ଲିଗ୍ କରାଟେ ପ୍ରତିଯୋଗିତାରେ ଓଡ଼ିଶାର କୃଷ୍ଣଚନ୍ଦ୍ର ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୬୧ କିଗ୍ରା ବର୍ଗରେ ମୁକାବିଲା କରି ସେ ଏହି ସଫଳତା ହାସଲ କରିଛନ୍ତି। ଭାରତ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଜାତୀୟ ଓପନ୍ କରାଟେରେ କେବଳ ଫାଇଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରୁ ୭ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ କୃଷ୍ଣଚନ୍ଦ୍ର ବ୍ରୋଞ୍ଜ ବିଜୟୀ ହୋଇଛନ୍ତି। ଏହି ସଫଳତା ପାଇଁ କୃଷ୍ଣଚନ୍ଦ୍ରଙ୍କୁ ରାଜ୍ୟ କରାଟେ ସଂଘ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

# ଡୋପ୍ ଟେଷ୍ଟରେ ଦୂତୀ ବିଫଳ

**ନୂଆଦିଲ୍ଲୀ,୧୮।୧(ପି.ଟି.)**



ଦୂତୀ ଚାନ୍ଦ

ଅଲିମ୍ପିଆନ୍ ତଥା ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡଧାରୀ ଭାରତର ଟପ୍ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ରିପୋର୍ଟ ଅନୁସାରେ ତାଙ୍କ 'ଏ' ନମୁନା ପଜିଟିଭ୍ ଆସିବା ପରେ ତାଙ୍କୁ ସାମୟିକ ଭାବେ ବାସନ୍ଦ କରାଯାଇଛି। ସେ ଆନାବୋଲିକ୍ ଶକ୍ତିବର୍ଦ୍ଧକ ସେବନ କରୁଥିବା ନେଇ 'ଏ' ନମୁନାରୁ ସ୍ପଷ୍ଟ ହୋଇଛି। ସେ ସିଲେକ୍ଟିଭ ଆଣ୍ଡ୍ରୋଜେନ୍ ରିସେପ୍ଟର ମଡ୍ୟୁଲେଟର(ସାର୍ମସ) ବର୍ଗର ଶକ୍ତିବର୍ଦ୍ଧକ ସେବନ କରୁଥିବା ଜଣାପଡ଼ିଛି। ଏହି ଶକ୍ତିବର୍ଦ୍ଧକ ବ୍ୟବହାର ଦ୍ୱାରା ଶରୀରର ମାଂସପେଶୀ ଶକ୍ତ ହେଉଥିବା ବେଳେ ଅତିରିକ୍ତ ଚର୍ବି କ୍ଷରଣ ହେବା ସହିତ ଏହା ଷ୍ଟାମିନା ମଧ୍ୟ ବୃଦ୍ଧି କରିଥାଏ। ଦୂତୀଙ୍କ ମୂତ୍ର ନମୁନାରୁ 'ଆଣ୍ଡାରିନ୍', 'ଓଷ୍ଟାରିନ୍' ଓ 'ଲିଗାଣ୍ଡ୍ରୋଲ' ପରି ୩ଟି ଶକ୍ତିବର୍ଦ୍ଧକ ମିଳିଛି, ଯାହାକି ସାର୍ମସ ବର୍ଗର ଅଟେ। ୱାଡା ପକ୍ଷରୁ ଏହି ୩ଟି ଯାକ ଶକ୍ତିବର୍ଦ୍ଧକକୁ ବ୍ୟାନ୍ କରାଯାଇଛି। ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବୋରେଟୋରି (ଏନ୍‌ଡିଟିଏଲ)ରେ ଦୂତୀଙ୍କ ଏ ନମୁନା ପରୀକ୍ଷା କରାଯାଇଥିଲା। ଡିସେମ୍ବର ୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ପ୍ରତିଯୋଗିତାରେ ଏହି ନମୁନା ସଂଗ୍ରହ କରାଯାଇଥିଲା। ୨୬ ବର୍ଷୀୟ ଏହି ଆଥ୍‌ଲେଟ ଜଣକ ଏସିଆନ୍ ଗେମ୍ସ ୨୦୧୮ରେ ଉଭୟ ୧୦୦ ଓ ୨୦୦ ମିଟର ସ୍ପ୍ରିଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ବର୍ତ୍ତମାନ ସେ ୱାଡା ଅଧୀନରେ ନିଜର 'ବି' ନମୁନା ପରୀକ୍ଷଣ ପାଇଁ ଦାବି କରିପାରନ୍ତି। ତେବେ ଯଦି 'ବି' ନମୁନାରେ ସେ ବିଫଳ ହୁଅନ୍ତି ତେବେ ତାଙ୍କୁ ୪ ବର୍ଷ ଯାଏ ବାସନ୍ଦ କରାଯାଇପାରେ। ଏ ନମୁନା ମିଳିବାର ଏକ ସପ୍ତାହ ମଧ୍ୟରେ 'ବି' ନମୁନା ପରୀକ୍ଷଣ ପାଇଁ ଆବେଦନ କରାଯାଇଥାଏ। ଜାନୁୟାରୀ ୩ ତାରିଖରେ ଦୂତୀଙ୍କ 'ଏ' ନମୁନାର ରିପୋର୍ଟ ଆସିଥିବା ବେଳେ ଏ ସମ୍ପର୍କିତ କୌଣସି ଚିଠି ମିଳି ନ ଥିବା ସୂଚନା ଦେଇଛନ୍ତି ଦୂତୀ। ଚିଠି ମିଳିବାର ଏକ ସପ୍ତାହରୁ ଅଧିକ ସମୟ ହୋଇଥିବା ବେଳେ ଦୂତୀ ବର୍ତ୍ତମାନ 'ବି' ସାମ୍ପଲ ଆବେଦନର ଅଧିକାର ହରାଇ ସାରିଥିବା ନାଡା ପକ୍ଷରୁ କୁହାଯାଇଛି । ୧୦୦ ମିଟର ଦୌଡ଼ରେ ୧୧.୧୭ ସେକେଣ୍ଡର ଜାତୀୟ ରେକର୍ଡ ଦୂତୀଙ୍କ ନାମରେ ରହିଛି। ୨୦୨୧ ପଟିଆଲା ଗ୍ରାଁ ପ୍ରିରେ ସେ ଏହି ରେକର୍ଡ ନିଜ ନାମରେ କରିଥିଲେ। ଦୂତୀ ବର୍ତ୍ତମାନ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) କିମ୍ବା ଏହାର କୌଣସି କୋଚ୍‌ଙ୍କ ଅଧୀନରେ ଅଭ୍ୟାସ କରୁନାହାନ୍ତି। ସେ ଭୁବନେଶ୍ୱରରେ ବ୍ୟକ୍ତିଗତଭାବେ ଅଭ୍ୟାସ କରୁଛନ୍ତି। ଏଏଫ୍‌ଆଇ ସଭାପତି ଆଡିଲ୍ଲେ ସୁମାରିୱାଲାଙ୍କ ନିକଟରେ ମଧ୍ୟ ଏହି ଡୋପ ଟେଷ୍ଟ ସମ୍ପର୍କରେ କୌଣସି ସୂଚନା ଉପଲବ୍ଧ ନାହିଁ। ନାଡା ଡାକ ଯୋଗେ ଚିଠି ପଠାଏ ଓ ଏହା ପହଞ୍ଚିବାକୁ ସମୟ ଲାଗୁଥିବା ବେଳେ ତାଙ୍କ ନିକଟରେ କୌଣସି ଚିଠି ପହଞ୍ଚି ନ ଥିବା ସେ କହିଛନ୍ତି।

### ଏ ସମ୍ପର୍କରେ ମୁଁ ଅବଗତ ନାହିଁ

**ଭୁବନେଶ୍ୱର, ୧୮।୧ (କ୍ରୀଡ଼ା ପ୍ରତିନିଧି):** ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ଖବର ମୁଁ ବୁଧବାର କେବଳ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରୁ ହିଁ ଶୁଣିବାକୁ ପାଉଛି। ଆନୁଷ୍ଠାନିକ ଭାବେ ମୋତେ କିଛି ଅବଗତ କରାଯାଇ ନାହିଁ। ତେଣୁ ଏ ସମ୍ପର୍କରେ ବର୍ତ୍ତମାନ କିଛି ଅଧିକ କହିବା ସମ୍ଭବ ହେଉନାହିଁ। ଗତ ଦୁଇବର୍ଷ ଧରି ମୁଁ ଗ୍ରୋଇନ୍ ଇଞ୍ଜୁରି ଯୋଗୁ କିଛି ମେଡିସିନ ନେଇଥିଲି, ସେଥିରୁ କୌଣସି ଏକ ଔଷଧ ନିଷିଦ୍ଧ ଥାଇପାରେ। ଏହା ବ୍ୟତୀତ ଶରୀରରେ ହରମୋନ ଅସନ୍ତୁଳିତ ଅବସ୍ଥାରେ ରହୁଥିବାରୁ ତା'ର ମଧ୍ୟ କିଛି ପାର୍ଶ୍ୱ ପ୍ରତିକ୍ରିୟା ପ୍ରକାଶ ପାଇଥାଇପାରେ। ମୁଁ ଦିନସାରା ଏକ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାରୁ ଏହା ଉପରେ ଅଧିକ କିଛି ଚିନ୍ତା କରିପାରିନାହିଁ। ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ଭବିଷ୍ୟତର କାର୍ଯ୍ୟପନ୍ଥା କ'ଣ ହେବ ସେ ସମ୍ପର୍କରେ ଗୁରୁବାର ସମସ୍ତଙ୍କୁ ଜଣାଇବି ବୋଲି ଦୂତୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ